ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୬/୨୦୨୩ (୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, March 26/2023 Page 18 ₹ 7.00
୪୯ଶ ଭାଗ ୧୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 120 ମୂଲ୍ୟ₹୭/-



# ବଲାଙ୍ଗୀରରେ କାରବାର, ୟୁପିରୁ ନିୟନ୍ତ୍ରଣ

## ଜାଲ୍ ସାର୍ଟିଫିକେଟ୍ ଗୁମର ଖୋଲିଲା

- ଡାକ ପଦବୀ ପାଇଁ ହୋଇଥିବା ଆବେଦନରୁ ଧରାପଡ଼ିଛି ଜାଲିଆତି
- ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସରେ ପୋଲିସ ଚଢ଼ାଉ
- ୧୦ ଜଣଙ୍କୁ ଅଟକ ରଖି ପଚରାଉଚରା
- ଶିକ୍ଷା ବିଭାଗ ଅଫିସ କର୍ମଚାରୀ, ଶିକ୍ଷକ ସମ୍ପୃକ୍ତି ସନ୍ଦେହ
- ଡାଏରିରୁ ଖୋଲିବ ଜାଲ୍ ସାର୍ଟିଫିକେଟ୍‌ଧାରୀ ଚାକିରିଆଙ୍କ ଠିକଣା

**ବଲାଙ୍ଗୀର ଅଫିସ, ୨୫।୩**

ବଲାଙ୍ଗୀର ଜିଲା ଡାକମଣ୍ଡଳର ବିଭିନ୍ନ ପଦବୀ ପାଇଁ ଆବେଦନ କରିଥିବା କେତେଜଣ ପ୍ରାର୍ଥୀ ଜାଲ୍ ସାର୍ଟିଫିକେଟ୍ ଦେଇଥିବା ସନ୍ଦେହ କରି ଡାକ ଅଧୀକ୍ଷକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପ୍ରାରମ୍ଭିକ ଯାଞ୍ଚ ପରେ ୩୭ ପ୍ରାର୍ଥୀଙ୍କ ସାର୍ଟିଫିକେଟ ଜାଲ୍ ବୋଲି ସନ୍ଦେହ କରାଯାଇଥିଲା। ଏହାପରେ ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଟିମ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିବା ପରେ ଆଲୁ ଖୋଳୁ ଖୋଳୁ ମହାଦେବ ବାହାରିଲା ପରି ଏହା ଏକ ଆନ୍ତଃରାଜ୍ୟ ଜାଲ୍ ସାର୍ଟିଫିକେଟ ରାକେଟ୍ ବୋଲି ସ୍ପଷ୍ଟ ହୋଇଛି। ବଲାଙ୍ଗୀର ସହରର ଏକ କୋଚିଂ ସେଣ୍ଟର ଏହି ଜାଲ୍ ସାର୍ଟିଫିକେଟ୍‌ର କାରବାର ଚାଲିଥିବାବେଳେ ଏହାର ମାଷ୍ଟରମାଇଣ୍ଡ ଉତ୍ତରପ୍ରଦେଶ(ୟୁପି)ରୁ ରହି ଏହାକୁ ନିୟନ୍ତ୍ରଣ କରୁଥିବା ଜଣାପଡ଼ିଛି।

ସ୍ୱତନ୍ତ୍ର ପୋଲିସ ଟିମ୍ ଏହି ଜାଲ୍ ସାର୍ଟିଫିକେଟ ରାକେଟର ମୂଳ କେନ୍ଦ୍ର ବଲାଙ୍ଗୀର–ପାଟଣାଗଡ଼ ମୁଖ୍ୟରାସ୍ତା କଡ଼ରେ ଥିବା କୋଚିଂ ସେଣ୍ଟର 'ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସ'ରେ ଶନିବାର ଚଢ଼ାଉ କରିଥିଲା। ସେଠାରୁ ବ୍ୟାପକ ମାତ୍ରାରେ ଜାଲ୍ ସାର୍ଟିଫିକେଟ, ଦେଶର ବିଭିନ୍ନ ସ୍ଥାନର



ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସରୁ ଜବତ ପ୍ରିଣ୍ଟର୍ସ, କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ।

ଜଣାଶୁଣା ଶିକ୍ଷାନୁଷ୍ଠାନର ସିଲ୍, ଷ୍ଟାମ୍ପ, ବିଭିନ୍ନ ରଙ୍ଗର ପ୍ରିଣ୍ଟର କଲର, ପ୍ରିଣ୍ଟର୍ସ ଓ ଜେରକ୍ସ ମେଶିନ, କମ୍ପ୍ୟୁଟର, ହାର୍ଡଡିସ୍କ, ଡାଏରି, ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ଅଧିକାରୀଙ୍କ ଅଫିସକୁ ଲେଖାଯାଇଥିବା ଚିଠି ଓ ଅନ୍ୟାନ୍ୟ କାଗଜପତ୍ର, ଅନେକ ଲୋକଙ୍କ ଫଟୋ ଏବଂ କାଗଜପତ୍ର ଜବତ କରିଛି।

ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି, ଡାକବିଭାଗ ପଦବୀରେ ଜାଲ୍ ସାର୍ଟିଫିକେଟ କାରବାର ନେଇ ଅଭିଯୋଗ ଆସିବା ପରେ ଏସ୍‌ପି କୁଶଲକରଙ୍କ ନିର୍ଦ୍ଦେଶରେ ତନାଘନା ଆରମ୍ଭ ହୋଇଥିଲା। କେତେକ ସନ୍ଦିଗ୍ଧଙ୍କୁ ପଚରାଉଚରା ପରେ ବଲାଙ୍ଗୀର ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସ କୋଚିଂ ସେଣ୍ଟରରେ ଜାଲ୍ ସାର୍ଟିଫିକେଟ କାରବାର ଚାଲିଥିବା ସୁରାକ୍ ମିଳିବା ପରେ ସେଠାରେ ଚଢ଼ାଉ କରାଯାଇଛି। ଏଠାରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ, ବୋର୍ଡର ଜାଲ୍ ସାର୍ଟିଫିକେଟ ତିଆରି ହେଉଥିଲା। ନକଲି ଷ୍ଟାମ୍ପ ଓ ସିଲ୍ ଲଗାଯାଇ ସମ୍ପୂର୍ଣ୍ଣ ଅରିଜିନାଲ ଭଳି ସାର୍ଟିଫିକେଟ କରାଯାଉଥିବା ଜଣାପଡ଼ିଛି। ଅନେକ ସାର୍ଟିଫିକେଟ, ମାର୍କଶିଟ୍ ପେପର ଜବତ କରାଯାଇଛି ବୋଲି ସେ କହିଛନ୍ତି। ଜବତ କରାଯାଇଥିବା ଡାଏରିରେ ଯେଉଁମାନେ ଏଠାରୁ ସାର୍ଟିଫିକେଟ ନେଇଛନ୍ତି ସେମାନଙ୍କ ନାମ, ଠିକଣା ଏବଂ କି ଚାକିରି କରୁଛନ୍ତି ତାହା ଲେଖାଯାଇଥିବା ଜଣାପଡ଼ିଛି। ଉତ୍ତରପ୍ରଦେଶର ବୋର୍ଡ, ବୁନ୍ଦେଲଖଣ୍ଡର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ, ମିରଟ୍ ସହ ଦେଶର ପ୍ରାୟ ଅନେକ ଜଣାଶୁଣା ଶିକ୍ଷାନୁଷ୍ଠାନର ଜାଲ୍ ସାର୍ଟିଫିକେଟ ଏଠାରୁ ମିଳୁଥିବା ଜଣାପଡ଼ିଛି। ଡିଷ୍ଟାନ୍ସ ଏଜୁକେଶନ କୋର୍ସ ନାରେ ଏଠାରେ ଫ୍ରାଞ୍ଚାଇଜ୍ ଅଣାଯାଇ ପାଠ ପଢ଼ାଯାଉଥିବା ଏବଂ ସାର୍ଟିଫିକେଟ ମିଳୁଥିବା କୁହାଯାଇଥିଲା। ଅନେକ ଲୋକ ଏଭଳି କୋର୍ସ କରି ସାର୍ଟିଫିକେଟ ପାଇଛନ୍ତି। ତେବେ ଯେଉଁମାନଙ୍କୁ ତତ୍‌କ୍ଷଣାତ୍ ସାର୍ଟିଫିକେଟ ଆବଶ୍ୟକ ହେଉଥିଲା ସେମାନଙ୍କୁ ଜାଲ୍ ସାର୍ଟିଫିକେଟ ଏଠାରୁ ତିଆରି କରାଯାଇ ଦିଆଯାଉଛି। ଏଥିପାଇଁ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନିଆଯାଉଥିବା ଜଣାପଡ଼ିଛି। ଏହି ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସର ଡାଇରେକ୍ଟର ମନୋଜ ମିଶ୍ର, ସହଯୋଗୀ ଆଲୋକ ଉଦ୍‌ଗାତାଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି। ସେମାନଙ୍କଠାରୁ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଥିବା ଜଣାପଡ଼ିଛି। ୟୁପିର ରାକେଶ ଚୌହାନ ନାମକ ଜଣେ ଦଲାଲ ଏହାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ଜାଲ୍ ସାର୍ଟିଫିକେଟ କାରବାରରେ ସମ୍ପୃକ୍ତ ଜିଲା, ରାଜ୍ୟ ତଥା ରାଜ୍ୟ ବାହାର ଅନେକ ଦଲାଲଙ୍କ ସମ୍ପର୍କରେ ପୋଲିସକୁ ସୂଚନା ମିଳିଛି। ଏହି ଜାଲ୍ ସାର୍ଟିଫିକେଟର ଚେର ଅନ୍ୟ ଜିଲା ଏବଂ ରାଜ୍ୟକୁ ବ୍ୟାପୀ ଥିବାରୁ ଏହା ବହୁ କୋଟି ଟଙ୍କାର ରାକେଟ ବୋଲି ଅନୁମାନ କରାଯାଉଛି। ପୋଲିସ ଜିଲାର ପାଟଣାଗଡ଼, ବେଲପଡ଼ା ଏବଂ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରି ଅନ୍ୟ ୮ ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ବୋଲି କୁହାଯାଇଛି। ଘଟଣା ସମ୍ପର୍କରେ ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସର ଡାଇରେକ୍ଟର ମିଶ୍ରଙ୍କୁ ପଚରାଯିବାରୁ ଆଇନ ତା' ବାଟରେ ଯିବ କହିଥିଲେ।

## ଚଳନ୍ତା ଟ୍ରେନ୍ ତଳେ ସେଲ୍ଫି ଷ୍ଟଣ୍ଟ



**ଭବାନୀପାଟଣା, ୨୫।୩(ସ୍ୱ.ପ୍ର.)**

ବିପଦପୂର୍ଣ୍ଣ ସେଲ୍ଫି ଉଠାଇବା ନିଶା ଯୁବପିଢ଼ିଙ୍କୁ ଘାରିଛି। ଏଥିରେ ଜୀବନହାନି ହେଉଥିବାର ଅନେକ ନଜିର ରହିଥିଲେ ମଧ୍ୟ ସେମାନଙ୍କ ଉପରେ ପ୍ରାୟତଃ ପ୍ରଭାବ ପଡୁନାହିଁ। ଏହା ଏକପ୍ରକାର ଟ୍ରେଣ୍ଡ ଓ ପ୍ରତିଯୋଗିତା ପାଲଟିଥିବା ମନେହେଉଛି। ସୋସିଆଲ ମିଡିଆରେ ସେଲ୍ଫି ପୋଷ୍ଟ କରି ଅନ୍ୟର ଦୃଷ୍ଟି ଆକର୍ଷଣ କରିବା ପାଇଁ ସେମାନେ ଜୀବନକୁ ବାଜିରେ ଲଗାଇ ଦେଉଛନ୍ତି। ଏହାର ଏକ ଉଦାହରଣ କଳାହାଣ୍ଡିରେ ଦେଖିବାକୁ ମିଳିଛି। ଜଣେ ନାବାଳକ ଜୁନାଗଡ଼–ଭବାନୀପାଟଣା ରେଳଲାଇନ୍‌ରେ ଶୋଇ ରହି ନିଜ ଉପରେ ଟ୍ରେନ ଗଡ଼ିଯିବାର ସେଲ୍ଫି ଭିଡିଓ କରିଛନ୍ତି। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ନାବାଳକ ଜଣକ କଳାହାଣ୍ଡି ଜିଲା ଭବାନୀପାଟଣା ସହରର ବୋଲି ଜଣାପଡ଼ୁଛି। ଭବାନୀପାଟଣା ପୋଲିସ ପୋଲିସ ଏନେଇ ତଦନ୍ତ କରୁଛି।





ସ୍ଥାୟୀ ନିଯୁକ୍ତି ସହ ବିଭିନ୍ନ ଦାବି ନେଇ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ ମହାସଂଘ ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# 'ସ୍ଥାୟୀ ନିଯୁକ୍ତି ଆମ ଅଧିକାର'

## ଆନ୍ଦୋଳନକୁ ଓହ୍ଲାଇଲେ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

ଓଡ଼ିଶାରେ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ସହ ବିଭିନ୍ନ ଦାବି ନେଇ ଶନିବାର ଲୋୟର ପିଏମ୍‌ଜିରେ ହଜାର ହଜାର ସଂଖ୍ୟାରେ ଆଉଟସୋର୍ସିଂ କର୍ମଚାରୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। 'ସ୍ଥାୟୀ ନିଯୁକ୍ତି ଆମ ଅଧିକାର' ନାରାରେ ସମଗ୍ର ଅଞ୍ଚଳ କମ୍ପିଥିଲା। ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ରାଜ୍ୟର ବିଭିନ୍ନ ସରକାରୀ ଦପ୍ତରରେ କାମ କରୁଥିବା ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ଆଉଟ୍‌ସୋର୍ସିଂ କର୍ମଚାରୀ ଏଥିରୁ ବାଦ୍ ପଡ଼ିବା ପ୍ରତିବାଦରେ ଏହି ଗଣ ବିକ୍ଷୋଭ ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ଓ ଆନ୍ଦୋଳନକାରୀ ଧାରଣାସ୍ଥଳ ଛାଡ଼ିବେ ନାହିଁ ବୋଲି ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ ମହାସଂଘ ଚେତାବନୀ ଦେଇଛି। ମହାସଂଘ ସଭାପତି ସଞ୍ଜୟ ପଟ୍ଟନାୟକ କହିଛନ୍ତି, ବାରମ୍ବାର ମନ୍ତ୍ରୀ, ସଚିବଙ୍କୁ ଦାବିପତ୍ର ଦେଇ ବିକ୍ଷୋଭ କଲେ ମଧ୍ୟ ସୁଫଳ ମିଳି ନ ଥିବାରୁ ଆନ୍ଦୋଳନକୁ ତୀବ୍ରତର କରାଯାଇଛି। ଆଉଟସୋର୍ସିଂ ପ୍ରଥାକୁ ତୁରନ୍ତ ପ୍ରତ୍ୟାହାର କରି ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଦାବିରେ ୨୦୨୨ ନଭେମ୍ବରରେ ମହାସଂଘ ଆନ୍ଦୋଳକୁ ଓହ୍ଲାଇଥିଲା। ଆଲୋଚନା ପରେ ଦାବି ପୂରଣ ପାଇଁ ସରକାର ମାସେ ସମୟ ନେଇଥିଲେ। ତଥାପି କୌଣସି ନିଷ୍ପତ୍ତି ନିଆଯାଇ ନ ଥିଲା। ତେଣୁ ସଂଘ ପକ୍ଷରୁ ଗତ ଫେବୃୟାରୀ ୧୯ରେ ପୁଣି ଗଣଧାରଣା ଦିଆଯିବା ସହ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହା ସତ୍ତ୍ୱେ ସରକାର ଦାବିକୁ ଅଣଦେଖା କରୁଥିବାରୁ ଗତ ମାର୍ଚ୍ଚ ୧୫ରୁ ୧୮ ପର୍ଯ୍ୟନ୍ତ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କର୍ମଚାରୀ ଓ ସେମାନଙ୍କ ପରିବାରର ଭବିଷ୍ୟତ ସହ ସରକାର ଖେଳିବା ଆଦୌ ଶୋଭନୀୟ ନୁହେଁ ବୋଲି ସଂଘର ସାଧାରଣ ସମ୍ପାଦକ ମାନସ ଦାସ କହିଛନ୍ତି।

# ନିର୍ଦ୍ଦିଷ୍ଟ ସମୟରେ ସୂଚନା ଦେବାକୁ ନିର୍ଦ୍ଦେଶ

## ଆର୍‌ଟିଆଇରେ ମିଳୁନି ଜେଲ ସୂଚନା ପ୍ରସଙ୍ଗ

### ସବୁ ଜେଲ ଅଧୀକ୍ଷକଙ୍କୁ ଚିଠି ଲେଖାଗଲା

**କଟକ ଅଫିସ, ୨୫।୩**

ସୂଚନା ଅଧିକାର ଆଇନ (ଆର୍‌ଟିଆଇ)ରେ ମିଳୁନି ଜେଲ ସୂଚନା ପ୍ରସଙ୍ଗରେ ରାଜ୍ୟ ଗୃହ ବିଭାଗର ଜନସୂଚନା ଅଧିକାରୀଙ୍କ ଚିଠି ଆଧାରରେ ଜେଲ ନିର୍ଦ୍ଦେଶାଳୟର ପ୍ରଶାସନିକ ଅଧିକାରୀ ତଥା ପିଆଇଓ (ଜନ ସୂଚନା ଅଧିକାରୀ) ତତ୍ପରତା ଦେଖାଇଛନ୍ତି। ଆବେଦନକାରୀ ଡ. ସୁନୀଲ କୁମାର ରଥଙ୍କ ଆବେଦନକୁ ଭିତ୍ତିକରି ସେ ରାଜ୍ୟର ସମସ୍ତ ଜେଲ ଅଧୀକ୍ଷକଙ୍କୁ ଶୁକ୍ରବାର ପତ୍ର ଲେଖିଛନ୍ତି। ଆବେଦନକାରୀଙ୍କ ଆବେଦନ ଗତ ୮ ତାରିଖରେ ଗ୍ରହଣ ହୋଇଥିବାବେଳେ ତୁରନ୍ତ ସେ ମାଗିଥିବା ସୂଚନାଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରଦାନ କରିବା ନିମନ୍ତେ ଜେଲ ଅଧୀକ୍ଷକମାନଙ୍କୁ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି।

ଭୁବନେଶ୍ୱର ଝାରପଡ଼ାସ୍ଥିତ ସ୍ୱତନ୍ତ୍ର ଜେଲ ସମେତ ରାଜ୍ୟର ବିଭିନ୍ନ ଜେଲ୍‌ରେ ଚାଲିଥିବା ବିଭିନ୍ନ ଅନିୟମିତତା ସମ୍ପର୍କିତ ତଥ୍ୟ ଡ. ରଥ ପାଇବା ପାଇଁ ଆବେଦନ କରିଥିଲେ। ହେଲେ ତାଙ୍କୁ ଆର୍‌ଟିଆଇରେ ସୂଚନା ଦିଆଯାଉ ନ ଥିଲା। ଏ ନେଇ ସେ ଲୋକାୟୁକ୍ତ ଓ ରାଜ୍ୟ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଝାରପଡ଼ା ଜେଲରେ ଅନେକ ଅନିୟମିତତା ତଥା ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ସେ ଜେଲ ଡିଜିଙ୍କୁ ଅବଗତ କରାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇନାହିଁ। ଏମିତି କି ଝାରପଡ଼ା ଜେଲ ଭିତରେ ଗୁଟ୍‌ଖା ଦୋକାନ ଖୋଲାଯାଇ ଅନ୍ତେବାସୀଙ୍କୁ ବିକ୍ରି କରାଯାଉଥିବା ସେ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି। ଜେଲ ଡିଜିଙ୍କୁ ସୂଚନା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେବାକୁ ଲୋକାୟୁକ୍ତଙ୍କୁ ସେ ନିବେଦନ କରିଥିଲେ। ସେହିପରି ଝାରପଡ଼ା ଜେଲ୍‌ର ଜେଲର୍ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ରାଜ୍ୟ ଭିଜିଲାନ୍ସରେ ମଧ୍ୟ ଆବେଦନକାରୀ ଅଭିଯୋଗ କରିଛନ୍ତି। ଜେଲର କାହିଁକି ସୂଚନା ଅଧିକାର ଆଇନରେ ସୂଚନା ପ୍ରଦାନ କରୁନାହାନ୍ତି ତାହାର ତଦନ୍ତ କରିବାକୁ ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ନଦୀରେ ବୁଡ଼ି ନବମ ଶ୍ରେଣୀ ଛାତ୍ର ମୃତ

**ଖଇରା, ୨୫।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ମିରିପୁର ଖଇରା ଗ୍ରାମର ନବମ ଶ୍ରେଣୀ ଛାତ୍ର କିଶୋର ଦାସ ଶନିବାର ନଦୀରେ ଗାଧୋଇବା ବେଳେ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ରମାକାନ୍ତଙ୍କ ପୁଅ କିଶୋର ମହମ୍ମଦପୁର ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ବେଳେ ଶନିବାର ସ୍କୁଲ ଛୁଟି ପରେ ଘରକୁ ଆସି ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବର ପ୍ରଚାର ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ସାପକାମୁଡ଼ା ପରେ ବି ପରୀକ୍ଷା ଦେବାକୁ ଗଲେ ଛାତ୍ରୀ



**ଆନନ୍ଦପୁର, ୨୫।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ମହାବିଦ୍ୟାଳୟର ଜଣେ ଯୁକ୍ତ ୨ ଛାତ୍ରୀ ସାପ କାମୁଡ଼ାର ଶିକାର ହେବା ପରେ ମଧ୍ୟ ପରୀକ୍ଷା ଦେବାକୁ କେନ୍ଦ୍ରକୁ ଯିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ସେ ପରୀକ୍ଷା ହଲ୍ ନିକଟରେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଛାତ୍ରୀ ଜଣକ ହେଲେ ଆନନ୍ଦପୁର ଥାନା ଅଞ୍ଚଳର ଆମ୍ବଗଡ଼ିଆ ଗ୍ରାମର ଅନିଶା ପ୍ରିୟଦର୍ଶିନୀ ସାହୁ।

ଶନିବାର ଅନିଶାଙ୍କ ପରୀକ୍ଷା ଥିଲା। ସେ ମା'ଙ୍କ ସହ କଲେଜକୁ ଆସିଥିଲେ। କଲେଜ ପରିସରରେ ତାଙ୍କ ଦେହ ଥରିବା ସହ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ସାପ କାମୁଡ଼ିଥିବା କହିବା ପରେ ତାଙ୍କ ମା' ପରୀକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସା ସହ ରକ୍ତ ନମୁନା ଦେଇ ଘରକୁ ଫେରିଥିବା ହସ୍ପିଟାଲ ସୂତ୍ରରୁ ସୂଚନା ମିଳିଛି। ତେବେ ତାଙ୍କୁ ସାପ କାମୁଡ଼ିଛି କି ନାହିଁ ସେ ସମ୍ପର୍କରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଧନେଶ୍ୱର ସେଠୀଙ୍କୁ ପଚାରିବାରେ ସେ କିଛି ଜାଣି ନାହାନ୍ତି। ଯେଉଁ ଡାକ୍ତର ଚିକିତ୍ସା କରିଛନ୍ତି ତାଙ୍କୁ ପଚାରନ୍ତୁ ବୋଲି କହିଥିଲେ। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧ୍ୟାପକ ଦିବ୍ୟଲୋଚନ ଭୂୟାଁଙ୍କ ସୂଚନା ଅନୁଯାୟୀ, ଯୁକ୍ତ ୨ ପରୀକ୍ଷା ମାର୍ଚ୍ଚ ୧ରୁ ଆରମ୍ଭ ହୋଇଛି। ସମ୍ପୃକ୍ତା ଛାତ୍ରୀ ୩ ତାରିଖରେ ପ୍ରଥମ ପରୀକ୍ଷା ଦେଇଥିଲେ। ଉକ୍ତ ଦିନ ଛାତ୍ରୀ ଅସୁସ୍ଥ ଥିବା ସୂଚନା ପାଇ ତାଙ୍କ ଅଭିଭାବକ ଆସି ତାଙ୍କୁ ଘରକୁ ନେଇଥିଲେ। ମାର୍ଚ୍ଚ ୪ ଓ ୫ ତାରିଖରେ ଥିବା ପରୀକ୍ଷାରେ ଛାତ୍ରୀ ଅନୁପସ୍ଥିତ ରହିଥିଲେ। ମାର୍ଚ୍ଚ ୨୩ରେ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଶନିବାର ପରୀକ୍ଷା ଦେବାକୁ ଆସିଥିଲେ। ଅସୁସ୍ଥ ହୋଇପଡ଼ିବାରୁ ଡାକ୍ତରଖାନା ଯାଇଥିଲେ। ସେଠାରୁ ଘରକୁ ଫେରିଥିବା ସୂଚନା ମିଳିଛି। ଏନେଇ ଛାତ୍ରୀଙ୍କ ମା' ସୁକାନ୍ତୀ ସାହୁ କହିଛନ୍ତି, ଝିଅ ନିମ୍ବ କାଠି ଆଣିବାକୁ ବାରିପଟକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ମାତ୍ର ସେ କାହାକୁ କିଛି ନ କହି ପରୀକ୍ଷା ଦେବାକୁ ପଳାଇଥିଲେ।

# ଶିକ୍ଷକ ନ ଆସିବାରୁ ୩୦ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ

## ନାରାୟଣପାଟଣାରେ ଭୁଶୁଡ଼ିପଡ଼ିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

- ଭୁବନେଶ୍ୱରରେ ଅଧିକାଂଶ ସମୟ ରହୁଛନ୍ତି ପ୍ରଧାନଶିକ୍ଷକ
- କାଗଜପତ୍ରରେ ସବୁ ଠିକ୍ ଥିବା ଦର୍ଶାଯାଉଛି
- ଉଭୟଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ: ଡିଇଓ

**କୋରାପୁଟ/ ନାରାୟଣପାଟଣା, ୨୫।୩(ସ୍ୱ.ପ୍ର./ ଡି.ଏନ.ଏ.)**

ଛାତ୍ରୀଛାତ୍ରଙ୍କୁ ସରକାରୀ ସ୍କୁଲମୁହାଁ କରିବାକୁ ୫–ଟି ରୂପାନ୍ତରିତ କାର୍ଯ୍ୟକ୍ରମରେ ବିଦ୍ୟାଳୟଗୁଡ଼ିକୁ ବହୁ ଅର୍ଥ ଯୋଗାଇ ଦିଆଯାଉଛି। ଛାତ୍ରୀଛାତ୍ରଙ୍କୁ ମାଗଣା ପୋଷାକ, ଖାଇବା ଏବଂ ବହିପତ୍ର ସରକାର ଯୋଗାଇ ଦେଉଛନ୍ତି। ବିଶେଷକରି ଆଦିବାସୀ ବହୁଳ ଅଞ୍ଚଳରେ ଡ୍ରପଆଉଟ୍ ରୋକିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଏହା ସତ୍ତ୍ୱେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସୁନାହିଁ। ବିଦ୍ୟାଳୟକୁ କେବେ ପିଲା ଆସିଲେ ଶିକ୍ଷକଙ୍କ ଦେଖାମିଳୁନି ତ କେବେ ଶିକ୍ଷକ ଆସିଲେ ପିଲା ଆସୁନାହାନ୍ତି। ସ୍କୁଲକୁ ଶିକ୍ଷକ ନ ଆସିବା ଯୋଗୁ ଛାତ୍ରୀଛାତ୍ର ଶୁକ୍ରବାର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏପରି ଘଟଣା କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ବିଜାଘାଟି ପଞ୍ଚାୟତର ତୁର୍ଲି ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି।

ଏବେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ବାର୍ଷିକ ପରୀକ୍ଷା ଚାଲିଛି। ତେବେ ତୁର୍ଲି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ପରୀକ୍ଷା ବନ୍ଦ ରହିଛି। ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ଯାଏ ୩୦ ଜଣ ଛାତ୍ରୀଛାତ୍ର ପାଠ



ତୁର୍ଲି ପ୍ରାଥମିକ ବିଦ୍ୟାଳୟକୁ ପରୀକ୍ଷା ଦେବାକୁ ଆସିଥିବା ଛାତ୍ରୀଛାତ୍ର।

ପଢୁଛନ୍ତି। ଏମାନଙ୍କ ପାଇଁ ୨ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣେ ପ୍ରଧାନ ଶିକ୍ଷକ, ଅନ୍ୟଜଣେ ସହକାରୀ ଶିକ୍ଷକ। ପ୍ରଧାନଶିକ୍ଷକ ଦିଲିପ ଖଟାଇ ଏଠାରେ ଚାକିରି କରିବା ଦିନଠୁ ସ୍କୁଲ ହତା ମାଡିନାହାନ୍ତି। ସେ ଅଧିକାଂଶ ସମୟ ଭୁବନେଶ୍ୱରରେ ରହୁଛନ୍ତି। ତେବେ ସ୍କୁଲ କାଗଜପତ୍ରରେ ସବୁ ଠିକ୍‌ଠାକ୍ ଚାଲିଥିବା ଦର୍ଶାଯାଉଛି। ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ପ୍ରତିଦିନ ମିଳୁଛି, ଛାତ୍ରୀଛାତ୍ର ନିୟମିତ ବିଦ୍ୟାଳୟ ଆସୁଥିବା ଉପସ୍ଥାନ ଖାତାରେ ଦର୍ଶାଯାଉଛି। ସ୍କୁଲରେ ଥିବା ଅନ୍ୟ ଜଣେ ସହକାରୀ ଶିକ୍ଷକ କାଁଭାଁ ଆସି ବିଦ୍ୟାଳୟ ବୁଲି ଯାଉଛନ୍ତି। ଶିକ୍ଷକଙ୍କ ଅନୁପସ୍ଥିତି ଯୋଗୁ ବିଦ୍ୟାଳୟରେ ପଢୁଥିବା ୩୦ ଛାତ୍ରୀଛାତ୍ର ବାର୍ଷିକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ବର୍ଷ ତମାମ ସ୍କୁଲରେ ତାଲା ଝୁଲୁଥିବାରୁ ପାଠପଢା ହେଉନି। ଏପରି ସ୍ଥଳେ ପିଲାମାନେ କ'ଣ ପରୀକ୍ଷା ଦେବେ ବୋଲି ତୁର୍ଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି।

ତୁର୍ଲି ଗ୍ରାମର ୱାର୍ଡସଭ୍ୟ ସୁରେ ଶିରିକା, ରାହୁଲ ଶିରିକା, ଗାହିଁ ଶିରିକା, ମାସୁରୁ ଶିରିକା, ଧରା ଶିରିକା, ପୂର୍ଣ୍ଣ ଶିରିକା, ଜତ ଶିରିକା ପ୍ରମୁଖ ଅଭିଭାବକ ବିଗତ ଦିନରେ ଉଭୟ ଶିକ୍ଷକଙ୍କୁ ଡାକି ତାଗିଦ୍ କରିଥିଲେ। ଏନେଇ ବିଇଓ ଅଫିସରେ ଅଭିଯୋଗ କରିଥିଲେ। କିଛି ମାସ ଧରି ସେମାନଙ୍କ ଦରମା ମଧ୍ୟ ବନ୍ଦ ହୋଇଥିଲା। ଏହା ସତ୍ତ୍ୱେ ସେମାନେ ସୁଧୁରିନାହାନ୍ତି ବୋଲି ଅଭିଭାବକମାନେ କହିଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ରାମଚନ୍ଦ୍ର ନାହାକଙ୍କୁ ପଚାରିବାରୁ ସେ କହିଲେ, ଘଟଣା ସମ୍ପର୍କରେ ବିଇଓଙ୍କୁ ରିପୋର୍ଟ ମାଗିବେ। ରିପୋର୍ଟ ଆସିବା ପରେ ଉଭୟ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୬/୨୦୨୩ | Bhubaneswar, Sunday, March 26/2023 | ପୃଷ୍ଠା-୧




**ନୀତୁ ବିଶ୍ୱ ବକ୍ସିଂ ଚାମ୍ପିୟନ**

ଭାରତର ନୀତୁ ଘଙ୍ଘାସ ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍‌ର ୪୮କେଜି ଶ୍ରେଣୀରେ ଟାଇଟଲ ବିଜୟୀ ହୋଇଛନ୍ତି।

୧୬

୧୪

**ସ୍ତ୍ରୀଙ୍କୁ ଆୱାର୍ଡ ଡେଡିକେଟ୍‌**

ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ନିକଟରେ ଏକ ସମାରୋହରେ ବେଷ୍ଟ ଷ୍ଟାଇଲ ପାଇଁ ଆୱାର୍ଡ ମିଳିଥିବାବେଳେ ସେ ସେହି ଆୱାର୍ଡକୁ ସ୍ତ୍ରୀ କିଆରାଙ୍କୁ ଡେଡିକେଟ୍‌ କରିଛନ୍ତି।



# ୧୮ରୁ କ୍ଷେତ୍ର ବୁଲିବେ ଟ୍ରିବ୍ୟୁନାଲ

## ମହାନଦୀ ଜଳ ବିବାଦ ପ୍ରସଙ୍ଗ



- **ସରକାର ବିରୋଧୀଙ୍କୁ ବିଶ୍ୱାସକୁ ନେଉନାହାନ୍ତି: ନରସିଂହ**
- **ପାଣି, ବିଜୁଳି ମିଳିବନି: ବିଜୟ**

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫।୩(ବ୍ୟୁରୋ)

ମହାନଦୀ ଜଳକୁ ନେଇ ଓଡ଼ିଶା-ଛତିଶଗଡ଼ ଆନ୍ତଃ ରାଜ୍ୟ ବିବାଦ ମାମଲାର ଶୁଣାଣି ଟ୍ରିବ୍ୟୁନାଲରେ ଚାଲିଛି। ଆସନ୍ତା ଏପ୍ରିଲ ୧୮ରୁ ମହାନଦୀ ଟ୍ରିବ୍ୟୁନାଲର ଟିମ୍ ନଦୀର ଉପରମୁଣ୍ଡ ଛତିଶଗଡ଼ରେ କ୍ଷେତ୍ର ପରିଦର୍ଶନ କରିବେ। ଟିମ୍ ପ୍ରଥମ ପର୍ଯ୍ୟାୟର ଦୁଇଟି ଫେଜ୍‌ରେ ଛତିଶଗଡ଼ ଗସ୍ତ କରିବେ ଏବଂ ପରେ ଓଡ଼ିଶା ଆସିବେ। ଟ୍ରିବ୍ୟୁନାଲ ଗଠନର ୫ ବର୍ଷ ପରେ ମଧ୍ୟ ଜଳ ବିବାଦର ସମାଧାନ ହୋଇ ନ ଥିବାରୁ ଏହି ଗସ୍ତକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏପ୍ରିଲ ୧୮ରୁ ୨୧ ମଧ୍ୟରେ ଛତିଶଗଡ଼ ମହାନଦୀ ଅବବାହିକାର ଫରସିୟା ଗ୍ରାମ ଏବଂ ଉପରମୁଣ୍ଡ ପରିଦର୍ଶନ କରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୨୯ରୁ କଲମା ବ୍ୟାରେଜରୁ ଆରମ୍ଭ ହୋଇ ଛତିଶଗଡ଼ର ତଳମୁଣ୍ଡ ପର୍ଯ୍ୟନ୍ତ ଟ୍ରିବ୍ୟୁନାଲ ପରିଦର୍ଶନ କରିବେ। ଏହା ମେ' ୩ ପର୍ଯ୍ୟନ୍ତ ଚାଲିବ। ଛତିଶଗଡ଼ ଗସ୍ତ ଶେଷ ହେବା ପରେ ଟ୍ରିବ୍ୟୁନାଲ ଟିମ୍ ଓଡ଼ିଶା ଅଞ୍ଚଳ ହୀରାକୁଦ ପର୍ଯ୍ୟନ୍ତ ଗସ୍ତ କରିବେ। ମେ' ମାସ ମଧ୍ୟରେ ଓଡ଼ିଶା ଗସ୍ତ ଶେଷ କରିବାକୁ ଯୋଜନା ରହିଛି। କ୍ଷେତ୍ର ପରିଦର୍ଶନ ସମୟରେ ଟ୍ରିବ୍ୟୁନାଲ ମହାନଦୀରେ ଓଡ଼ିଶା ଏବଂ ଛତିଶଗଡ଼ର ଜଳସେଚନ ଓ ଶକ୍ତି ପ୍ରକଳ୍ପଗୁଡ଼ିକର ରେକର୍ଡ କରିବେ। ସେହିପରି ଟ୍ରିବ୍ୟୁନାଲ ଦୁଇ ସପ୍ତାହ ମଧ୍ୟରେ ଛତିଶଗଡ଼ରେ ଥିବା ମହାନଦୀ ବେସିନର ବାକି ଅଞ୍ଚଳଗୁଡ଼ିକର ଲାଇଟ୍ ଡିଟେକ୍ସନ ଓ ରେଞ୍ଜିଂ (ଏଲ୍‌ଆଇଡିଏଆର୍) ତଥ୍ୟ ପ୍ରଦାନ କରିବାକୁ ନ୍ୟାଶନାଲ ରିମୋଟସେନ୍‌ସିଂ ସେଣ୍ଟର(ଏନ୍‌ଆରଏସ୍‌ସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ଏନ୍‌ଆର୍‌ଏସ୍‌ସିର ଏଲ୍‌ଆଇଡିଏଆର୍ ତଥ୍ୟ ଦେବାକୁ ଛତିଶଗଡ଼କୁ କୁହାଯାଇଛି। ଏହାଦ୍ୱାରା ଛତିଶଗଡ଼ ଅଞ୍ଚଳରେ ଥିବା ମହାନଦୀର ସମସ୍ତ କ୍ଷେତ୍ରକୁ ବିଚାର ବେଳେ ନିଆଯାଇପାରିବ। ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ଛତିଶଗଡ଼ର କ୍ଷେତ୍ର ଉପରେ ଏପ୍ରିଲ ୧୮ ତାରିଖରେ ହେବ।

ମହାନଦୀ ଜଳ ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୦୧୮ ମାର୍ଚ୍ଚରେ ମହାନଦୀ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ପ୍ରଥମ ୩ ବର୍ଷ ଅବଧିରେ ଟ୍ରିବ୍ୟୁନାଲ ଜଳ ବିବାଦ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିପାରି ନ ଥିଲେ। ତେଣୁ ୨୦୨୧ରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା, ଯାହାକି ୨୦୨୩ ମାର୍ଚ୍ଚ ୧୧ରେ ଶେଷ ହୋଇଥିଲା। ଜଳ ଶକ୍ତି ମନ୍ତ୍ରଣାଳୟ ଟ୍ରିବ୍ୟୁନାଲଙ୍କ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାଳ ୨୦୨୪ ଡିସେମ୍ବର ଯାଏ ବୃଦ୍ଧି କରିଛି। ଏହି ଅବଧି ବୃଦ୍ଧି କରିବା ପାଇଁ ଓଡ଼ିଶା ଓ ଛତିଶଗଡ଼ ସରକାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। କରୋନା ସମୟରେ ଶୁଣାଣି ପ୍ରଭାବିତ ହୋଇଥିବାରୁ ଅବଧି ୩ ବର୍ଷ ବଢ଼ାଇବାକୁ ଉଭୟ ରାଜ୍ୟ ଚିଠି ଲେଖିଥିଲେ। ତେବେ ଟ୍ରିବ୍ୟୁନାଲଙ୍କ ଅବଧିକୁ କେନ୍ଦ୍ର ସରକାର ୧ ବର୍ଷ ୯ ମାସ ବଢ଼ାଇଛନ୍ତି।

ଅନ୍ୟପକ୍ଷେ ମହାନଦୀ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି, ମହାନଦୀ ଉପରେ ଆଲୋଚନା ପାଇଁ ବିଧାନସଭାର ଚଳିତ ଅଧିବେଶନରେ ମୋଶନ ଦେଇଥିଲି। ବାଚସ୍ପତି କହିଛନ୍ତି, ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବା ପରେ ଏହା ଉପରେ ଆଲୋଚନା ହେବ। ମୁଖ୍ୟମନ୍ତ୍ରୀ ୟୁଆଡ଼େ ଯାଉଛନ୍ତି ଯାଆନ୍ତୁ, ମାତ୍ର ୬ ତାରିଖ ପୂର୍ବରୁ ଗୃହରେ ରହି ସବୁ ପ୍ରଶ୍ନର ଉତ୍ତର ଦିଅନ୍ତୁ। ୨୦୦୦ ମସିହାରୁ ମହାନଦୀ ପ୍ରସଙ୍ଗରେ ଆଲୋଚନା ହେଲାଣି। ୨୦୧୦ରେ ରାଜ୍ୟ ସରକାର କହିଲେ, ଅଣମୌସୁମୀ ସମୟରେ ମହାନଦୀରେ ବହୁ ପାଣି ଆସୁଛି। ଏବେ ଶୁଖିଗଲା ପରେ ସରକାର ହରଡ଼ଘଣାରେ ପଡ଼ିଛନ୍ତି। ଏହା ଉପରେ ମୁଖ୍ୟମନ୍ତ୍ରୀ ଏବଂ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ୨ କମିଟି ଗଠନ ହୋଇଛି। ହେଲେ ଉକ୍ତ କମିଟି ବୈଠକ ଥରେ ମଧ୍ୟ ବସିନାହିଁ। ସରକାର ବିରୋଧୀ ଦଳକୁ ବିଶ୍ୱାସକୁ ନେଉନାହାନ୍ତି। ସମସ୍ୟାର ସମାଧାନ ହେବ କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି।

ହୀରାକୁଦରେ ଉତ୍କଟ ପାଣି ସମସ୍ୟାକୁ ନେଇ ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ବିଜୟ ମହାପାତ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ହୀରାକୁଦ ଇତିହାସରେ ପ୍ରଥମ ଥର ଏଭଳି ସଙ୍କଟ ଦେଖାଦେଇଛି। ଗତ ବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୨୧.୫୧ ଫୁଟ ଥିବାବେଳେ ଚଳିତ ବର୍ଷ ଏହା ୬୧୬.୬୯ ଫୁଟ ରହିଛି। ଏହାଦ୍ୱାରା ୧୪ରୁ ୧୫ ଜିଲ୍ଲା କ୍ଷତିଗ୍ରସ୍ତ ହେବ। ହୀରାକୁଦରେ ଜଳ ସ୍ତର ୪ ଦିନରେ ଗୋଟିଏ ☞ପୃଷ୍ଠା-୨

# ଗଡ୍‌କରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**କଟକ-ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥ ନଂ. ୫୫ ପାଲଟିଛି ମରଣଯନ୍ତା**



- **୨ ବର୍ଷରେ ଗଲାଣି ୨୦୦ ଜୀବନ**

ଭୁବନେଶ୍ୱର, ୨୫।୩(ବ୍ୟୁରୋ)

କଟକ-ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଦୀର୍ଘ ୫ ବର୍ଷ ପରେ ମଧ୍ୟ ରାସ୍ତା କାମ ଶେଷ ହେଉ ନ ଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିନ୍ତାପ୍ରକଟ କରିଛନ୍ତି। ରାସ୍ତା ନିର୍ମାଣ କାମ ତୁରନ୍ତ ସାରିବା ପାଇଁ ମୁଖ୍ୟମନ୍ତ୍ରୀ ଶନିବାର କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ☞ପୃଷ୍ଠା-୨






# ସାବରକର ନୁହେଁ ଯେ କ୍ଷମା ମାଗିବି: ରାହୁଲ

**ଜେଲ କି ଆଜୀବନ ସଦସ୍ୟତା ରଦ୍ଦ ହେଉ ଗଣତନ୍ତ୍ର ପାଇଁ ଲଢ଼େଇରୁ ହଟାଇପାରିବନି**

ନୂଆଦିଲ୍ଲୀ, ୨୫।୩(ପି.ଟି.)

ଲୋକ ସଭା ସଦସ୍ୟ ପଦ ରଦ୍ଦ କରି ସରକାର ତାଙ୍କ ମୁହଁ ବନ୍ଦ କରିଦେଇପାରିବେ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର କହିଛନ୍ତି। ଏମ୍‌ପି ପଦ ହରାଇବା ପରେ ରାହୁଲ ପ୍ରଥମ ଥର ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି, ଯଦି ତାଙ୍କୁ ସାରା ଜୀବନ ପାର୍ଲାମେଣ୍ଟରୁ ଅଯୋଗ୍ୟ ଘୋଷଣା କରାଯାଏ କିମ୍ବା ଜେଲ ପଠାଇଦିଆଯାଏ, ତଥାପି ସେ ଦେଶର ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବେ। ଭୟଭୀତ ସରକାର ତାଙ୍କ ସାଂସଦ ପଦ ରଦ୍ଦ କରାଇ ବିରୋଧୀଙ୍କ ହାତରେ ଏକ ଅସ୍ତ୍ର ଧରାଇଥିବା ରାହୁଲ କହିଛନ୍ତି।

ମୋ ନାଁ ସାବରକର ନୁହେଁ, ଗାନ୍ଧୀ। ଗାନ୍ଧୀ କାହାକୁ କ୍ଷମା ମାଗନ୍ତି ନାହିଁ ବୋଲି କଂଗ୍ରେସ ନେତା କହିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ରାହୁଲ କ୍ଷମା ମାଗନ୍ତୁ ବୋଲି ଭାଜପା ବାରମ୍ବାର ଦାବି କରିଆସୁଥିବାରୁ ରାହୁଲ ଉପରୋକ୍ତ ଜବାବ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସେ କହିଥିଲେ, ସେ ଭାରତୀୟ ଗଣତନ୍ତ୍ରକୁ ଆକ୍ରମଣ କରାଯାଇଥିବା ନେଇ ଲଣ୍ଡନରେ କହିବା ସହ ବିଦେଶୀ ସହାୟତା ଲୋଡ଼ିଥିବା ଅଭିଯୋଗ କରି ଭାଜପା ତାଙ୍କର କ୍ଷମା ଦାବି କରୁଛି। ମନ୍ତବ୍ୟ ପାଇଁ କୋର୍ଟରେ ଅନୁତପ୍ତ ନ ହେବାରୁ ତାଙ୍କୁ 'ସବୁ ମୋଦି ଚୋର' ମନ୍ତବ୍ୟ ସମ୍ପର୍କିତ ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ କରାଗଲା କି ☞ପୃଷ୍ଠା-୨



ରାହୁଲ ଗାନ୍ଧୀ

# ଏମ୍‌ପି, ବିଧାୟକଙ୍କ ସଦସ୍ୟତା ରଦ୍ଦକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୨୫।୩(ପି.ଟି.)

ବିଧାୟକ କିମ୍ବା ଏମ୍‌ପି କୌଣସି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ଜେଲଦଣ୍ଡ ପାଇଥିଲେ ଲୋକ ପ୍ରତିନିଧି ଆଇନର ଧାରା ୮(୩) ଅନୁଯାୟୀ ସେମାନଙ୍କ ସଭ୍ୟ ପଦ ସ୍ୱତଃ ରଦ୍ଦ ହୋଇଯାଉଛି। ଏଭଳି ସଦସ୍ୟତା ରଦ୍ଦକୁ କେରଳର ଜଣେ ସାମାଜିକ କର୍ମୀ ଶନିବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ୨୦୧୯ର ଏକ ମାନହାନି ମାମଲାରେ ଗୁଜରାଟର ସୁରଟସ୍ଥିତ ଏକ ଅଦାଲତ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡ ଶୁଣାଇବା ପରେ ୱାୟନାଡ୍ ଲୋକ ସଭା ଆସନରୁ ତାଙ୍କ ସଦସ୍ୟତାକୁ ରଦ୍ଦ କରିଦିଆଯାଇଛି। ଏହା ଉପରେ ଆବେଦନକାରୀ ଆଭା ମୁରଲୀଧରନ୍ ପ୍ରଶ୍ନ ଉଠାଇଛନ୍ତି। ଲୋକ ପ୍ରତିନିଧି ଆଇନ, ୧୯୫୧ର ଧାରା ୮(୩)ରେ ସ୍ୱତଃ ସଭ୍ୟପଦ ରଦ୍ଦ ମନମାନି ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

ରାସ୍ତା ବଦଳାଇବାର ବେଳ


# ଭାରତରୁ ଲୋପ ପାଇଲେଣି ୯୯% ଶାଗୁଣା

- **ଡାଇକ୍ଲୋଫେନା, କୀଟନାଶକ ମୃତ୍ୟୁର କାରଣ**
- **୪ କୋଟିରୁ ୪ ଲକ୍ଷରେ ପହଞ୍ଚିଲେଣି**

ମୁମ୍ବାଇ, ୨୫।୩

ଦେଶରେ ଶାଗୁଣା ସମ୍ପୂର୍ଣ୍ଣ ଲୋପ ପାଇବାକୁ ବସିଲେଣି। ୧୯୮୦ ଦଶକ ପରଠୁ କ୍ରମାଗତ ଶାଗୁଣାଙ୍କ ସଂଖ୍ୟା କମିବାରେ ଲାଗିଛି। ପୂର୍ବରୁ ଭାରତରେ କେବଳ ୪ କୋଟି ଶାଗୁଣା ଥିବାବେଳେ ବର୍ତ୍ତମାନ ଏମାନଙ୍କ ସଂଖ୍ୟା ୪ ଲକ୍ଷରେ ପହଞ୍ଚିଛି। ବିଶେଷଜ୍ଞଙ୍କ ମତରେ ଦେଶରେ ଶାଗୁଣାଙ୍କ ସଂଖ୍ୟା ୯୯% କମିଛି। ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ବ୍ୟବହୃତ ଡାଇକ୍ଲୋଫେନା (ଏକ ରାସାୟନିକ ପଦାର୍ଥ)କୁ ଏଥିପାଇଁ ଦାୟୀ କରାଯାଉଛି।

କୌଣସି ପ୍ରାଣୀର ଚିକିତ୍ସାରେ ଡାଇକ୍ଲୋଫେନା ବ୍ୟବହାର କରାଯିବା ଦ୍ୱାରା ପଶୁଟି ମରିଯିବା ପରେ ତା' ଯକୃତ ଏବଂ ବୃକ୍କରେ ଏହି ରାସାୟନିକ ପଦାର୍ଥ ଜମାହୋଇ ରହିଥାଏ। ଯେତେବେଳେ ଶାଗୁଣା ଏହି ପଶୁର ମଢ଼ ଖାଏ, ସେ ସମୟରେ ଡାଇକ୍ଲୋଫେନା ସିଧାସଳଖ ତା' ଶରୀରକୁ ଯାଏ। ଫଳରେ ଶାଗୁଣାର ମୃତ୍ୟୁ ଘଟେ। ୨୦୦୬ ମାର୍ଚ୍ଚରେ ଭାରତ ସରକାର ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଡାଇକ୍ଲୋଫେନାର ବ୍ୟବହାର ନିଷିଦ୍ଧ କରିଥିଲେ। ପରିବେଶ ସନ୍ତୁଳନ ରକ୍ଷାରେ ଶାଗୁଣା ସହାୟକ ହୋଇଥାଏ। ବିଜ୍ଞାନର ଅଗ୍ରଗତି ଫଳରେ ରାସାୟନିକ ପଦାର୍ଥର ବ୍ୟବହାର ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାର ନକାରାତ୍ମକ ପ୍ରଭାବ ପରିବେଶ ଉପରେ ପଡୁଛି। ତେବେ ଶାଗୁଣାଙ୍କୁ ଲୋପ ହେବାକୁ ନ ଦେବା ଲାଗି ଜନସଚେତନତା କାର୍ଯ୍ୟକ୍ରମ କରିବାର ଆବଶ୍ୟକତା ରହିଥିବା ବମ୍ବେ ନ୍ୟାଶନାଲ ହିଷ୍ଟ୍ରି ସୋସାଇଟିର ସହ ନିର୍ଦ୍ଦେଶକ ସଚିନ ରାନାଡେ କହିଛନ୍ତି। ଭାରତ, ପାକିସ୍ତାନ ଏବଂ ନେପାଳରେ ଏକ ସ୍ୱତନ୍ତ୍ର ପ୍ରଜାତିର ଶାଗୁଣା ☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**
"ଗଣତନ୍ତ୍ରରେ ମତଭେଦ ରହିଥାଏ। ସରକାର ଓ ନ୍ୟାୟପାଳିକା ମଧ୍ୟରେ ଥିବା ମତାନ୍ତରକୁ ସଂଘର୍ଷ ମନେକରିବା ଅନୁଚିତ। **-କିରେନ୍ ରିଜିଜୁ, କେନ୍ଦ୍ର ଆଇନ ମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରଣୀଆକୁ ରଣ ଯେତେ
କହୁଣିଆକୁ କହୁଣି ସେତେ।**

ରଣୀ ବ୍ୟକ୍ତିଙ୍କୁ ଯେତେ ଅଧିକ ରଣ ଦେଲେ ମଧ୍ୟ ସିଏ ନେବା ଲାଗି କେବେ କୁଣ୍ଠା ପ୍ରକାଶ କରି ନଥାନ୍ତି। ଆଶାରୁ ଅଧିକ ମିଳିଲେ ମଧ୍ୟ ନେବା ଲାଗି ସଦା ପ୍ରସ୍ତୁତ ହୋଇଥାନ୍ତି ବା ଆଗଭର ହୋଇଥାନ୍ତି। ସେହିପରି କହୁଣିଆଁ ବା ମାଡ଼ଖିଆ ବ୍ୟକ୍ତିଙ୍କୁ ଯେତେ କହୁଣୀ ମାଡ଼ ଦେଲେ ମଧ୍ୟ ସିଏ ସେତେ ସହିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ରୁଣ୍ଡୁଝୁଣ୍ଡୁ ହୋଇ ଯାଉଛି ଚାଲି
ଦେଖିଲା ବେଳକୁ କୋତରି କାଳୀ।**

ମହିଳାମାନେ ସାଧାରଣତଃ ଫେଶନପ୍ରିୟ ହୋଇଥାନ୍ତି। ନିଜ ରୂପ ବର୍ଣ୍ଣକୁ ଦେଖି ପ୍ରସାଧନ ପ୍ରତି ମନ ବଳେଇଥାନ୍ତି। ତେବେ ଶ୍ୟାମଳ ବର୍ଣ୍ଣା ଯୁବତୀଙ୍କ କ୍ଷେତ୍ରରେ ନିଜ ରୂପକୁ ନେଇ ସଜେଇହେବା ଅନେକଙ୍କ ପକ୍ଷେ ଚକ୍ଷୁଶୀଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗାଈକୁ ଶିକାର କଲା ବାଘୁଣୀ

**ନୂଆପଡ଼ା ଅଫିସ,୨୫।୩**

ନୂଆପଡ଼ା ସଦର ବ୍ଲକ ମୁସରଙ୍ଗୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ଆମାନାରା ଫରେଷ୍ଟ ବିଟ୍ ଅନ୍ତର୍ଗତ ତରିଆ ମହୁଆଭଟା ଗାଁରେ ଏକ ଗାଈକୁ ବାଘୁଣୀ ଶିକାର କରିଥିବା ସୂଚନା ମିଳିଛି। ଶନିବାର ସକାଳେ ଗାଁଠାରୁ ୫ ଶହ ମିଟର ଦୂରରେ ଏକ ଚାଷ ଜମିରେ ଗାଈର ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଗାଈର ତଣ୍ଟିରେ ଆଘାତ ଲାଗିଥିବାବେଳେ ପେଟକୁ ଫାଡି ଦେଇଛି। ଶୁକ୍ରବାର ସକାଳେ ତରିଆ ମହୁଆଭଟା ଗାଁର ଗାଈ ମଇଁଷି ଜଙ୍ଗଲକୁ ଚରିବାକୁ ଯାଇଥିଲେ। ସନ୍ଧ୍ୟା ହେଲେ ସବୁ ଗାଈ ମଇଁଷି ଚରିବୁଲି ଘରକୁ ଫେରନ୍ତି। ହୁମାନଙ୍କ ଗାଈ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲା। ପରିବାର ଲୋକେ ଗାଈ ଘରକୁ ଆସି ନାହିଁ ବୋଲି ଜାଣି ମଧ୍ୟ ବାଘ ଭୟରେ ଜଙ୍ଗଲକୁ ଖୋଜିବାକୁ ଯାଇ ନ ଥିଲେ। ପ୍ରକାଶ ଯେ, ତିନି ସପ୍ତାହରୁ ଊର୍ଦ୍ଧ୍ୱ ହେବ ମୁସରଙ୍ଗୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଶାବକ ସହ ବାଘୁଣୀ ଘୂରି ବୁଲୁଛି। ଦିନରେ ଜଙ୍ଗଲରେ ଛପି ରହୁଥିବାବେଳେ ରାତି ହେଲେ ଗାଁକୁ ଆସି ଗୋଟିଏ ପରେ ଗୋଟିଏ ଗାଈ ବାଛୁରୀକୁ ମାରି ଚାଲିଛି। ବର୍ତ୍ତମାନ ସୁଦ୍ଧା ୩ ଗାଈ, ୨ ବାଛୁରୀକୁ ମାରି ଖାଇଥିବାବେଳେ ଗୋଟିଏ ମଇଁଷି ଓ ଗୋଟିଏ ବାଛୁରୀକୁ ମାରି ଘାଇଲା କରିଛି। ବର୍ତ୍ତମାନ ସମୟରେ ମୁସରଙ୍ଗୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଥିବା ଗାଁଗୁଡ଼ିକରେ ଭୟର ବାତାବରଣ ଖେଳିଯାଇଛି। ବାଘ ଭୟରେ ଲୋକେ ମହୁଲ ଫୁଲ ଗୋଟେଇବାକୁ ଜଙ୍ଗଲକୁ ଯାଉନାହାନ୍ତି। ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ବନବାସୀ ବିକ୍ରୟ କରି ଜୀବିକାନିର୍ବାହ କରିଥାନ୍ତି। ବାଘ ଭୟରେ ଜଙ୍ଗଲକୁ ବନବାସୀ ଯାଇପାରୁ ନ ଥିବାରୁ ଜୀବନଜୀବିକା ପ୍ରଭାବିତ ହୋଇପଡିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ବନବାସୀଙ୍କ ଦୁଃଖ ବୁଝିବା ପାଇଁ ସାଧାରଣରେ ଦାବି ହେଉଛି ।

# ଅଭିନେତା ଶ୍ରୀତମ ଦାସଙ୍କ ମାତୃ ବିୟୋଗ

**କଟକ ଅଫିସ, ୨୫।୩**


ସଂଯୁକ୍ତା ଦାସ

ଅଭିନେତା, ପ୍ରଯୋଜକ, ନିର୍ଦ୍ଦେଶକ ଶ୍ରୀତମ୍ ଦାସଙ୍କ ମା' ସଂଯୁକ୍ତା ଦାସ(୭୪)ଙ୍କର ଶନିବାର ଅପରାହ୍ଣ ପ୍ରାୟ ୫ଟା ୧୦ ମିନିଟ୍‌ରେ କଟକ କନିକା ଛକସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଶ୍ରୀତମ୍ ସୂଚନା ଦେଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ୩ ପୁତ୍ର ଗୌତମ, ଶ୍ରୀତମ୍, ପ୍ରୀତମ୍ ଉପସ୍ଥିତ ଥିଲେ। ମୃତ୍ୟୁ ଖବରପାଇ ବିଧାୟକ ମହମ୍ମଦ ମୋକିମ, ସିଏମ୍‌ସି ମେୟର ସୁବାସ ସିଂ, ଭାଜପା ନଗର ସଭାପତି ଲଲାଟେନ୍ଦୁ ବଡ୍ଡୁ, ସ୍ମୃତି ପଟ୍ଟନାୟକ, ସ୍ନିଗ୍ଧା ମହାନ୍ତି, କୁନା ତ୍ରିପାଠୀ, ଉଷଶୀ ମିଶ୍ର, ପ୍ରଯୋଜକ ଆଶିଷ ସିହ୍ନା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଗୌତମ ମୁଖାଗ୍ନି ଦେଇଥିଲେ ।

# 'ଧର୍ମାନ୍ତରିତଙ୍କୁ ଅନୁସୂଚିତ ଜନଜାତିରୁ ବାଦ୍ ଦିଆଯାଉ'


ଧର୍ମାନ୍ତରିତ ବ୍ୟକ୍ତିଙ୍କୁ ଅନୁସୂଚିତ ଜନଜାତିରୁ ବାଦ୍ ଦେବା ଆଦି ଦାବି ନେଇ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଶନିବାର ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ ସମାବେଶରେ ଯୋଗଦେବା ପୂର୍ବରୁ ଜନଜାତି ସମ୍ପ୍ରଦାର ଲୋକେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

**ଜନଜାତି ସମାବେଶ**

- **ପାରମ୍ପରିକ ନାଚଗୀତରେ କମ୍ପିଲା ରାଜଧାନୀ**
- **ଆନ୍ଦୋଳନକାରୀଙ୍କ ସହ ଚାଲିଲେ କେନ୍ଦ୍ରମନ୍ତ୍ରୀ ଟୁଡୁ**

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ଧର୍ମାନ୍ତରିତ ବ୍ୟକ୍ତିମାନଙ୍କୁ ଅନୁସୂଚିତ ଜନଜାତିରୁ ବାଦ୍ ଦେବା ଦାବିକୁ ଜୋର୍‌ଦାର କରିଛି ଜନଜାତି ସୁରକ୍ଷା ମଞ୍ଚ। ଏହାକୁ ନେଇ ଶନିବାର ମଞ୍ଚ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ବଡ଼ଧରଣର ଜନଜାତି ସମାବେଶର ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟର ୨୬ ଜିଲାରୁ ୬୨ ସମ୍ପ୍ରଦାୟର ୧୦ହଜାରରୁ ଊର୍ଦ୍ଧ୍ୱ ଜନଜାତି ଭଉଣୀଭାଇ ଯୋଗଦେଇଥିଲେ। ଶହୀଦନଗର ଦୁର୍ଗାମଣ୍ଡପ, ନୟାପଲ୍ଲୀ ଓ ରାମମନ୍ଦିର ଛକ ନିକଟରୁ ୩ଟି ଶୋଭାଯାତ୍ରା ବାହାରି ସ୍ଥାନୀୟ ଜନତା ମୈଦାନରେ ପହଞ୍ଚିଥିଲା। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ରୁପାଲି ଛକରେ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଜନଜାତି ଭଉଣୀଭାଇଙ୍କ ସହ କିଛି ସମୟ ଆଲୋଚନା କରି କିଛି ବାଟ ପଦଯାତ୍ରାରେ ଯାଇଥିଲେ। ଏହି ସମାବେଶରେ ଜନଜାତି ସମ୍ପ୍ରଦାୟର ଲୋକେ ପାରମ୍ପରିକ ବେଶଭୂଷାରେ ଯୋଗ ଦେଇଥିଲେ। ଅନ୍ୟପଟେ ପାରମ୍ପରିକ ନୃତ୍ୟଗୀତ ସହ ବିଭିନ୍ନ ଦାବି ନେଇ ନାରାବାଜି କରିଥିଲେ। ନିଜର ଧର୍ମ ସଂସ୍କୃତିକୁ ରକ୍ଷା କରିବା ପାଇଁ ତଥା ଯେଉଁମାନେ ଧର୍ମାନ୍ତରିତ ହୋଇଯାଇଛନ୍ତି ସେମାନଙ୍କୁ ଜନଜାତି ସୂଚୀରୁ ଅଲଗା କରିବା ନେଇ ଆନ୍ଦୋଳନକୁ ଜାତୀୟସ୍ତର କରାଯିବ ବୋଲି ମଞ୍ଚର ସର୍ବବ୍ୟବସ୍ଥା ପ୍ରମୁଖ ପ୍ରକାଶ ବେତାଲା ଉଦ୍‌ବୋଧନ ଦେଇ କହିଛନ୍ତି। ମଞ୍ଚର ରାଷ୍ଟ୍ରୀୟ ସଂଯୋଜକ ଗଣେଶ ରାମଭଗତ, ସହ ସଂଯୋଜକ ଡ. ରାଜକିଶୋର ହାଁସଦା, ପବିତ୍ର କୁମାର କହଁର ପ୍ରମୁଖଙ୍କ ନେତୃତ୍ୱରେ ଏହି ସମାବେଶର ଆୟୋଜନ କରାଯାଇଥିଲା। ରାଜନୈତିକ ଦଳମାନେ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ଆସନରେ ଧର୍ମାନ୍ତରିତ ବ୍ୟକ୍ତିଙ୍କୁ ଟିକେଟ୍ ନ ଦେବା ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଛି। ସେହିପରି ସରକାରୀ ଚାକିରି ହାତେଇବାରେ ଏପରି ବ୍ୟକ୍ତିଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ ନ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଧ୍ୟାନ ଦେବା ପାଇଁ କୁହାଯାଇଛି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଭେଟି ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

# ଯବାନ-ମାଓବାଦୀ ଗୁଳି ବିନିମୟ

**ବିସ୍ଫୋରକ ସାମଗ୍ରୀ ଜବତ**

**ମାଲକାନଗିରି,୨୫।୩(ଡି.ଏନ.ଏ.)**



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଶନିବାର ଗୁଳି ବିନିମୟ ହୋଇଛି। ବହୁପରିମାଣର ବିସ୍ଫୋରକ ସାମଗ୍ରୀ ପୋଲିସ ଜବତ କରିଛି। ଖବରରୁ ଜଣାପଡିଛି, ନାରାୟଣପୁର ଜିଲା କାଡେମେଟାରୁସ୍ଥିତ ଆଇଟିବିପି ଓ ଡିଆର୍‌ଜି ଯବାନମାନେ ମାଓବାଦୀ ଦମନ ଲାଗି ମିଳିତ ଅପରେଶନ ଆରମ୍ଭ କରିଥିଲେ। ଛୋଟ ବୁରଗମ ଜଙ୍ଗଲରେ ଭୋର ସମୟରେ କୋମ୍ବିଂ ଅପରେଶନ ବେଳେ ମାଓବାଦୀମାନେ ଯବାନଙ୍କୁ ଦେଖି ପ୍ରଥମେ ଗୁଳିଚାଳନା କରିଥିଲେ। ପରେ ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ତଲାସୀ କରିବାରୁ ବହୁ ପରିମାଣର ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଘଟଣା ସ୍ଥଳରୁ ମିଳିଥିଲା। ଏକ ଆଇଇଡି ବୋମା ମଧ୍ୟ ଜବତ ହୋଇଛି। ଏହି ଗୁଳି ବିନିମୟରେ କେତେଜଣ ମାଓବାଦୀ ଆହତ ହୋଇଥିବା ଅନୁମାନ କରାଯାଉଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି।

# ହୃଦରୋଗୀଙ୍କୁ ମାଗଣାରେ ବିଶ୍ୱସ୍ତରୀୟ ଚିକିତ୍ସା ମିଳିବ

**ପିଏମ୍‌ଏସ୍‌ଆର୍‌ଏଫ୍ ସହ ଚୁକ୍ତି କଲେ ରାଜ୍ୟ ସରକାର**

**ଭୁବନେଶ୍ୱର, ୨୫।୩ (ବ୍ୟୁରୋ)**

ହୃଦ୍‌ରୋଗୀଙ୍କୁ ରାଜ୍ୟ ସରକାର ମାଗଣାରେ ବିଶ୍ୱସ୍ତରୀୟ ଚିକିତ୍ସା ସେବା ଯୋଗାଇଦେବେ। ଏଥିପାଇଁ ଶନିବାର ପ୍ରଶାନ୍ତି ମେଡିକାଲ ସର୍ଭିସ ଆଣ୍ଡ୍ ରିସର୍ଚ୍ଚ ଫାଉଣ୍ଡେଶନ (ପିଏମ୍‌ଏସ୍‌ଆର୍‌ଏଫ୍) ସହ ଚୁକ୍ତି କରିଛନ୍ତି। ଏହି ୨ ବର୍ଷିଆ ଚୁକ୍ତିନାମା ଫଳରେ ରାଜ୍ୟର ୩ମାସରୁ ୬୫ବର୍ଷ ପର୍ଯ୍ୟନ୍ତ ଥିବା ହୃଦ୍‌ରୋଗୀ ଉପକୃତ ହେବେ। ବର୍ଷକୁ ପ୍ରାୟ ୫୦୦ ଶିଶୁ (୩ମାସରୁ ୧୮ବର୍ଷ) ଏବଂ ୫୦୦ଜଣ ବଡ଼ ଲୋକ (୧୯ ରୁ ୬୫ବର୍ଷ)ଙ୍କୁ ପିଏମ୍‌ଏସ୍‌ଆର୍‌ଏଫ ମାଗଣାରେ ଅସ୍ତ୍ରୋପଚାର କରିବ। ପିଏମ୍‌ଏସ୍‌ଆର୍‌ଏଫ୍ ପକ୍ଷରୁ ଅହମ୍ମଦାବାଦସ୍ଥିତ ଶ୍ରୀ ସତ୍ୟ ସାଇ ହାର୍ଟ ହସ୍ପିଟାଲ ଏବଂ ରାଜକୋଟସ୍ଥିତ ଶ୍ରୀ ସତ୍ୟ ସାଇ ହାର୍ଟ ହସ୍ପିଟାଲରେ ଚିକିତ୍ସା ସେବା ଯୋଗାଇ ଦିଆଯିବ। ରୋଗୀଙ୍କ ପରିବହନ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ସୂଚନାଯୋଗ୍ୟ, ଏହି ଚିକିତ୍ସା ସେବା ପାଇଁ ରାଜ୍ୟ ସରକାର ପୂର୍ବରୁ ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ମଧ୍ୟ ପିଏମ୍‌ଏସ୍‌ଆର୍‌ଏଫ୍ ସହ ଚୁକ୍ତି କରିଥିଲେ। ଏହି ସମୟ ଭିତରେ ୯୪୦ ଶିଶୁ ଏବଂ ୨୫୬ ଜଣ ଆଡ଼ଲଟ ହୃଦ୍‌ରୋଗୀ ଉପକୃତ ହୋଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୧୮ରୁ କ୍ଷେତ୍ର ବୁଲିବେ ...

ଫୁଟ୍ କମିଯାଇଛି। ଯଦି ଏହି ହାରରେ ପାଣି କମେ ତେବେ ମେ' ମାସରେ ଉତ୍କଟ ଜଳ ସମସ୍ୟା ଦେଖାଯିବ। ପାଣି କିମ୍ବା ବିଜୁଳି ମିଳିବ ନାହିଁ। ଭୁବନେଶ୍ୱର ସମେତ ରାଜ୍ୟରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେବ ବୋଲି ସେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ, ମହାନଦୀ ଜଳ ପ୍ରସଙ୍ଗ ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର ଚଳିତ ବିଧାନସଭା ଅଧିବେଶନରେ ଉଠାଇଥିଲେ। ମହାନଦୀର ଜଳସ୍ରୋତ ନେଇ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଗୃହରେ ଏକ ବିବୃତି ଦେବା ପାଇଁ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏ ନେଇ ଗୃହରେ ଏକ ମୋଶନ ଜରିଆରେ ଆଲୋଚନା ହେଉ ବୋଲି ଦାବି କରିଥିଲେ। ଉଭୟ ଭାଜପା ଓ କଂଗ୍ରେସ ମହାନଦୀ ପ୍ରସଙ୍ଗରେ ମୋଶନ ଆଣି ଆଲୋଚନା କରିବାକୁ ଦାବି କରିଛନ୍ତି। ଆସନ୍ତା ୩୧ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ପାରିତ ହେବ। ଏହା ପରେ ମହାନଦୀ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ବାଚସ୍ପତି କହିଛନ୍ତି।

### ସାବରକର ନୁହେଁ ...

ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ହିନ୍ଦୁତ୍ୱବାଦୀ ନେତା ବିନାୟକ ଦାମୋଦର ସାବରକରଙ୍କୁ ଟାର୍ଗେଟ କରି ରାହୁଲ କହିଥିଲେ, ସେ ବ୍ରିଟିଶ ଶାସକଙ୍କୁ ସହାୟତା କରିଥିଲେ ଓ ସେମାନଙ୍କୁ ଭୟକରି କ୍ଷମା ଆବେଦନ କରିଥିଲେ। ସେ ସାବରକର ନୁହନ୍ତି ଯେ କ୍ଷମା ମାଗିବେ ବୋଲି ରାହୁଲ ସ୍ପଷ୍ଟ କରିଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ଏପ୍ରିଲରେ କର୍ଣ୍ଣାଟକର କୋଲାରଠାରେ ଏକ ନିର୍ବାଚନୀ ରାଲିରେ ଯୋଗଦେଇ ରାହୁଲ କହିଥିଲେ, ସବୁ ମୋଦି ସାଙ୍ଗ୍ୟାଧାରୀ ଚୋର ହେଉଛନ୍ତି କିପରି। ଏ ନେଇ ଦାଏର ମାନହାନି ମାମଲାର ବିଚାର କରି ଗତ ଗୁରୁବାର ସୁରଟ କୋର୍ଟ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡାଦେଶ ଦେଇଥିଲେ। ଫଳରେ ଶୁକ୍ରବାର ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଯାଇଥିଲା। ଆଦାନୀ ପ୍ରସଙ୍ଗରେ ରାହୁଲଙ୍କ ପରବର୍ତ୍ତୀ ଭାଷଣକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୟଭୀତ। ଏଥିରୁ ଲୋକଙ୍କ ଦୃଷ୍ଟି ହଟାଇବା ପାଇଁ ଏହି ଖେଳ କରାଯାଇଥିବା ରାହୁଲ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସେ ଭାରତୀୟଙ୍କ ଗଣତାନ୍ତ୍ରିକ ସ୍ୱର ପାଇଁ ଲଢ଼େଇ କରୁଛନ୍ତି ଓ ଏହା ଜାରି ରହିବ। ସଦସ୍ୟତା ରଦ୍ଦ, ଜେଲଦଣ୍ଡ ଆଦି ଧମକରେ ସେ ଭୟଭୀତ ନୁହନ୍ତି। ବ୍ୟବସାୟୀ ଗୌତମ ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କର ସମ୍ପର୍କ କ'ଣ ତାହା ଉପରେ ସେ ପ୍ରଶ୍ନ ପଚାରିବା ଜାରି ରଖିବେ ବୋଲି ରାହୁଲ କହିଛନ୍ତି। ଖବରଦାତା ସମ୍ମିଳନୀରେ ରାହୁଲଙ୍କ ସହ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଏବଂ କେ.ସି. ବେଣୁଗୋପାଳ ଉପସ୍ଥିତ ଥିଲେ।

### ଏମ୍‌ପି, ବିଧାୟକଙ୍କ ...

ଓ ବେଆଇନ ହୋଇଥିବାରୁ ଏହାକୁ ସମ୍ବିଧାନ ଅଧିକାର ବାହାରେ ବୋଲି ଘୋଷଣା କରିବାକୁ ମୁରଲୀଧରନ ପିଟିଶନରେ ଦାବି କରିଛନ୍ତି। ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ଦ୍ୱାରା ନିର୍ବାଚିତ ଜନପ୍ରତିନିଧିଙ୍କ ସଦସ୍ୟତା ରଦ୍ଦ କରାଯିବା ଦ୍ୱାରା ତାଙ୍କ ଉପରେ ଜନସାଧାରଣ ନ୍ୟସ୍ତ କରିଥିବା ଦାୟିତ୍ୱ ନିର୍ବାହ କରିବାରୁ ସେ ବଞ୍ଚିତ ହୋଇଥାନ୍ତି। ଏହା ଗଣତାନ୍ତ୍ରିକ ନୀତିର ପରିପନ୍ଥୀ ବୋଲି ମୁରଲୀଧରନ କହିଛନ୍ତି। ଅପରାଧକୁ ବିଚାରକୁ ନିଆ ନ ଯାଇ ସଦସ୍ୟତା ସ୍ୱତଃ ରଦ୍ଦ କରିଦିଆଯିବା, ସ୍ୱାଭାବିକ ନ୍ୟାୟ ବିରୁଦ୍ଧ। ଅନେକ ସମୟରେ ତଳ କୋର୍ଟଙ୍କ ରାୟ ଉଚ୍ଚତର କୋର୍ଟରେ ବଦଳିଯାଇଥାଏ। ଏଭଳି ସ୍ଥିତିରେ ଯେଉଁ ଜନପ୍ରତିନିଧି ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରିବା ଲାଗି ଜନାଦେଶ ପାଇଥିଲେ, ତାଙ୍କର ମୂଲ୍ୟବାନ ସମୟକୁ ବ୍ୟର୍ଥ କରାଯାଇପାରିବ କି ବୋଲି ପିଟିଶନରେ ପ୍ରଶ୍ନ କରାଯାଇଛି। ଆଇନଜୀବୀ ଦୀପକ ପ୍ରକାଶଙ୍କ ଜରିଆରେ ମୁରଲୀଧରନ ଏହି ପିଟିଶନ ଦାଏର କରିଛନ୍ତି।

### ଭାରତରୁ ଲୋପ ...

ଦେଖିବାକୁ ମିଳନ୍ତି। ୨୦୦୨ରେ ଅନ୍ତର୍ଜାତୀୟ ସଂରକ୍ଷଣ କେନ୍ଦ୍ର (ଆଇୟୁସିଏନ୍) ପକ୍ଷରୁ ଶାଗୁଣାକୁ ବିଲୁପ୍ତ ପକ୍ଷୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟାରେ ଶାଗୁଣାଙ୍କ ପ୍ରାଣହାନି ହେଉଥିବା ଦେଖିବାକୁ ମିଳୁଛି। ଫସଲରେ ସାର, କୀଟନାଶକର ବ୍ୟବହାର କରାଯାଉଛି। ଅନ୍ୟପକ୍ଷେ କୁକୁଡ଼ା ଫାର୍ମକୁ ବୁଲା କୁକୁର ଓ ବିଲୁଆଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ ସେମାନଙ୍କୁ ବିଷାକ୍ତ ପଦାର୍ଥ ଦେଇ ମରାଯାଉଛି। ଏମାନଙ୍କ ମୃତଦେହକୁ ଶାଗୁଣା ଖାଇବା ପରେ ମୃତ୍ୟୁ ମୁଖରେ ପଡୁଥିବା ପ୍ରାଣୀ ସୁରକ୍ଷା କର୍ମୀ ମୁବିନା ଅଖତର କହିଛନ୍ତି।

ଆସାମର କାମରୂପ ଜିଲାର ରାଣୀ ଅଞ୍ଚଳରେ ଶାଗୁଣା ସଂରକ୍ଷଣ ପ୍ରଜନନ କେନ୍ଦ୍ର ଖୋଲାଯାଇଛି, ଯେଉଁଠାରେ ୨ଟି ବିଶେଷ ପ୍ରଜାତିର ଶାଗୁଣା ପ୍ରଜନନ କରାଯାଉଛି। ଅନ୍ୟପକ୍ଷେ ବିଷକ୍ରିୟା ଯୋଗୁ ୮୮% ଶାଗୁଣା ପ୍ରଜାତିଙ୍କ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ଗତ ଫେବୃୟାରୀ ୨୪ରେ ଆସାମର ଲଖିମପୁର ଜିଲାରେ ୬ ହିମାଳୟ ଗ୍ରିଫୋନ୍ ପ୍ରଜାତିର ମୃତ ଶାଗୁଣା ମିଳିଥିଲେ। ପଶୁମାନଙ୍କୁ ବିଷ ଦେଇ ମାରିବା ପରେ ସେମାନଙ୍କ ମୃତଦେହକୁ ଖାଇ ଉକ୍ତ ଶାଗୁଣାଙ୍କ ମୃତ୍ୟୁ ଘଟିଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା। ପ୍ରାଣୀ ସୁରକ୍ଷା ଧାରା ୧୯୭୨ ଅନ୍ତର୍ଗତ ଗ୍ରିଫନ୍ ଶାଗୁଣାକୁ ବିଲୁପ୍ତ ପ୍ରଜାତି ତାଲିକାଭୁକ୍ତ କରାଯାଇଥିଲା। ସେହିପରି ବିଷକ୍ରିୟା ଯୋଗୁ ଆସାମରେ ୨୦୨୨ ମାର୍ଚ୍ଚରେ ପାଖାପାଖି ୧୦୦ ଶାଗୁଣା ମରିଥିବା ଜଣାପଡ଼ିଛି। ବାଘଙ୍କ ସୁରକ୍ଷା ପାଇଁ ସରକାର ଏବଂ ଅଣ ସରକାରୀ ସଙ୍ଗଠନ (ଏନ୍‌ଜିଓ) ଗୁଡ଼ିକ ଯେଉଁଭଳି ଭାବେ 'ସେଭ୍ ଟାଇଗର' କ୍ୟାମ୍ପେନ୍ ଆରମ୍ଭ କରିଛନ୍ତି ସେହିପରି ଶାଗୁଣାଙ୍କୁ ବିଲୁପ୍ତ ହେବାକୁ ନ ଦେବା ଲାଗି ଅଭିଯାନ କରାଯିବାର ଆବଶ୍ୟକତା ରହିଥିବା ମୁବିନା କହିଛନ୍ତି ।

### ଗଡ଼କରୀଙ୍କୁ ଚିଠି ଲେଖିଲେ ....

ଚିଠି ଲେଖିଛନ୍ତି । ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତା କାମ ସାରିବାକୁ ସେ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, ୨୦୧୭ରୁ ଏହି ରାଜପଥ କାମ ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) କରୁଛି। ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏହି କାର୍ଯ୍ୟ ଶେଷ ହୋଇନାହିଁ। ଜାତୀୟ ରାଜପଥ-୫୫ ପଶ୍ଚିମ ଓଡ଼ିଶାର ଜୀବନରେଖା। ଲକ୍ଷ ଲକ୍ଷ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ତେବେ ଏହି ରାସ୍ତାର ଅଧାପନ୍ତରିଆ ନିର୍ମାଣ କାର୍ଯ୍ୟ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟି ବହୁ ଜୀବନହାନି ହେଉଛି। ଗତ ୨ ବର୍ଷ ମଧ୍ୟରେ ୩୯୯ଟି ଦୁର୍ଘଟଣାରେ ୧୯୬ ଜଣଙ୍କ ମୂଲ୍ୟବାନ ଜୀବନ ଯାଇଛି। ରାସ୍ତା କାମ ଶେଷ ହେବାରେ ବିଳମ୍ବ ହେତୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେଣୁ ପ୍ରକଳ୍ପ କାମ ଶୀଘ୍ର ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗଡ଼କରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ନିର୍ମାଣରେ ହେଉଥିବା ବିଳମ୍ବକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ କରାଯିବା ସହ ଜାତୀୟ ରାଜପଥ ପ୍ରାଧିକରଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରି କି ଓଡ଼ିଶା ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ମଧ୍ୟ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ବହୁବାର ଚିଠିଲେଖି ଅନୁରୋଧ କରାଯାଇଛି। ଏହା ସତ୍ତ୍ୱେ ରାସ୍ତା କାମ ଅତ୍ୟନ୍ତ ଧିମା ଗତିରେ ଚାଲିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ମନ ବୁଝିଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। ଯାତ୍ରା ସମୟରେ ଅସାବଧାନତା ହେତୁ କିମ୍ବା ଅନ୍ୟମନସ୍କ କାରଣରୁ ଅର୍ଥହାନିର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିବାଦର ସମ୍ମୁଖୀନ ହେବାକୁ ପଡ଼ିବ। କଳା, ସାହିତ୍ୟ, ସଂସ୍କୃତି ଓ ସାଂସ୍କୃତିକ ଅନୁଷ୍ଠାନରେ ସାମିଲ ହୋଇପାରନ୍ତି।

**ବୃଷ** ହିତୈଷୀଙ୍କ ପରାମର୍ଶରେ ପାରିବାରିକ ସମସ୍ୟାଜନିତ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ସନ୍ତାନଙ୍କ ଉଚ୍ଚଶିକ୍ଷା ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ। ବ୍ୟବସାୟିକ ଦିଗ ଏବଂ ଜମିଜମା କାରବାର କ୍ଷେତ୍ରରେ ସାଧାରଣ ଅଗ୍ରଗତି ଘଟିବ।

**ମିଥୁନ** କର୍ମକ୍ଷେତ୍ରରେ କିଛିଟା ବ୍ୟତିକ୍ରମକୁ ନେଇ ସହକର୍ମୀଙ୍କ ସହ ମନାନ୍ତର ଘଟିବ। କାର୍ଯ୍ୟରେ ଅବହେଳା ଜନିତ ପଦାଧିକାରୀଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ ଓ କ୍ରୀଡ଼ା ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପୂର୍ବାପେକ୍ଷା ସ୍ୱାସ୍ଥ୍ୟାବସ୍ଥାରେ ସାଧାରଣ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ** ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା ଦିଗରେ ମନ ବଳାଇବେ। କର୍ମକ୍ଷେତ୍ରରେ ସୁଯୋଗର ସଦ୍‌ବ୍ୟବହାର କରି ଖୁସି ରହିପାରନ୍ତି। ବିବାଦୀୟ ଘଟଣା କ୍ରମଶଃ ସମାଧାନ ଦିଗକୁ ଗତି କରୁଥିବାରୁ ଟେନସନ୍ କମିଯିବ। ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

**ସିଂହ** କର୍ମାଧିପ ଶନିଙ୍କ ସହ ରାହୁ ଦୃଷ୍ଟିରେ ଥିବାରୁ କୌଣସି କାର୍ଯ୍ୟାରମ୍ଭ ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ। ଯାତ୍ରା କାଳରେ ସତର୍କ ନ ହେଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ଦୋଷ, ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ମିଥ୍ୟା କୈଫିୟତ୍ ଦେବାକୁ ପଡ଼ିପାରେ। ଅଭାବ ନଥାଇ ମଧ୍ୟ ପାରିବାରିକ ସମସ୍ୟାରେ ଚିନ୍ତିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିପାରିବେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବାଧ ହୋଇପାରନ୍ତି। ବୈବାହିକ କାର୍ଯ୍ୟ ସକାଶେ ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହୋଇପାରେ।

**ତୁଳା** ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ବ୍ୟସ୍ତତା ଅନୁଭବ କରିବେ। ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ସାମାଜିକ ସ୍ତରରେ ସମ୍ମାନ ଲାଭ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ପସନ୍ଦ କରିପାରନ୍ତି। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ବନ୍ଧୁମାନଙ୍କ ସହ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିବେ।

**ବିଛା** ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କଠାରୁ କ୍ରମଶଃ ଦୂରେଇ ଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବ୍ୟବସାୟ ଓ ପରିବହନରେ ସନ୍ତୋଷଜନକ ସଫଳତା ପାଇବେ।

**ଧନୁ** ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ତଦନୁଯାୟୀ ବନ୍ଧୁଙ୍କ ସହ ଆଲୋଚନା କରିବେ। ସନ୍ତାନଙ୍କ ଶିକ୍ଷା ଓ ପରୀକ୍ଷାର ସଫଳତାରେ ସନ୍ଦେହମନା ହୋଇ ଅସ୍ଥିରତା ପ୍ରକାଶ କରିପାରନ୍ତି। ସହମତିରେ କାମ କଲେ ସଫଳତା ମିଳିବ। କଠିନ ଶ୍ରମ ଓ ଅନିଦ୍ରାଜନିତ ସ୍ୱାସ୍ଥ୍ୟରେ ପ୍ରତିକୂଳ ପ୍ରଭାବ ପଡ଼ିବାର ସୂଚନା ରହିଛି।

**ମକର** କାମରେ ପ୍ରତିବନ୍ଧକ ଲାଗିରହିବା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ପୁନଶ୍ଚ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାମାଜିକ ସ୍ତରରେ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି। ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। କୋର୍ଟକଚେରି ଫଳ ଅନୁକୂଳ।

**କୁମ୍ଭ** କେତେକ ସମ୍ଭାବ୍ୟ ସମସ୍ୟାକୁ ନେଇ ପିଲାମାନଙ୍କ ଆଗାମୀ ଉଚ୍ଚଶିକ୍ଷା ସକାଶେ ମନ ଭାରାକ୍ରାନ୍ତ ରହିପାରେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବା କାରଣରୁ ଅନ୍ୟମାନଙ୍କ ସହ ତର୍କ ଓ ବିବାଦ ବଢ଼ିବାର ସୂଚନା ରହିଛି। ତୃତୀୟସ୍ଥ ରାହୁ ଓ ଶୁକ୍ର ମଙ୍ଗଳ କ୍ଷେତ୍ରସ୍ଥ ଯୋଗୁ ନିଜ କାମ ଛାଡ଼ି ପରକଥାରେ ମୁଣ୍ଡ ପୂରାନ୍ତୁନି।

**ମୀନ** ଗୁରୁତ୍ୱପୂର୍ଣ୍ଣ କାମଟିରେ ଅବହେଳା କରି ଅନୁତାପ କରିପାରନ୍ତି। ଆଜିର ଅବସର ସମୟରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ନୂତନ ଚାକିରି ଅଫର ପରିପ୍ରେକ୍ଷୀରେ ବିଦେଶ ଯାତ୍ରା ଯୋଗର ପ୍ରସ୍ତୁତି କରିପାରନ୍ତି। ପ୍ରକାଶନ, ପ୍ରଶାସନ, କଚେରି ମାମଲା କ୍ଷେତ୍ରରେ ସାମୟିକ ସମସ୍ୟା ଦେଖାଦେଇପାରେ।

ଆଜି ଚୈତ୍ର ଶୁକ୍ଳ ୫ମୀ ରବିବାର, ମାର୍ଚ୍ଚ ୨୬ ତାରିଖ, ରାଶିନକ୍ଷତ୍ର-କୃତ୍ତିକା/ବୃଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୯ ଗତେ ଘ .୦୯।୫୧ ମଧ୍ୟେ, ଘ. ୦୧।୨୩ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୨୪ ଗତେ ଘ.୦୫।୫୫ ମଧ୍ୟେ ରାହୁକାଳ।




# ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲା ଗସ୍ତ ଆଜି

## ସୁରକ୍ଷା ଦାୟିତ୍ୱରେ ୩ ଏସ୍‌ପି, ୪୮ ପ୍ଲାଟୁନ ପୋଲିସ ଫୋର୍ସ

**ଛତ୍ରପୁର,୨୫।୩(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଗଞ୍ଜାମ ଜିଲା ଗସ୍ତରେ ଆସିବେ। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମୁଖ୍ୟମନ୍ତ୍ରୀ ହିଞ୍ଜିଳି, କବିସୂର୍ଯ୍ୟନଗର ଓ ଛତ୍ରପୁରରେ ସାଧାରଣ ସଭାରେ ଉଦବୋଧନ ଦେବା ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ପଟ୍ଟା ବଣ୍ଟନ କରିବେ। ଜିଲାରେ ୧୯୫୨.୮୯ କୋଟି ଟଙ୍କାର ୮୨୫ଟି ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିସହ ୨୨ ହଜାର ୨୦୦ ସ୍ୱୟଂ ସହାୟକ ଗୋଷ୍ଠୀର ୨.୨୪ ଲକ୍ଷ ମିଶନ ଶକ୍ତି ମହିଳାଙ୍କୁ ୬୧୯ କୋଟି ଟଙ୍କାର ବିନା ସୁଧରେ ଋଣ ଓ ସହାୟତା ପ୍ରଦାନ କରିବେ। ୨୦ ହଜାର ହିତାଧିକାରୀଙ୍କୁ ଗ୍ରାମକଣ୍ଠ ଘରଡିହ ପଟ୍ଟା ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ଜିଲାର ୩ଟି ସ୍ଥାନରେ କାର୍ଯ୍ୟକ୍ରମ ଥିବାରୁ ୩ଜଣ ଏସ୍‌ପିଙ୍କୁ ପୃଥକ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱ ଦିଆଯାଇଛି। ଛତ୍ରପୁର ସହର ପାଇଁ ବ୍ରହ୍ମପୁର ଏସପି, ହିଞ୍ଜିଳି ପାଇଁ ଗଞ୍ଜାମ ଏସପି ଏବଂ କବିସୂର୍ଯ୍ୟନଗର ପାଇଁ କନ୍ଧମାଳ ଏସପି ଦାୟିତ୍ୱରେ ରହିଛନ୍ତି। ଏଥିସହ ୧୫୦ରୁ ଊର୍ଦ୍ଧ୍ୱ ସିନିୟର ପୋଲିସ ଅଫିସର, ୪୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ଗଞ୍ଜାମ ଏସପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ପୂର୍ବାହ୍ନ ୧୧ ଟାରେ ମୁଖ୍ୟମନ୍ତ୍ରୀ ହେଲିକେପ୍ଟର ଯୋଗେ ଆସି କବିସୂର୍ଯ୍ୟନଗରରେ ପହଞ୍ଚିବେ। ପରେ ହିଞ୍ଜିଳି ଓ ଶେଷରେ ଛତ୍ରପୁରରେ କାର୍ଯ୍ୟକ୍ରମ ସାରି ଅପରାହ୍ନ ୪ ଟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଯକ୍ଷ୍ମା ନିରାକରଣରେ ଓଡ଼ିଶା ଦ୍ୱିତୀୟ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

ଯକ୍ଷ୍ମା ବା ଟିବି ରୋଗ ନିରାକରଣରେ ସାରା ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଏ ନେଇ ଇଣ୍ଡିଆ ଟିବି ରିପୋର୍ଟ ୨୦୨୩ରେ ପ୍ରକାଶ ପାଇଛି। ଏ ସମ୍ପର୍କରେ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି। ଟିମ୍‌ର ଉତ୍ସର୍ଗୀକୃତ ଉଦ୍ୟମ ଯୋଗୁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। କିଛିଦିନ ତଳେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଥିଲେ ଓଡ଼ିଶା ଟିବି ରୋଗକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଛି। ଲଗାତାର କିଛିବର୍ଷ ହେବ ଯକ୍ଷ୍ମା ନିୟନ୍ତ୍ରଣରେ ସମଗ୍ର ଦେଶରେ ଓଡ଼ିଶା ସଫଳତା ହାସଲ କରିଚାଲିଛି। ପୂର୍ବରୁ ମଧ୍ୟ ଓଡ଼ିଶା ଦ୍ୱିତୀୟ ଓ ତୃତୀୟରେ ରହିଥିଲା। ୨୦୨୫ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ଯକ୍ଷ୍ମାମୁକ୍ତ କରିବାକୁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି।

# ଐତିହ୍ୟ ରୂପାନ୍ତର ପୁରୀର ଗୁରୁତ୍ୱ ବୃଦ୍ଧି କରିବ

## ପୁରୀ, କଟକରେ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ

**ଭୁବନେଶ୍ୱର(ବ୍ୟୁରୋ)/ପୁରୀ/ କଟକ ଅଫିସ,୨୫।୩**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆଗେଇ ଚାଲିଛି। ଏହାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଶନିବାର ପୁରୀ ଏବଂ କଟକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ପାଣ୍ଡିଆନ ପ୍ରଥମେ ପୁରୀ ଗସ୍ତକରି ଶ୍ରୀ ଜଗନ୍ନାଥଙ୍କ ଐତିହ୍ୟ କରିଡର ଅନ୍ତର୍ଗତ ଶ୍ରୀ ସେତୁ ଏବଂ ଜଗନ୍ନାଥ ବଲ୍ଲଭ ଯାତ୍ରୀ ନିବାସ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ୫-ଟି ସଚିବ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଐତିହ୍ୟ ରୂପାନ୍ତର କାର୍ଯ୍ୟକ୍ରମ ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ପୁରୀର ଗୁରୁତ୍ୱ ବେଶ୍ ବୃଦ୍ଧି ପାଇବ। ତେଣୁ ପୁରୀ ପ୍ରକଳ୍ପର ଅଗ୍ରଗତି ପ୍ରତି ସପ୍ତାହରେ ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

ଅପରାହ୍ନରେ ୫-ଟି ସଚିବ ପାଣ୍ଡିଆନ କଟକରେ ପହଞ୍ଚି ସହରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରଥମେ ସେ ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲ ନିର୍ମାଣସ୍ଥଳରେ ପହଞ୍ଚି ବିଲ୍ଡିଂ କାମର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ସହ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଜୁନ୍ ୧୫ସୁଦ୍ଧା ଟର୍ମିନାଲ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଖାନ୍‌ନଗରରେ ୧୫ ଏକର ପରିମିତ ଅଞ୍ଚଳରେ ୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ଜି ପ୍ଲସ୍-୨ ବସ୍ ଟର୍ମିନାଲ ନିର୍ମାଣ ଚାଲିଛି। ଏହା ରାଜ୍ୟର ପ୍ରଥମ ମଡେଲ ବସ୍ ଟର୍ମିନାଲ ହେବାକୁ ଯାଉଛି। ଗୋଟିଏ ସ୍ଥାନରେ ଯାତ୍ରୀମାନଙ୍କୁ ରେଳ ଷ୍ଟେଶନ ଏବଂ ବିମାନ ବନ୍ଦର ଭଳି ସେବା ଯୋଗାଇ ଦେବାକୁ ସରକାର ଯୋଜନା କରି ଏହି ବସ୍ ଟର୍ମିନାଲ ନିର୍ମାଣ କରୁଛନ୍ତି। ଏହି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଟର୍ମିନାଲର ୨ଏକର ଜମିରେ କମର୍ସିଆଲ ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ସ୍ୱତନ୍ତ୍ର କମ୍ପ୍ଲେକ୍ସ ପାଇଁ ଟେଣ୍ଡର ଆହ୍ୱାନ ସରିଛି। ଏହି ଅତ୍ୟାଧୁନିକ ବସ୍ ଟର୍ମିନାଲରେ ସମୁଦାୟ ୩୩ଟି ରୁମ୍ ରହିଛି। ଗ୍ରାଉଣ୍ଡ ଫ୍ଲୋରରେ ୩୦ଟି ଦୋକାନ ଘର ଥିବାବେଳେ ଫାଷ୍ଟ ଏବଂ ସେକେଣ୍ଡ ଫ୍ଲୋର୍‌ରେ ଶପିଂମଲ ପାଇଁ ବଡ କମର୍ସିଆଲ ରୁମ୍ ରହିଛି। ଟର୍ମିନାଲରେ ପ୍ରାୟ ୧୮୦ ବସ୍ ଏକ ସାଙ୍ଗରେ ରହିପାରିବ। ସେହିପରି ବସ୍ ପ୍ରବେଶ ଓ ବାହାରିବା ପାଇଁ ଅଲଗା ରାସ୍ତା, ଡ୍ରାଇଭରଙ୍କ ନିମନ୍ତେ ରେଷ୍ଟରୁମ୍, ମହିଳା ଓ ପୁରୁଷ ଯାତ୍ରୀଙ୍କ ପାଇଁ ଡର୍ମିଟୋରି ଆଦି ରହିଛି। ଏଥିସହ ଯାତ୍ରୀଙ୍କ ସୁରକ୍ଷା ପାଇଁ ସିସିଟିଭି ବ୍ୟବସ୍ଥା ସହ ପୋଲିସ୍ ଆଉଟ୍‌ପୋଷ୍ଟରେ ୨୪ ଘଣ୍ଟିଆ ପ୍ରହରା ବ୍ୟବସ୍ଥା ଉପଲବ୍ଧ ହେବ। ପରେ ୫-ଟି ସଚିବ କଟକ ଚଣ୍ଡୀ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ଏଥିସହ ମନ୍ଦିରରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ମନ୍ଦିରର ସୌନ୍ଦର୍ଯ୍ୟକରଣର ଅଗ୍ରଗତି ସହିତ ସମସ୍ୟା ନେଇ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ବିଶେଷ କରି ଜଳ ନିଷ୍କାସନ, ପାର୍କିଂ ଓ ମରାମତି କାର୍ଯ୍ୟ ଚାଲୁ ରହିଛି। ପରେ ସଚିବ ରାଣୀହାଟରେ ନବନିର୍ମିତ କ୍ଲକ ଟାୱାର ଓ ତାଳଦଣ୍ଡା କେନାଲର ନିର୍ମାଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ଶେଷରେ ଛତ୍ରବଜାରରେ ନିର୍ମାଣାଧୀନ ଭେଣ୍ଡିଂ ଜୋନ୍ ସମୀକ୍ଷା କରିଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମବେଳେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ସିଏମ୍‌ସି କମିଶନର ନିଖିଲ ପୱନ୍ କଲ୍ୟାଣ, ଡିସିପି ପିନାକ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।


୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଶନିବାର କଟକ ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

- ଜୁନ୍ ୧୫ସୁଦ୍ଧା ନେତାଜୀ ବସ୍ ଟର୍ମିନାଲ କାର୍ଯ୍ୟ ଶେଷ ହେବ
- ନୂଆ ବର୍ଷରେ ଲୋକାର୍ପିତ ହେବ ମା' କଟକ ଚଣ୍ଡୀ ମନ୍ଦିରର ନୂଆରୂପ




# କେଶରୀ ଇଷ୍ଟେଟ୍ ସଂସ୍ଥା ଏମ୍‌ଡିଙ୍କ ଘରୁ ଦେଢ଼ କେଜି ସୁନା ଜବତ ସୂଚନା

## ଘର ଦେବା ଆଳରେ ସାଢ଼େ ୫ କୋଟି ଠକେଇ ମାମଲା

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ଘର ଦେବା ଆଳରେ ଜମାକାରୀଙ୍କଠାରୁ କେଶରୀ ଇଷ୍ଟେଟ୍ ସଂସ୍ଥା ସାଢ଼େ ୫କୋଟି ଟଙ୍କା ଠକେଇ ମାମଲାର ବେଆଇନ ଅର୍ଥ କାରବାର ଦିଗକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତଦନ୍ତ ଜୋରଦାର ଚଳାଇଛି। ଶୁକ୍ରବାର ଇଡି ପକ୍ଷରୁ ସଂସ୍ଥାର ନିର୍ଦ୍ଦେଶକ ଅକ୍ଷୟ କୁମାର ଚୌଧୁରୀଙ୍କ ଘର ସମେତ ୪ଟି ସ୍ଥାନରେ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ କରିଥିବାବେଳେ ଶନିବାର ଅକ୍ଷୟଙ୍କ ଭାଇ ତଥା ସଂସ୍ଥାର ଏମ୍‌ଡି ଅଜୟ ଚୌଧୁରୀଙ୍କ ଘରୁ ଦେଢ଼ କେଜି ସୁନା ଜବତ କରିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି, ଯାହାର ଆନୁମାନିକ ମୂଲ୍ୟ କୋଟିଏ ଟଙ୍କା ଉପରେ ହେବ ବୋଲି ଜଣାପଡ଼ିଛି। ଏହାସହ ପୁରୀସ୍ଥିତ ମେ ଫେୟାର ହୋଟେଲରେ ହୋଇଥିବା ଝିଅ ବାହାଘର ସମୟରେ ଜମାକାରୀଙ୍କ ୮୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବା ଇଡି ଜାଣିବାକୁ ପାଇଛି। ତେଣୁ ଏହାର କାଗଜପତ୍ର ସବୁ ଜବତ କରି ଅଧିକ ଖୋଳତାଡ଼ ଚଳାଇଛି। ଶୁକ୍ରବାର ଫରେଷ୍ଟ ପାର୍କ ପ୍ଲଟ ନଂ.୨୬୧, ସୂର୍ଯ୍ୟନଗର ଏ୬ସ୍ଥିତ ବାସଭବନ, କେଶରୀ ଟକିଜ୍ ନିକଟସ୍ଥ ସଂସ୍ଥାର ଅଫିସ ଓ ଗଞ୍ଜାମ ଜିଲା ବ୍ରହ୍ମପୁରର ଗୋଟିଏ ସ୍ଥାନରେ ଇଡି ପକ୍ଷରୁ ଯାଞ୍ଚ କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଟଙ୍କା ଓ ସୁନା ଆଦି ଜବତ କରାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଏହି ସଂସ୍ଥା ୨୦୦୮ରେ ପୋଖରୀପୁଟ ନିକଟରେ ୩୦ଟି ଡୁପ୍ଲେକ୍ସ ପ୍ରୋଜେକ୍ଟ ଆରମ୍ଭ କରିଥିଲା। ଏଥିପାଇଁ ଲୋକଙ୍କଠାରୁ ୩୦ଲକ୍ଷ ଲେଖାଏ ନେଇଥିଲା। ଏଠାରେ ଘର ନିର୍ମାଣ ବିଳମ୍ବ ହେବାରୁ ଲୋକମାନେ ଟଙ୍କା ଫେରିପାଇବା ପାଇଁ ଦାବି କରିଥିଲେ। ପରେ ସଂସ୍ଥା ୨୦୧୩ରେ ଯଦୁପୁର ମୌଜାରେ ଅନ୍ୟ ଏକ ପ୍ରୋଜେକ୍ଟ ଆରମ୍ଭ କରିଥିଲା। ସେଠାରେ ୪୪ଟି ଡୁପ୍ଲେକ୍ସ ପାଇଁ ଉକ୍ତ ଲୋକଙ୍କ ଠାରୁ ଆଉ କିଛି ଟଙ୍କା ନିଆଯାଇଥିଲା। ଏଭଳିଭାବରେ ୧୮ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କଠାରୁ ଉକ୍ତ ସଂସ୍ଥା ସାଢ଼େ ୫କୋଟି ଟଙ୍କା ନେଇ ଠକେଇ କରିଥିଲା। ଏନେଇ ଜମାକାରୀମାନେ ୨୦୨୦ରେ ଅଭିଯୋଗ କରିବା ପରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏକ ମାମଲା (ନଂ.୬/୨୦୨୦) ରୁଜୁ କରି ତଦନ୍ତ କରିବା ସହ ସେହିବର୍ଷ ସେପ୍ଟେମ୍ବର ୮ରେ ନିର୍ଦ୍ଦେଶକ ଅକ୍ଷୟ କୁମାର ଚୌଧୁରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିସହ ଅକ୍ଷୟଙ୍କ ବଡ଼ଭାଇ ତଥା ଏମ୍‌ଡି ଅଜୟ ଚୌଧୁରୀଙ୍କ ସମେତ ଆଉ କିଛି ଲୋକଙ୍କୁ ମଧ୍ୟ ଇଓଡବ୍ଲ୍ୟୁ ଅଭିଯୁକ୍ତ ଦର୍ଶାଇଥିଲା। ପରେ ଏହି ମାମଲାର ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ଏକ ମାମଲା ରୁଜୁ କରି ତଦନ୍ତ କରୁଛି।



> ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡ଼ିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। **-ଶ୍ରୀଅରବିନ୍ଦ**

# ରାସ୍ତା ବଦଳାଇବାର ବେଳ



**ଆକାର ପଟେଲ**

୨୦୧୪ରେ ମନମୋହନ ସିଂ କହିଥିଲେ- ଏହା ମୋର ଦୃଢ଼ ବିଶ୍ୱାସ, ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ ହେଲେ ତାହା ଦେଶ ପାଇଁ ବିପର୍ଯ୍ୟୟ ଆଣିବ। ଏହାର ୪ ବର୍ଷ ପରେ ସେ ପୁଣି କହିଥିଲେ, ଅତ୍ୟଧିକ ଲୋକ ମୋଦିଙ୍କ ଦକ୍ଷତା କିମ୍ବା ସେ ଲାଗୁ କରୁଥିବା ସାର୍ବଜନୀନ ନୀତି ସମ୍ପର୍କରେ ଜାଣିବାକୁ ଆଉ ବେଶି ସମୟ ଲାଗିବ ନାହିଁ। ତେବେ ଆଉ କେଇଟା ଦିନ ପରେ ସରକାର ୧୦ ବର୍ଷରେ ପଦାର୍ପଣ କରିବ। ଏଣୁ ସିଂଙ୍କ କଥା ସମ୍ପୂର୍ଣ୍ଣ ସତ କି ଅର୍ଦ୍ଧସତ କିମ୍ବା ପୂରା ଭୁଲ୍, ତାହା ଜାଣିବା ଲାଗି ଏହା ଏକ ଲମ୍ବା ସମୟ। କିଛି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦିଙ୍କ ପ୍ରଦର୍ଶନ ଉପରେ ମତାମତ ଦେବାର ବହୁ ପ୍ରମାଣ ଥିବା ଯେତେବେଳେ ମୋତେ ଜଣାପଡ଼ିଥିଲା, ସେତେବେଳେ ମୁଁ 'ଦି ପ୍ରାଇସ୍ ଅଫ୍ ଦି ମୋଦି ଇୟର୍ସ' ବହି ଲେଖା ଆରମ୍ଭ କରିଥିଲି। ଦୁଇଟି ପ୍ରକାଶନ ପରେ ଏବେ ପୁନର୍ବାର ତାହା ପ୍ରକାଶ ପାଉଛି। ମୋ ପକ୍ଷେ ନୂଆ ପ୍ରକାଶନରେ ବିଶେଷକରି ସଂଗ୍ରହ କରିଥିବା କେତେକ ବୈଶ୍ୱିକ ସୂଚକାଙ୍କର ନବୀକରଣ ଦରକାର। ତେବେ ୨୦୧୪ ପୂର୍ବରୁ ଓ ତା' ପରେ ବିଭିନ୍ନ ବିଷୟରେ ଭାରତର ସ୍ଥିତି କ'ଣ ରହିଛି ତାହା ଏହି ସୂଚକାଙ୍କଗୁଡ଼ିକ ମୂଲ୍ୟାଙ୍କନ କରିଛି। ଏହିସବୁ ସୂଚକାଙ୍କ ମଧ୍ୟରୁ ଅଧିକାଂଶରେ (୫୩ରୁ ୪୯ଟିରେ) ଭାରତ ତଳକୁ ଖସିବା ଘଟଣାରେ ମୋଦିଙ୍କ ସମାଲୋଚକମାନେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, କାରଣ ସେମାନେ ପୂର୍ବରୁ ଏହା ଆକଳନ କରିଛନ୍ତି। ସେହିଭଳି ମୋଦିଙ୍କ ସମର୍ଥକମାନେ ବି ଆଶ୍ଚର୍ଯ୍ୟ ହେବେ ନାହିଁ, କାରଣ ସେମାନେ ବିଶ୍ୱାସ କରନ୍ତି ଯେ, ବିଶ୍ୱ ପକ୍ଷପାତୀ ହୋଇ ଭାରତ ବିରୋଧୀ ଅଭିଯାନ ଚଳାଇ ଏଭଳି ସୂଚକାଙ୍କ ପ୍ରସ୍ତୁତ କରୁଛି। ତେବେ ଏହି ବହି ଲେଖି ବିଗତ ବର୍ଷଗୁଡ଼ିକରେ ଲଗାତର ତାକୁ ନବୀକରଣ କରିବାକୁ ପଡୁଛି। ଏଥିରୁ ବୁଝାପଡୁଛି, ମୁଁ ସବୁ ବିଷୟରେ ତଥ୍ୟ ଓ ସୂଚନା ରଖିଆସିଛି। ଜଣେ ଏହି ତଥ୍ୟକୁ ଗ୍ରହଣ କରନ୍ତୁ ବା ନ କରନ୍ତୁ, କିନ୍ତୁ ତାଙ୍କୁ ଏହା ଜାଣିବାକୁ ପଡ଼ିବ। ପକ୍ଷପାତୀ କହିବା ଅର୍ଥ ଏଥିରୁ ଦୂରେଇଯିବା, ଯାହା ସରକାର କରିଛନ୍ତି। ତେବେ ଚଳିତ ସପ୍ତାହ ଘଟଣାଗୁଡ଼ିକୁ ଦେଖି ସେଗୁଡ଼ିକୁ ବହିର ଗୋଟିଏ ସ୍ଥାନରେ ରଖିବାକୁ ଚାହିଁଲି। ଏହିସବୁ ବିଷୟ ଭାରତରେ ଘଟୁଥିବା ଗଣତାନ୍ତ୍ରିକ ସ୍ୱାଧୀନତା ଏବଂ ଅଧିକାର ସମ୍ପର୍କିତ, ଯାହାକୁ ବିଶ୍ୱର ଅନ୍ୟସବୁ ଦେଶ ସ୍ୱୀକାର କରିଛନ୍ତି। ଥିଙ୍କ୍ ଟ୍ୟାଙ୍କ ବା ପରାମର୍ଶ ଦେଉଥିବା ବିଶେଷଜ୍ଞ ସମୂହ ଦ୍ୱାରା ଏହି ବିଷୟରେ ତଥ୍ୟ ସଂଗ୍ରହ କରାଯାଇଛି। ଥିଙ୍କ୍ ଟ୍ୟାଙ୍କ ମଧ୍ୟରୁ କେତେକ ରୂଢ଼ିବାଦୀ (ବାମପନ୍ଥୀ) ହୋଇଥିବାବେଳେ ଆଉ କେତେକ ଉଦାରବାଦୀ। ସେମାନେ ଅନୁଧ୍ୟାନ କରି କେବଳ ଭାରତ ନୁହେଁ, ବରଂ ସବୁ ଦେଶର ର୍ୟାଙ୍କ ସ୍ଥିର କରିଛନ୍ତି। ଏଣୁ ସେମାନଙ୍କର ଏହା ଏକ ଭାରତକେନ୍ଦ୍ରିକ କାର୍ଯ୍ୟସୂଚୀ ବୋଲି ଭାବିବା ଠିକ୍ ନୁହେଁ।

ଲଣ୍ଡନସ୍ଥିତ ଦି ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ ୨୦୨୦ରେ ତା'ଗଣତନ୍ତ୍ର ସୂଚକାଙ୍କରେ ଭାରତକୁ ନିମ୍ନ ର୍ୟାଙ୍କରେ ସ୍ଥାନୀତ କରି ଏହାକୁ 'ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର' ଭାବେ ବର୍ଗୀଭୁକ୍ତ କରିଥିଲା। ୨୦୨୨ ସୂଚକାଙ୍କରେ ବି ସମାନ ପ୍ରକାର ଘଟିଛି। ନାଗରିକ ସ୍ୱାଧୀନତା ଓ ରାଜନୈତିକ ସଂସ୍କୃତିରେ ଏହା ତଳେ ରହିଛି ଓ ୨୦୧୭ ପରେ ଭାରତର ର୍ୟାଙ୍କ ନିମ୍ନଗାମୀ ହେବା ଆରମ୍ଭ ହୋଇଛି। ୱାଶିଂଟନରେ ଥିବା କାଟୋ ଇନ୍‌ଷ୍ଟିଚ୍ୟୁଟ ତରଫରୁ ମାନବୀୟ ସ୍ୱାଧୀନତା ସୂଚକାଙ୍କ ପ୍ରକାଶ ପାଏ। ଏହା ଅନ୍ତର୍ଜାତୀୟ ସ୍ତରରେ ଆଇନର ଶାସନ, ଧର୍ମୀୟ ସ୍ୱାଧୀନତା, ନାଗରିକ ସ୍ୱାଧୀନତା ଓ ବାଣିଜ୍ୟିକ ସ୍ୱାଧୀନତା ଉପରେ ଆକଳନ କରିଥାଏ। ୨୦୨୨ ସୂଚକାଙ୍କରେ ଭାରତ ୧୧୨ ର୍ୟାଙ୍କରେ ଅଛି। ଏହାବାଦ୍ ଆମେରିକା ସରକାରଙ୍କ ଥିଙ୍କ୍‌ଟ୍ୟାଙ୍କ ଫ୍ରିଡମ ହାଉସ ଦ୍ୱାରା ପ୍ରକାଶିତ ୨୦୧୪ 'ବିଶ୍ୱରେ ସ୍ୱାଧୀନତା' ରିପୋର୍ଟରେ ଭାରତର ର୍ୟାଙ୍କ ଥିଲା ୭୭। ୨୦୨୦ରେ ଭାରତକୁ 'ଆଂଶିକ ସ୍ୱାଧୀନ' ବର୍ଗରେ ରଖାଯାଇଥିଲା ଏବଂ କଶ୍ମୀରକୁ ସ୍ୱାଧୀନ ନୁହେଁ ବୋଲି ସୂଚିତ କରାଯାଇଥିଲା। ୨୦୨୨ରେ ଏହି ଦୁଇଟି ଅପରିବର୍ତ୍ତିତ ରହିଛି ଏବଂ ଭାରତର ର୍ୟାଙ୍କ ଆହୁରି ତଳକୁ ଖସିଛି। ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗସ୍ଥିତ ସିଭିଲ୍ ସୋସାଇଟିର ବୈଶ୍ୱିକ ମେଣ୍ଟ ସିଭିକସ୍ ଦ୍ୱାରା ଜାତୀୟ ସ୍ତରରେ ନାଗରିକ କ୍ଷେତ୍ରରେ ପ୍ରସ୍ତୁତ ୨୦୧୭ ବାର୍ଷିକ ନୀରିକ୍ଷଣ ରିପୋର୍ଟରେ ଭାରତକୁ ତଳ ର୍ୟାଙ୍କରେ ରଖାଯାଇଥିଲା। ୨୦୨୨ରେ ମଧ୍ୟ ଏହି କ୍ଷେତ୍ରରେ ଭାରତ ୧୦୦ ଦେଶ ମଧ୍ୟରେ ୩୨ତମ ସ୍ଥାନରେ ଅଛି। ବର୍ଟେଲସମ୍ୟାନ ଷ୍ଟିଫଟୁଙ୍ଗ ପଲିଟିକାଲ ଟ୍ରାନ୍ସଫରମେଶନ ଇଣ୍ଡେକ୍ସବା ସୂଚକାଙ୍କ ଜର୍ମାନୀର ଗୁଟେର୍ସଲୋହରେ ପ୍ରସ୍ତୁତ କରାଯାଇଛି। ମୁକ୍ତ ନିର୍ବାଚନ ଓ ରାଜନୈତିକ ଭାଗୀଦାରି ବିଚାରଧାରା ସହ ଆଇନ ଶାସନର କାର୍ଯ୍ୟକାରିତା ଓ ଗତାନ୍ତ୍ରିକ ବ୍ୟବସ୍ଥାର ଗ୍ରହଣୀୟତା, ପ୍ରତିନିଧିତ୍ୱ ଓ ରାଜନୈତିକ ସଂସ୍କୃତିକୁ ଏଥିରେ ସାମିଲ କରିଛି। ୨୦୧୫ରେ ଏଥିରେ ଭାରତ ଥିଲା ୨୬ତମ ସ୍ଥାନରେ। ୨୦୨୨ରେ ତଳକୁ ଖସି ୫୦ ର୍ୟାଙ୍କରେ ରହିଛି ଓ ଭାରତକୁ ଏକ 'ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର' ଭାବେ ସୂଚୀଭୁକ୍ତ କରିଛି।

ସୁଇଡେନର ଗୋଥେନବର୍ଗ ବିଶ୍ୱବିଦ୍ୟାଳୟ ମଧ୍ୟ ୧୯୭୨ରୁ ବିଭିନ୍ନ ପ୍ରକାର ଗଣତାନ୍ତ୍ରିକ ସୂଚକାଙ୍କ ପ୍ରସ୍ତୁତ କରିଆସୁଛି। ୧୯୭୫ ଓ ୧୯୭୬ରେ ଏହା ଭାରତକୁ 'ନିର୍ବାଚନ ଏକଚ୍ଛତ୍ରବାଦୀ' ରୂପେ ବର୍ଗୀକୃତ କରିଥିଲା। ୧୯୭୭ରୁ ୨୦୧୬ ଯାଏ ଏହା ଭାରତକୁ ଏକ 'ନିର୍ବାଚନଭିତ୍ତିକ ଗଣତନ୍ତ୍ର' ଭାବେ ସ୍ଥାନୀତ କରିଥିଲା। ତେବେ ଗତ ୬ ବର୍ଷ ହେଲା ଏହା ପୁନର୍ବାର ଭାରତକୁ 'ନିର୍ବାଚନ ଏକଚ୍ଛତ୍ରବାଦୀ' ଭାବେ ଦର୍ଶାଇଛି। ଏହା ବିଶ୍ୱର ମୋଟ ଦେଶଗୁଡ଼ିକର ୪୦-୫୦% ଦେଶ ତଳେ ରହି ନାଇଜେରିଆ, ସର୍ବିଆ, ପାକିସ୍ତାନ ଓ ସିଙ୍ଗାପୁର ଗୋଷ୍ଠୀରେ ଅଛି। ସେ ରୂଢ଼ିବାଦୀ ହୁଅନ୍ତୁ କିମ୍ବା ଉଦାରବାଦୀ ଥିଙ୍କ ଟ୍ୟାଙ୍କ, କୌଣସି ଗୋଟିଏ ସୂଚକାଙ୍କରେ ୨୦୧୪ ତୁଳନାରେ ଏବେ ଭାରତକୁ ଗଣତାନ୍ତ୍ରିକ ଓ ଅଧିକ ସ୍ୱାଧୀନ କହିବା ମୁଁ ଦେଖିବାକୁ ପାଇନାହିଁ। କଥା ହେଉଛି, ଏବେ ଆମ ଚାରିପାଖରେ ଯାହା ଘଟୁଛି ତାହା ବହୁଦିନରୁ ଘଟିଆସୁଛି। ସାରା ବିଶ୍ୱ ତାହା ଜାଣିପାରୁଛି ଓ ଅନୁଭବ କରିଛି। ଏବେ ରାସ୍ତା ବଦଳାଇ ଗଣତନ୍ତ୍ର ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବିଶ୍ୱାସକୁ ଫେରିବା ଲାଗି କିଛି ବର୍ଷ ହେଲା ବିଶ୍ୱ ଆମକୁ ସତର୍କ କରିଆସୁଛି।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 2 | 8 |
| 3 | 6 | | | | | | 9 | |
| | | 8 | | | 7 | | | |
| 6 | | | | | 3 | 2 | | 4 |
| 4 | | | 7 | | | 6 | | |
| | | | | 9 | | | 5 | |
| | | | | | | | | |
| | | | 4 | 8 | | 5 | | |
| 2 | 7 | | | 1 | 5 | | 6 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 2 | 9 | 1 | 8 | 6 | 3 | 5 |
| 9 | 6 | 1 | 3 | 5 | 2 | 4 | 7 | 8 |
| 5 | 8 | 3 | 7 | 4 | 6 | 9 | 1 | 2 |
| 7 | 1 | 9 | 4 | 6 | 5 | 8 | 2 | 3 |
| 6 | 3 | 4 | 8 | 2 | 7 | 1 | 5 | 9 |
| 8 | 2 | 5 | 1 | 3 | 9 | 7 | 6 | 4 |
| 2 | 5 | 7 | 6 | 9 | 4 | 3 | 8 | 1 |
| 3 | 9 | 6 | 5 | 8 | 1 | 2 | 4 | 7 |
| 1 | 4 | 8 | 2 | 7 | 3 | 5 | 9 | 6 |

ଗତ କାଲିର ଉତ୍ତର

# ଉତ୍ତର ନ ଥିବା ପ୍ରଶ୍ନ



**ଚିତ୍ର ଚରିତ୍ର**

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

ମଣିଷର ଜ୍ଞାନ ବିଜ୍ଞାନ, ବିଦ୍‌ବତ୍ତା ଓ ବୌଦ୍ଧିକତା ଯେତେ ପ୍ରଖର ହେଲେ ବି କିଛି ଆଧିଭୌତିକ ପ୍ରଶ୍ନ ଚିରକାଳ ତା' ପାଇଁ ରହସ୍ୟ ହୋଇ ରହିଆସିଛି, ଯାହାର ଉତ୍ତର ଖୋଜିବା ତା' ପାଇଁ ଏକ ଆହ୍ୱାନ ହୋଇ ଛିଡ଼ା ହୋଇଛି। ମାତ୍ର ପ୍ରଶ୍ନଟି ଯବଭୌତିକ ପର୍ଯ୍ୟାୟର, ତେବେ ତାହାର ଉତ୍ତର ଖୋଜି ପାଇବା ତଥ୍ୟର ପାହାଡ଼ ଉପରେ ବସିଥିବା ବର୍ତ୍ତମାନର ଲୋକଙ୍କ ପାଇଁ ଏକ ଆହ୍ୱାନ ନୁହେଁ। ମାତ୍ର ଆଶ୍ଚର୍ଯ୍ୟର ବିଷୟ, ଏମିତି କିଛି ପ୍ରଶ୍ନ ଅଛି, ଯାହାର ଉତ୍ତର ଯେତେ ସହଜ ଓ ସ୍ୱାଭାବିକ ମନେହେଉଥିଲେ ବି ସର୍ବଜନ ସମ୍ମୁଖରେ ପ୍ରକାଶ କରିହୁଏନା। ଉତ୍ତରଟିକୁ ନିଜ ଅନ୍ତରରେ ଅବରୁଦ୍ଧ କରି କେବଳ ପ୍ରଶ୍ନଟିକୁ ବାରମ୍ବାର ପଚାରିବାକୁ ହୁଏ ନିଜେ ନିଜକୁ। ଏମିତି ଏକ ବିଚିତ୍ର ମନସ୍ତାତ୍ତ୍ୱିକ ସ୍ଥିତିକୁ ଏ ଲେଖକ ସାମ୍ନା କରିଥିଲା କେଇଦିନ ତଳେ ତା'ର ଜଣେ ପ୍ରାକ୍ତନ ଛାତ୍ର ସହ ସାକ୍ଷାତ୍ ହୋଇଥିଲା ବେଳେ। ପ୍ରକୃତରେ ସେଇ ସାକ୍ଷାତ୍‌ଟି ଥିଲା ଚିନ୍ତା ଉଦ୍ରେକକାରୀ।

ପ୍ରସନ୍ନ ନାମକ ସେଇ ଛାତ୍ରଟି ଥିଲା ଅତ୍ୟନ୍ତ ମେଧାବୀ। ତାଙ୍କ ଜନ୍ମବେଳେ ନିଜ ଲଲାଟରେ ଅଦୃଶ୍ୟ ଭାବେ ଅଙ୍କିତ ମେଧାର ବରଦାନ ବ୍ୟତୀତ ଆଉ ଯାହା ଲେଖାହୋଇଥିଲା, ତାହା ଥିଲା ଅଭିଶପ୍ତ ଅଭାବ। ଚରମ ଦାରିଦ୍ର୍ୟ ଭିତରେ ବଞ୍ଚୁଥିବା ପିତାମାତାଙ୍କ କୋଳରେ ଜନ୍ମ ନେଇଥିବା ହେତୁ ବହୁବାର ବନ୍ଦ ହେଉ ହେଉ ଯେନତେନ ଆଗେଇ ଯାଇଥିଲା ତାଙ୍କ ବିଦ୍ୟାର୍ଥୀ ଜୀବନ। ନିଜର ସକଳ ସାମର୍ଥ୍ୟ ସତ୍ତ୍ୱେ ବ୍ୟୟସାପେକ୍ଷ ମେଡିକାଲ ବା ଇଞ୍ଜିନିୟର ବିଦ୍ୟାଠାରୁ ପ୍ରସନ୍ନ ଥିଲା ଏକ ଅପହଞ୍ଚ ଦୂରତ୍ୱରେ। ବାଧ୍ୟ ହୋଇ ସାଧାରଣ କଳା ପାଠ୍ୟକ୍ରମରେ ନାମ ଲେଖାଇଥିଲା ସେ। ଶିକ୍ଷା ଉପରେ ଅର୍ଥର ଆସୁରିକ ପ୍ରଭାବକୁ ପ୍ରତିହତ କରି ଉଭୟ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଦୁଇ ଦୁଇଟି ସ୍ୱର୍ଣ୍ଣପଦକରେ ବିଭୂଷିତ ହୋଇଥିଲା ସେ। ବହୁଦିନର ବ୍ୟବଧାନ ପରେ ପ୍ରସନ୍ନ ସହ ସାକ୍ଷାତ୍‌ରୁ ସୃଷ୍ଟି ହୋଇଥିଲା ଏକ ସ୍ୱାଭାବିକ ଆନୁଷ୍ଠାନିକ ପ୍ରଶ୍ନ- 'ଏବେ କ'ଣ କରୁଛ ପ୍ରସନ୍ନ!' ପ୍ରସନ୍ନଙ୍କ ମେଧାପଣ ସହ ତାଙ୍କ ଅନ୍ଧାରି ଅତୀତ ସହ ପରିଚିତ ଥିବା ଏ ଲେଖକ ତାଙ୍କଠାରୁ ଏକ ଆଲୋକିତ ବର୍ତ୍ତମାନର ସନ୍ଦେଶ ପାଇବାକୁ ଅପେକ୍ଷା କରୁଥିଲା ବେଳେ ଉତ୍ତର ମିଳିଲା, ''ଏବେ କିଛି କରୁନାହିଁ ସାର୍। ଗୋଟିଏ ଚାକିରି ପାଇଁ ମୋ ଅପେକ୍ଷାର ଅବସାନ ଏଯାଏଁ ବି ହୋଇନାହିଁ।''

ହତାଶାରେ ଭରପୂର ପ୍ରସନ୍ନଙ୍କ ଏହି ଉତ୍ତର ତାଙ୍କ ମେଧାପଣ ସହ ପରିଚିତ ଯେକୌଣସି ଲୋକଙ୍କୁ ସ୍ତବ୍ଧ ଚକିତ କରିଦେବା ପାଇଁ ଯଥେଷ୍ଟରୁ ଅଧିକ ଥିଲା। ଏବେ ସବୁ କଥା ଫିଟାଇ କହିଲେ ପ୍ରସନ୍ନ- ''ତିନୋଟି ସରକାରୀ ଚାକିରି ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ବଛା ହୋଇଥିଲେ ମଧ୍ୟ ଅନ୍ତିମ ପର୍ଯ୍ୟାୟରେ କେଉଁ ରହସ୍ୟମୟ କାରଣ ପାଇଁ କେଜାଣି ମୁଁ ବାଦ୍ ପଡ଼ିଯାଉଥିଲି। ମୋ ହାତର ରୋଜଗାରକୁ ଚାହିଁ ଚାହିଁ ଦୁଃଖିନୀ ମାଆ ମୋର ସବୁଦିନ ପାଇଁ ଆଖି ବୁଜିଦେଲା ପରେ ବଡ଼ ଚାକିରିଟିଏ ପାଇବାର ଆଶା ହରାଇ ଅନୁଦାନ ପାଇବାକୁ ତଥାପି ଅପେକ୍ଷା କରିଥିବା ଏକ ଗ୍ରାମ୍ୟ କଲେଜରେ ଅଧ୍ୟାପକ ଭାବେ ଯୋଗଦେଲି। ମୋ ସ୍ୱର୍ଣ୍ଣପଦକକୁ ଶତ ଧନ୍ୟବାଦ, ହଜାରେ ଟଙ୍କାର ମାସିକ ବେତନର ଚାକିରି ପାଇଁ ଅନ୍ୟ ଆଶାୟୀମାନଙ୍କୁ ପଚାଶ ହଜାର ଟଙ୍କାର ଡୋନେସନ ଦେବାକୁ ପଡ଼ିଥିବାବେଳେ ମୋ ପାଇଁ ଦଶ ହଜାରରେ ନିଯୁକ୍ତିପତ୍ର ମିଳିଗଲା। ବାପାଙ୍କ ଜମି ବିକି ସେତକ ପଇଠ କରି ଜୀବନର ନିର୍ମମ ବାସ୍ତବତା ସହ ସାଲିସ କରି ଆଣୁଥିଲା ବେଳେ ଆସିଲା କଲେଜର ବାର୍ଷିକ ପରୀକ୍ଷା।''

''ବାର୍ଷିକ ପରୀକ୍ଷାରେ ଆମ ଶିକ୍ଷା ବ୍ୟବସ୍ଥାର ଭିନ୍ନ ଏକ ରୂପ ପ୍ରତ୍ୟକ୍ଷ କରି ମୁଁ ନିଜ ଭିତରେ ବିଦ୍ରୋହୀ ହୋଇ ଉଠିଲି। ପରୀକ୍ଷାର୍ଥୀମାନଙ୍କ ପାଇଁ ଶିକ୍ଷକମାନେ କଳାପଟାରେ ଉତ୍ତର ଲେଖି ଦେଉଥିଲେ ନିର୍ବିକାର ଭାବେ। ସେଇ ମହତ୍ କାର୍ଯ୍ୟଟି ସମ୍ପାଦନ କରିବାକୁ ମୋତେ କୁହାଯିବାରୁ ମୁଁ ପ୍ରତିବାଦ କଲି। ଏମିତି ଏକ ଅନୈତିକ କାର୍ଯ୍ୟ ଭବିଷ୍ୟତରେ ବିଷମ ଫଳ ଆଣିବ ବୋଲି ଚେତାଇ ଦେବାରୁ ମୋ ଉପରେ ଅଜାଡ଼ି ପଡ଼ିଲା ଜଗତଯାକର ତାଚ୍ଛଲ୍ୟ। କ୍ରମାଗତ ତିନିଥର ବିଏ ଫେଲ୍ ହୋଇ ସରପଞ୍ଚ ହୋଇଥିବା ତଥା କଲେଜ କମିଟିର ସମ୍ପାଦକ ଥିବା ମହାଶୟ ଶୁଣାଇଦେଲେ, ''ଅଧ୍ୟାପକଙ୍କ ବିନା ସହଯୋଗରେ ପିଲାମାନଙ୍କର ପାସ୍ କରିବାର ଥିଲେ ସେମାନେ ବଡ଼ ବଡ଼ କଲେଜରେ ନ ପଢ଼ି ଏଠି ପଢ଼ିଥା'ନ୍ତେ କାହିଁକି? କେବଳ ସହଜରେ ପାସ୍ କରିବା ପାଇଁ ତ ସେମାନେ ମୋଟା ଅଙ୍କର ଅର୍ଥ ଦେଇ ଏଠାରେ ନାମ ଲେଖାଇଛନ୍ତି ଏବଂ ସେମାନଙ୍କ ଅର୍ଥରୁ ଦରମା ନେଇ ଆପଣ ଅଧ୍ୟାପକ ବୋଲାଉଛନ୍ତି।'' ବାସ୍, ତା'ପରେ ନିଷ୍ପତ୍ତି ନେବାର ପାଳି ଥିଲା ମୋର। ଚାକିରି ଛାଡ଼ି ଚାଲିଆସିଲି।''



ଏ ଲେଖକ ଭିତରେ ଏକ ଉତ୍ସୁକ ଶ୍ରୋତାଙ୍କୁ ପାଇ ବଡ଼ ଆବେଗରେ ଗପି ଚାଲିଥିଲେ ପ୍ରସନ୍ନ। 'ଆମ ସାଙ୍ଗରେ ପଢୁଥିବା ଅଜୟ କଥା ମନେଅଛି ସାର୍? ସେଇ ଅଜୟ, ଯିଏ ପରୀକ୍ଷା ହଲ୍‌ରେ ଜଣେ ନିରୀକ୍ଷକଙ୍କୁ ମାରି ଲହୁଲୁହାଣ କରିଥିବା ଅପରାଧରେ ଜେଲ ଯାଇଥିଲା। ସେଇ ଯେ ତା'ର ଜେଲଯାତ୍ରାର ପ୍ରଥମ ଅଧ୍ୟାୟ ଆରମ୍ଭ ହୋଇଥିଲା, ପରେ ପରେ ହାତରେ ଛୁରି, ଭୁଜାଲି ଧରି କେତେ କାହାକୁ ଲୁଟିଛି ଓ କେତେବାର ଯେ ଜେଲ ଯାଇଛି, ତାହାର ହିସାବ ତା' ନିଜ ପାଖରେ ମଧ୍ୟ ନ ଥିବ। ସେଇ ଲୁଟ୍ ଲବ୍ଧ ଅର୍ଥକୁ ପୁଞ୍ଜି କରି ଏବେ ସେ ଗୋଟିଏ ବଡ଼ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ତଥା ଗୋଟିଏ ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତା।

ଅଳ୍ପଦିନ ତଳେ ତା' ସହିତ ଭେଟ ହୋଇଥିଲା। ମୋତେ ବେକାର ଥିବାର ଦେଖି ତା' ପ୍ରତିଷ୍ଠାନରେ ଚାକିରିଟିଏ ଯାଚୁଥିଲା। ମାତ୍ର ଅନ୍ତରର ଯେଉଁ ଆହ୍ୱାନ ଉପରେ ଆସ୍ଥା ରଖି କଲେଜର ଅଧ୍ୟାପକ ଚାକିରି ଛାଡ଼ିଲି, ତାହାକୁ ଜଳାଞ୍ଜଳି ଦେଇ ଅଜୟର ଭେଟି ଗ୍ରହଣ କରିପାରିଥା'ନ୍ତି କିପରି? ଏଇଠି ପ୍ରସନ୍ନଙ୍କ କଥା ଶେଷ ହୋଇଥିଲା ଓ ଆରମ୍ଭ ହୋଇଥିଲା ସେଇ ପ୍ରଶ୍ନ, ଯାହାର କିଛି ଉତ୍ତର ନ ଥିଲା ଏଇ ଲେଖକ ପାଖରେ। ପ୍ରସନ୍ନ ପଚାରୁଥିଲା ''କୁହନ୍ତୁ ତ ସାର୍! କଲେଜର ସେଇ ଅଧ୍ୟାପକଙ୍କ ଚାକିରି ଓ ଅଜୟ ଯାଚିଥିବା ଚାକିରି ଛାଡ଼ି ମୁଁ କ'ଣ କିଛି ଭୁଲ୍ କରିଛି ?''

ଏକଦା ତାଙ୍କୁ ପାଠ ପଢ଼ାଇଥିବା ଶିକ୍ଷକଙ୍କ ପାଖରୁ ନିଜ ପ୍ରଶ୍ନର କୌଣସି ଉତ୍ତର ନ ପାଇ ପ୍ରସନ୍ନ ସେଦିନ ଫେରିଯାଇଥିଲେ। ହଜିଯାଇଥିଲେ ଦୁନିଆର ଭିଡ଼ ଭିତରେ, ନିଜ ଗଳାରେ ବେକାର ଯୁବକ, ବିତାଡ଼ିତ ଅଧ୍ୟାପକର ପରିଚୟ ଝୁଲାଇ। ନିଜ ବୌଦ୍ଧିକ ଚେତନାର ଶିଖରକୁ ଯାଇ ପ୍ରସନ୍ନଙ୍କ ପ୍ରଶ୍ନର ଉତ୍ତର ଖୋଜୁଥିଲା ଏ ଲେଖକ। ଦାରିଦ୍ର୍ୟର ତୀବ୍ର ତାଡ଼ନା, ନିଷ୍ଫଳା ମେଧାର ଦାରୁଣ ବିଫଳତା, ନୈତିକତା ଓ ସାଧୁତାର ସ୍ପର୍ଶରେ ମ୍ଳାନ ପଡ଼ିଯାଇ ଅନୀତି ଓ ଅସାଧୁତାରେ ଉଜ୍ଜ୍ୱଳ ଦେଖାଯାଉଥିବା ସମାଜର ଉଗ୍ର ବାସ୍ତବତା ମଧ୍ୟରେ ଦୁଇ ଦୁଇଟି ଚାକିରି ଛାଡ଼ି ପ୍ରସନ୍ନ କ'ଣ ଠିକ୍ କରିଛି! ଦୀର୍ଘ ଅଧ୍ୟାପନା କାଳର ଶହ ଶହ ଛାତ୍ରୀଛାତ୍ରଙ୍କ ବହୁ ସରଳ ଜଟିଳ ପ୍ରଶ୍ନର ଉତ୍ତର ଦେବାର ସାମର୍ଥ୍ୟ ବହନ କରି ଆସିଥିବା ସତ୍ତ୍ୱେ ସେଦିନ ତା'ର ଜଣେ ପୁରାତନ ଛାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରି ନିଜକୁ ବଡ଼ ଅସହାୟ ମଣୁଥିଲା ଏ ଲେଖକ। ସେଦିନରୁ ଏଯାଏ ସେଇ ଛାତ୍ରଟି ପାଖରୁ ମୁହଁ ଫେରାଇ ଚାଲି ଆସିବାର ବହୁଦିନ ବିତିଯାଇଥିଲେ ବି ବହୁବାର ପ୍ରଶ୍ନଟି ସହ ଧକ୍କା ଖାଇ ସେ ଢେର ଆହତ ହେଲାଣି। ଢେର ପୀଡ଼ା ପାଇଲାଣି ତା' ଭିତରେ ଥିବା ଶିକ୍ଷକଟି। ସେଇ ପୀଡ଼ାର ଉପଶମ ପାଇଁ ଆଜି ଏହି ସ୍ତମ୍ଭର ପାଠିକାପାଠକଙ୍କ ଆଗରେ ସେଇ ପ୍ରଶ୍ନଟିକୁ ପୁନଃ ଉପସ୍ଥାପନ କରାଯାଇଛି। 'ପ୍ରସନ୍ନ କ'ଣ କିଛି ଭୁଲ୍ କରିଛି'!


ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫


# ଗଣିତର ମେସି

ବୈଦିକ ସମୟରୁ ଆଜିଯାଏ ଗଣିତ ଏକ ଜଟିଳ ବିଷୟ ରହିଆସିଛି। ତାହା କେତେକଙ୍କ ପାଇଁ ସହଜ ହୋଇଥିବା ବେଳେ ଅନେକଙ୍କ ସକାଶେ ଜଟିଳ ହୋଇଥାଏ। ଏ ଦିଗରେ ଗବେଷଣା କରି ଯେଉଁମାନେ ନୂତନ ସମାଧାନ ସୂତ୍ର ବାହାର କରିଥାଆନ୍ତି, ସେହି ଗଣିତଜ୍ଞଙ୍କୁ ସମାଜରେ ବହୁ ସମ୍ମାନ ମିଳିଥାଏ। କିନ୍ତୁ ଦେଖାଯାଇଥାଏ ଉଚ୍ଚକୋଟୀର ଗବେଷକଙ୍କ ସନ୍ଦର୍ଭ ସାଧାରଣରେ ବୁଝିବା କଷ୍ଟକର ହୋଇଥାଏ। ସମ୍ଭବତଃ ସେହି ସୂକ୍ଷ୍ମ ଦିଗକୁ ଅନିଶା କରି ଆର୍ଜେଣ୍ଟିନା ଗବେଷକ ଲୁଇଜ୍ କାଫାରେଲି କହିଥାଆନ୍ତି, ତାଙ୍କ ଅନୁଧ୍ୟାନ ଅଧଡଜନ ଗଣିତଜ୍ଞ ବୁଝିଲା ଭଳି ଅତି-ବୈଦ୍ଧିକ ସ୍ତରର ନୁହେଁ। ସହଜ ସୂତ୍ର ଦେଇ ଗଣକୁ ପ୍ରଭାବିତ କରିବାର ଦକ୍ଷତା ରଖିଥିବା କାଫାରେଲି ଏବେ 'ଏବେଲ ପୁରସ୍କାର' ବିଜୟୀ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୦୨ରେ ନରୱେ ସରକାରଙ୍କ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ଗଣିତରେ ନୋବେଲ ସମ୍ମାନ ନ ଥିବାରୁ ସେହି ଅଭାବ ପୂରଣ ସକାଶେ ନୋବେଲ ସମକକ୍ଷ ଏହି ପୁରସ୍କାର ଗଠନ କରାଯାଇଥିଲା ବୋଲି କୁହାଯାଇଥାଏ। ଗଣିତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଜଣେ ବ୍ୟକ୍ତିବିଶେଷଙ୍କୁ ଏହା ନରୱେର ଓସ୍‌ଲୋଠାରେ ପ୍ରତିବର୍ଷ ପ୍ରଦାନ କରାଯାଇଆସୁଛି। ଫୁଟ୍‌ବଲ ଖେଳରେ ଆର୍ଜେଣ୍ଟିନାର ବିଶ୍ୱବିଖ୍ୟାତ ଖେଳାଳି ଲିଓନେଲ ମେସି ଯେଭଳି ଅତି ସହଜରେ ଗୋଲ ପରେ ଗୋଲ କରି ଦର୍ଶକଙ୍କୁ ଅଫୁରନ୍ତ ଆନନ୍ଦ ଦେଇଥାଆନ୍ତି, ସେହି ମାଟିର ସନ୍ତାନ କାଫାରେଲି ଗଣିତରେ ସହଜ ସମାଧାନ ସୂତ୍ର ବାହାର କରିପାରିଥିବାରୁ ତାଙ୍କୁ 'ଗଣିତର ମେସି' ଆଖ୍ୟା ମଧ୍ୟ ଦିଆଯାଇଛି।



**ବ୍ୟକ୍ତିତ୍ୱ**

**ଲୁଇଜ୍ କାଫାରେଲି**

ଆର୍ଜେଣ୍ଟିନା ରାଜଧାନୀ ବୁଏନ୍ସ ଏରିସ୍‌ରେ କାଫାରେଲି ଜନ୍ମଗ୍ରହଣ କରି ସେହିଠାରେ ବଢ଼ିଥିଲେ। ୧୯୬୮ରେ ସେ ବୁଏନ୍ସ ଏରିସ୍ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକୋତ୍ତର ଓ ୧୯୭୨ରେ ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିଥିଲେ। ତାଙ୍କ ଗବେଷଣା ଉପଦେଷ୍ଟା ଥିଲେ ପ୍ରସିଦ୍ଧ ଗଣିତଜ୍ଞ କାଲିକ୍ସଟୋ କାଲ୍‌ଡେରୋନ୍। ସେ ବର୍ତ୍ତମାନ ଆମେରିକାର ଅଷ୍ଟିନ୍‌ସ୍ଥିତ ୟୁନିଭର୍ସିଟିରେ 'ସିଡ୍ ରିଚାର୍ଡ୍‌ଶନ ଚେୟାର' ଦାୟିତ୍ୱରେ ଅଛନ୍ତି। ଏଥିସହିତ ସେ ୟୁନିଭର୍ସିଟି ଅଫ୍ ମିନେସୋଟା, ଶିକାଗୋ ବିଶ୍ୱବିଦ୍ୟାଳୟ ଏବଂ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର କଉରାଣ୍ଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଥ୍‌ମେଟିକାଲ ସାଇନସେସ୍‌ରେ ମଧ୍ୟ ପ୍ରଫେସର ଭାବେ କାର୍ଯ୍ୟ କରିଆସୁଛନ୍ତି। କାଫାରେଲି ୧୯୮୬ରୁ ୧୯୯୬ ଯାଏ ପ୍ରିନ୍ସଟନ୍‌ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଆଡ୍‌ଭାନ୍ସଡ୍ ଷ୍ଟଡିର ପ୍ରଫେସର ଥିଲେ। ୧୯୭୭ରେ ଅକ୍ଟା ମାଥ୍‌ମେଟିକାରେ ପ୍ରକାଶିତ 'ଦି ରେଗୁଲାରିଟି ଅଫ୍ ଫ୍ରି ବାଉଣ୍ଡାରିଜ୍ ଇନ୍ ହାୟର ଡାଇମେନ୍ସନ୍ସ' ତାଙ୍କୁ ପ୍ରସିଦ୍ଧି ଆଣିଦେଇଥିଲା। ସେବେଠାରୁ ସେ 'ଫ୍ରି ବାଉଣ୍ଡାରିଜ୍ ପ୍ରୋବ୍‌ଲେମ୍ସ ଆଣ୍ଡ୍ ନନ୍‌ଲିନିଅର୍ ପାର୍ସିଆଲ୍ ଡିଫେରେନ୍ସିଆଲ୍ ଇକ୍ୱେସନ୍ସ'ର ପ୍ରମୁଖ ବିଶେଷଜ୍ଞ ଭାବେ ଗଣାଯାଉଛନ୍ତି। ସେ କହିଛନ୍ତି, 'ଆପଣ ସତ୍ୟରେ କେବେ ପହଞ୍ଚି ନ ପାରନ୍ତି, କିନ୍ତୁ ଅତିକମ୍‌ରେ ଏହାର ନିକଟବର୍ତ୍ତୀ ହୋଇପାରିବେ; ଯାହା ଜଟିଳତାର ବାସ୍ତବତାକୁ ସୂଚାଇବ'। ନରୱେଜିଆନ୍ ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ଲେଟର୍ସ ଦ୍ୱାରା ଲୁଇଜ୍ କାଫାରେଲିଙ୍କୁ ପୁରସ୍କାର ଦିଆଯିବା ବେଳେ କୁହାଯାଇଛି ଯେ, ତାଙ୍କ ଗଣିତରେ 'ବୈଷୟିକ ଧାର୍ମିକଭାବ' ଫୁଟି ଉଠିଥାଏ। ଅର୍ଥାତ୍ ସେ ଅତି ସୂକ୍ଷ୍ମ ସ୍ତରର ପାର୍ଥକ୍ୟକୁ ଅତି ସହଜରେ ଦର୍ଶାଇଥାଆନ୍ତି, ଯେଭଳି ପାଣି ଓ ବରଫର ଅବସ୍ଥିତି ସୂଚାଏ। ତାଙ୍କ ଗବେଷଣାର ପ୍ରୟୋଗ ଜଣେ ମଣିଷର ରକ୍ତ ସଞ୍ଚାଳନଠାରୁ ଆରମ୍ଭ କରି ତେଲର ଚଳନକୁ ପୂର୍ବରୁ ଜାଣିବା, ଅଟୋମୋବାଇଲ ଇଞ୍ଜିନ୍‌ର ନିର୍ମାଣ, ଅର୍ଥ ସମ୍ବନ୍ଧୀୟ ଗଣିତ ଏବଂ ବିଶ୍ୱକୁ ବିଶ୍ଳେଷଣ କଲା ଭଳି ମୌଳିକ ମଡେଲକୁ ପରିମାର୍ଜିତ କରିବା ଦିଗରେ ଅଭିପ୍ରେତ।

ବୁଏନ୍ସ ଏରିସ୍‌ରୁ ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିବା ପରେ କାଫାରେଲି ତତ୍‌କ୍ଷଣାତ୍ ମେଧାବୃତ୍ତି ପାଇ ଆମେରିକା ଚାଲିଯିବାରୁ ତାଙ୍କ ଗବେଷଣା ପରିସର ବ୍ୟାପକ ହୋଇଯାଇଥିଲା। ପ୍ରସିଦ୍ଧ 'ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଆଡ୍‌ଭାନ୍ସଡ ଷ୍ଟଡି ଇନ୍ ପ୍ରିନ୍ସଟନ'ରେ ସେ ଦଶନ୍ଧିରୁ ଊର୍ଦ୍ଧ୍ୱ ଗବେଷଣା କରିଥିଲେ, ଯେଉଁଠାରେ ବିଶିଷ୍ଟ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ବିଜ୍ଞାନର ଗଭୀର ଅନ୍ୱେଷଣରେ ନିମଗ୍ନ ଥିଲେ। କାଫାରେଲି କହିଥାଆନ୍ତି, ପଦାର୍ଥ ବିଜ୍ଞାନ ସହ ଗଣିତର ସଂଯୋଗ ବହୁ ଚିତ୍ତାକର୍ଷକ ଉଦ୍ଭାବନ ଆଣିଦେଇଥାଏ। ୭୪ ବର୍ଷୀୟ କାଫାରେଲି ଜୀବନବ୍ୟାପୀ ସାଧନା ପାଇଁ ଅନେକ ପୁରସ୍କାର ପାଇଛନ୍ତି। ସେ ବିଶ୍ୱର ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ମଧ୍ୟ ପାଇଛନ୍ତି। ୨୦୦୫ରେ ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍‌ରୁ ସେ ମର୍ଯ୍ୟାଦାଜନକ ରୋଲ୍ଫ ସାକ୍ ପୁରସ୍କାର ପାଇଥିଲେ। ୨୦୧୨ରେ ଗଣିତରେ ୱୁଲ୍ଫ ପ୍ରାଇଜ୍ ପାଇବା ପରେ ସେ ଆମେରିକାନ୍ ମ୍ୟାଥ୍‌ମେଟିକାଲ ସୋସାଇଟିର ଫେଲୋ ହୋଇଥିଲେ। ତେବେ ୨୦୨୩ରେ 'ଏବେଲ ପୁରସ୍କାର' ତାଙ୍କ ଗବେଷଣା ଜୀବନକୁ ପୂର୍ଣ୍ଣତା ଆଡ଼କୁ ନେଇଛି ବୋଲି କୁହାଯାଉଛି।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଲୁହାକୁ ଯେତେ ପିଟିବ ତାହା ସେତେ ମଜଭୁତ ହେବ- ଏହି କଥାଟିକୁ ସେହି ମହିଳା ଜଣକ ବାରମ୍ବାର ଦୋହରାନ୍ତି ଯିଏ କି ପିଲାଦିନରୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ବେଶ୍ ମଜଭୁତ ହୋଇପାରିଛନ୍ତି। ଏହି ମହିଳା ଜଣକ ହେଉଛନ୍ତି ପଶ୍ଚିମବଙ୍ଗର ୨୬ ବର୍ଷୀୟା ନସିମା ଗେନ୍। ନସିମାଙ୍କୁ ୧୩ ବର୍ଷ ହୋଇଥିବାବେଳେ ତାଙ୍କ ପରିବାରର ଜଣେ ବନ୍ଧୁ ତାଙ୍କୁ ବିକ୍ରି କରିଦେଇଥିଲେ। ବିହାରରେ ତାଙ୍କୁ ହାଉସମେଡ୍ ଭାବେ କାମ କରିବାକୁ ପଡ଼ିଥିଲା। ପରେ ତାଙ୍କ ପରିବାର ତାଙ୍କୁ ଉଦ୍ଧାର କରିଥିଲା। ନସିମା ଆଜି ମାନବ ଚାଲାଣ ବିରୋଧରେ ସଂଗ୍ରାମ ଜାରି ରଖିଛନ୍ତି ଓ ବିକ୍ରି କରିଦିଆଯାଇଥିବା ପୀଡ଼ିତାଙ୍କୁ ଉଦ୍ଧାର କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି। ସେ ୨୦୧୬ରେ ଉତ୍‌ଥାନ କଲେକ୍ଟିଭ ସଂସ୍ଥା ଗଢ଼ିବା ପରେ ୨୦୧୯ରେ ସମାନ ବିଚାରଧାରାର ସଂସ୍ଥାଗୁଡ଼ିକୁ ନେଇ ଇଣ୍ଡିଆନ ଲିଡରଶିପ୍ ଫୋରମ ଏଗ୍ନେଷ୍ଟ ଟ୍ରାଫିକିଙ୍ଗ ଗଠନ କରିଥିଲେ। ଏବେ ଏହି ସଂସ୍ଥାରେ ୪, ୫୦୦ ସଦସ୍ୟ ଅଛନ୍ତି। ନସିମା ଏବେ ସୁଦ୍ଧା ୪,୦୦୦ ପୀଡ଼ିତାଙ୍କୁ ଉଦ୍ଧାର କରି ସେମାନଙ୍କୁ ନୂଆ ଜୀବନ ଓ ଜୀବିକାର ରାସ୍ତା ଦେଖାଇଛନ୍ତି। ସେମାନଙ୍କ ପାଇଁ ବିଭିନ୍ନ ପ୍ରଶିକ୍ଷଣ ବ୍ୟବସ୍ଥା ବି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ମାର୍ଚ୍ଚ ୧୯୯୮**

- ପାକିସ୍ତାନର ବନ୍ଦରନଗରୀ କରାଚୀରେ ଜାତିଆଣ ସଂଘର୍ଷରେ ସଂଖ୍ୟାଲଘୁ ମୋହାଜୀର କ୍ୱାମୀ ଆନ୍ଦୋଳନର ୨୦ ଜଣ କର୍ମୀଙ୍କ ମୃତ୍ୟୁ।
- ପ୍ରବଳ ଘୂର୍ଣ୍ଣିବାତ୍ୟା ଫଳରେ ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲର ଗେବରଘାଟ, ଶ୍ରୀରାମପୁର ଓ ମାଧବପୁର ଗ୍ରାମର ୧୩ଜଣ ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ୩୦ ମୃତ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଧୀରେନ୍ଦ୍ର ନାଥ ଜେନାଙ୍କ ୮୪ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ପିଡିଏସ୍ ଚାଉଳକୁ ନେଇ ଭୟ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକ୍‌ର କେତେକ ପଞ୍ଚାୟତରେ ପିଡିଏସ୍ ଚାଉଳ ଖାଇ ବହୁ ହିତାଧିକାରୀ ଅସୁସ୍ଥ ହେବାର ଅଭିଯୋଗ ହେଉଛି। ସ୍ଥାନୀୟ ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ପିଡିଏସ୍ ଚାଉଳକୁ ନେଇ ସାଧାରଣରେ ଭୟ ଓ ଆଶଙ୍କା ଦେଖାଦେଇଛି। ପ୍ରକାଶ ଯେ ସତ୍ୟବାଦୀ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ହିତାଧିକାରୀମାନେ ରାଶନ ଚାଉଳ ଆଣିଥିଲେ। ଚାଉଳ ଆଣିବା ପରେ ଭାତ କରିବା ପାଇଁ ଉକ୍ତ ଚାଉଳକୁ ପାଣିରେ ପକାଇବା ପରେ ସେଗୁଡ଼ିକ ଭାସିବା ଦେଖାଯାଇଥିଲା। ଭାତ ହେବା ତ ଦୂରର କଥା ତାହା ଜାଉ ହୋଇଯାଇଥିଲା। ଏ ନେଇ ସନ୍ଦେହ ଉପୁଜିବା ପରେ ଅଧିକାଂଶ ଗ୍ରାମର ହିତାଧିକାରୀ ଉକ୍ତ ଚାଉଳକୁ ନିଆଁରେ ପୋଡ଼ିଥିଲେ ମଧ୍ୟ ତାହା ପ୍ଲାଷ୍ଟିକ ଭଳି ତରଳି ଯାଇଥିଲା। ତେବେ ଘଟଣା ସମ୍ପର୍କରେ ବ୍ଲକ୍ ପ୍ରଶାସନକୁ ପଚାରିବାରୁ ଦିଆଯାଉଥିବା ଚାଉଳ ପ୍ଲାଷ୍ଟିକ୍ ନୁହେଁ, ଭିଟାମିନ୍ ଚାଉଳ ବୋଲି କହିଛନ୍ତି। ୨୦୨୩ ଜାନୁୟାରୀରୁ ଏହି ଚାଉଳ ଲୋକଙ୍କୁ ଦିଆଯାଇଛି। ଏହି ଚାଉଳ ପୂର୍ବରୁ ରାଜ୍ୟର ୪ଟି ଜିଲାରେ ଦିଆଯାଉଥିଲେ ବି ଏବେ ସମଗ୍ର ରାଜ୍ୟରେ ଦିଆଯାଉଛି। ପ୍ରତି କେଜି ସାଧାରଣ ଚାଉଳରେ ଶହେ ଗ୍ରାମର ଭିଟାମିନ୍ ଯୁକ୍ତ ଚାଉଳ ମିଶାଇ ଲୋକଙ୍କୁ ଦିଆଯାଉଛି। ଅପରପକ୍ଷରେ ଯଦି ଏହା ଭିଟାମିନ୍ ଯୁକ୍ତ କରାଯାଇଛି ତାହା ସର୍ବଧାରଣରେ ପ୍ରଚାର ପ୍ରସାର କରାଯାଇ ନ ଥିବାରୁ ଏଭଳି ଘଟଣା ଦେଖିବାକୁ ମିଳିଛି।

**- ଦେବତିକ୍ତ ମିଶ୍ର, ବରିଷ୍ଠ ନାଗରିକ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ଜୀବନ-ବେଳା ପରେ
ଖେଳିଲା କେତେ ବୀଚି
ଲାଗିଲା ନବ ନବ ଆଘାତ
ପାରିବି ନାହିଁ କହି ସକଳ ଆଜି ଫେଇ
ଗୋପନ କଥା ଆରେ ସଙ୍ଗାତ!
(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁଖ୍ୟମନ୍ତ୍ରୀଙ୍କୁ ରାତିରେ ଭେଟିଲେ ବିଧାୟକ






## ଟୁଇଟର ହ୍ୟାଣ୍ଡେଲରେ ଶେୟାର କଲେ ପ୍ରଣବ

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ଚଳିତ ବିଧାନସଭା ଅଧିବେଶନରେ ବିରୋଧୀ ଦଳ ବିଭିନ୍ନ ପ୍ରସଙ୍ଗ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ବିଶେଷକରି ବିରୋଧୀ ଦଳ ନେତା ୫-ଟି ଓ ମୋ ସରକାରର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଉଛନ୍ତି। ବାରମ୍ବାର ଏହି ପ୍ରସଙ୍ଗକୁ ଉଠାଇ ଶାସକ ଦଳକୁ ଶାଣିତ ଆକ୍ରମଣ କରୁଛନ୍ତି। ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡଠାରୁ ଆରମ୍ଭ କରି ଦୁର୍ନୀତି, ଶିକ୍ଷା, ଆଇନଶୃଙ୍ଖଳା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଅଡୁଆରେ ପକାଉଛନ୍ତି। ବିରୋଧୀଙ୍କୁ କଡ଼ା ଜବାବ ଦେବାକୁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ବିଧାନସଭା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଶୁକ୍ରବାର ରାତି ୮ଟାରେ ବିଜେଡି ବିଧାୟକମାନେ ନବୀନ ନିବାସରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ବିଧାୟକ ଅରୁଣ ସାହୁ, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ଉମା ସାମନ୍ତରାୟ, ଦିବ୍ୟ ଶଙ୍କର ମିଶ୍ର, ରାଜେନ୍ଦ୍ର ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଜର ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି। ସେ ଲେଖିଛନ୍ତି, ଦିନ ହେଉ ଅବା ରାତି ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଇଁ ସମର୍ପିତ। ସେ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ।

# କଂଗ୍ରେସ କର୍ନାଟକକୁ ନେତାଙ୍କ ଏଟିଏମ୍ କରିବାକୁ ଚାହୁଁଛି: ମୋଦି

**ବେଙ୍ଗାଲୁରୁ,୨୫।୩**

କର୍ନାଟକ ବିଧାନସଭା ନିର୍ବାଚନ ପ୍ରଚାର ଲାଗି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବେଙ୍ଗାଲୁରୁର ଦେବାଗେରେଠାରେ ରୋଡ ଶୋ' କରିଛନ୍ତି। ଏହା ପରେ ଏକ ସାଧାରଣ ସଭାରେ ସେ କହିଛନ୍ତି, କଂଗ୍ରେସ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ କର୍ମକ୍ଷେତ୍ର ଥିବା କାଲବର୍ଗିରେ ବିଜୟ ସଙ୍କଳ୍ପ ଜାରି ରହିଛି। ମେୟର, ଡେପୁଟି ମେୟର ପଦ ଭାଜପା ହାତେଇଛି। କଂଗ୍ରେସ ଦଳର ଜାତୀୟ ଅଧ୍ୟକ୍ଷଙ୍କ ଘରେ ଭାଜପା ବିଜୟ ବାନା ଉଡାଇଛି। ଏହା ରାଜ୍ୟ ପାଇଁ ଏକ ପ୍ରକାର ଶୁଭ ସଙ୍କେତ। ଏହି ଫଳାଫଳ ସ୍ପଷ୍ଟ ଭାବେ ଦର୍ଶାଉଛି ଯେ କର୍ନାଟକରେ ଡବଲ ଇଞ୍ଜିନ ସରକାର ଫେରିବାକୁ ଯାଉଛି। ଗତକାଲି ମୁଁ ସୋସିଆଲ ମିଡିଆରେ କର୍ନାଟକର ଏକ ଭିଡିଓ ଦେଖିଛି। କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏକ ସଭାରେ ନିଜ ଦଳର ଜଣେ କର୍ମୀଙ୍କୁ ସର୍ବସାଧାରଣରେ ଚାପୁଡ଼ା ମାରିବାର ଆନନ୍ଦ ନେଉଥିଲେ। ଯେଉଁମାନେ ସେମାନଙ୍କର କର୍ମୀମାନଙ୍କୁ ସମ୍ମାନ ଦେଇ ପାରୁ ନାହାନ୍ତି, ସେମାନେ ଜନତା ଜନାର୍ଦ୍ଦନଙ୍କୁ କିପରି ସମ୍ମାନ କରିବେ ? କର୍ନାଟକ ଭାଜପାର ପ୍ରତ୍ୟେକ କର୍ମୀ ମୋର ବନ୍ଧୁ । ତେବେ ଭାଜପା ଚାହୁଁଛି କର୍ନାଟକ ବିକାଶର ଏକ ପ୍ରମୁଖ ମଡେଲ ହେଉ କିନ୍ତୁ କଂଗ୍ରେସ ଚାହୁଁଛି ଯେ ରାଜ୍ୟ ଏହାର ନେତାଙ୍କ ପାଇଁ ଏଟିଏମ୍ ହେଉ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଆଦାନୀ ପ୍ରସଙ୍ଗର କିଛି ସମ୍ପର୍କ ନାହିଁ: ରବିଶଙ୍କର

## ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦକୁ ନେଇ କଂଗ୍ରେସର ଅଭିଯୋଗକୁ ଖଣ୍ଡନ

**ନୂଆଦିଲ୍ଲୀ,୨୫।୩**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଦାନୀ ପ୍ରସଙ୍ଗରେ ବିଭିନ୍ନ ପ୍ରଶ୍ନ କରୁଥିଲେ। ଏଥିରେ ଭୟଭୀତ ହୋଇ ଭାଜପା ସରକାରଙ୍କ ନିର୍ଦ୍ଦେଶରେ ରାହୁଲଙ୍କ ସଭ୍ୟ ପଦ ରଦ୍ଦ କରାଯାଇଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ମାତ୍ର ଏ ଅଭିଯୋଗକୁ ବରିଷ୍ଠ ଭାଜପା ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଖଣ୍ଡନ କରିଛନ୍ତି। ସୂଚନାଯୋଗ୍ୟ ଶନିବାର ରାହୁଲ ଗାନ୍ଧୀ ଦିଲ୍ଲୀରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବାର କିଛି ସମୟ ପରେ ରବିଶଙ୍କର ଏ ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। ରାହୁଲଙ୍କ ସଦସ୍ୟତା ରଦ୍ଦ ସହିତ ଆଦାନୀ ପ୍ରସଙ୍ଗର କିଛି ସମ୍ପର୍କ ନାହିଁ ବୋଲି ସେ ସ୍ପଷ୍ଟ କରଛନ୍ତି। ଏଥିସହ ସେ ଅଭିଯୋଗ କରି କହିଛନ୍ତି, ରାହୁଲ ଗୁଜରାଟ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ କଂଗ୍ରେସ ଷ୍ଟେ ଅର୍ଡର ଆଣିବାକୁ ଚାହୁଁ ନାହିଁ। କାରଣ ମାସକ ପରେ ହେବାକୁ ଥିବା କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ଏହାକୁ ମୁଖ୍ୟ ପ୍ରସଙ୍ଗ କରିବ ବୋଲି ଯୋଜନା କରିଛି। ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ବିବୃତ୍ତି ନିଶ୍ଚିତ କରୁଛି ଯେ କର୍ନାଟକ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଏହାର ପ୍ରସିଦ୍ଧ ଆଇନ ବିଶେଷଜ୍ଞଙ୍କ ମତାମତ ଏକ୍ଷେତ୍ରରେ ନେଇନାହିଁ।




# ବିରୋଧୀଙ୍କୁ ହଟାଇବାକୁ ଭାଜପାର ଷଡ଼ଯନ୍ତ୍ର

ସର୍ବଦଳୀୟ ବୈଠକରେ ନେତାଙ୍କ ଅଭିଯୋଗ

## ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦ ପ୍ରସଙ୍ଗ

■ ୨୭ରେ ରାଜଭବନ ଚାଲ ଅଭିଯାନ

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦ ଘଟଣାକୁ ନେଇ ଶନିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଆହୂତ ସର୍ବଦଳୀୟ ବୈଠକରେ ତ୍ରୀବ ନିନ୍ଦା କରାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ବିରୋଧୀଙ୍କ ମୂଳୋତ୍ପାଟନ କରିବା ପାଇଁ ଭାଜପା-ଆର୍‌ଏସ୍‌ଏସ୍‌ର ଏହା ରାଜନୈତିକ ଷଡ଼ଯନ୍ତ୍ର ବୋଲି ନେତାମାନେ ମତବ୍ୟକ୍ତ କରିଛନ୍ତି। ଏହି ଅଗଣତାନ୍ତ୍ରିକ ଘଟଣାର ଜୋରଦାର ପ୍ରତିବାଦ କରିବା ସହ ସମସ୍ତ ବିରୋଧୀ ଦଳ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଜୋରଦାର କରିବାକୁ ନିଷ୍ପତ୍ତି ନିଆଯାଇଛି। ସାମ୍ପ୍ରଦାୟିକତାବାଦ ବିରୋଧରେ ସବୁ ବାମ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଓ ଦେଶପ୍ରେମୀ ବ୍ୟକ୍ତି ଐକ୍ୟବଦ୍ଧ ସଂଗ୍ରାମ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଛି। ଆସନ୍ତା ସୋମବାର ଏହାର ପ୍ରତିବାଦରେ ରାଜଭବନ ଚଲୋ କାର୍ଯ୍ୟକ୍ରମ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି।

ଉକ୍ତ ବୈଠକରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍),ସିପିଆଇ (ଏମ୍‌ଏଲ୍) ଲିବରେଶନ, ସମାଜବାଦୀ ପାର୍ଟି, ଫରୱାର୍ଡ ବ୍ଲକ, ଏନ୍‌ସିପି, ଆମ୍ ଆଦମୀ ପାର୍ଟି, ସମୃଦ୍ଧ ଓଡ଼ିଶା ପ୍ରଭୃତି ଦଳର ନେତାମାନେ ଯୋଗ ଦେଇଥିଲେ। ସର୍ବଦଳୀୟ ବୈଠକରେ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଅଳିକିଶୋର ପଟ୍ଟନାୟକ, ଅଭୟ ସାହୁ, ଜନାର୍ଦ୍ଦନ ପତି, ନାରାୟଣ ରେଡ୍ଡି, ଯୁଧିଷ୍ଠିର ମହାପାତ୍ର, ରବି ବେହେରା, ରଙ୍ଗାଚରଣ ପ୍ରଧାନ, ଯତିଶ ମହାନ୍ତି, ଜ୍ୟୋତିରଞ୍ଜନ ମହାପାତ୍ର, ବିକ୍ରମ ସ୍ୱାଇଁ ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ଏଭଳି ଚକ୍ରାନ୍ତକୁ ଘୋର ନିନ୍ଦା କରଛନ୍ତି।




ରାହୁଲ ଗାନ୍ଧୀଙ୍କୁ ୨ ବର୍ଷ ଜେଲ ଓ ଏମ୍‌ପି ପଦ ରଦ୍ଦ ପ୍ରତିବାଦରେ ଶନିବାର ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ କରାଯାଉଛି।

# ଦେଶର ଗଣତନ୍ତ୍ର ବିପଦରେ: ୟାସିର

## ଛାତ୍ର କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ରାହୁଲ ଗାନ୍ଧୀଙ୍କୁ ୨ ବର୍ଷ ଜେଲ ଏବଂ ଲୋକ ସଭା ସଦସ୍ୟ ପଦ ରଦ୍ଦ ପ୍ରତିବାଦରେ ଶନିବାର ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ଅପରାହ୍ନରେ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଏକ ରାଲି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକରେ ରାସ୍ତା ଅବରୋଧ କରିଥିଲା। ଏହାପରେ ଛାତ୍ର କଂଗ୍ରେସ ପକ୍ଷରୁ ଭାଜପା କାର୍ଯ୍ୟାଳୟ ଆଗରେ ପ୍ରତିବାଦ ପାଇଁ ଯାଉଥିବା ବେଳେ ରାସ୍ତାରେ ୟାସିରଙ୍କ ସମେତ ଅନ୍ୟ ଛାତ୍ର ନେତାଙ୍କୁ ପୋଲିସ ଅଟକାଇବା ସହ ଭ୍ୟାନରେ ନେଇଯାଇଥିଲା।

ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ସ୍ୱରକୁ ଚପାଇ ଦେବାପାଇଁ ମୋଦି ଚକ୍ରାନ୍ତ କରୁଛନ୍ତି। ନରେନ୍ଦ୍ର ମୋଦି ଏବଂ ତାଙ୍କର ପ୍ରିୟ ଶିଳ୍ପପତି ଯେଉଁମାନେ କି ଦେଶର ବ୍ୟାଙ୍କରୁ ଟଙ୍କା ଲୁଟି ନେଇଛନ୍ତି ସେମାନଙ୍କ ବିରୋଧରେ ରାହୁଲ ଗାନ୍ଧୀ ସ୍ୱର ଉତ୍ତୋଳନ କରିବା କ'ଣ ଅପରାଧ। ଭାରତ ଯୋଡ଼ୋ ଯାତ୍ରାରେ ଜନସାଧାରଣଙ୍କ ନିକଟରେ ରାହୁଲ ଗାନ୍ଧୀଙ୍କ ଗ୍ରହଣୀୟତାକୁ ମୋଦି ହଜମ କରିପାରୁନାହାନ୍ତି। ରାହୁଲଙ୍କ ବିରୋଧରେ ଯେଉଁ ମାମଲା ରୁଜୁ ହୋଇଛି ତା'ର ଷଡ଼ଯନ୍ତ୍ର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରୁ ପ୍ରସ୍ତୁତ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ମୋଦିକୃତ ଦୁର୍ନୀତି ବିରୋଧରେ କୌଣସି ଜନପ୍ରତିନିଧି ଯେପରି ଆଉ ସ୍ୱର ଉତ୍ତୋଳନ କରିବେ ନାହିଁ ସେଥିପାଇଁ ଏହି ବ୍ୟବସ୍ଥା ହୋଇଛି। ଅଣଭାଜପା ଦଳ ଯେଉଁମାନେ ଧର୍ମନିରପେକ୍ଷତା ଉପରେ ବିଶ୍ୱାସ ରଖନ୍ତି ସେମାନେ ଏକତ୍ରିତ ହେବାର ସମୟ ଆସିଛି ବୋଲି ସେ କହିଛନ୍ତି। ନିର୍ବାଚିତ ପ୍ରତିନିଧିମାନଙ୍କର ଅଧିକାରକୁ ନରେନ୍ଦ୍ର ମୋଦି ଛଡ଼େଇ ନେବାକୁ ଯୋଜନା କରୁଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ବିପଦରେ। କୋର୍ଟ, ନିର୍ବାଚନ କମିଶନ ଭଳି ସମସ୍ତ ସାମ୍ବିଧାନିକ ଅନୁଷ୍ଠାନ ମୋଦିଙ୍କ ପ୍ରଭାବରେ ନିରପେକ୍ଷତା ଅବଲମ୍ବନ କରିପାରୁନାହାନ୍ତି। ରାହୁଲ ଗାନ୍ଧୀଙ୍କ ମୋଦି ବିରୋଧୀ ଆହ୍ୱାନ ଭାରତର କୋଣଅନୁକୋଣରେ ପହଞ୍ଚି ସାରିଛି। ମୋଦି ଦେଶକୁ ଲୁଣ୍ଠନ କରୁଛନ୍ତି ବୋଲି ସାଧାରଣ

ଜନତାଙ୍କ ନିକଟରେ ରାହୁଲ ପ୍ରମାଣିତ କରିଛନ୍ତି। ରାହୁଲଙ୍କ ନେତୃତ୍ୱ ପ୍ରତି ମୋଦି ଓ ଭାଜପା ଭୟଭୀତ ହୋଇଯାଇଛନ୍ତି। ସଭ୍ୟ ପଦ ରଦ୍ଦ କରିବା ଏକ ଆକ୍ରୋଶମୂଳକ ଏବଂ ଅଗଣତାନ୍ତ୍ରିକ ପଦକ୍ଷେପ ବୋଲି ସାଧାରଣ ଲୋକେ ଅନୁଭବ କରିସାରିଲେଣି ବୋଲି ନୱାଜ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରଜତ ଚୌଧୁରୀ, ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ସୁବ୍ରତ ମହାପାତ୍ର, ରଞ୍ଜିତ ପାତ୍ର, ରଜନୀ ମହାନ୍ତି, ଅଶୋକ ଦାସ, ନିହାର ବେହେରା, ସାଗର ପଟ୍ଟନାୟକ, ରଞ୍ଜିତ ସେନାପତି, ବିଶ୍ୱଭୂଷଣ ମହାପାତ୍ର, ସୁରଜ ରାଉତ, ବିଭୂତିଭୂଷଣ ମହାପାତ୍ର, ମହମ୍ମଦ ଗୁଲଫାମ, ସୁନୀଲ କୁମାର ସାହୁ, ମୁନା ପରିଡ଼ା, ଆର୍ଯ୍ୟାନ ସାସ୍ମଲ, ସୌରଭ ପଟ୍ଟନାୟକ, ଶୁଭ୍ରଜ୍ୟୋତି ଲେଙ୍କା, ସାଇରାମ ପ୍ରମୁଖ ବହୁ ଛାତ୍ର କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

Azadi Ka Amrit Mahotsav
G20 ଭାରତ 2023 INDIA

ଜିଏସ୍‌ଟି ଟିକସଦାତା ଧ୍ୟାନ ଦିଅନ୍ତୁ!

ଯେଉଁ ଟିକସଦାତାଙ୍କ ସର୍ବମୋଟ ବାର୍ଷିକ କାରବାର# ଏକ ବିନିର୍ଦ୍ଦିଷ୍ଟ ସୀମା* ପର୍ଯ୍ୟନ୍ତ ଅଛି, ସେମାନେ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଜିଏସ୍‌ଟି କମ୍ପୋଜିଶନ୍ ଯୋଜନାର ବିକଳ୍ପକୁ ୩୧ ମାର୍ଚ୍ଚ, ୨୦୨୩ ପର୍ଯ୍ୟନ୍ତ ବାଛିପାରିବେ

ଯୋଗ୍ୟ ଟିକସଦାତା, ଯେଉଁମାନେ କମ୍ପୋଜିଶନ୍ ଯୋଜନାର ଲାଭ ଉଠାଇବା ପାଇଁ ଇଚ୍ଛୁକ ଅଟନ୍ତି, ସେମାନେ ଜିଏସ୍‌ଟି ପୋର୍ଟାଲ (www.gst.gov.in)ରେ ନିମ୍ନ ପ୍ରକ୍ରିୟା ମାଧ୍ୟମରେ କମ୍ପୋଜିଶନ୍ ଯୋଜନାର ବିକଳ୍ପ ଚୟନ କରିପାରିବେ:

୦୧ ଟିକସଦାତା ଇଣ୍ଟରଫେସ୍‌ରେ ଲଗ୍ ଇନ୍ କରନ୍ତୁ
୦୨ କମ୍ପୋଜିଶନ୍ ଲେଭି ବାଛିବା ପାଇଁ ସର୍ଭିସେସ୍ > ରେଜିଷ୍ଟ୍ରେଶନ୍ > ଆବେଦନକୁ ଯାଆନ୍ତୁ
୦୩ ଫର୍ମ ଜିଏସ୍‌ଟି ସିଏମ୍‌ପି-୦୨ ପୂରଣ କରି ଦାଖଲ କରନ୍ତୁ

ପୂର୍ବରୁ କମ୍ପୋଜିଶନ୍ ଯୋଜନାର ଲାଭ ଉଠାଉଥିବା ଯୋଗ୍ୟ ଟିକସଦାତାଙ୍କୁ ଫର୍ମ ଜିଏସ୍‌ଟି ସିଏମ୍‌ପି-୦୨ ଦାଖଲ କରିବା ଆବଶ୍ୟକ ନୁହେଁ

ଲାଭ
ସହଜ ଏବଂ ସୁବିଧାଜନକ ଅନୁପାଳନ
ଆକର୍ଷକ ଟିକସ ଦର
ନ୍ୟୁନତମ ଅନୁପାଳନ ଆବଶ୍ୟକତା
ସାମଗ୍ରୀ ଓ ସେବାର ଯୋଗାଣକାରୀଙ୍କ ପାଇଁ ଉପଲବ୍ଧ
କମ୍ ବହିଖାତା କାମ
ସ୍ୱତଃ ନବୀକରଣ ଓ ଯୋଜନାରୁ ବାହାରିବା ମଧ୍ୟ ସହଜ

| ଯୋଗାଣକାରୀଙ୍କ ପ୍ରକାର | | #ଆର୍ଥିକବର୍ଷ ୨୦୨୨-୨୩ରେ ସର୍ବମୋଟ ବାର୍ଷିକ କାରବାର |
|---|---|---|
| ସାମଗ୍ରୀ ଯୋଗାଣକାରୀ | ୦୮ ବିନିର୍ଦ୍ଦିଷ୍ଟ ରାଜ୍ୟରେ ପଞ୍ଜୀକୃତ ଟିକସଦାତା | ₹୭୫ ଲକ୍ଷ ପର୍ଯ୍ୟନ୍ତ |
| | ଅନ୍ୟ ରାଜ୍ୟଗୁଡ଼ିକରେ ପଞ୍ଜୀକୃତ ଟିକସଦାତା | ₹୧୫୦ ଲକ୍ଷ ପର୍ଯ୍ୟନ୍ତ |
| ସେବା ଯୋଗାଣକାରୀ | | ₹୫୦ ଲକ୍ଷ ପର୍ଯ୍ୟନ୍ତ |

ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

ଅଧିକ ସୂଚନା ପାଇଁ ଦୟାକରି ସିଜିଏସ୍‌ଟି ଅଧିନିୟମର ଧାରା ୧୦, ସିଜିଏସ୍‌ଟି ନିୟମ ୩-୭ ଏବଂ ଅଧିସୂଚନା ସଂ. ୧୪/୨୦୧୯-କେନ୍ଦ୍ରୀୟ ଟିକସ ତାରିଖ ୦୭।୦୩।୨୦୧୯ ଦେଖନ୍ତୁ

ଜିଏସ୍‌ଟି କମ୍ପୋଜିଶନ୍ ଯୋଜନା: ସ୍ୱଳ୍ପ ଟିକସଦାତାଙ୍କ ପାଇଁ ବଡ଼ ଲାଭ

cbc 15502/13/0022/2223

Central Board of Indirect Taxes and Customs
@cbic_india @cbicindia @cbicindia @CBIC INDIA @cbic www.cbic.gov.in

## ସଂକ୍ଷେପରେ

### ନାବାଳିକାଙ୍କୁ ଧମକ ଦେଇ ଯୁବକ ଗିରଫ

ଭୁବନେଶ୍ୱର,୨୫।୩(ବ୍ୟୁରୋ)- ଜଣେ ନାବାଳିକାଙ୍କୁ ରାସ୍ତାରେ ପିଛା କରି ହଇରାଣ କରିବା ସହ ଅଟକାଇ ଧମକ ଦେବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା ନିଆଳି ଥାନା ଅଞ୍ଚଳର ଝଟୁ ରାଉତ। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ଶୁକ୍ରବାର ନାବାଳିକା କ୍ଲାସ ସାରି ଆସୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ଖରାପ ଉଦ୍ଦେଶ୍ୟ ନେଇ ରାସ୍ତାରେ ଅଟକାଇଥିଲେ। ଏହାକୁ ବିରୋଧ କରିବାରୁ ନାବାଳିକାଙ୍କୁ ଧମକ ଦେଇଥିଲେ। ଏ ନେଇ ନାବାଳିକାଜଣଙ୍କ ଘରେ ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ।

### ନିଶା ସେବନ ପାଇଁ ଚୋରି, ଜଣେ ଗିରଫ

ଭୁବନେଶ୍ୱର,୨୫।୩(ବ୍ୟୁରୋ) କିଛିଦିନର ବ୍ୟବଧାନ ପରେ କାର୍ କାଚ ଭାଙ୍ଗି ଲୁଟପାତ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ୟୁନିଟ-୩ରେ ରହୁଥିବା ଯାଜପୁରରେ ଜଗନ୍ନାଥପ୍ରସାଦ ଦାସ। ତାଙ୍କଠାରୁ ଗୋଟିଏ ଲାପ୍‌ଟପ୍ ଜବତ କରିଛି ପୋଲିସ। ପଚରାଉଚରା ବେଳେ ଅଭିଯୁକ୍ତ ନିଶା ସେବନ ପାଇଁ ଟଙ୍କା ଆବଶ୍ୟକ ଥିବାରୁ ଚୋରି କରିଥିବା ସ୍ୱୀକାର କରିଥିବା ବେଳେ ଚୋରି ଟଙ୍କାକୁ ଆତ୍ମସାତ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ପୋଲିସ ସୂଚନାନୁସାରେ ଅଭିଯୋଗକାରୀ ମାର୍ଶାଲ ମାର୍ଦି ଗତ ୨୩ ତାରିଖରେ ତାଙ୍କର କାର୍‌କୁ ଜୟକୃଷ୍ଣ ମାର୍କେଟ ପାଖରେ ପାର୍କ କରି ଘରକୁ ଯାଇଥିଲେ। ପରଦିନ ସକାଳେ ତାଙ୍କ କାର୍‌ର ପଛ କାଚ ଭଙ୍ଗାଯାଇଥିବା ଓ ସେଥିରୁ ୪୦ ହଜାର ଟଙ୍କା ଏବଂ ଗୋଟିଏ ଲାପଟପ ଚୋରି ହୋଇଥିବାର ଦେଖିବାକୁ ପାଇଥିଲେ। ଏନେଇ ମାର୍ଶାଲ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ ।

### ୨୫ କେଜି ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୨୫।୩(ବ୍ୟୁରୋ) ଅବକାରୀ ଟିମ୍ ମଞ୍ଚେଶ୍ୱର ଓ ପାହାଳ ଥାନା ଅଞ୍ଚଳରେ ଶନିବାର ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୨ଜଣ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଅଞ୍ଚଳର ଶାନ୍ତି ଲତା ସାହୁ ଓ କନ୍ଧମାଳର ସୁରଞ୍ଜନ ମଲ୍ଲିକ। ଉଭୟ ଅଭିଯୁକ୍ତଙ୍କଠାରୁ ମୋଟ ୨୫କେଜି ଗଞ୍ଜେଇ ଜବତ କରିଛି ଅବକାରୀ ଟିମ୍। ସୂଚନାନୁସାରେ ଅଭିଯୁକ୍ତା ଶାନ୍ତିଲତା ରୟାଲ କଲେଜ ଛକ ନିକଟରେ ଏକ ପାନ ଦୋକାନ ଦେଇଥିବା ବେଳେ ସେଠାରେ ପୁଡିଆ କରି ଗଞ୍ଜେଇ ବେପାର କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ୍ ସେଠାରେ ଚଢ଼ାଉ କରି ୧୫ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଶାନ୍ତିଲତାଙ୍କୁ ଗିରଫ କରିଥିଲେ। ସେହିପରି ଅନ୍ୟ ଅଭିଯୁକ୍ତ ସୁରଞ୍ଜନ ବସ୍ ଯୋଗେ ଆସି ହଂସପାଳରେ ଛିଡା ହୋଇଥିବା ବେଳେ ଟିମ ଚଢ଼ାଉ କରି ୧୦ କେଜି ଗଞ୍ଜେଇ ସହ କାବୁ କରିଥିଲା ।

# ର୍‍ୟାପ୍ ଯୁବପିଢ଼ିଙ୍କ ସ୍ୱର ପାଲଟିବ

*ଆଦିତ୍ୟ ପ୍ରତୀକ ସିଂ ସିସୋଡିଆ ଯିଏ କି ବାଦ୍‌ଶାହା ନାମରେ ସବୁଠି ପରିଚିତ। ୧୯୯୯ରେ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ବାଦ୍‌ଶାହା ଚଳଚ୍ଚିତ୍ର ହିଟ୍ ହୋଇଥିଲା। ସେହି ସମୟରେ ସେ ଗୀତ ଲେଖିବା ଆରମ୍ଭ କରି ଦେଇଥିବାରୁ ସାଙ୍ଗମାନେ ବାଦ୍‌ଶାହା ଡାକିବା ଆରମ୍ଭ କରିଥିଲେ। ଆଉ ସେବେଠୁ ସେ ର୍‍ୟାପ୍ ଜଗତରେ ବାଦ୍‌ଶାହା ପାଲଟିଗଲେ। ହିନ୍ଦୀ, ହରିୟାନ୍‌ଭି ଓ ପଞ୍ଜାବୀରେ ଅନେକ ର୍‍ୟାପ୍ ପାଇଁ ସେ ପ୍ରସିଦ୍ଧି ଲାଭ କରିଛନ୍ତି। କେବଳ ଜଣେ ର୍‍ୟାପର ନୁହେଁ ଚଳଚ୍ଚିତ୍ର ପ୍ରଯୋଜକ, ଗାୟକ ତଥା ବିଜନେସ୍‌ମ୍ୟାନ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ୨୦୦୬ରେ ହନି ସିଂ ସହ ହିପ୍‌ହପ୍ ଆରମ୍ଭ କରିବା ପରେ ସେ ୨୦୧୨ରେ ସ୍ୱାଧୀନ ଭାବରେ ହରିୟାନ୍‌ଭି ସଙ୍ଗୀତ କରଗେୟି ରୁଲ ପ୍ରଦର୍ଶନ କରିଥିଲେ। ପରେ ଏହା ଏକ ଚଳଚ୍ଚିତ୍ରରେ ମଧ୍ୟ ବ୍ୟବହାର ହୋଇଥିଲା। ଭାରତର ର୍‍ୟାପରମାନଙ୍କ ମଧ୍ୟରେ ସର୍ବାଧିକ ପ୍ରାପ୍ୟ ନେଉଥିବା ଜଣେ ର୍‍ୟାପର ହେଲେ ବାଦ୍‌ଶାହା। ଗେନ୍ଦା ଫୁଲ, ୟେ ଲଡ଼କି ପାଗଲ୍ ହେ, ୱଖରା ସ୍ୱାଗ୍, ଡିଜେ ୱାଲା ବାବୁ ମେରି ଗାନା ବଜାଦୋ, ପାନି ପାନି ଆଦି ହିଟ୍ ସଙ୍ଗୀତ ଫ୍ୟାନ୍ସମାନଙ୍କୁ ଭେଟି ଦେଇଛନ୍ତି। ଶନିବାର ଭୁବନେଶ୍ୱରର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ଧରିତ୍ରୀ ସହ ତାଙ୍କର ସ୍ୱତନ୍ତ୍ର ସାକ୍ଷାତକାର।*

**●ଓଡ଼ିଆ ଭଳି ଆଞ୍ଚଳିକ ଭାଷାରେ ର୍‍ୟାପ୍ ଦେଶରେ ଗ୍ରହଣୀୟ ହୋଇପାରିବ କି?**
ହଁ ନିହାତି। ର୍‍ୟାପ୍ ଯୁବପିଢ଼ିଙ୍କ ସ୍ୱର ପାଲଟି ପାରିବ। ସେମାନେ ଦେଶର ଭବିଷ୍ୟତ। ନିର୍ଭୀକ ଭାବରେ ସେମାନେ ଆଗକୁ ବଢ଼ି ପାରିବେ। ସେମାନେ ର୍‍ୟାପ୍‌କୁ ଆସିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜୀବନଶୈଳୀ କଥା କୁହ କି ସଂଘର୍ଷ କଥା କୁହ ତାହା ର୍‍ୟାପ୍ ମାଧ୍ୟମରେ ଜାଣିହେବ, ଯାହାକି ଆମ ସଂସ୍କୃତି ସହ ଜଡ଼ିତ। ସେଥିପାଇଁ ଯୁବପିଢ଼ି ର୍‍ୟାପ୍‌କୁ ଆସିବା ଦରକାର। ଯାହାଦ୍ୱାରା ବହୁତ କିଛି ଆଗକୁ ଆସିପାରିବ ଓ ସମସ୍ତେ ଜାଣିପାରିବେ। ଆଉ ଏଥିପାଇଁ ଭାଷା କେବେ ପ୍ରତିବନ୍ଧକ ନୁହେଁ। ଆଜିକାଲି ଅନେକ ଆଞ୍ଚଳିକ ଭାଷାରେ ର୍‍ୟାପ୍ ଗ୍ରହଣୀୟ ହୋଇପାରିଛି।

**●ସଙ୍ଗୀତ ପାଠ୍ୟକ୍ରମରେ ର୍‍ୟାପ୍ କୋର୍ସ ରହିବାର ଆବଶ୍ୟକତା ରହିଛି କି?**
ଅତ୍ୟନ୍ତ ଆବଶ୍ୟକ। ଏହା ଗୋଟିଏ ଭଲ ପଏଣ୍ଟ।

**●ଅନ୍ୟ ଭାଷାର ମିଶ୍ରଣ ନ ହୋଇ ଗୋଟିଏ ଶୁଦ୍ଧ ଆଞ୍ଚଳିକ ଭାଷାରେ ର୍‍ୟାପ୍ ପ୍ରସ୍ତୁତ କରାଯାଇପାରିବ କି?**
ହଁ ଶତପ୍ରତିଶତ ହୋଇପାରିବ। ର୍‍ୟାପ୍ କେବଳ ହିନ୍ଦୀ କି ଇଂରାଜୀରେ ନୁହେଁ, ଅନେକ ଆଞ୍ଚଳିକ ଭାଷାରେ ମଧ୍ୟ ହେଉଛି। ର୍‍ୟାପ୍ କବିତାଂଶ ବା ଆଧୁନିକ କବିତାଂଶ ମଧ୍ୟ ହୋଇପାରିବ।

**●ସୋସିଆଲ ମିଡିଆର ଭୂମିକା କିଭଳି ରହିଛି?**
ମୋ ପାଇଁ ଏହା ମୋ କ୍ୟାରିୟରର ଏକ ମାଧ୍ୟମ। ଫ୍ୟାନ୍ସମାନଙ୍କଠାରେ ପହଞ୍ଚିବାର ଏକ ରାସ୍ତା। ଲୋକମାନେ ମୋଠାରୁ କ'ଣ ଚାହୁଁଛନ୍ତି ମୁଁ ସୋସିଆଲ ମିଡିଆରୁ ହିଁ ଜାଣିପାରେ। ସୋସିଆଲ ମିଡିଆରେ ଆଜିକାଲି ବହୁତ କିଛି ଭଲ ହୋଇପାରୁଛି। ସମସ୍ୟାର ସମାଧାନ ହୋଇପାରୁଛି, ବହୁତ କିଛି ଜାଣିବାକୁ ମିଳିପାରୁଛି। ସବୁ ଜିନିଷରେ ଭଲ ଓ ଖରାପ ରହିଛି। ଆମେ କିଭଳି ଏହାକୁ ଠିକ୍ ରୂପେ ବିନିଯୋଗ କରିପାରିବା ତାହା ଆମ ଉପରେ ନିର୍ଭର କରେ।

**●ଲିଜର ସମୟରେ କ'ଣ କରିବାକୁ ଭଲ ଲାଗେ?**
ଶୋଇବାକୁ ଭଲ ପାଏ।

**●ବହୁତ ସେଲିବ୍ରିଟିଙ୍କ ସହ କୋଲାବରେଶନ କରିଛନ୍ତି। କେଉଁ ସେଲିବ୍ରିଟିଙ୍କ ସହ ଅତି ନିକଟତର ହୋଇପାରିଛନ୍ତି?**
ଜ୍ୟାକଲିନଙ୍କ ସହ କୋଲାବରେଶନ ସବୁବେଳେ ଏକ୍ସାଇଟେଡ ଥାଏ। ଆମେ ଯେବେ ବି ସାଙ୍ଗ ହୋଇ କାମ କରିଛୁ ଉଭୟେ ଭଲ ରେଜଲ୍ଟ ପାଇଛୁ। ଏହାକୁ ତ ନିକଟତର କହି ପାରିବିନି, କିନ୍ତୁ କଳାକାର ଭାବେ ଆମେ ସବୁବେଳେ କାମକୁ ଫୋକସ କରିଥାଉ। ଆମେ ସବୁବେଳେ ବେଷ୍ଟ ଦେବାକୁ ଚେଷ୍ଟା କରି ଆସିଛୁ।

**●ଓଡ଼ିଶାରୁ କାମ କରିବାକୁ ସୁଯୋଗ ଆସିଛି କି ? ଯଦି ଆସିଲା ଆପଣ କରିବେ କି?**
ଦ୍ୱିତୀୟ ଥର ପାଇଁ ଓଡ଼ିଶା ଆସିଛି। ବିଶେଷ କିଛି ଜାଣିନାହିଁ। ଜଣେ ଇଭେଣ୍ଟ ପାଇଁ ଆର୍ଟିଷ୍ଟ ଆସିଲେ ସେ ଆଉ କିଛି କରିପାରେନି। ସେଥିପାଇଁ ମୁଁ ଓଡ଼ିଶା ସହିତ ବେଶି ଯୋଡ଼ି ହୋଇପାରିନି। କିନ୍ତୁ ବାକି ସହରଠାରୁ ଭୁବନେଶ୍ୱରରେ ପ୍ରଦର୍ଶନ ପାଇଁ ମୁଁ ଅତ୍ୟଧିକ ମାତ୍ରାରେ ଆଗ୍ରହୀ। ଓଡ଼ିଶାରୁ ଏଯାଏ ତ କିଛି ସୁଯୋଗ ଆସିନି। ଆଗକୁ ଆସିଲେ ନିହାତି କରିବି।

ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ


ବାଦ୍‌ଶାହା ଆଦିତ୍ୟ ପ୍ରତୀକ ସିଂ ସିସୋଡିଆ

**ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନ**

# ଧନେଶ୍ୱର ସଭାପତି, ତାପସ ସମ୍ପାଦକ

ଭୁବନେଶ୍ୱର,୨୫।୩(ବ୍ୟୁରୋ)


ଅନ୍ୟମାନଙ୍କ ସହ ନବନିର୍ବାଚିତ ସଭାପତି ଧନେଶ୍ୱର ମହାନ୍ତି (ମଝି) ଓ ସମ୍ପାଦକ ତାପସ ରଞ୍ଜନ ଦାସ (ବାମରୁ ଦ୍ୱିତୀୟ)।

ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଓକିଲ ସଂଘର ନିର୍ବାଚନ ହୋଇ ଫଳାଫଳ ଘୋଷିତ ହୋଇଛି। ଏଥିରେ ସଭାପତି ଭାବେ ଧନେଶ୍ୱର ମହାନ୍ତି ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୁନ୍ଦନ ରଥଙ୍କୁ ୧୨୦ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ଅଞ୍ଜନ କୁମାର ସାମନ୍ତରାୟ ୫୬୦ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶରତ କୁମାର ଦାସଙ୍କୁ ପରାସ୍ତ କରି ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ତାପସ ରଞ୍ଜନ ଦାସ ୩୫୭ ଖଣ୍ଡ ଭୋଟରେ ରାଜକିଶୋର ଦାସଙ୍କୁ ହରାଇ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲା ବେଳେ କୋଷାଧ୍ୟକ୍ଷ ଭାବେ ମନେଶ କୁମାର ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ପଦ ପାଇଁ ସୁକାନ୍ତ ବେହେରା ୬୭୦ ଖଣ୍ଡ ଭୋଟରେ ମୂରଲୀ ମନୋହର ପାତ୍ରଙ୍କୁ ପରାସ୍ତ କରିଥିଲା ବେଳେ ପୁଲିନ ମାର୍ଥା ୯୦୧ଭୋଟରେ ରଶ୍ମିଭୂଷଣ ମୁଖୀଙ୍କୁ ପରାସ୍ତ କରି ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ୮ଜଣ ନିର୍ବାଚିତ ହୋଇଥିଲା ବେଳେ ୨ଜଣ ମହିଳା ସଦସ୍ୟା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅପରପକ୍ଷେ କ୍ୟାପିଟାଲ ଓକିଲ ସଂଘର ସଭାପତି ଭାବେ ଗୋବିନ୍ଦ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି ସଚ୍ଚିଦାନନ୍ଦ ମିଶ୍ର କାର୍ଯ୍ୟକାରୀ ସଭାପତି, ଦାତାରାମ ଅଶୋକ କୁମାର ମଙ୍ଗରାଜ ଉପସଭାପତି ଓ ଲକ୍ଷ୍ମୀକାନ୍ତ ଚୌଧୁରୀ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ଏହାବ୍ୟତୀତ ପ୍ରଶାନ୍ତ କୁମାର ମହାନ୍ତି, ମଧୁବାଳା ବିଷୋୟୀ ଓ କୈଳାସ ଚନ୍ଦ୍ର ସାମନ୍ତରାୟ ପରିଚାଳନା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ଅଭି ତୋ ପାର୍ଟି ସୁରୁ ହୁଇ ହେ...

**ରାଜଧାନୀରେ ବଲିଉଡ୍ ନାଇଟ୍ସ**

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଶନିବାର ବଲିଉଡ୍ ଗାୟକଙ୍କ ସହ ଝୁମିଲେ ଶ୍ରୋତା। ବଲିଉଡ୍ ନାଇଟ୍ସର ଭରପୂର ମଜା ଉଠେଇଲେ ଦର୍ଶକ। ର୍‍ୟାପର ବାଦ୍‌ଶାହ, ଜସଲିନ୍ ରୋୟାଲ, ଡିନୋ ଜେମ୍ସ ଏବଂ ଡିଜେ ଯୋଗୀଙ୍କ ମନଛୁଆଁ ସଙ୍ଗୀତରେ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ରାଜଧାନୀବାସୀ ସନ୍ଧ୍ୟାର ମଜା ଉଠାଇଛନ୍ତି। ଡିଜେ ଯୋଗୀଙ୍କ ମ୍ୟୁଜିକ ଫ୍ୟୁଜନରୁ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଡିନୋଙ୍କ ଡୁବା ଡୁବା ଡୁବା ସା', ୟାଦେଁ, ଗର୍ଲଫ୍ରେଣ୍ଡ ଭଳି ଗୀତ ଦର୍ଶକଙ୍କୁ ନିଆରା ଅନୁଭବ ଆଣି ଦେଇଥିଲା। ଜସଲିନଙ୍କ ରାଞ୍ଝା, ଲଭ ୟୁ ଜିନ୍ଦଗୀ, ଦିନ ଶଗ୍‌ନା ଦା ଚଡେୟୋ ଆଦି ସଙ୍ଗୀତ ଭେଟି ଦେଇ ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲେ। ଶେଷରେ ବାଦ୍‌ଶାହାଙ୍କ ଏଣ୍ଟ୍ରିରେ ମନୋରଞ୍ଜନ ଦୁଇଗୁଣା ହୋଇ ଉଠିଥିଲା। ଅଭି ତୋ ପାର୍ଟି ସୁରୁ ହୁଇ ହେ...ଠାରୁ ଆରମ୍ଭ କରି ୟେ ଲେଡ୍‌କି ପାଗଲ୍ ହେ.., ଗେନ୍ଦା ଫୁଲ ଆଦି ହିଟ୍ ସଙ୍ଗୀତରେ ଦର୍ଶକ ଧୁମ୍ ନାଚିଉଠିଥିଲେ। ସନ୍ଧ୍ୟା ସମୟଟା ପୂରା ସଙ୍ଗୀତମୟ ହୋଇଯାଇଥିଲା। ଦର୍ଶକ ସବୁ ପ୍ରକାର ସଙ୍ଗୀତର ମଜା ଚାଖିଥିଲେ। ଦିନ ସମୟରେ ସେମାନଙ୍କ ସହ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଯେଉଁଥିରେ ଜସଲିନ କହିଥିଲେ, ଭୁବନେଶ୍ୱର କେବଳ ବୃତ୍ତିଗତ ପାଇଁ ନୁହେଁ ବ୍ୟକ୍ତିଗତ ଭାବେ ମଧ୍ୟ ଯୋଡ଼ି ହୋଇଛି। ମୋର ଅନେକ ସମ୍ପର୍କୀୟ ଏଠାକୁ ଆସୁଛନ୍ତି। ଯାହା ମୋତେ ନିଜର ଅନୁଭବ ଆଣିଦେବ। ଭଲ ସଙ୍ଗୀତ ସବୁବେଳେ ସମସ୍ତଙ୍କ ପାଖେ ସଂଯୋଗ କରିବାର ମାଧ୍ୟମ ହୋଇପାରିବ। ସେହିପରି ଡିନୋ ଜେମ୍ସ କହିଛନ୍ତି, ଭୁବନେଶ୍ୱରର ଦର୍ଶକ ମୋ ପାଇଁ ସମ୍ପୂର୍ଣ୍ଣ ନୂଆ। ଏହା ମୋତେ ଏକ ନୂଆ ଅନୁଭବ ଆଣିଦେବ। ଏହି ଅନୁଭୂତି ପାଇଁ ଅତ୍ୟନ୍ତ ଆଗ୍ରହୀ ଅଛି। ଅନ୍ୟପକ୍ଷେ ବାଦ୍‌ଶାହା ଅନ୍ୟ ସହର ତୁଳନାରେ ଭୁବନେଶ୍ୱରରେ ପ୍ରଦର୍ଶନ ପାଇଁ ଅଧିକ ଆଗ୍ରହୀ ଥିବା କହିଥିଲେ। ରୋୟାଲଷ୍ଟାଗ ପକ୍ଷରୁ ଆୟୋଜିତ ବୁମ୍‌ବକ୍ସ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଏହି ଗାୟକମାନେ ଆସିଥିଲେ।

# ଓଡ଼ିଶା ଗସ୍ତରେ ଆନ୍ଧ୍ରପ୍ରଦେଶ ଶିକ୍ଷା ସଚିବ

ଭୁବନେଶ୍ୱର, ୨୫।୩(ବ୍ୟୁରୋ)

ଆନ୍ଧ୍ରପ୍ରଦେଶ ଶିକ୍ଷା ବିଭାଗ ଶାସନ ସଚିବ ଏସ୍. ସୁରେଶ କୁମାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଶନିବାର ସେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍‌ଙ୍କ ସହ ଆଲୋଚନା କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ଆଣିବା ଲାଗି ଓ ସରକାର ଗ୍ରହଣ କରିଥିବା ବିଭିନ୍ନ ବିକାଶମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିବା ସହ ତାହାର କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ସେ ଅବଗତ ହୋଇଥିଲେ। ଏହି ଅବସରରେ ସେ 'ମୋ ସ୍କୁଲ ଅଭିଯାନ' ରାଜ୍ୟ କାର୍ଯ୍ୟାଳୟ ଯାଇ ସେଠାରେ ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପୁରାତନ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକଙ୍କ ସହଭାଗିତା କିଭଳି ଓ ସ୍କୁଲ ଶିକ୍ଷା ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ସେନେଇ ପଚାରିବୁଝିଥିଲେ। ଡିଜିଟାଲ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଓଡ଼ିଶା ନେଇଥିବା ବିଭିନ୍ନ ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ କରିବାରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଏକ ପ୍ରଶଂସାଯୋଗ୍ୟ ପଦକ୍ଷେପ ବୋଲି ସେ କହିଥିଲେ। 'ମୋ ସ୍କୁଲ ଅଭିଯାନ' ଦ୍ୱାରା ପରିଚାଳିତ ବିଦ୍ୟାଳୟ ପୋଷ୍ୟଗ୍ରହଣ କାର୍ଯ୍ୟକ୍ରମକୁ ଉତ୍ସାହିତ କରିବା ସହ ଏହି କାର୍ଯ୍ୟକ୍ରମ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କୁ ନିଜ ଶିକ୍ଷାନୁଷ୍ଠାନ ସହ ସଂଯୋଗ କରିବାର ଏହି ପ୍ରୟାସ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଅଭିଯାନର ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ତାଙ୍କୁ 'ମୋ ସ୍କୁଲ' ପକ୍ଷରୁ ଏକ କଫି ଟେବୁଲ ବୁକ୍ ପ୍ରଦାନ କରାଯାଇଥିଲା।

# ଗାଡ଼ି ଧକ୍କାରେ ସ୍କୁଟି ଚାଳକ ମୃତ

ଫୁଲନଖରା,୨୫।୩(ଡି.ଏନ୍.ଏ.)

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ତେଲେଙ୍ଗାପେଣ୍ଠ ବ୍ରିଜ ଉପରେ ଶନିବାର ରାତି ୯ଟାରେ ଗାଡ଼ି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱର ରସୁଲଗଡ ଅଞ୍ଚଳର ମନୋରଞ୍ଜନ ସାହୁ(୩୫)। ପୋଲିସ ସୂତ୍ରରୁ ପ୍ରକାଶ, ମନୋରଞ୍ଜନ ସ୍କୁଟି(ନଂ. ଓଡ଼ି୦୨ଏକ୍ୟୁ-୭୯୩୬)ରେ କଟକ ମାଲଗୋଦାମରୁ କାମ ସାରି ଭୁବନେଶ୍ୱର ଯାଉଥିବାବେଳେ ପଛରୁ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ଗାଡ଼ିର ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଖବରପାଇ କଟକ ସଦର ଥାନା ପୋଲିସ ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଜାମ୍‌କୁ ନିୟନ୍ତ୍ରଣ କରିବା ସହ ସ୍କୁଟି ଚାଳକଙ୍କୁ କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରୁକୁଣା ରଥଯାତ୍ରା: ତୃତୀୟ ଭୂଇଁ ଉଠିଲା



ପୁରୁଣା ଭୁବନେଶ୍ୱର,୨୫।୩ (ଡି.ଏନ୍.ଏ.)

ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ରଥଖଳାରେ ରଥକାର୍ଯ୍ୟ ଆଗେଇ ଚାଲିଛି। ଶନିବାର ତୃତୀୟ ଭୂଇଁ ଉଠିଥିବା ବେଳେ ରଥରେ ପୋଟଳ ଲାଗିବା କାର୍ଯ୍ୟ ସମ୍ପନ୍ନ ହୋଇଛି। ରଥର ପ୍ରତି କୋଣରେ ମୋଟ୍ ୧୬ଟି କଣସିଂହ ପ୍ରତିମୂର୍ତ୍ତି ଲଗାଯାଇଛି। ଭାଡ଼ିଗୁଜ, ପଟାଗୁଜ କାମ ଶେଷହୋଇଛି। ଚଳିତବର୍ଷ ନେତ୍ରଉତ୍ସବ ଦିନ ୮ଟା ସୁଦ୍ଧା ରଥକାର୍ଯ୍ୟ ସମ୍ପନ୍ନ କରାଯାଇ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଦୃଷ୍ଟିରେ ରଖି ନିର୍ମାଣ କାର୍ଯ୍ୟ ଜୋର୍‌ଦାର ଚାଲିଥିବା ସୋମନାଥ ମହାରଣା କହିଛନ୍ତି। ସର୍ଦ୍ଦାରୀ ମହାରଣା ଓ ବଟକୃଷ୍ଣ ମହାରଣାଙ୍କ ନେତୃତ୍ୱରେ ୬୮ ମହାରଣା ସେବାୟତ ଏହି ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି।

# ମୁତୟନ ହେବେ ୧୨ ପ୍ଲାଟୁନ ପୋଲିସ ଫୋର୍ସ

ଭୁବନେଶ୍ୱର(ବ୍ୟୁରୋ) / ପୁରୁଣା ଭୁବନେଶ୍ୱର,୨୫।୩(ଡି.ଏନ୍.ଏ.)


ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ସିଂ, ମେୟର ସୁଲୋଚନା ଦାସ ଓ ଅନ୍ୟମାନଙ୍କ ସହ ବିଭିନ୍ନ ନିଯୋଗର କର୍ମକର୍ତ୍ତା।

**କମିଶନରେଟ ପୋଲିସର ସମନ୍ୱୟ ବୈଠକ**
- ରଥଦାଣ୍ଡର ସ୍ୱତନ୍ତ୍ର ଷ୍ଟେଜ୍‌ରେ ହେବ ଓଡ଼ିଶୀ ନୃତ୍ୟ
- ରଥରେ ଚଢ଼ିପାରିବେନି ଅଣସେବାୟତ

ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ଶନିବାର କମିଶନରେଟ ପୋଲିସ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କେଦାରଗୌରୀ ମନ୍ଦିର ନିକଟ ଏକ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ସିଂ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁମାନେ କିପରି ଶାନ୍ତିଶୃଙ୍ଖଳାରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଟଥଟଣା ଦର୍ଶନ କରିବେ ଏବଂ ଏହି ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ତେବେ ଶାନ୍ତିଶୃଙ୍ଖଳା ପାଇଁ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଶ୍ରଦ୍ଧାଳୁ ଏବଂ ଅନ୍ୟ ଲୋକମାନଙ୍କର ଯେପରି ଯାତାୟାତରେ ସମସ୍ୟା ନ ଉପୁଜିବ ସେଥିପ୍ରତି ଟ୍ରାଫିକ ଡିସିପି ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟପଟେ ଚଳିତବର୍ଷ ରଥଦାଣ୍ଡରେ ୩ରୁ ୪ଟି ସ୍ୱତନ୍ତ୍ର ଷ୍ଟେଜ୍ ତଥା ମଣ୍ଡପ ତିଆରି କରାଯିବ। ଏହି ମଣ୍ଡପରେ ସଂସ୍କୃତି ବିଭାଗ ପକ୍ଷରୁ ପୃଥକ୍ ଭାବେ ଗ୍ରୁପ୍ ଦ୍ୱାରା ଓଡ଼ିଶୀ ନୃତ୍ୟ ରଥଯାତ୍ରା ସମୟରେ ପରିବେଷଣ କରାଯିବ ବୋଲି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି। ସେହିପରି ସିଂହଦ୍ୱାର ଫୁଲରେ ସଜାଯିବା ସହ ଆଲୋକୀକରଣ କରାଯିବ। ରଥଦାଣ୍ଡରେ ଥିବା ଖାଲଖମାକୁ ଢଳେଇ କରାଯିବା ସହ ରାସ୍ତାର ଉଭୟପାର୍ଶ୍ୱରେ ପଡ଼ିଥିବା କେବୁଲ ତାରକୁ ଉଠାଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରତିବର୍ଷ ବହୁ ଅଣସେବାୟତ ରଥରେ ଚଢୁଥିବାରୁ ରଥ ଟାଣିବାରେ ସମସ୍ୟା ଦେଖାଦେଇଥାଏ। ଚଳିତବର୍ଷ ଉକ୍ତ ଅଣସେବାୟତମାନଙ୍କୁ ଚିହ୍ନଟ କରାଯାଇ ରଥରେ ନ ଚଢ଼ାଇବା ପାଇଁ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ସେବାୟତଙ୍କ ପାଇଁ ପାସ୍ ବ୍ୟବସ୍ଥା ନେଇ ସ୍ଥିର ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂଜାପଣ୍ଡା ନିଯୋଗର ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗର ମଣ୍ଟୁ ପୂଜାପଣ୍ଡା, ବିରଞ୍ଚି ନାରାୟଣ ପତି, ଶିବ ପ୍ରସାଦ ମହାପାତ୍ର, ବଡୁ ନିଯୋଗର ଅଞ୍ଚଳ ବଡୁ, କମଳାକାନ୍ତ ବଡୁ, ସମର୍ଥା ଓ ଖରଡ଼ା ସେବାୟତ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କଂଗ୍ରେସର ରେଳରୋକୋ, ୪ କର୍ମୀ ଗିରଫ

ଭୁବନେଶ୍ୱର,୨୫।୩(ବ୍ୟୁରୋ): ଅଖିଳ ଭାରତୀୟ କଂଗ୍ରେସ କମିଟିର ପୂର୍ବତନ ଅଧକ୍ଷ ତଥା ଏମ୍‌ପି ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦ ଓ ଗୌତମ ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁସମ୍ପର୍କ ପ୍ରତିବାଦରେ ଶନିବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେଶନରେ ରେଳରୋକୋ କରାଯାଇଥିଲା। ଏହି ଘଟଣାରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ୪ଜଣ କଂଗ୍ରେସ କର୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ୨ଜଣ ଉପସଭାପତି ନିରଞ୍ଜନ ନାୟକ ଓ କୃଷ୍ଣଚନ୍ଦ୍ର ମହାନ୍ତି ଏବଂ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ଜେନା। ଆର୍‌ପିଏଫ୍‌ର ସୂଚନାନୁସାରେ, ଯୁବ କଂଗ୍ରେସର ସଦସ୍ୟମାନେ କୌଣସି ପୂର୍ବ ସୂଚନା ନ ଦେଇ ବେଆଇନ ଭାବେ ବିରୋଧ ପ୍ରଦର୍ଶନ କରିବା ସହ ରେଳରୋକୋ କରିଥିଲେ। ସେମାନଙ୍କୁ ବାରଣ କରିବା ସତ୍ତ୍ୱେ ବିରୋଧ ବନ୍ଦ ନ କରିବାରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ରେଳ ଅଧିନିୟମ ଧାରା ୧୭୪ (କ),୧୫୩,୧୪୬,୧୪୫(ଖ) ଏବଂ ୧୪୭ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ସୂଚନାନୁସାରେ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ ଯୁବ କଂଗ୍ରେସ କର୍ମୀ ଦିନ ୧୨ଟାରେ ମାଷ୍ଟରକ୍ୟାଣ୍ଟିନ ରେଳ ଷ୍ଟେଶନରେ ପହଞ୍ଚି ପ୍ରତିବାଦ କରିଥିଲେ। ଫଳରେ ଷ୍ଟେଶନ ଦେଇ କିଛି ଘଣ୍ଟା ପାଇଁ ରେଳ ଚଳାଚଳ ବନ୍ଦ ହୋଇଯାଇଥିଲା।

### ଓଡ଼ିଶା ଗସ୍ତରେ ଆନ୍ଧ୍ରପ୍ରଦେଶ ଶିକ୍ଷା ସଚିବ

ଭୁବନେଶ୍ୱର, ୨୫।୩(ବ୍ୟୁରୋ): ଆନ୍ଧ୍ରପ୍ରଦେଶ ଶିକ୍ଷା ବିଭାଗ ଶାସନ ସଚିବ ଏସ୍. ସୁରେଶ କୁମାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଶନିବାର ସେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍‌ଙ୍କ ସହ ଆଲୋଚନା କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ଆଣିବା ଲାଗି ଓ ସରକାର ଗ୍ରହଣ କରିଥିବା ବିଭିନ୍ନ ବିକାଶମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିବା ସହ ତାହାର କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ସେ ଅବଗତ ହୋଇଥିଲେ। ଏହି ଅବସରରେ ସେ 'ମୋ ସ୍କୁଲ ଅଭିଯାନ' ରାଜ୍ୟ କାର୍ଯ୍ୟାଳୟ ଯାଇ ସେଠାରେ ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପୁରାତନ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକଙ୍କ ସହଭାଗିତା କିଭଳି ଓ ସ୍କୁଲ ଶିକ୍ଷା ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ସେନେଇ ପଚାରିବୁଝିଥିଲେ। ଡିଜିଟାଲ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଓଡ଼ିଶା ନେଇଥିବା ବିଭିନ୍ନ ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ କରିବାରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଏକ ପ୍ରଶଂସାଯୋଗ୍ୟ ପଦକ୍ଷେପ ବୋଲି ସେ କହିଥିଲେ। 'ମୋ ସ୍କୁଲ ଅଭିଯାନ' ଦ୍ୱାରା ପରିଚାଳିତ ବିଦ୍ୟାଳୟ ପୋଷ୍ୟଗ୍ରହଣ କାର୍ଯ୍ୟକ୍ରମକୁ ଉତ୍ସାହିତ କରିବା ସହ ଏହି କାର୍ଯ୍ୟକ୍ରମ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ।ଅଭିଯାନର ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ।

# ଶ୍ରମିକଙ୍କ ବଦଳରେ କାମ କରୁଛି ମେଶିନ

ବୋଲଗଡ,୨୫।୩(ଡି.ଏନ୍.ଏ.)


ମେଶିନ ଦ୍ୱାରା କାର୍ଯ୍ୟ କରାଯାଉଛି।


ଲାଗିଥିବା ଫଳକ।

ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ ମଜୁରି ତଥା କର୍ମସଂସ୍ଥାନ ଯୋଗାଇଦେବା ଲକ୍ଷ୍ୟ ନେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟକ୍ରମ ସରକାର ହାତକୁ ନେଇଥିଲେ। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଶ୍ରମିକମାନେ ଉଚିତ୍ ପାଉଣା ପାଇବେ। ଫଳରେ କାମ ଅଭାବରୁ ଉପୁଜୁଥିବା ଦାଦନ ଭଳି ସମସ୍ୟା ଦୂର ହୋଇପାରିବ। ତେବେ ଏହି ଯୋଜନାରେ ଆସିଥିବା କାମ ଶ୍ରମିକଙ୍କ ବଦଳରେ ମେଶିନ ଦ୍ୱାରା କରାଯାଉଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ପଞ୍ଚାୟତର ପାନନଗର ଗ୍ରାମରୁ ଏଭଳି ଅଭିଯୋଗ ଆସିଛି।

ପାନନଗର ଗ୍ରାମସ୍ଥିତ ଜାମଲା ପୋଖରୀର ପଙ୍କୋଦ୍ଧାର ପାଇଁ ଅମୃତ ସରୋବର ଯୋଜନାରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ କାମକୁ ପଞ୍ଜୀକୃତ ଶ୍ରମିକଙ୍କ ବଦଳରେ ମେଶିନ ଦ୍ୱାରା କରାଯାଉଛି। ଏପରିକି ପୋଖରୀରୁ ବାହାରୁଥିବା ମାଟିକୁ ବାହାରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତର କରୁଣାକର ନାୟକ, ବଂଶୀଧର ସାହୁ, ମାଧବଚନ୍ଦ୍ର ପଣ୍ଡା, ବଳଭଦ୍ର ମାର୍ଥା, ନୀଳମଣି ବିଶ୍ୱାଳ, ଚନ୍ଦ୍ରଶେଖର ଚମ୍ପତି, ଲକ୍ଷ୍ମୀଧର ପରିଡାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଲୋକ ଜିଲାପାଳ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ ଲୋକପାଳ ଓ ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଉଲ୍ଲଂଘନ କରି ଖୋଳାଯାଉଥିବା ଏହି ପୋଖରୀ କାର୍ଯ୍ୟର ଉପଯୁକ୍ତ ତଦନ୍ତ କରାଯିବା ସହ ବିହିତ କାର୍ଯ୍ୟାନୁଷ୍ଠାନ, କାର୍ଯ୍ୟନିର୍ବାହୀଙ୍କୁ ବିଲ୍ ପଇଠ ନ କରିବା ଆଦି ଦାବି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳ ଜୟ ନାରାୟଣ ନନ୍ଦଙ୍କ ନିକଟରେ ଅଭିଯୋଗପତ୍ର ଓ ବେଆଇନ ଖନନର ଭିଡିଓ କ୍ଲିପ୍ ଦାଖଲ ହୋଇଛି। ଏହାପରେ ନନ୍ଦ ଏହି ପଞ୍ଚାୟତର ସମ୍ପ୍ରସାରଣ ଅଧିକାରୀ ଓ ଗ୍ରାମ ରୋଜଗାର ସେବକଙ୍କ ସମେତ କନିଷ୍ଠ ଯନ୍ତ୍ରୀ ଏବଂ ଅଭିଯୋଗକାରୀଙ୍କୁ ଆସନ୍ତା ୪ ତାରିଖରେ ଖୋର୍ଦ୍ଧାସ୍ଥିତ କାର୍ଯ୍ୟାଳୟରେ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ତେବେ ବ୍ଲକ ଅଧକ୍ଷାଙ୍କ ପଞ୍ଚାୟତରେ ଏଭଳି କାମ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୋଖରୀ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ରାତିଅଧିଆ ମେଶିନ ଓ ଟ୍ରାକ୍ଟରରେ କାମ ଆଗେଇ ଚାଲିଥିବା ବେଳେ ଏହି କାର୍ଯ୍ୟ ପାଇଁ ସରକାରୀ ତହବିଲରୁ ବିଲ୍ ପ୍ରଦାନ କରାଗଲେ ବଡ଼କୁମାରୀ ପଞ୍ଚାୟତବାସୀ ଆନ୍ଦୋଳନ କରିବେ ବୋଲି ଅଭିଯୋଗକାରୀ ଚେତାବନୀ ଦେଇଛନ୍ତି।

**କାମ ବନ୍ଦ କରିବାକୁ ଜିଲାପାଳ ଓ ଲୋକପାଳଙ୍କ ନିକଟରେ ଅଭିଯୋଗ**


ବାଲୁଗାଁ ହାଇସ୍କୁଲରେ ଛାତ୍ର ପୋଲିସ କ୍ୟାଡେଟ୍ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

**ବାଲୁଗାଁ ହାଇସ୍କୁଲରେ ଛାତ୍ର ପୋଲିସ କ୍ୟାଡେଟ୍ କାର୍ଯ୍ୟକ୍ରମ**

# ପ୍ରଶିକ୍ଷଣ ନେଲେ ୩୦ ଛାତ୍ରୀଛାତ୍ର

ବାଲୁଗାଁ,୨୫।୩(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପୋଲିସର ଶୃଙ୍ଖଳାଗତ କାର୍ଯ୍ୟାବଳୀ ଉପରେ ସଚେତନତା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ତତ୍ତ୍ୱାବଧାନରେ ଛାତ୍ର ପୋଲିସ କ୍ୟାଡେଟ୍ କାର୍ଯ୍ୟକ୍ରମ ଶନିବାର ବାଲୁଗାଁ ହାଇସ୍କୁଲରୁ ଶୁଭାରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ପ୍ରଥମେ କେରଳ ରାଜ୍ୟରେ ସଫଳ ହୋଇଥିବା ବେଳେ ଓଡ଼ିଶାର ଖୋର୍ଦ୍ଧା ଜିଲା ଅଧୀନ ବାଲୁଗାଁ ଥାନା ପୋଲିସ ପକ୍ଷରୁ ପ୍ରଥମକରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଆଇଆଇସି ରଶ୍ମିରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନଙ୍କ ସହଯୋଗକ୍ରମେ ଏହି କ୍ୟାଡେଟ୍ କାର୍ଯ୍ୟକ୍ରମରେ ୩୦ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। ବିଶେଷକରି ଛାତ୍ର ବୟସରୁ ପୋଲିସର ବିଭିନ୍ନ କାର୍ଯ୍ୟାବଳୀ ତଥା ଆଇନଶୃଙ୍ଖଳା ରକ୍ଷା ସହ ପୋଲିସକୁ ଭୟ ନ କରିବା ଏବଂ ଅନ୍ୟାୟର ପ୍ରତିବାଦ କ୍ଷେତ୍ରରେ ନିଜର ମନୋବଳ ଦୃଢ଼ କରିବା ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ । ଆବଶ୍ୟକ ପଡ଼ିଲେ ପ୍ରଶିକ୍ଷାର୍ଥୀ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଦେଶ ସୁରକ୍ଷା କ୍ଷେତ୍ରରେ ବାୟୁସେନା, ସ୍ଥଳସେନା ଏବଂ ନୌସେନାରେ ନିଯୁକ୍ତି ସୁଯୋଗ ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ପ୍ରଶିକ୍ଷଣରେ ନୂତନ ପୋଲିସ ପୋଷାକ, ଟୋପି, ବ୍ୟାଜ୍ ଓ ଆଇକାର୍ଡ ପ୍ରଦାନ କରାଯାଇ ପ୍ରାରମ୍ଭିକ ଭାବେ ପରେଡ୍ ଶିକ୍ଷା ଦିଆଯାଇଥିଲା। ତେବେ ବର୍ଷତମାମ୍ ବିଭିନ୍ନ ଦିବସରେ ପୋଲିସ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ ସହ ପୋଲିସ୍‌ର ବିଭିନ୍ନ ଅପରାଧ ନିୟନ୍ତ୍ରଣ କାର୍ଯ୍ୟକ୍ରମ ତଥା ମୋଟର ଯାନ ଧରପଗଡ଼, ସଡ଼କ ସୁରକ୍ଷା ଏବଂ ବିଭିନ୍ନ ସମାବେଶରେ ପୋଲିସର ପ୍ରତିନିଧି ଭାବେ ସାମିଲ କରାଯିବ ବୋଲି ଆଇଆଇସି ଦାଶ କହିଛନ୍ତି। ପ୍ରଶିକ୍ଷଣ ନେଇ ଛାତ୍ରୀଛାତ୍ର ଉତ୍ସାହିତ ହୋଇଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଅଭିଭାବକଙ୍କ ମହଲରେ ପ୍ରଶାସନର ଏପରି ପଦକ୍ଷେପକୁ ପ୍ରଶଂସା କରାଯାଇଛି।

# ଯୁବକଙ୍କୁ କଟୁରିରେ ହାଣି ହତ୍ୟା ଉଦ୍ୟମ

ବାଲିପାଟଣା,୨୫।୩(ଡି.ଏନ୍.ଏ.)

ବାଲିପାଟଣା ଥାନା ଅଧୀନ ସୁମୁଦି ଗ୍ରାମ ନିକଟ ବଜାରରେ ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ କଟୁରିରେ ହାଣି ହତ୍ୟା ଉଦ୍ୟମ କରାଯାଇଛି। ସେ ହେଲେ ଏହି ଗ୍ରାମର ରାଜୀବ ଲୋଚନ ସ୍ୱାଇଁ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ରାଜୀବ ଶନିବାର ସକାଳେ ଗ୍ରାମ ନିକଟ ବଜାରରେ ଚା' ପିଉଥିବା ବେଳେ ହଠାତ୍ ଉକ୍ତ ଗ୍ରାମର ଦୁଇଜଣ ଯୁବକ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଭୟଭୀତ ହୋଇ ସେ ନିକଟ କ୍ୟାବିନ୍ ଭିତରେ ପଶିଯିବାରୁ ବାମ ହାତ ଓ ନାକରେ ଚୋଟ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଆଜିଠୁ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା

କୃଷ୍ଣପ୍ରସାଦ,୨୫।୩(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ସିଆଣ୍ଡି ପଞ୍ଚାୟତର ସାନସୀମା ନୋଡାଲ ଉଚ୍ଚ ବିଦ୍ୟାପୀଠ ପଡ଼ିଆରେ ରବିବାରଠାରୁ ଆରମ୍ଭ ହେବ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା। ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଓ ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ପ୍ରଥମକରି ଆୟୋଜିତ ଏହି ପ୍ରତିଯୋଗିତା ପାଇଁ ଅଞ୍ଚଳବାସୀଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୪୨ଟି ଦଳ ଅଂଶଗ୍ରହଣ କରିବେ। କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ବିଆରସିସି ସତ୍ୟବ୍ରତ ସାହୁ, କ୍ରୀଡ଼ା ଜୋନ୍ ସମ୍ପାଦକ ପଦ୍ମଚରଣ ଜେନା, ସିଆରସିସି ବିଦ୍ୟାଧର ଜେନା, ସୁନୀଲ କୁମାର ଜେନା, ପ୍ରଶାନ୍ତ କୁମାର ପ୍ରଧାନ, ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇ, ସମିତିସଭ୍ୟ ଲଳିତେନ୍ଦୁ ତରେଇଙ୍କ ସମେତ ବିଦ୍ୟାଳୟ କର୍ତ୍ତୃପକ୍ଷ ଶାନ୍ତିଶୃଙ୍ଖଳାର ସହ ପ୍ରତିଯୋଗିତା ଶେଷ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ତେବେ ପ୍ରତିଯୋଗିତା ନିମନ୍ତେ ବିଦ୍ୟାଳୟ ପରିସରରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଅନୁଷ୍ଠାନର ପ୍ରଧାନ ଶିକ୍ଷକ ରାଜ କିଶୋର ତରାଇ କହିଛନ୍ତି।

## ଓକିଲ ସଂଘ ନିର୍ବାଚନ

### ଜଟଣୀରେ କାହ୍ନୁଚରଣ ସଭାପତି, ଅରୁଣ ସମ୍ପାଦକ

ଜଟଣୀ,୨୫।୩(ଡି.ଏନ୍.ଏ.)

ଜଟଣୀ ଲୟର୍ସ ଆସୋସିଏଶନର ନିର୍ବାଚନ ଶନିବାର ରାମଚନ୍ଦ୍ରପୁରସ୍ଥିତ ଆସୋସିଏଶନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହିନିର୍ବାଚନରେ ୨୦୨୩-୨୪ ବର୍ଷ ପାଇଁ ସଭାପତି ଭାବେ ଅଧିବକ୍ତା କାହ୍ନୁଚରଣ ପ୍ରଧାନ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ଅଧିବକ୍ତା ଅରୁଣ କୁମାର ସାହୁ, କୋଷାଧ୍ୟକ୍ଷ ଭାବେ ରିତେଶ କୁମାର ଶର୍ମା ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଅଧିବକ୍ତା ସୁଶୀଲ କୁମାର ମହାନ୍ତି, ସହସମ୍ପାଦକ ଆଶୁତୋଷ ରାୟ, ଯୁଗ୍ମ ସମ୍ପାଦକ ଅରୁଣ କୁମାର ଦାଶ, ପାଠାଗାର ସମ୍ପାଦକ ଭାବେ ଶିବପ୍ରସାଦ ରଥ ଏବଂ କାର୍ଯ୍ୟକାରୀ କମିଟି ସଭ୍ୟ ପାଇଁ ଅଧିବକ୍ତା ଜଟାଧାରୀ ପ୍ରଧାନ, ସଞ୍ଜୟ କୁମାର ମହାନ୍ତି, ପ୍ରଭୁରାମ ପାତ୍ର, ରବି ପଣ୍ଡା, ମଧୁସ୍ମିତା ନାୟକ, ଆଶିଷ ମହାପାତ୍ର, ସୁରେଶ ଶର୍ମା ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଅର୍ଜୁନ ଚରଣ ସାମନ୍ତରାୟ ଏବଂ ଜ୍ୟୋତିଶଙ୍କର ବଳିୟାରସିଂହ ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ।

### ଖୋର୍ଦ୍ଧାରେ ସର୍ବେଶ୍ୱର ସଭାପତି, ମନ୍ମଥ ସମ୍ପାଦକ



ଖୋର୍ଦ୍ଧା ଅଫିସ,୨୫।୩

ଖୋର୍ଦ୍ଧା ଜିଲା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସଭାପତି ଭାବେ ସର୍ବେଶ୍ୱର ସାହୁ ୧୪୭ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜୀବନଜ୍ୟୋତି ମିଶ୍ର(୧୩୫)ଙ୍କୁ ୧୨ଖଣ୍ଡ ବ୍ୟବଧାନରେ ପରାସ୍ତକରି ବିଜୟୀ ହୋଇଛନ୍ତି। ଉପସଭାପତି ପଦବୀରେ ଲିଙ୍ଗରାଜ ସାହୁ ୧୪୬ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଦୀପ୍ତ ପ୍ରସାଦ ରାମ(୧୦୭)ଙ୍କୁ ୩୯ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଛନ୍ତି। ସମ୍ପାଦକରେ ମନ୍ମଥ କୁମାର ମିଶ୍ର ୧୩୬ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମାନସ ରଞ୍ଜନ ପଟ୍ଟନାୟକ(୧୦୦)ଙ୍କୁ ୩୬ ଖଣ୍ଡ ବ୍ୟବଧାନରେ ପରାସ୍ତ କରି ବିଜୟଲାଭ କରିଥିବା ବେଳେ କୋଷାଧକ୍ଷ ପଦବୀରେ ନିରଞ୍ଜନ ବେହେରା ୧୬୨ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନବୀନ ମହାପାତ୍ର(୧୩୭)ଙ୍କୁ ୨୫ ଭୋଟରେ ପରାସ୍ତକରି ବିଜୟୀ ହୋଇଛନ୍ତି। ସେହିପରି ସିନିୟର ବର୍ଗରେ କାର୍ଯ୍ୟକାରୀ ସଦସ୍ୟଭାବେ ଅଜିତ୍ ମିଶ୍ର, କ୍ଷୀରୋଦ ସ୍ୱାଇଁ, ମନୋରଞ୍ଜନ ପଣ୍ଡା, ସୋମନାଥ ବାରିକ, ପ୍ରଦୀପ୍ତ ଦଳାଇ ପ୍ରମୁଖ ନିର୍ବାଚିତ ହୋଇଥିବା ବେଳେ ଜୁନିୟର ବର୍ଗରେ ବାସନ୍ତି ମାଝି, ତାପସ କୁମାର ଦଳବେହେରା, ରାକେଶ କୁମାର ମହାପାତ୍ର ପ୍ରମୁଖ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ସକାଳ ୮ଟାରେ ମତଦାନ ଆରମ୍ଭ ହୋଇ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ୪ଟାରେ ଗଣତି ଆରମ୍ଭ ହୋଇଥିଲା। ୩୨୦ ଭୋଟରଙ୍କ ମଧ୍ୟରୁ ୩୦୩ ଜଣ ମତଦାନ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ନୃସିଂହ ମିଶ୍ର ନିର୍ବାଚନ ପରିଚାଳନା କରିଥିଲେ।

### ଭୁବନେଶ୍ୱରରେ ଧନେଶ୍ୱର ସଭାପତି, ତାପସ ସମ୍ପାଦକ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଓକିଲ ସଂଘର ନିର୍ବାଚନ ହୋଇ ଫଳାଫଳ ଘୋଷିତ ହୋଇଛି। ଏଥିରେ ସଭାପତି ଭାବେ ଧନେଶ୍ୱର ମହାନ୍ତି ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୁନ୍ଦନ ରଥଙ୍କୁ ୧୨୦ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ସେହିପରି ଅଞ୍ଜନ କୁମାର ସାମନ୍ତରାୟ ୫୬୦ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶରତ କୁମାର ଦାସଙ୍କୁ ପରାସ୍ତ କରି ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେଭଳି ତାପସ ରଞ୍ଜନ ଦାସ ୩୫୭ ଖଣ୍ଡ ଭୋଟରେ ରାଜକିଶୋର ଦାସଙ୍କୁ ହରାଇ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲା ବେଳେ କୋଷାଧକ୍ଷ ଭାବେ ମନେଶ କୁମାର ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ପଦ ପାଇଁ ସୁକାନ୍ତ ବେହେରା ୬୭୦ ଖଣ୍ଡ ଭୋଟରେ ମୂରଲୀ ମନୋହର ପାତ୍ରଙ୍କୁ ପରାସ୍ତ କରିଥିଲା ବେଳେ ପୁଲିନ ମାର୍ଥା ୯୦୧ଭୋଟରେ ରଶ୍ମିଭୂଷଣ ମୁଖୀଙ୍କୁ ପରାସ୍ତ କରି ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ୮ଜଣ ନିର୍ବାଚିତ ହୋଇଥିଲା ବେଳେ ୨ଜଣ ମହିଳା ସଦସ୍ୟା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅପରପକ୍ଷେ କ୍ୟାପିଟାଲ ଓକିଲ ସଂଘର ସଭାପତି ଭାବେ ଗୋବିନ୍ଦ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି ସଚ୍ଚିଦାନନ୍ଦ ମିଶ୍ର କାର୍ଯ୍ୟକାରୀ ସଭାପତି, ଦାତାରାମ ଅଶୋକ କୁମାର ମଙ୍ଗରାଜ ଉପସଭାପତି ଓ ଲକ୍ଷ୍ମୀକାନ୍ତ ଚୌଧୁରୀ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ଏହାବ୍ୟତୀତ ପ୍ରଶାନ୍ତ କୁମାର ମହାନ୍ତି, ମଧୁବାଳା ବିଷୋୟୀ ଓ କୈଳାସ ଚନ୍ଦ୍ର ସାମନ୍ତରାୟ ପରିଚାଳନା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ଗାଦିଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ

**ବାହ୍ୟ ଭ୍ରମଣରେ ବାହାରିବେ ଠାକୁର**

କୃଷ୍ଣପ୍ରସାଦ,୨୫।୩(ଡି.ଏନ୍.ଏ.)



କୃଷ୍ଣପ୍ରସାଦ ବ୍ଲକର ଆରାଧ୍ୟ ଶ୍ରୀ ଗାଦିଶ୍ୱର ଦେବଙ୍କ ପୀଠରେ ଶୁକ୍ରବାରଠାରୁ ମା' ଦଣ୍ଡକାଳୀଙ୍କ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ନିଶାର୍ଦ୍ଧରେ ଠାକୁରଙ୍କୁ କୋଠି ଭଗତାମାନଙ୍କ ଦ୍ୱାରା ଆବାହନ କରାଯାଇଥିଲା। ମାନସିକଧାରୀ ଏବଂ ତେର ଭଗତା ନିଷ୍ଠା ଓ କାଷ୍ଟାର ସହ ବ୍ରତ ରଖି ଏହି ପର୍ବରେ ସାମିଲ ହୋଇଛନ୍ତି। ରାଜରାଜୁଡ଼ା ଅମଳରୁ ୨୧ ଦିନ ଧରି ପାଳିତ ହୋଇଆସୁଥିବା ଏହି ପର୍ବରେ ସାମିଲ ହୋଇଥିବା ଦଣ୍ଡୁଆମାନେ ପାଣିତୋଳା କାର୍ଯ୍ୟ ଶେଷ କରିବା ପରେ ଦଣ୍ଡ ଠାକୁରଙ୍କୁ ନେଇ ଗ୍ରାମ ପରିକ୍ରମା କରିଥାନ୍ତି। ପ୍ରଚଳିତ ପ୍ରଥା ଅନୁଯାୟୀ, ପାରିକୁଦ ରାଜବାଟୀ ପରିସରରେ ଦଣ୍ଡ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓ ଓ ସପରିବାର ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଦ୍ୱିତୀୟ ଦିବସରେ ମାର୍ଫତ୍‌ଦାର ଡ. ଅଶୋକ କୁମାର ରାୟଙ୍କ ଦୁଆରେ ଭୋଗ ଲାଗିହେବା ପରେ ବାହ୍ୟ ଭ୍ରମଣରେ ବାହାରନ୍ତି ଠାକୁର। ଆଦିମ ସଭ୍ୟତାର ସଂସ୍କୃତି କେଳା କେଲୁଣୀ, ହାଡ଼ି ହାଡ଼ିଆଣୀ, ଶବର ଶବରୁଣୀ, ଶିବପାର୍ବତୀ ଆଦି ୨୧ ହଳ ପଟେ ବେଶ ହୋଇ ଅଭିନୟ ଅନୁଷ୍ଠିତ ହେବ। ଗାଦିଶ୍ୱର ଦେବଙ୍କ ପୂଜକ ବିରଞ୍ଚି ନାରାୟଣ କେଶରୀ ନୀତିକାନ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି। ଏହି ଯାତ୍ରା ଦେଖିବା ପାଇଁ ଜନସାଧାରଣଙ୍କ ସମାଗମ ହୋଇଥାଏ। ଗାଦିଶ୍ୱର ଦେବଙ୍କ ମାର୍ଫତ୍‌ଦାର ଡ. ଅଶୋକ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏପ୍ରିଲ ୧୩ରେ ଠାକୁର ମନ୍ଦିର ପ୍ରବେଶ କରିବା ପରେ ମେରୁପର୍ବ ଅନୁଷ୍ଠିତ ହୋଇ ଠାକୁରଙ୍କୁ ପୁଣି ସେହି ନିଶାର୍ଦ୍ଧରେ ହିଁ ଗୋପ୍ୟ କରାଯିବ। ସେହିପରି ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଦଣ୍ଡପର୍ବ ଯୋଗୁ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

# ୩୧ ସୁଦ୍ଧା ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ

ଖୋର୍ଦ୍ଧା ଅଫିସ, ୨୫।୩


ସମୀକ୍ଷା ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ ଏବଂ ଅନ୍ୟ ଅଧିକାରୀ।

**ଖୋର୍ଦ୍ଧା ବ୍ଲକ ଉନ୍ନୟନ ସମୀକ୍ଷା ବୈଠକ**

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସ୍ୱଚ୍ଛତାକୁ ଗୁରୁତ୍ୱ

ଆଉ ଦିନ କେଇଟା ପରେ ସରିବ ୨୦୨୨-୨୩ ଆର୍ଥିକ ବର୍ଷ। ଶନିବାର ଖୋର୍ଦ୍ଧା ବ୍ଲକ ସମୀକ୍ଷା ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ ଅଧକ୍ଷତା କରିଥିଲେ। ବ୍ଲକର ୨୨ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ମାର୍ଚ୍ଚ ଶେଷସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ରାଉତରାୟ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଖର୍ଚ୍ଚ କମ୍, ମନ୍ଥରତା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିରେ ଅଧିକ ଶ୍ରମ ଦିବସ, ଶ୍ରମିକମାନଙ୍କୁ ନିୟୋଜିତ ସହ ଜନପ୍ରତିନିଧି, ଗ୍ରାମ ରୋଜଗାର ସେବକ, ଗାଁ ସାଥି ଏବଂ ଶ୍ରମିକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଲେ ଏହି କାମ ତ୍ୱରାନ୍ୱିତ ହେବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସ୍ୱଚ୍ଛତା ନେଇ ବିଡିଓ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ। ପ୍ରତି ପରିବାରର ଜଣକୁ ଶହେଦିନିଆ କାମ ଯୋଗାଇ ଦିଆଯିବ। ଏଥିରୁ କେହି ଯେପରି ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ଆଗାମୀ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗ୍ରାମ ପଞ୍ଚାୟତଗୁଡ଼ିକ ଉନ୍ନୟନ ଯୋଜନା ଖସଡ଼ା ପ୍ରସ୍ତୁତ ଲାଗି ନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ସ୍ୱଚ୍ଛ ଭାରତ ମିଶନରେ ନିର୍ମିତ ପାଇଖାନା, ରିଚାର୍ଜ ପିଟ୍ ତ୍ୱରାନ୍ୱିତ, ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ର କାମ ୩୧ ତାରିଖ ସୁଦ୍ଧା ସାରିବାକୁ କହିଥିଲେ। କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ ଦ୍ୱାରା ବ୍ଲକ ଓ ପଞ୍ଚାୟତକୁ ଦିଆଯାଉଥିବା ଅର୍ଥର ସୁବିନିଯୋଗ, ସ୍ୱଚ୍ଛତା ଅବଲମ୍ବନ ସହ ସବିଶେଷ ରିପୋର୍ଟ ଦେବାକୁ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲା ପରିଷଦ ପ୍ରଯୁକ୍ତିବିଦ୍ୟା ପ୍ରକଳ୍ପ ଅଧିକାରୀ ସୁନାକର ଜେନା,ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ରାଉତ, ଜିଲା ପରିମଳ ସଂଯୋଜକ ମନୋଜ ଶତପଥୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୩।୨୦୨୩

| ୪,୮୩,୭୫୦ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦେଖିଲେ ୫-ଟି ସଚିବ

**ପୁରୀ ଅଫିସ, ୨୫।୩:**

୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। କାର୍ଯ୍ୟ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟରେ ସାରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟାରେ ୫-ଟି ସଚିବ ପାଣ୍ଡିଆନ ଶ୍ରୀମନ୍ଦିର ନିକଟରେ ଆସି ପହଞ୍ଚିଥିଲେ। ସେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରି ରତ୍ନସିଂହାସନରଢ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ସେହିପରି ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିସାରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ପରେ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ଐତିହ୍ୟ କରିଡର ତଥା ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସରଜମିନ୍ ଅନୁଧାନ କରିଥିଲେ। ପ୍ରକଳ୍ପସ୍ଥଳ ବୁଲି ଦେଖିବା ସହ କାର୍ଯ୍ୟ କେତେ ସରିଛି, ଆଉ କେତେ ବାକି ଅଛି ବୋଲି ଜିଲାପାଳ



ଜିଲାପାଳ ସମର୍ଥ ବର୍ମାଙ୍କ ସହିତ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ପ୍ରକଳ୍ପ କାର୍ଯ୍ୟ ଅନୁଧାନ କରୁଛନ୍ତି।

ସମର୍ଥ ବର୍ମାଙ୍କୁ ପଚାରି ବୁଝିଥିଲେ। କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ରଥଯାତ୍ରା ପୂର୍ବରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସାରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଡ୍ରିମ୍ ପ୍ରୋଜେକ୍ଟ ହେଉଛି ଶ୍ରୀମନ୍ଦିର ଐତିହ୍ୟ କରିଡର। ତେଣୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ବିଭିନ୍ନ ସମୟରେ ପୁରୀ ଆସି ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି। ବର୍ତ୍ତମାନ ଆଉଟର ଆସେସ୍ ରୋଡ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଏହା ସରିବା ପରେ ଇନର ଆସେସ୍ ରୋଡ, ମେଘନାଦ ପାଚେରି ସହ ଆଉଟର ଆସେସ୍ ରୋଡର ସଂଯୋଗ,

**ନିର୍ଦ୍ଧାରିତ ସମୟରେ ସାରିବାକୁ ନିର୍ଦ୍ଦେଶ**
- ଶ୍ରୀସେତୁ କାମ ଅଗ୍ରଗତି ନେଇ ସମୀକ୍ଷା କଲେ
- ଆଗେଇ ଚାଲିଛି ଆଉଟର ଆସେସ୍ ରୋଡ ନିର୍ମାଣ

ଯାତ୍ରୀ ପ୍ରତୀକ୍ଷା କେନ୍ଦ୍ର, ଧ୍ୟାନକେନ୍ଦ୍ର, ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ କରିଡ଼ର ନିର୍ମାଣ କରାଯିବ। ୫-ଟି ସଚିବ ଶ୍ରୀମନ୍ଦିର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ସାରିବା ପରେ ଶ୍ରୀଜଗନ୍ନାଥବଲ୍ଲଭ ନିକଟକୁ ଯାଇଥିଲେ। ସେଠାରେ ଚାଲିଥିବା ଶ୍ରୀସେତୁ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ପରେ ପୁରୁଣା ଜେଲରୋଡ ନିକଟକୁ ଯାଇ ପାର୍କିଂ କାର୍ଯ୍ୟ ଦେଖିଥିଲେ। ଏହି ଅବସରରେ ୫-ଟି ସଚିବଙ୍କ ସହିତ ଜିଲାପାଳ, ଓବିସିସି ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ।

# ବାଡ଼ିନୃସିଂହଙ୍କ ଚାରିଆଶ୍ରମ ବିଜେ



ଶ୍ରୀମନ୍ଦିରରୁ ବାଡ଼ି ନୃସିଂହଙ୍କୁ ମାର୍କଣ୍ଡ ଆଶ୍ରମକୁ ବିଜେ କରାଯାଉଛି।

**ପୁରୀ ଅଫିସ, ୨୫।୩:**

ଚୈତ୍ର ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥି ଅବସରରେ ଶନିବାର ଶ୍ରୀମନ୍ଦିରରେ ବାଡ଼ିନୃସିଂହଙ୍କ ଚାରି ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଭିନ୍ନ ନୀତି ଅନୁଷ୍ଠିତ ହେଉଥିବାବେଳେ ମହାମାରୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତିହତ କରିବା ପାଇଁ ବାଡ଼ି ନୃସିଂହ ବିଜେ ନୀତି ପାଳନ କରାଯାଇଥାଏ।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ବଢିବା ପରେ ଦକ୍ଷିଣୀଘରୁ ନୃସିଂହ ଦେବଙ୍କୁ ରତ୍ନସିଂହାସନ ନିକଟକୁ ବିଜେ କରାଯାଇଥିଲା। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନୃସିଂହ ଦେବଙ୍କୁ ପ୍ରଦାନ କରିଥିଲେ। ପରେ ନୃସିଂହ ଦେବ ଝୁଲଣମଣ୍ଡପ ନିକଟ ସୁସଜ୍ଜିତ ପାଲିଙ୍କିକୁ ବିଜେ ହୋଇଥିଲେ। ରୁନ୍ଧା କାର୍ଯ୍ୟ ସରିବା ପରେ ଘଣ୍ଟଛତା ଓ ସେବାୟତଙ୍କ ଗହଣରେ ସିଂହଦ୍ୱାର ଦେଇ ବିମାନରେ ଚାରି ଆଶ୍ରମକୁ ବିଜେ କରିଥିଲେ। ମାର୍କଣ୍ଡେୟ, ଅଙ୍ଗିରା, କଣ୍ଡୁ, ଭୃଗୁ ଆଶ୍ରମ ବିଜେ ବେଳେ ଶୀତଳ ଭୋଗ ମଣୋହୀ କରାଯାଇଥିଲା। ନଗର ପରିକ୍ରମା ସମୟରେ ବିଭିନ୍ନ ମଠ, ମନ୍ଦିର, ଆଖଡ଼ା ପ୍ରଭୃତି ୪୨ଟି ସ୍ଥାନରେ ନୃସିଂହ ଦେବଙ୍କୁ ପନ୍ତିଭୋଗ କରାଯାଇଥିଲା। ପରେ ନୃସିଂହ ଦେବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

କିମ୍ବଦନ୍ତୀ ଅନୁଯାୟୀ, ୧୯୦୩ରୁ ୧୯୦୫ ମସିହା ମଧ୍ୟରେ ପୁରୀରେ ହଇଜା ବ୍ୟାପିଥିଲା। ଏହି ସମୟରେ ଶ୍ରୀମନ୍ଦିର କମାଣ୍ଡର ଏହାର ନିରାକରଣ ପାଇଁ ମୁକ୍ତିମଣ୍ଡପ ସହିତ ଆଲୋଚନା କରିଥିଲେ। ଏ ନେଇ ମୁକ୍ତିମଣ୍ଡପ ବ୍ରାହ୍ମଣଙ୍କ ସମେତ ସେବାୟତମାନେ ମହାପ୍ରଭୁଙ୍କ ନିକଟରେ ଶରଣ ପଶିଥିଲେ। ନୃସିଂହ ଦେବଙ୍କୁ ସହର ପରିକ୍ରମା କରାଇଲେ ଶ୍ରୀକ୍ଷେତ୍ର ତଥା ଦେଶରୁ ମହାମାରୀ ହଇଜା ଦୂରୀଭୂତ ହେବ ବୋଲି ମହାପ୍ରଭୁ ସ୍ୱପ୍ନାଦେଶ କରିଥିଲେ। ସେହି ଅନୁସାରେ ସେବାୟତମାନେ ନୃସିଂହ ଦେବଙ୍କୁ ନଗର ପରିକ୍ରମା କରାଇଥିଲେ। ଫଳରେ ଶ୍ରୀକ୍ଷେତ୍ରରୁ ହଇଜା ଲୋପ ପାଇଯାଇଥିଲା ବୋଲି ବିଶ୍ୱାସ ରହିଛି। ନୃସିଂହ ଦେବ ନଗର ପରିକ୍ରମା କରି ବାଡ଼ି ବା ହଇଜା ଦୂର କରିଥିବାରୁ ନୃସିଂହ ବାଡ଼ି ନାମରେ ବିଦିତ ହେଲେ। ସେବେଠାରୁ ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ପରମ୍ପରା ଚାଲି ଆସୁଛି। ବର୍ଷକରେ ଦୁଇଥର ବାଡ଼ି ନୃସିଂହ ଶ୍ରୀମନ୍ଦିରରୁ ବାହାରି ଚାରି ଆଶ୍ରମ ବିଜେ ସହ ନଗର ପରିକ୍ରମା କରିଥାନ୍ତି।

## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

ଗୋପ,୨୫।୩(ଡି.ଏନ୍.ଏ.)- ବାଇକ୍ ଚୋରି ଅଭିଯୋଗରେ ଗୋପ ଥାନା ପୋଲିସ ଶନିବାର ସକାଳେ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଜିରିକଣା ଗ୍ରାମର ଚିତ୍ତରଞ୍ଜନ ସ୍ୱାଇଁ (୨୮)। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୪୧/୨୩) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ପ୍ରତିଦିନ ପରି ବିଶ୍ୱଜିତ ନିଜର ହିରୋହୋଣ୍ଡା ବାଇକ୍ ନମ୍ବର ଓଆର୍ ବିପି ୫୯୯୩କୁ ଶୁକ୍ରବାର ରାତିରେ ଘର ସମ୍ମୁଖରେ ରଖିଥିଲେ। ବିଳମ୍ବିତ ରାତ୍ରରେ ଅଭିଯୁକ୍ତ ଚିତ୍ତରଞ୍ଜନ ଉକ୍ତ ବାଇକ୍ ନିକଟକୁ ଆସି ହ୍ୟାଣ୍ଡେଲ ଲକ୍ ଭାଙ୍ଗି ବାଇକ୍ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ପରେ ସକାଳୁ ଉଠି ବିଶ୍ୱଜିତ ନିଜ ବାଇକ୍‌କୁ ଘରେ ଆଗରେ ନ ଥିବା ଦେଖି ବିଭିନ୍ନ ଜାଗାରେ ଖୋଜିଥିଲେ ମଧ ପାଇ ନ ଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ଅଭିଯୋଗ ହେବାର ୧ ଘଣ୍ଟା ମଧରେ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରି ବାଇକ୍ ସହିତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ।

### ଆଜିଠୁ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା

କୃଷ୍ଣପ୍ରସାଦ,୨୫।୩(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ସିଆଣ୍ଡି ପଞ୍ଚାୟତର ସାନସୀମା ନୋଡାଲ ଉଚ୍ଚ ବିଦ୍ୟାପୀଠ ପଡ଼ିଆରେ ରବିବାରଠାରୁ ଆରମ୍ଭ ହେବ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା। ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଓ ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ପ୍ରଥମକରି ଆୟୋଜିତ ଏହି ପ୍ରତିଯୋଗିତା ପାଇଁ ଅଞ୍ଚଳବାସୀଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୪୨ଟି ଦଳ ଅଂଶଗ୍ରହଣ କରିବେ। କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ବିଆରସିସି ସତ୍ୟବ୍ରତ ସାହୁ, କ୍ରୀଡ଼ା ଜୋନ୍ ସମ୍ପାଦକ ପଦ୍ମଚରଣ ଜେନା, ସିଆରସିସି ବିଦ୍ୟାଧର ଜେନା, ସୁନୀଲ କୁମାର ଜେନା, ପ୍ରଶାନ୍ତ କୁମାର ପ୍ରଧାନ, ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇ, ସମିତିସଭ୍ୟ ଲଳିତେନ୍ଦୁ ତରେଇଙ୍କ ସମେତ ବିଦ୍ୟାଳୟ କର୍ତ୍ତୃପକ୍ଷ ଶାନ୍ତିଶୃଙ୍ଖଳାର ସହ ପ୍ରତିଯୋଗିତା ଶେଷ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ତେବେ ପ୍ରତିଯୋଗିତା ନିମନ୍ତେ ବିଦ୍ୟାଳୟ ପରିସରରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଅନୁଷ୍ଠାନର ପ୍ରଧାନ ଶିକ୍ଷକ ରାଜ କିଶୋର ତରାଇ କହିଛନ୍ତି।



କରତି ସାହି ସାରସ୍ୱତ ବିଦ୍ୟାମନ୍ଦିରର ପଞ୍ଚବିଂଶତମ ବାର୍ଷିକ ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଉଦ୍‌ବୋଧନ ଦେଉଛନ୍ତି ।

# କରତି ସାହି ସାରସ୍ୱତ ବିଦ୍ୟା ମନ୍ଦିରର ପଞ୍ଚବିଂଶତମ ବାର୍ଷିକ ଉତ୍ସବ

**ପୁରୀ ଅଫିସ, ୨୫।୩:**

କରତି ସାହି ନେବଳଦାସ ମଠ ପରିସରରେ ଥିବା ସାରସ୍ୱତ ବିଦ୍ୟା ମନ୍ଦିରର ପଞ୍ଚବିଂଶତମ ବାର୍ଷିକ ଉତ୍ସବ ସ୍ଥାନୀୟ ପୌରସଦନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ ପାଟଶାଣୀ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରିହର ହୋତା, ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷ, ଶିଳ୍ପପତି ଗିରୀଶ ଚନ୍ଦ୍ର ନାୟକ, କଣ୍ଠଶିଳ୍ପୀ ରୋଜାଲିନ୍ ସେନାପତି, ସାମାଜିକ କର୍ମୀ ଶରତ ଚନ୍ଦ୍ର ଜୟସଂହ ଏବଂ ଖବରଦାତା ଶଙ୍କର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାରନାଥ ପ୍ରଧାନ, ସମ୍ପାଦକ ଗୁରୁ ଚରଣ ମିଶ୍ର, ପ୍ରାକ୍ତନ ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି, ତତ୍ତ୍ୱାବଧାରକ ଶରତଚନ୍ଦ୍ର ମିଶ୍ର, ପ୍ରଧାନ ଆଚାର୍ଯ୍ୟ କାଳିନ୍ଦୀ ଚରଣ ପଲାଇ ଏବଂ ସଭ୍ୟ ସୁନୀଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ପାଦିକା ଚାରୁଲତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଗତ ୨ମାସରେ ୨୬ ଦୁର୍ଘଟଣା ନେଇଛି ୧୭ ଜୀବନ

**ପୁରୀ ଅଫିସ, ୨୫।୩:**

ରାସ୍ତା ଦୁର୍ଘଟଣାରେ ଅମୂଲ୍ୟ ଜୀବନ ଯିବା ସହ ବ୍ୟାପକ ଧନହାନି ଘଟୁଛି। ବିଶେଷ ଭାବେ ୧୫-୪୫ ବର୍ଷ ବୟସର ବ୍ୟକ୍ତିଙ୍କ ବିୟୋଗ ମାତ୍ରାଧିକ। ତେଣୁ ଏହାର ନିରାକରଣ ପାଇଁ ବ୍ୟାପକ ସଚେତନତା ଉଦ୍ଦେଶ୍ୟରେ ଅପ୍ରେଲ ୧ରୁ ୭ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ସପ୍ତାହ ଭାବେ ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ବୋଲି ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଶନିବାର ସର୍କିଟ ହାଉସରେ ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ସପ୍ତାହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ନାୟକ ଲୋକଙ୍କୁ ସଚେତନ କରିବା ଏବଂ ଅମାନିଆଙ୍କୁ

**ଏପ୍ରିଲ ୧ରୁ ୭ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ସପ୍ତାହ ପାଳନ**

ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ। ବିନା ହେଲମେଟ, ବିନା ସିଟବେଲ୍ଟ, ମାଦକ ଦ୍ରବ୍ୟ ସେବନ, ମୋବାଇଲ ବ୍ୟବହାର ଇତ୍ୟାଦି କରି ଗାଡ଼ିଚାଳନା, ଓଭରଲୋଡିଂ, ଦ୍ରୁତ ଗାଡ଼ିଚାଳନା ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି। ତେଣୁ ଏ କ୍ଷେତ୍ରରେ ବାଣିଜ୍ୟ ଓ ପରିବହନ ବିଭାଗର ନିୟମ ଅନୁସାରେ ଜରିମାନା ଆଦାୟ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଇତ୍ୟାଦି କଟକଣାକୁ କଡ଼ାକଡ଼ି କରିବାକୁ ସେ ପରାମର୍ଶ ଦେଇଥିଲେ। ପୁରୀ ଜିଲାରେ ୨୦୨୧ ମସିହାରେ ୧୯୭ ଦୁର୍ଘଟଣା ଘଟି ୧୨୬ ମୃତ୍ୟୁ ହୋଇଥିଲାବେଳେ ୨୦୨୨ରେ ୧୯୭ଟି ଦୁର୍ଘଟଣାରେ ୧୪୬ ଜଣଙ୍କ ଜୀବନ ଯାଇଥିଲା। ୨୦୨୩ ଫେବୃୟାରୀ ଶେଷ ସୁଦ୍ଧା ୨୬ଟି ଦୁର୍ଘଟଣାରେ ୧୭ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୨ରେ ବିନା ହେଲମେଟ, ବିନା ସିଟ ବେଲ୍ଟରେ ଗାଡ଼ି ଚାଳନା, ମୋବାଇଲ ବ୍ୟବହାର ଓ ମାଦକ ଦ୍ରବ୍ୟ ସେବନ କରି ଗାଡି ଚାଳନା, ଦ୍ରୁତ ଗତିରେ ଗାଡ଼ି ଚାଳନା ଇତ୍ୟାଦି କ୍ଷେତ୍ରରେ ୭୭୩୦ ଜଣଙ୍କୁ ଧରାଯାଇ କାର୍ଯ୍ୟାନୁଷ୍ଠାନ ଓ ୧୩୦୭ ଜଣଙ୍କ ଲାଇସେନ୍ସ ସସପେଣ୍ଡ କରାଯାଇଛି। ୨୦୨୩ରେ ଫେବ୍ରୁୟାରୀ ଶେଷ ସୁଦ୍ଧା ୧୯୮୦ଟି ଘଟଣାରେ ୩୯୭ ଜଣଙ୍କ ଲାଇସେନ୍ସ ସସପେଣ୍ଡ କରାଯାଇଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସୂଚନା ଦେଇଥିଲେ। ବୈଠକରେ ଟ୍ରାଫିକ ଡିଏସ୍‌ପି ନିରଞ୍ଜନ ଶବର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଏସିଏସ୍‌ଓ ଜାନକୀ ବଲ୍ଲଭ ହାବଡାସିଂ, ବସ ମାଲିକ ସଂଘର କର୍ମକର୍ତ୍ତା, ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ନିମାପଡ଼ା ବାର୍ ଆସୋସିଏଶନ ସଭାପତି ବ୍ରହ୍ମାନନ୍ଦ

**ନିମାପଡ଼ା,୨୫।୩(ଡି.ଏନ୍.ଏ.)**

**ନୂତନ କର୍ମକର୍ତ୍ତା ନିର୍ବାଚନ**

ନିମାପଡ଼ା ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ବାର୍ ଆସୋସିଏଶନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ନୂତନ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପ୍ରଧାନ, ଉପସଭାପତି ଭାବେ ଆଇନଜୀବୀ ଜୟଶ୍ରୀ ପ୍ରଧାନ, ସମ୍ପାଦକ ଭାବେ ଆଇନଜୀବୀ ଜୟଦେବ ମିଶ୍ର, ସହସମ୍ପାଦକ ଭାବେ ସରୋଜ ମହାନ୍ତି ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଗୌରାଙ୍ଗ ସାହୁ ଏହି ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ନିର୍ବାଚନ କାର୍ଯ୍ୟରେ ବରିଷ୍ଠ ଆଇନଜୀବୀ ପ୍ରଭାତ ବେହେରା, ଛବୀନ୍ଦ୍ର ମୁଖୀ, ରଣଜିତ୍ ସାହୁ, ଶୈଳେନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ପ୍ରଭାତ ନାୟକ,



ବ୍ରହ୍ମାନନ୍ଦ ପ୍ରଧାନ

ପ୍ରତାପ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ନିର୍ବାଚନ ପରେ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଆଇନଜୀବୀବନ୍ଧୁ ସ୍ୱାଗତ କରିଥିଲେ।

# ପ୍ରତ୍ୟେକ ସାହିରେ ଶାନ୍ତି କମିଟି ଗଠନ ହେବ

**ପୁରୀ ଅଫିସ, ୨୫।୩:**

ଶ୍ରୀକ୍ଷେତ୍ରରେ ହେବାକୁ ଥିବା ସାହିଯାତ ପାଇଁ ଶନିବାର ବାଲିସାହି ଆଖଡ଼ାରେ ଆଠସାହି ଆଖଡ଼ା ସମନ୍ୱୟ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସାହିଯାତକୁ ଜିଲା ପ୍ରଶାସନ ଏବଂ ଆଠସାହି ଆଖଡ଼ାର ମୁରବିମାନଙ୍କ ସହଯୋଗରେ କିପରି ସରସସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ସାହିରେ ଶାନ୍ତି କମିଟି ଗଠନ କରାଯିବା ସହ ନିଜ ନିଜ ପଡ଼ୋଶୀ ସାହିସହିତ ସହଯୋଗର ହାତ ବଢ଼ାଇ ଯାତକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ। ପ୍ରତ୍ୟେକ

**ସାହିଯାତ ସମନ୍ୱୟ କମିଟି ବୈଠକ**

ସାହିରେ ଥିବା ଛୋଟ ବଡ଼ ସମସ୍ୟାକୁ ଯଥାଶୀଘ୍ର ଶେଷ କରିବା ପାଇଁ ସ୍ଥିର କରିବା ସହିତ ଏହି ପାରମ୍ପରିକ ଉତ୍ସବରେ ଜିଲା ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି ସ୍ଥିର ହୋଇଛି। ଏହି ଅବସରରେ ବାଲିସାହିର ଦିବଂଗତ ପୁରୁଖା ମୁରବିମାନଙ୍କ ନାମରେ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ କର, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଟାଉନ ଥାନା ଅଧିକାରୀ ଗୋକୁଳାନନ୍ଦ ଦାସ, ବାସେଳି ସାହି ଥାନା ଅଧିକାରୀ, ଆଠସାହି ଆଖଡ଼ା ସଭାପତି, ବାଲିସାହି ଆଖଡ଼ା ପକ୍ଷରୁ ତଲୁଛ ନୀଳକଣ୍ଠ ସିଂହାରୀ, ରଜତ ପ୍ରତିହାରୀ ଏବଂ ଅନ୍ୟ ବୟୋଜ୍ୟେଷ୍ଠ ସଦସ୍ୟମାନେ ଉପସ୍ଥିତ ରହି ମତ ରଖିଥିଲେ। ଚକ୍ରଧର ମହାପାତ୍ର ଏବଂ ନରେନ୍ଦ୍ର କୁମାର ମହାନ୍ତି ବୈଠକ ପରିଚାଳନାରେ ସହଯୋଗ କରିଥିଲେ।



ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

# ଏପ୍ରିଲ ୩ରୁ ଅନ୍ତର୍ଜାତୀୟ ଚନ୍ଦ୍ରାଲୋକ ଦୁଃସାହସିକ ଅଭିଯାନ

**ପୁରୀ ଅଫିସ, ୨୫।୩:**

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରୋଜେକ୍ଟ ପଏଣ୍ଟ' ଏବଂ 'ପ୍ରେରଣା'ର ମିଳିତ ଆନୁକୂଲ୍ୟରେ ତଥା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ସହଯୋଗରେ ଆସନ୍ତା ଏପ୍ରିଲ ୩ରୁ ୬ ତାରିଖ ପର୍ଯ୍ୟନ୍ତ ପୁରୀରୁ କୋଣାର୍କ ଅନ୍ତର୍ଜାତୀୟ ଚନ୍ଦ୍ରାଲୋକ ଯୁବ ଦୁଃସାହସିକ ଅଭିଯାନ ଅନୁଷ୍ଠିତ ହେବ। ଏନେଇ ଶନିବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରେରଣା ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ ଏବଂ ପ୍ରୋଜେକ୍ଟ ପଏଣ୍ଟ ଅଧ୍ୟକ୍ଷ ସଂଗ୍ରାମ କେଶରୀ ସାମନ୍ତରାୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆସନ୍ତା ଏପ୍ରିଲ ୩ରୁ ୬ତାରିଖ ପର୍ଯ୍ୟନ୍ତ କୋଣାର୍କ ଅନ୍ତର୍ଜାତୀୟ ଚନ୍ଦ୍ରାଲୋକ ଯୁବ ଦୁଃସାହସିକ ଅଭିଯାନ ଅନୁଷ୍ଠିତ ହେବ। ଏହି ଅଭିଯାନର ମୁଖ୍ୟ ଆଭିମୁଖ୍ୟ ହେଉଛି ବେଳାଭୂମି ସଫେଇ, ସମୁଦ୍ରକୂଳରେ ମୃତ୍ତିକା କ୍ଷୟ ରୋକିବା ସହ ବିଶ୍ୱ ତାପମାତ୍ରା ହ୍ରାସ ପାଇଁ ଚାରାରୋପଣ, ସମୁଦ୍ର ଗର୍ଭସ୍ଥ ପ୍ରଦୂଷଣ ରୋକିବା ପାଇଁ ସଚେତନତା ସୃଷ୍ଟି, ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା,




ଅଭିଯାନ ସମ୍ପର୍କରେ ପ୍ରେରଣା ସଭାପତି ଏବଂ ପ୍ରୋଜେକ୍ଟ ପଏଣ୍ଟ ଅଧ୍ୟକ୍ଷ ସୂଚନା ଦେଉଛନ୍ତି।

ବାଲୁଖଣ୍ଡ ଅଭୟାରଣ୍ୟରେ ଥିବା ହରିଣଙ୍କ ସୁରକ୍ଷା ପାଇଁ ସଚେତନତା, ସମୁଦ୍ରକୂଳ ଝାଉଁବଣ ସୁରକ୍ଷା ଲାଗି ପଦକ୍ଷେପ, ଆକାଶ ଛତା ମାଧ୍ୟମରେ ଉଡ଼ାଣ, କୋଣାର୍କ ପରିସର ସଫେଇ ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏହି ଅଭିଯାନରେ ୨୦ଟି ରାଜ୍ୟ ଓ ୧୦ଟି ଦେଶର ୧୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇ ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ଯାତ୍ରା କରିବେ। ଏପ୍ରିଲ ୩ ତାରିଖ ଅପରାହ୍ନ ୪ଟାରେ ପୁରୀ ୟୁଥ ହଷ୍ଟେଲ ପରିସରରେ ଏହାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟସଭା ସଦସ୍ୟ ମୁଜିବୁଲ୍ଲା (ମୁନା) ଖାଁ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ପୁରୀ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ଜିଲା ବନଖଣ୍ଡ ଅଧିକାରୀ ରାମାସ୍ୱାମୀ. ପି, ଷଷ୍ଠ ବାଟାଲିୟନ ଏନ୍‌ସିସି କମାଣ୍ଡିଂ ଅଫିସର ମେଜର ପ୍ରସନ୍ନ ପଣ୍ଡା, ମୁକ୍ତ ଓଡ଼ିଶା ଉପଦେଷ୍ଟା ମୀରା ପରିଡ଼ା, ପୁରୀ ଜିଲା ନେହେରୁ ଯୁବକେନ୍ଦ୍ର ଅଧିକାରୀ ଜୟଶଙ୍କର ଜୋଶୀ, ଭୁବନେଶ୍ୱର ସରକାରୀ ଆଇଟିଆଇର ଅଧ୍ୟକ୍ଷ ଇଂ. ଜିତମିତ୍ର ଶତପଥୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୩ ତାରିଖରେ ଉଦ୍‌ଘାଟନ ପରେ ବିଭିନ୍ନ ସ୍ଥାନରେ ରାତ୍ରଯାପନ କରି ଅଭିଯାନ ୬ତାରିଖରେ କୋଣାର୍କରେ ପହଞ୍ଚିବ। ସେଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସହ କୋଣାର୍କ ଯାତ୍ରୀ ନିବାସରେ ଅଭିଯାନ ଉଦ୍‌ଯାପନ ହେବ। ଏଥିରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଟିଡିସି ଅଧ୍ୟକ୍ଷ ଲେଲିନ୍ ମହାନ୍ତି, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ଏବଂ ଜିଲା ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ବିନୟ କୁମାର ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଜୋଶୀ ଏବଂ କାଇପଦରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମନୋଜ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

**ବେଳାଭୂମି ସଫେଇ, ଅଲିଭ ରିଡ୍‌ଲେଙ୍କ ସୁରକ୍ଷାକୁ ଗୁରୁତ୍ୱ**

**ମାରପିଟ ଘଟଣାରେ ୪ଗିରଫ**

କଟକ ସଦର,(ଡି.ଏନ୍.ଏ.): ଦୁଇ ପରିବାର ମଧ୍ୟରେ ବିଦ୍ୟୁତ୍ ଲାଇନ ସଂଯୋଗକୁ ନେଇ ଘଟିଥିବା ମାରପିଟ ଘଟଣାରେ କନ୍ଦରପୁର ପୋଲିସ ଶନିବାର ଉଭୟ ପକ୍ଷରୁ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସିଦ୍ଧେଶ୍ୱରପୁର(ଭୋଇସାହି)ର ଅର୍ଜୁନ ଭୋଇ, ଭାଗେଶ୍ୱର ଭୋଇ, ଅଭିମନ୍ୟୁ ଭୋଇ, ବୁଧ ଭୋଇ। ପୋଲିସ ସୂତ୍ରରୁ ପ୍ରକାଶ, ଶୁକ୍ରବାର ବିଦ୍ୟୁତ୍ ଲାଇନ ଟାଣିବାକୁ ନେଇ ଗଣ୍ଡଗୋଳ ସହ ମାରପିଟ ହୋଇଥିଲା। ଏଥିରେ ୪ ଅଭିଯୁକ୍ତଙ୍କର ମୁଣ୍ଡ ଫାଟିଥିଲା। ପରେ ପୋଲିସ ସେମାନଙ୍କୁ ଆଣି ଥାନାରେ ପଚରାଉଚରା କରିଥିଲା।

## ସଂକ୍ଷେପରେ

### ଅଙ୍ଗନୱାଡି କେନ୍ଦ୍ରରୁ ଚୋରି, ୩ କୋର୍ଟ ଚାଲାଣ

**ଖୁଣ୍ଟୁଣୀ,୨୫।୩(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାହାଙ୍ଗୁଳ ଆବାସିକ ବିଦ୍ୟାଳୟ ପଛପଟେ ଥିବା ଅଙ୍ଗନୱାଡି କେନ୍ଦ୍ରରୁ ଚାଉଳ ଓ ଅଣ୍ଡାପେଟି ଚୋରି କରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରାହାଙ୍ଗୁଳ ଗ୍ରାମର ଅଜୁ ଦେହୁରି, ରଞ୍ଜନ ଦେହୁରୀ ଓ ହାପି ଦେହୁରି। ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରର ତାଲା ଭାଙ୍ଗି ପିଲାଙ୍କ ପାଇଁ ଥିବା ଚାଉଳ ବସ୍ତା ଓ ୪ଟି ଅଣ୍ଡା ପେଟି ଚୋରି କରିଥିଲେ। ପରେ ତାହାକୁ ଶନିବାର ସକାଳେ ସାହିର ଜଣେ ଦୋକାନୀଙ୍କୁ ବିକ୍ରି କରୁଥିବାବେଳେ ସ୍ଥାନୀୟ ଯୁବକମାନେ ସେମାନଙ୍କୁ କାବୁ କରି ଅଙ୍ଗନୱାଡି କର୍ମୀ କଲ୍ୟାଣୀ ଦାସଙ୍କୁ ଜଣାଇଥିଲେ। ଏ ନେଇ କଲ୍ୟାଣୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ମଳବୁହା ଗାଡ଼ି ପାଇଁ ଦେୟ ଧାର୍ଯ୍ୟ

**କଟକ ଅଫିସ, ୨୫।୩:** କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମଳବୁହା ଗାଡ଼ି (ସେସ୍‌ପୁଲ) ପାଇଁ ଦେୟ ଧାର୍ଯ୍ୟ କରାଯାଇଛି। ଜନସାଧାରଣ ଏହି ଗାଡ଼ି ସହାୟତାରେ ଗୃହର ମଳଟାଙ୍କିରୁ ମଳ ଉଠାଇଲେ ଦେୟ ଦେବାକୁ ପଡ଼ିବ। ବିଭିନ୍ନ ୱାର୍ଡର କୌଣସି ବ୍ୟକ୍ତି ଏହାର ସେବା ନେବାକୁ ଚାହିଁଲେ ୩ ହଜାର ଲିଟର କ୍ଷମତା ବିଶିଷ୍ଟ ମଳବୁହା ଗାଡି ପାଇଁ ୧୦୦୦ ଟଙ୍କା ଦେବାକୁ ପଡ଼ିବ। ସେହିପରି ୧୫୦୦ ଲିଟର କ୍ଷମତା ବିଶିଷ୍ଟ ଗାଡ଼ି ପାଇଁ ୭୦୦ ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି। ସେହିଭଳି କେତେକ ସ୍ଥାନ ପାଇଁ ଦେୟ ଛାଡ଼ କରାଯାଇଛି। ବିଶେଷକରି ହାଇକୋର୍ଟ, ସମସ୍ତ ଖତକେନ୍ଦ୍ର, ଏମ୍‌ଆର୍‌ଏଫ, ଆହାର କେନ୍ଦ୍ର, ଆଶ୍ରୟସ୍ଥଳ, ଗୋଷ୍ଠୀକେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ, ବିଜୁ ଭବନ, ବିକାଶ ଭବନ, ଶହୀଦ ଭବନ, କଲ୍ୟାଣ ମଣ୍ଡପ ଏବଂ ଟାଉନହଲ୍‌ରୁ ମଳ ସଫେଇ ପାଇଁ କୌଣସି ଦେୟ ଦେବାକୁ ପଡ଼ିବନି। ଏ ସଂକ୍ରାନ୍ତରେ କାଉନ୍‌ସିଲରେ ଅନୁମୋଦନ ହେବା ପରେ କମିଶନର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ମଳବୁହା ଗାଡ଼ିର ସେବା ନେବା ନିମନ୍ତେ ସିଏମ୍‌ସି କଲ ସେଣ୍ଟର ନମ୍ବର ଜରିଆରେ ଅଭିଯୋଗ ଦାଖଲ କରିବା ପରେ ନିଗମ ପକ୍ଷରୁ ଉକ୍ତ ସେବା ଯୋଗାଇ ଦିଆଯିବ।

# ହାତୀ ଉପଦ୍ରବ, ଫସଲ ନଷ୍ଟ

**ଖୁଣ୍ଟୁଣୀ,୨୫।୩(ଡି.ଏନ୍.ଏ.)**

■ଛାତ୍ରୀଛାତ୍ର ଭୟଭୀତ
■ହାତୀ ଘଉଡାଇବା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉ

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ସାଉରିଆ, ରାଧାକୃଷ୍ଣପୁର, ଖଣ୍ଡୁଆଳି ଭଳି ବିଭିନ୍ନ ଗ୍ରାମରେ ପ୍ରାୟ ୧ ମାସ ହେବ ହାତୀ ଉପଦ୍ରବ ଜାରି ରହିଛି। ଏକ ଦଳଛଡା ଦନ୍ତା ଘର ଭାଙ୍ଗି ଦେଉଥିବାରୁ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏପରିକି ହାତୀ ବିଭିନ୍ନ ଲୋକଙ୍କ ବାରିରେ ପଶି ପରିବା ଫସଲ ନଷ୍ଟ କରିବା ସହ ବିଲରୁ ଧାନ ଖାଇଦେଉଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ତୁରନ୍ତ ହାତୀ ଘଉଡାଇବା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ବନବିଭାଗ ନିକଟରେ ଦାବି କରିଛନ୍ତି।

ଶୁକ୍ରବାର ରାତିରେ ଏକ ଦଳଛଡା ଦନ୍ତା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାହାଙ୍ଗୁଳ ଆବାସିକ ବିଦ୍ୟାଳୟର ପାଚେରି ଭାଙ୍ଗି ଭିତରେ ପଶିଥିଲା। ପରେ ହଷ୍ଟେଲ କ୍ୟାମ୍ପସ ପଛପଟେ ଥିବା କଖାରୁ, କଦଳୀ ଓ ଅମୃତଭଣ୍ଡା ଇତ୍ୟାଦି ଖାଇ କୁଦି ନଷ୍ଟ କରିଥିଲା। ହାତୀ ବୁଲିବା


ହାତୀ ଭାଙ୍ଗି ଦେଇଥିବା ପାଚେରି।

ସମ୍ପର୍କରେ ଜାଣିବା ପରେ ହଷ୍ଟେଲରେ ଥିବା ଛାତ୍ରୀଛାତ୍ରମାନେ ଭୟଭୀତ ହୋଇପଡ଼ିଥିଲେ। ଦନ୍ତା ପ୍ରାୟ ୧ ଘଣ୍ଟା କାଳ ସ୍କୁଲ ପରିସରରେ ରହିବା ପରେ ଭଙ୍ଗା ପାଚେରି ବାଟେ ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ଶନିବାର ସକାଳେ ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ରାଉତ ଆସିବା ପରେ ଛାତ୍ରୀଛାତ୍ରମାନେ ଘଟଣା ସମ୍ପର୍କରେ ତାଙ୍କୁ ଜଣାଇଥିଲେ। ହେଲେ ଏ ସମ୍ପର୍କରେ ସେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ତୁରନ୍ତ ଏହି ହାତୀକୁ କପିଳାସ ଜଙ୍ଗଲକୁ ଘଉଡାଇବା ପାଇଁ ରାହାଙ୍ଗୁଳ ଗ୍ରାମବାସୀ ଓ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରାଉତ ଦାବି କରିଛନ୍ତି। ନଚେତ ଏହି ହାତୀ ପୁଣି ସ୍କୁଲ ପରିସରରେ ପ୍ରବେଶ କରି ବହୁ ଗଛ ନଷ୍ଟ କରିବା ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି, କ୍ଷୟକ୍ଷତି ସମ୍ପର୍କରେ ଅଭିଯୋଗ ପାଇବା ପରେ ତଦନ୍ତ କରି ପଦକ୍ଷେପ ନିଆଯିବ।



କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ଜାତୀୟ କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

# ସମାଜଶାସ୍ତ୍ର ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର

**କଟକ ଅଫିସ,୨୫।୩**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗ ପକ୍ଷରୁ ସମାଜବିଜ୍ଞାନରେ ଗବେଷଣା ପଦ୍ଧତି ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁକାନ୍ତ କୁମାର ଚୌଧୁରୀ ଯୋଗଦେଇ ସମାଜ ବିଜ୍ଞାନ ପାଠ୍ୟକ୍ରମ ଏବଂ ଗବେଷଣାର ଭିତ୍ତି ଅଙ୍ଗାଅଙ୍ଗୀ ଭାବେ ଜଡିତ। ସେହିପରି ସମ୍ମାନିତ ବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗୀୟ ମୁଖ୍ୟ ଡ. ଉମାକାନ୍ତ ମିଶ୍ର ଯୋଗଦେଇ ସମାଜବିଜ୍ଞାନରେ ଗବେଷଣା ପଦ୍ଧତିର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସମାଜଶାସ୍ତ୍ର ସହ ଅନ୍ୟ ବିଭାଗର ଅଧ୍ୟାପିକା, ଅଧ୍ୟାପକ, ଗବେଷିକା, ଗବେଷକ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସମାଜଶାସ୍ତ୍ରର ବିଭାଗୀୟ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ବିଷୟ ବସ୍ତୁର ଅବଧାରଣା କରିଥିଲେ। ଅଧ୍ୟାପିକା ଡ. ମନୋସ୍ମିତା ମହାପାତ୍ର, ଡ. ରୋଶିନା ୟୁସୁଫ, ଅଧ୍ୟାପକ ଡ. ମନୋରଞ୍ଜନ ଦାସ, ଈଶ୍ୱର ଚନ୍ଦ୍ର ନାୟକ, ଜ୍ଞାନରଞ୍ଜନ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀ ମାଳବିକା ରୟ ଚୌଧୁରୀ ସ୍ୱାଗତ ଭାଷଣ ତହସିନା ଜାଭେଦ ଧନ୍ୟବାଦ ଦେଇଥିଲେ।

# ଗାଡ଼ି ଧକ୍କାରେ ସ୍କୁଟି ଚାଳକ ମୃତ

**ଫୁଲନଖରା,୨୫।୩(ଡି.ଏନ୍.ଏ.)**

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ତେଲେଙ୍ଗାପେଣ୍ଠ ବ୍ରିଜ ଉପରେ ଶନିବାର ରାତି ୯ଟାରେ ଗାଡ଼ି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱର ରସୁଲଗଡ ଅଞ୍ଚଳର ମନୋରଞ୍ଜନ ସାହୁ(୩୫)। ପୋଲିସ ସୂତ୍ରରୁ ପ୍ରକାଶ, ମନୋରଞ୍ଜନ ସ୍କୁଟି(ନଂ. ଓଡ଼ି୦୨ଏକ୍ୟୁ-୭୯୩୬)ରେ କଟକ ମାଲଗୋଦାମରୁ କାମ ସାରି ଭୁବନେଶ୍ୱର ଯାଉଥିବାବେଳେ ପଛରୁ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ଗାଡ଼ିର ଚକ ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଖବରପାଇ କଟକ ସଦର ଥାନା ପୋଲିସ ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଜାମ୍‌କୁ ନିୟନ୍ତ୍ରଣ କରିବା ସହ ସ୍କୁଟି ଚାଳକଙ୍କୁ କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଫିଲାଟେଲିକ ଆକାଉଣ୍ଟ ଖୋଲନ୍ତୁ ସ୍କୁଲ ପିଲା

**କଟକ ଅଫିସ, ୨୫।୩**

କଟକ ନଗର ଡାକମଣ୍ଡଳ ପକ୍ଷରୁ ଦୀନ୍‌ଦୟାଲ ସ୍ପର୍ଶ ଯୋଜନା ଓ ଢାଇ ଅକ୍ଷର ପତ୍ରଲିଖନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ କଟକ ଜିପିଓ ଡାକଟିକେଟ ସଂଗ୍ରହାଳୟ (ଫିଲାଟେଲି ବ୍ୟୁରୋ) ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିପିଓ ବରିଷ୍ଠ ଡାକପାଳ ଇନ୍ଦ୍ରଦ୍ୟୁମ୍ନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କଟକ ନଗର ଡାକ ମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ସତ୍ୟବାଦୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ ଟିକେଟ ସଂଗ୍ରହର ଉପକାରିତା ସମ୍ପର୍କରେ କହିଥିଲେ। ସ୍କୁଲ ଛାତ୍ରୀଛାତ୍ରମାନେ ଫିଲାଟେଲିକ ଡିପୋଜିଟ ଆକାଉଣ୍ଟ ଖୋଲି ଦୀନ୍‌ଦୟାଲ ସ୍ପର୍ଶ ଯୋଜନାରେ ଅନ୍ତର୍ଭୁକ୍ତ ହୁଅନ୍ତୁ। ସେହିପରି ଚିଠି ଲେଖି ପ୍ରିୟଜନମାନଙ୍କୁ ଖବର ପଠାଇବା ଏକ ମାଧ୍ୟମ ଭାବେ ଗ୍ରହଣ କରିବାକୁ ସେ କହିଥିଲେ। ଏହି ଅବସରରେ ଦୀନ୍‌ଦୟାଲ ସ୍ପର୍ଶ ଯୋଜନା ଓ ଢାଇ ଅକ୍ଷର ପତ୍ର ଲିଖନ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀଙ୍କୁ ପ୍ରୋତ୍ସାହନ ରାଶି ସେମାନଙ୍କ ଡାକଘର ସଞ୍ଚୟ ଖାତାରେ ଜମା କରାଯାଇଥିଲା।

# ନାଟକରେ ସଚେତନତା ବାର୍ତ୍ତା

**କଟକ ଅଫିସ, ୨୫।୩**

## ବିଶ୍ୱ ଯକ୍ଷ୍ମା ଦିବସ

ଡ୍ରିମ୍ସ ସ୍କୁଲ ଆଣ୍ଡ୍ କଲେଜ ଅଫ୍ ନର୍ସିଂର ଗୋଷ୍ଠୀ ସ୍ୱାସ୍ଥ୍ୟ ନର୍ସିଂ ବିଭାଗ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଡ୍ରିମ୍ସ ଓ ପଦ୍ମିନୀ କେୟାରର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯକ୍ଷ୍ମା ନିରାକରଣ ଅଭିଯାନରେ ସାମିଲ ବ୍ୟକ୍ତି ଓ ଅନୁଷ୍ଠାନକୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତରେ ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ଏବଂ ଚିକିତ୍ସା ପଦ୍ଧତି ବିଷୟବସ୍ତୁକୁ ନେଇ ନାଟକ ମାଧ୍ୟମରେ ଛାତ୍ରୀଛାତ୍ର ସଚେତନତା ବାର୍ତ୍ତା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ତାପସ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ମାନବ ସେବା ହିଁ ମାଧବ ସେବା'ର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଯୋଗଦେଇ ଜନସଚେତନା ଓ ସମ୍ମିଳିତ ପ୍ରଚେଷ୍ଟା ଦ୍ୱାରା ଯକ୍ଷ୍ମାମୁକ୍ତ ସମାଜ ସମ୍ଭବ ହେବ ବୋଲି କହିଥିଲେ। ପ୍ରାଧ୍ୟାପିକା ରୋଜାଲିନ୍ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ପ୍ରିୟଙ୍କା ବେହେରା, ତୀର୍ଥସ୍ୱଦା ରାଉତ, ପୂର୍ଣ୍ଣିମା ପଣ୍ଡା, ଅର୍ଚ୍ଚନା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ସାଇବାବାଙ୍କ ଚଭାଡ଼ି ଶୋଭାଯାତ୍ରା



**କଟକ ସଦର,୨୫।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ସଫିପୁର ଗ୍ରାମରେ କୋଟିଲେଇ ମହୋତ୍ସବ ଆରମ୍ଭ ହୋଇଛି। ଶନିବାର ଦ୍ୱିତୀୟ ଦିବସରେ କଳସ ଶୋଭାଯାତ୍ରା ସହ ଶିରିଡ଼ି ସାଇବାବାଙ୍କ ଚଭାଡି ଶୋଭାଯାତ୍ରା ପରମହଂସ, ସଫିପୁର ଗ୍ରାମ ପରିକ୍ରମା କରିଥିଲା। ମହୋତ୍ସବ କମିଟି ସଭାପତି ପ୍ରଫୁଲ୍ଲ ସିଂହ, ସମ୍ପାଦକ ସୁମନ୍ତ ପଣ୍ଡା, କୋଟିଲେଇଙ୍କ ପୂଜକ ହୃଷୀକେଶ ରଣା, ସୁଶାନ୍ତ ପଣ୍ଡା, ସୁବୋଧ ବେହେରା ପ୍ରମୁଖ ଚଭାଡି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ଭଜନ ପରିବେଷିତ ହୋଇଥିଲା।

# ଫ୍ୟାଶନ ଶୋ'ରେ ଭାଗନେବେ ଟ୍ରାନ୍ସଜେଣ୍ଡର


ଖବରଦାତା ସମ୍ମିଳନୀରେ ସଭାପତି ଡା. ଜୟନ୍ତ ପଣ୍ଡାଙ୍କ ସହ ଅନ୍ୟମାନେ।

**କଟକ ଅଫିସ, ୨୫।୩**

## ଆସନ୍ତା ୧ରୁ କଟକ କ୍ଲବର ପ୍ରତିଷ୍ଠା ଉତ୍ସବ

■ବିଜୟୀ ପ୍ରଥମ ପ୍ରତିଯୋଗୀଙ୍କୁ ଭଏସ୍ ଅଫ୍ ବାରବାଟୀ ଉପାଧି
■ସମ୍ବର୍ଦ୍ଧିତ ହେବେ ୨ ଜଣ ସଙ୍ଗୀତ ଶିଳ୍ପୀ

ରାଜ୍ୟର ସର୍ବପୁରାତନ କଟକ କ୍ଲବର ୧୫୮ତମ ପ୍ରତିଷ୍ଠା ଉତ୍ସବ ଆସନ୍ତା ଏପ୍ରିଲ ୧ ଓ ୨ ତାରିଖ ଦୁଇଦିନ ଧରି ପାଳନ କରାଯିବ। ୧ ତାରିଖ ଉତ୍କଳ ଦିବସରେ ଭଏସ୍ ଅଫ୍ ବାରବାଟୀ ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତାରେ ୧୦୫ ଜଣ କଣ୍ଠଶିଳ୍ପୀ ଭାଗ ନେବେ। ଏକ ତ୍ରିସ୍ତରୀୟ ଚୟନ ପ୍ରକ୍ରିୟାରେ ୭ ଜଣ ପ୍ରତିଯୋଗୀ ଗ୍ରାଣ୍ଡ୍ ଫିନାଲେରେ ଭାଗ ନେବେ। ଏଥିରେ ସଙ୍ଗୀତକାର ଏ. ମହେଶ୍ୱର ରାଓ, ଗୀତା ପଟ୍ଟନାୟକ, ବିକାଶ ଦାସ, ଓମ୍ ପ୍ରକାଶ ମହାନ୍ତି, ନିତ୍ୟଶ୍ରୀରଞ୍ଜନ, ଶରତ ନାୟକ, ବୈଦ୍ୟନାଥ ଦାସ ଓ ସୌମିତ୍ରୀ ପଲେଇ ବିଚାରକ ଭାବେ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରିବେ। ବିଜୟୀ ପ୍ରଥମ ପ୍ରତିଯୋଗୀଙ୍କୁ ଭଏସ୍ ଅଫ୍ ବାରବାଟୀ ଉପାଧି ସହ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ଅର୍ଥରାଶି ଦିଆଯିବ। ଉକ୍ତ ଦିନ ସଙ୍ଗୀତ ଶିଳ୍ପୀ ସ୍ୱରୂପ ନାୟକ ଓ ତୃପ୍ତି ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ୨ ତାରିଖରେ କ୍ଲବ ପରିସରରେ ଟ୍ରାନ୍ସଜେଣ୍ଡରମାନଙ୍କ ଏକ ଫ୍ୟାଶନ ଶୋ ଅନୁଷ୍ଠିତ ହେବ। ଏହାପରେ ଅନ୍ୟ ଏକ ଫ୍ୟାଶନ ଶୋ'ରେ ଆଦିବାସୀ ଯୁବତୀଯୁବକମାନେ ଭାଗ ନେବେ। ପରବର୍ତ୍ତୀ ସମୟରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଓ ସୋହିନୀ ମିଶ୍ର ସଙ୍ଗୀତ ପରିବେଷଣ କରିବେ। ଏହା ବ୍ୟତୀତ ବିଭିନ୍ନ ଖେଳକୁଦରେ ପାରଦର୍ଶିତା ଲାଭ କରିଥିବା ପ୍ରତିଯୋଗୀ, ସଭ୍ୟାସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କ୍ଲବ ପରିସରରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଭାପତି ଡା. ଜୟନ୍ତ ପଣ୍ଡା ଓ ସମ୍ପାଦକ ଯଶୋବନ୍ତ ଦାସ ସୂଚନା ଦେଇଥିଲେ।

# 'ଭଗବାନ ମହାପୁରୁଷ ବେଶରେ ଆସିଥାନ୍ତି'

**କଟକ ଅଫିସ,୨୫।୩**

ଭଗବାନ ପ୍ରତ୍ୟେକ ମଣିଷଙ୍କୁ ଉପହାର ଦେଇ ଧରାପୃଷ୍ଠକୁ ପ୍ରେରଣ କରିଥାନ୍ତି। ଆମେ ମଧ୍ୟ ସେବା ମାଧ୍ୟମରେ ଏ ମାଟିକୁ ଉପହାର ଦେବା ଆବଶ୍ୟକ। ଭଗବାନ ଏ ମାଟିକୁ ବିଭିନ୍ନ ମହାପୁରୁଷଙ୍କ ବେଶରେ ଆସିଥାନ୍ତି। ସେ ଯେପର୍ଯ୍ୟନ୍ତ ଏ ସଂସାରେ ରହିଥାନ୍ତି, ନିଜର କର୍ମ, ତ୍ୟାଗ ବଳରେ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଥାନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। କଟକ ସହିଦ ଭବନରେ ତେଲୁଗୁ ସମ୍ପ୍ରଦାୟର ଐକ୍ୟତା ଅନୁଷ୍ଠାନର ଦୁଇଦିନିଆ ରୌପ୍ୟ ଜୟନ୍ତୀ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ କହିଥିଲେ, ସାମ୍ପ୍ରତିକ ସ୍ଥିତିରେ ଯୁବପିଢ଼ି ବାସ୍ତବବାଦ ଉପରେ ବିଶ୍ୱାସ ରଖୁଛନ୍ତି। ଏହା ସେମାନଙ୍କୁ ସଶକ୍ତ ଓ ଆଧ୍ୟାତ୍ମିକବାଦୀ ଭାବେ ଗଢ଼ି ତୋଳିବ। ଆମ ଦେଶରେ ବିଭିନ୍ନ ଭାଷାଭାଷୀ ଲୋକ ଅଛନ୍ତି। ସେମାନଙ୍କ ଭାଷା, ଖାଦ୍ୟ, ବେଶଭୂଷା ଅଲଗା ଅଲଗା। କିନ୍ତୁ ସେମାନେ ଠାକୁର ପୂଜା ହୃଦୟରେ ସହ କରିଥାନ୍ତି, ଯେଉଁଥିରୁ ସେମାନଙ୍କର ଏକତା ସମ୍ପର୍କରେ ଜଣାପଡ଼େ। ଐକ୍ୟତା


ସହିଦ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଐକ୍ୟତା ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

ଅହିଂସାର ପ୍ରତୀକ। ଏହି ଅନୁଷ୍ଠାନ ତା'ର ଲକ୍ଷ୍ୟ ନିଶ୍ଚିତ ଭାବେ ବଜାୟ ରଖିବ ବୋଲି ରାଜ୍ୟପାଳ ଆଶାବ୍ୟକ୍ତ କରିଥିଲେ।

ଏଥିରେ ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ଇଂ. ମହମ୍ମଦ ମୋକିମ, ଅବସରପ୍ରାପ୍ତ ବିଚାରପତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ, ଆନ୍ତରୀଣ ରାଜସ୍ୱ ସେବା ଅଧିକାରୀ ୱାଇ. ରାଜେନ୍ଦ୍ର, ଆରଟିଏସ୍ ସଭାପତି ଡ. କୈଳାସ ରାଓ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମଶ୍ରୀ ସ୍ୱର୍ଗତ ଡି. ପ୍ରକାଶ ରାଓଙ୍କ କନ୍ୟା ଡି. ଭାନୁପ୍ରିୟା, ଫୁଟ୍‌ବଲ ଖେଳାଳି ଏମ୍. ରୋଶନୀ ଓ ସାମାଜିକ କର୍ମୀ ନନ୍ଦମୁଡ଼ି ରମଣ ନାଇଡୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅନୁଷ୍ଠାନର ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଷୋଳପୁଅ ମା' ପୂଜା କମିଟି ସଭାପତି ଏ. ଉମେଶ କୁମାର ରାଓ, ଐକ୍ୟତା ଉପଦେଷ୍ଟା ବି. ବେଣୁଗୋପାଳ, କୋଷାଧ୍ୟକ୍ଷ ପି. ଆର. ଏଲ୍. ରାଓ, କେ. କାମେଶ୍ୱର ରାଓ, ଦିୱାନବଜାର ବାଲାଜୀ ମନ୍ଦିର କମିଟି ସଭାପତି ବି.ଏସ. କେ. ଗୁପ୍ତା, ରୌପ୍ୟ ଜୟନ୍ତୀ କମିଟି ଉପସଭାପତି ଆଇ. ସୁବ୍ରମଣ୍ୟମ୍, ସଂଯୋଜକ କେ. ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ। ଐକ୍ୟତାର ଉପଦେଷ୍ଟା ବେଣୁ ଗୋପାଳ ଆଚାର୍ଯ୍ୟ, ସଭାପତି କେ. ଦୁର୍ଗା ପ୍ରସାଦ, ସାଧାରଣ ସମ୍ପାଦକ କେ. ରାମାରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ। ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ସମେତ ବିଭିନ୍ନ ରାଜ୍ୟରୁ ତେଲୁଗୁ ସମ୍ପ୍ରଦାୟର ବହୁ ପ୍ରତିନିଧି ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ, ସମ୍ବଲପୁରୀ, କୁଚିପୁଡ଼ି ନୃତ୍ୟ ପରିବେଷିତ ହୋଇଥିଲା।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଉପେନ୍ଦ୍ର ନାଥ ପାତ୍ରଙ୍କ ରଚିତ ପୁସ୍ତକ 'ଭକ୍ତି ରତ୍ନମାଳା, ହେବରେ ଜଗତଜିତା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



କଟକସ୍ଥିତ ମ୍ୟୁଜିୟମ ଅଫ୍ ଜଷ୍ଟିସ୍ ପରିଦର୍ଶନରେ ଆସିଥିବା ବରିଷ୍ଠ ନାଗରିକମାନେ।

# କେନ୍ଦ୍ର-ନ୍ୟାୟପାଳିକା ବିବାଦକୁ ରିଜିଜୁଙ୍କ ଖଣ୍ଡନ

**ନୂଆଦିଲ୍ଲୀ, ୨୫।୩**

କେନ୍ଦ୍ର ସରକାର ଓ ନ୍ୟାୟପାଳିକା ମଧ୍ୟରେ ବିବାଦ ନେଇ ପ୍ରକାଶ ପାଇଥିବା ଖବରକୁ ଆଇନମନ୍ତ୍ରୀ କିରେନ ରିଜିଜୁ ଶନିବାର ଖଣ୍ଡନ କରିଛନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଭେଦ ରହିବା ସାଧାରଣ କଥା। ଏହାକୁ ବିବାଦ କୁହାଯାଇପାରିବ ନାହିଁ ବୋଲି ରିଜିଜୁ କହିଛନ୍ତି। ନ୍ୟାୟପାଳିକା ସହ ସରକାରଙ୍କ ସମ୍ପର୍କ ଅତି ଉତ୍ତମ। ଆମେ ଗଣତନ୍ତ୍ରିକ ରାଷ୍ଟ୍ରରେ ବାସ କରୁଛେ। ତେଣୁ ଚିନ୍ତାଧାରାରେ ପାର୍ଥକ୍ୟ ରହିବା ନୂଆ କଥା ନୁହେଁ। ଏହାର ଅର୍ଥ ବିବାଦ ନୁହେଁ। ଗଣତନ୍ତ୍ରର ଦୁଇ ସ୍ତମ୍ଭ ମଧ୍ୟରେ କୌଣସି ସମସ୍ୟା ନାହିଁ। ନ୍ୟାୟପାଳିକାର ସ୍ୱାଧୀନତାକୁ



ସୁନିଶ୍ଚିତ କରିବା ଲାଗି ଭାରତ ସରକାର ସବୁବେଳେ ସହଯୋଗ କରିଆସିଥିବା ଆଇନମନ୍ତ୍ରୀ କହିଛନ୍ତି। ମଦୁରାଇରେ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରିଜିଜୁ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ, ଅର୍ଥମନ୍ତ୍ରୀ ପାଲାନିଭେଲ ଥିଆଗରାଜନ, ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦେରେଶ ପ୍ରମୁଖ ଉପସ୍ଥିତ ଥିଲେ।



ସୂର୍ଯ୍ୟଙ୍କ ବାହ୍ୟପାର୍ଶ୍ୱରେ ବିରାଟ ଛିଦ୍ର ହେବା କାରଣରୁ ଜିଓମାଗ୍ନେଟିକ୍ ଝଡ଼ ସୃଷ୍ଟି ହୋଇଥାଏ। ଏହା ଯୋଗୁ ଆମେରିକାର ବିଭିନ୍ନ ଅଞ୍ଚଳରେ ଆକାଶ ୩୦ ସେକେଣ୍ଡ ପର୍ଯ୍ୟନ୍ତ ରଙ୍ଗିନ ହୋଇଯାଇଥିଲା। ଏହି ଜିଓମାଗ୍ନେଟିକ୍ ଝଡ଼ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ନଷ୍ଟ କରବା ପାଇଁ ସକ୍ଷମ।

## ଷ୍ଟ୍ରେଚର ମିଳିଲାନି: ବେଡ୍‌ସିଟ୍‌ରେ ଟଣାହେଲେ ଗୋଡ଼ ଭାଙ୍ଗିଥିବା ରୋଗୀ



**ଗ୍ୱାଲିଅର, ୨୫।୩**

ମଧ୍ୟପ୍ରଦେଶ ଗ୍ୱାଲିଅରର ୧୦୦୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲରେ ଗୋଡ଼ ଭାଙ୍ଗିଯାଇଥିବା ଜଣେ ରୋଗୀଙ୍କୁ ଷ୍ଟ୍ରେଚର ବଦଳରେ ବେଡ୍‌ସିଟ୍‌ରେ ଘୋଷାରି ନିଆଯାଉଥିବାର ଘଟଣା ସାମ୍ନାକୁ ଆସିଛି। ଘଟଣାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ରୋଗୀ ଶ୍ରୀକିଶନ ଓଝା (୬୫) ଧଳା ରଙ୍ଗର ଏକ ବେଡ୍‌ସିଟ୍‌ରେ ବସିଥିବାବେଳେ ଜଣେ ମହିଳା ତାଙ୍କୁ ଡାକ୍ତରଖାନା ଭିତରେ ଘୋଷାରି ନେଉଥିବାର ଦେଖାଯାଇଛି। ସାଇକେଲ୍‌ରୁ ପଡ଼ି ଗୋଡ଼ ଭାଙ୍ଗିଯିବା ପରେ ଚିକିତ୍ସା ପାଇଁ ୭୦ କି.ମି. ଦୂର ଭିନ୍ଦ ଜିଲାରୁ ବୃଦ୍ଧ ଜଣକ ଆସିଥିଲେ। ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଥିବା ଶ୍ରୀକିଶନଙ୍କୁ ଟ୍ରମା ବିଭାଗକୁ ନେବା ଲାଗି ଡାକ୍ତର କହିଥିଲେ। ଷ୍ଟ୍ରେଚର ଖୋଜି ନ ପାଇବାରୁ ବୋହୂ ଶ୍ରୀକିଶନଙ୍କୁ ବେଡ୍‌ସିଟ୍‌ରେ ବସେଇ ଟାଣିକରି ମୁଖ୍ୟ ଦ୍ୱାର ପର୍ଯ୍ୟନ୍ତ ନେଇଥିଲେ। ଏହାପରେ ସେ ଅଟୋରେ ଟ୍ରମା କେୟାରକୁ ନେଇଥିବା ପ୍ରକାଶ କରିଛନ୍ତି। ୪୦୦ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ହସ୍ପିଟାଲରେ ଷ୍ଟ୍ରେଚର୍ ସୁବିଧା ନାହିଁ ବୋଲି ରୋଗୀଙ୍କ ପରିବାର ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଡାକ୍ତରଖାନାରେ ଷ୍ଟ୍ରେଚର ଥିବାବେଳେ ସେଗୁଡ଼ିକ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଆଉ କେତେଜଣ ରୋଗୀ ଅଭିଯୋଗ କରିଛନ୍ତି। ଡାକ୍ତରଖାନା କର୍ତ୍ତୃପକ୍ଷ ଘଟଣାର ଯାଞ୍ଚ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଗତି ମଇଦାନରେ ଖଲିସ୍ତାନୀ ପତାକା ଲଗାଇବାକୁ ଧମକ

**ନୂଆଦିଲ୍ଲୀ, ୨୫।୩**

ଦିଲ୍ଲୀର ପ୍ରଗତି ମଇଦାନରୁ ତ୍ରିରଙ୍ଗା ପତାକା ଓହ୍ଲାଇ ଖଲିସ୍ତନୀ ପତାକା ଲଗାଇବା ଲାଗି ଜଣେ ବ୍ୟକ୍ତି ଅଡିଓ ମେସେଜ୍‌ରେ ଧମକ ଦେଇଛନ୍ତି। ଏ ନେଇ ଦିଲ୍ଲୀ ଥାନାରେ ଅଭିଯୋଗ ହେବା ପରେ ବ୍ୟକ୍ତି ଜଣକ ମୁମ୍ବାଇରୁ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବାବେଳେ ଉକ୍ତ ମେସେଜ୍ କରିଥିବା ପୋଲିସ କହିଛି। ଜାରି କରାଯାଇଥିବା ଅଡିଓ କ୍ଲିପ୍‌ରେ ବ୍ୟକ୍ତି ଜଣକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଗାଳି କରିଥିବା କୁହାଯାଉଛି। ସେପ୍ଟେମ୍ବରରେ ପ୍ରଗତି ମଇଦାନରେ ଜି୨୦ ସମ୍ମିଳନୀ ଆୟୋଜନ କରାଯିବ।

## ଇସ୍ତଫା ଦେଲେ ସିଏମ୍‌ଓ ଅଧିକାରୀ

**ଅହମଦାବାଦ, ୨୫।୩**

**ଗୁଜରାଟ ଠକଙ୍କ ସହ ପୁଅ ସମ୍ପୃକ୍ତି ଘଟଣା**

ଗୁଜରାଟ ଠକ କିରନ ପଟେଲ ନିଜକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଫିସର ପରିଚୟ ଦେଇ କଡ଼ା ସୁରକ୍ଷା ମଧ୍ୟରେ ଜମ୍ମୁ-କଶ୍ମୀରକୁ ୩ ଥର ଗସ୍ତ କରିବା ସହ ବିଭିନ୍ନ ସରକାରୀ ସୁବିଧା ହାସଲ କରିଥିଲେ। ତାଙ୍କ ସହ ସମ୍ପୃକ୍ତ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ର ଅତିରିକ୍ତ ଜନସମ୍ପର୍କ ଅଧିକାରୀ ହିତେଶ ପାଣ୍ଡ୍ୟାଙ୍କ ପୁଅ ଅମିତ୍ ପାଣ୍ଡ୍ୟା ସମ୍ପୃକ୍ତ ଥିଲେ। ଏହି ଘଟଣାକୁ ନେଇ ବିବାଦ ଦେଖାଦେବା ପରେ ହିତେଶ ଶୁକ୍ରବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଠକ କିରନ୍‌ଙ୍କୁ ଗତ ୩ ତାରିଖରେ ଶ୍ରୀନଗରର ଏକ ପଞ୍ଚତାରକା ହୋଟେଲରୁ ଗିରଫ କରାଯାଇଥିଲା।

## ଆଜି ଦେଶବ୍ୟାପୀ ସତ୍ୟାଗ୍ରହ କରିବ କଂଗ୍ରେସ

**ରାହୁଲଙ୍କ ଏମ୍‌ପି ପଦ ରଦ୍ଦର ପ୍ରତିବାଦ**

**ନୂଆଦିଲ୍ଲୀ, ୨୫।୩(ପି.ଟି.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଛି। ଏହାର ପ୍ରତିବାଦରେ କଂଗ୍ରେସ ରବିବାର ଦିନ ତମାମ ଦେଶର ସମସ୍ତ ରାଜ୍ୟ ଓ ଜିଲା ସଦର ମହକୁମାରେ ସତ୍ୟାଗ୍ରହ କରିବାକୁ ନିଷ୍ପତ୍ତି ନେଇଛି। ସତ୍ୟାଗ୍ରହ ସକାଳ ୧୦ଟାରୁ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ଚାଲିବ। ନୂଆଦିଲ୍ଲୀର ରାଜଘାଟଠାରେ ଅନୁଷ୍ଠିତ ହେବାକୁ ଥିବା ସତ୍ୟାଗ୍ରହରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଯୋଗଦେବେ। ସତ୍ୟ ଓ ନ୍ୟାୟର ଲଢ଼େଇରେ ରାହୁଲ ଏକା ନାହାନ୍ତି, ତାଙ୍କ ସହ ଦଳମତ ନିର୍ବିଶେଷରେ ଲକ୍ଷ ଲକ୍ଷ ଲୋକ ଛିଡ଼ା ହୋଇଛନ୍ତି ବୋଲି କଂଗ୍ରେସ କହିଛି। ସବୁ ରାଜ୍ୟ ଓ ଜିଲା ସଦର ମହକୁମାରେ ଥିବା ଗାନ୍ଧୀ ମୂର୍ତ୍ତି ନିକଟରେ ଦିବସବ୍ୟାପୀ ସତ୍ୟାଗ୍ରହ ଆୟୋଜନ କରିବାକୁ ସମସ୍ତ ପ୍ରଦେଶ କଂଗ୍ରେସ କମିଟିକୁ କୁହାଯାଇଛି।

## ଏମ୍‌ପି କୁଲ୍‌ଦୀପ ରାୟ ଶର୍ମାଙ୍କୁ ସାଂସଦ ରତ୍ନ ପୁରସ୍କାର



**ନୂଆଦିଲ୍ଲୀ, ୨୫।୩(ପି.ଟି.)**

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କଂଗ୍ରେସ ଏମ୍‌ପି କୁଲ୍‌ଦୀପ ରାୟ ଶର୍ମାଙ୍କୁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ସାଂସଦ ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି। ପାର୍ଲାମେଣ୍ଟରେ ତାଙ୍କ ପ୍ରଦର୍ଶନକୁ ସ୍ୱୀକୃତି ସ୍ୱରୂପ ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରୟ ପୁରସ୍କୃତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ହଂସରାଜ ଜି ଅହିର ଏବଂ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଣ୍ଡାମାନ ନିକୋବରର ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ସେ ନିଜକୁ ଭାଗ୍ୟବାନ ମନେ କରୁଥିବା କୁଲ୍‌ଦୀପ କହିଛନ୍ତି। ସେ ପୁରସ୍କାରକୁ ଦ୍ୱୀପପୁଞ୍ଜର ଜନସାଧାରଣଙ୍କୁ ଉତ୍ସର୍ଗ କରିଛନ୍ତି।

## ଅମ୍ରିତ୍‌ପାଲ ନେପାଳ ଖସିଯିବା ଆଶଙ୍କା

**ୟୁପି ସୀମାନ୍ତ ଜିଲାରେ ସୁରକ୍ଷା କଡ଼ାକଡ଼ି**

**ଲକ୍ଷ୍ନୌ, ୨୫।୩**

ଖଲିସ୍ତାନୀ ନେତା ଅମ୍ରିତ୍‌ପାଲ ସିଂ ଉତ୍ତରପ୍ରଦେଶ ଦେଇ ନେପାଳକୁ ଖସି ପଳାଇଯାଇପାରନ୍ତି ବୋଲି ଗୋଇନ୍ଦା ସୂଚନା ମିଳିଛି। ଫଳରେ ଉତ୍ତରପ୍ରଦେଶର ସୀମାନ୍ତ ଜିଲାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ପକ୍ଷରୁ ଆଲର୍ଟ ଜାରି କରାଯିବା ସହ ଅମ୍ରିତ୍‌ପାଲ ଓ ତାଙ୍କ ସହଯୋଗୀମାନଙ୍କ ଫଟୋ ଥିବା ପୋଷ୍ଟର ବିଭିନ୍ନ ସ୍ଥାନରେ ଲଗାଯାଇଛି। ସୀମାରେ ଥିବା



ସମସ୍ତ ଚେକ୍‌ପୋଷ୍ଟରେ ପ୍ରହରା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସୀମାରେ ଲୋକଙ୍କ ଯାତାୟାତ ଉପରେ କଡ଼ା ନଜର ରଖାଯାଇଥିବା ଏସ୍‌ଏସ୍‌ବିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

**ରାଜ୍ୟ ଖବର**

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା କୃଷି ଜାଗରଣ ମେଳା ଉଦ୍‌ଘାଟିତ



ଆୟୋଜକଙ୍କ ପକ୍ଷରୁ ଦିଆଯାଇଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିକୃତିକୁ କେନ୍ଦ୍ରମନ୍ତ୍ରୀ ମୁଣ୍ଡରେ ରଖି କୃତଜ୍ଞତା ଜଣାଉଛନ୍ତି।

**ବାଲେଶ୍ୱର ଅଫିସ, ୨୫।୩**

**ସମ୍ମାନିତ ହେବେ ୫ ଶହ ସଫଳ ଚାଷୀ**

ବାଲେଶ୍ୱର ସଦର ଥାନା ଅଧୀନ କୁରୁଡା ପଡ଼ିଆରେ ଆୟୋଜିତ ୩ ଦିନିଆ କୃଷି ସଂଯନ୍ତ୍ର ନାମରେ ଏକ କୃଷି ଜାଗରଣ ମେଳା ଶନିବାର କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ପରଷୋତ୍ତମ ରୁପାଲାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମେଳା ଆୟୋଜକଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିକୃତିକୁ କେନ୍ଦ୍ରମନ୍ତ୍ରୀ ମୁଣ୍ଡରେ ରଖି କୃତଜ୍ଞତା ଜ୍ଞାପନ କରିଥିଲେ। ଆକ୍ୱାପାର୍କ ସମ୍ପର୍କରେ କରାଯାଇଥିବା ଦାବିକୁ କିପରି ଭାବେ ପୂରଣ କରାଯିବ ସେଥିପାଇଁ ଯତ୍ନବାନ ହେବେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଜିଲା ମତ୍ସ୍ୟଚାଷ କ୍ଷେତ୍ରରେ ଅଗ୍ରଣୀ ହୋଇଥିଲେ ହେଁ ବିକ୍ରି ପାଇଁ ମାର୍କେଟ ନାହିଁ। କିନ୍ତୁ ଖୁବ୍‌ଶୀଘ୍ର ଏ ସମସ୍ୟାର ସମାଧାନ ହେବାକୁ ଯାଉଛି। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ କୃଷିଜାତ ଉତ୍ପାଦନ ବଢ଼ିବା ସହ ବିକ୍ରି ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଉଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ କୃଷକ, ଗୋପାଳକ, ମତ୍ସ୍ୟ ଚାଷୀ, ମତ୍ସ୍ୟ ଶିଳ୍ପୋଦ୍ୟୋଗୀ, କୃଷି ଯନ୍ତ୍ରପାତି ଓ ନିର୍ମାତା, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ, କୃଷି ବୈଜ୍ଞାନିକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ବିଭିନ୍ନ ସମବାୟ ସଂସ୍ଥା, କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ), ମତ୍ସ୍ୟ-କୃଷକ ଉତ୍ପାଦକ ସଂଘ (ଏଫ୍‌ଏଫ୍‌ପିଓ), ବ୍ୟବସାୟୀ, ସରକାରୀ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ ଓ ଅନ୍ୟାନ୍ୟ ବ୍ୟାଙ୍କର ଅଧିକାରୀ ଯୋଗ ଦେଇଥିଲେ। ୩ଦିନ ଚାଲିବାକୁ ଥିବା କୃଷି ମେଳାରେ ୫ଶହ ସଫଳ ଚାଷୀଙ୍କୁ ସମ୍ମାନିତ କରାଯିବ। ଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ ପ୍ରମୁଖ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି କୃଷକ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି କୃଷି ଜାଗରଣ ମେଳାରେ ଚାଷୀମାନଙ୍କୁ ଚାଷ, ସଂରକ୍ଷଣ, ପ୍ରକ୍ରିୟାକରଣ, ବଜାର, ଅର୍ଥାଗମ ଓ ଅର୍ଥ ପରିଚାଳନା, ସବ୍‌ସିଡି ଓ ଅନ୍ୟାନ୍ୟ ବୈଷୟିକ ପ୍ରଶିକ୍ଷଣ ପ୍ରଦାନ କରାଯିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଉଦ୍ୟୋଗୀ ଓ ଅନ୍ୟାନ୍ୟ ଶିଳ୍ପୋଦ୍ୟୋଗୀ ମାନଙ୍କର ଷ୍ଟଲ୍ ଲାଗିଥିବା ବେଳେ ଉତ୍ପାଦିତ ସାମଗ୍ରୀ ବିକ୍ରୟ ହେଉଛି। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ‘ବନ୍ଦେ ଉତ୍କଳ ଜନନୀ’ର ଠିକ୍ ପରିବେଷଣ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ରାଜ୍ୟ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ର ଠିକ୍ ପରିବେଷଣ ପାଇଁ ଶନିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ରାଜ୍ୟର ସମସ୍ତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ପତ୍ର (ନଂ.୧୮୭୧) ଲେଖି ଏହି ନିର୍ଦ୍ଦେଶ ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, ୨୦୨୦ ମସିହା ଜୁନ୍ ୭ରେ ମନ୍ତ୍ରିମଣ୍ଡଳର ପଞ୍ଚଦଶ ବୈଠକରେ ଗୃହୀତ ହେଲା ପରେ ‘ବନ୍ଦେ ଉତ୍କଳ ଜନନୀ’ ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଥିଲା। ଉକ୍ତ ତାରିଖରେ ଓଡ଼ିଶା ଗେଜେଟ୍‌ରେ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଅନୁସାରେ, ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗାୟନର ଅନୁମୋଦିତ ସ୍ୱର, ଶୈଳୀ ଓ ଅବଧିକୁ ଅନୁସରଣ କରି ପରିବେଷଣ କରିବା ଉଚିତ। କିନ୍ତୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଏହି ସଙ୍ଗୀତ ଠିକ ଭାବରେ ପରିବେଷଣ ହେଉନାହିଁ ବୋଲି ବିଭାଗର ଦୃଷ୍ଟିକୁ ଆସିଛି। ଏହି ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ସ୍ୱର, ଶୈଳୀ ଓ ଅବଧିକୁ ଅନୁସରଣ ଏବଂ ଅନୁପାଳନ କରିବା ପାଇଁ ବାଧ୍ୟତା କରିବା ହେବେ। ଏଥିସହିତ ଜିଲାର ସମସ୍ତ କାର୍ଯ୍ୟାଳୟ, ଅଧିକାରୀ ଓ କର୍ମଚାରୀଙ୍କୁ ଏହାକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଧାନ ଶିକ୍ଷକ, ଶିକ୍ଷକଙ୍କୁ ୫ ବର୍ଷ ଜେଲ

**ଅନୁଗୋଳ ଅଫିସ, ୨୫।୩**

**ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମକଦ୍ଦମାର ରାୟ**

ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଶ୍ରେଣୀଗୃହରେ ବଳାତ୍କାର ଉଦ୍ୟମ କରିଥିବା ପ୍ରଧାନ ଶିକ୍ଷକ କାର୍ତ୍ତିକ ଭୋଇ ଓ ସହକାରୀ ଶିକ୍ଷକ ବାପୁଜୀ ବେଉରାଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଅନୁଗୋଳ ଜିଲା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ପି.ଆର. ବହିଦାର ଶନିବାର ଏ ସମ୍ପର୍କିତ ମୋକଦ୍ଦମାର ବିଚାର କରି ଅଭିଯୁକ୍ତ ୨ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅଞ୍ଚଳର ଏକ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ୨୦୧୩ ମାର୍ଚ୍ଚ ୩୦ରେ ବଳାତ୍କାର ଉଦ୍ୟମ ହୋଇଥିଲା। ମଧ୍ୟାହ୍ନ ଭୋଜନ ଖାଇ ଘରକୁ ଯିବା ସମୟରେ ସମ୍ପୃକ୍ତା ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ କାର୍ତ୍ତିକ ଭୋଇ ଶ୍ରେଣୀଗୃହକୁ ଭିଡ଼ି ନେଇଥିଲେ। ସେଠାରେ ଥିବା ସହକାରୀ ଶିକ୍ଷକ ବାପୁଜୀ ବେଉରା ଶ୍ରେଣୀଗୃହ କବାଟ ବନ୍ଦ କରି ତାଲା ପକାଇ ଦେଇଥିଲେ। ପ୍ରଧାନ ଶିକ୍ଷକ ବଳାତ୍କାର ଉଦ୍ୟମ କରିବା ସମୟରେ ଛାତ୍ରୀଜଣକ ପାଟି କରିଥିଲେ। ଏହା ଶୁଣି ଉକ୍ତ ବିଦ୍ୟାଳୟରେ ପଢୁଥିବା ସମ୍ପୃକ୍ତା ଛାତ୍ରୀଙ୍କ ଭଉଣୀ ଓ ଭାଇ ତୁରନ୍ତ ଘର ଲୋକଙ୍କୁ ଅବଗତ କରିଥିଲେ। ଛାତ୍ରୀଙ୍କ ମା’ ଗାଁର କେତେଜଣ ଲୋକଙ୍କୁ ଧରି ବିଦ୍ୟାଳୟରେ ପହଞ୍ଚିବା ସମୟରେ ସହକାରୀ ଶିକ୍ଷକ ବାପୁଜୀ ତୁରନ୍ତ ଶ୍ରେଣୀଗୃହ ତାଲା ଖୋଲି ପ୍ରଧାନ ଶିକ୍ଷକଙ୍କୁ ବାହାର କରିଦେଇ ଛାତ୍ରୀଙ୍କୁ ତାଲା ପକାଇ ଦେଇଥିଲେ। ଏହାପରେ ଦୁହେଁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗାଁ ଲୋକେ ଶ୍ରେଣୀ ଗୃହ ତାଲା ଭାଙ୍ଗି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୦/୧୩ରେ ମାମଲା ରୁଜୁ କରି ଅଭିଯୁକ୍ତ ୨ ଶିକ୍ଷକଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଶାନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ।

ବ୍ୟାଙ୍କ ଅଫ୍ ବରୋଦା
Bank of Baroda
ବିଜୟା VIJAYA | ଦେନା DENA

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
ପ୍ଲଟ ନଂ.:୮୩୧/୩୮୨୩, ସାମପୁର, କଳିଙ୍ଗ ନଗର,
ଭୁବନେଶ୍ୱର - ୦୩, ମୋ.: ୭୩୨୮୮୩୪୧୪୨
ଫୋନ୍: ୦୬୭୪-୨୩୮୭୧୦୦, ଇ-ମେଲ୍ : sarbhu@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ-୪-ଏ (ରୁଲ୍ସ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬)ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା (ବନ୍ଧକଦାତା) ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ବ୍ୟାଙ୍କ ଅଫ୍ ବରୋଦା** ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା) ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **“ଯେଉଁଠାରେ ଯେପରି ଅଛି” ଏବଂ “ସେଠାରେ ଯାହା ଅଛି”** ବିନା ଆଇନଗତ ସହାୟତା ଭିତ୍ତିରେ ଇ-ନିଲାମ ମାଧ୍ୟମ ରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି । **ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ।**

| କ୍ର ନଂ. | ମୂଳଶାଖା/ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କର ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ ଯଦି ଥାଏ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD(ରାଶି) / ବିଡ୍ ବର୍ଦ୍ଧିତ ରାଶି |
|---|---|---|---|---|---|---|---|
| ୦୧. | ଯାଜପୁର ରୋଡ୍ ଶାଖା / ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ସା/ପୋ: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର-୭୫୫୦୦୧ / ଜାମିନ୍‌ଦାରମାନେ: (୧) ଶ୍ରୀମତୀ ମିହିର କୁମାରୀ ମହାନ୍ତି, (୨) ଶ୍ରୀ ଦେବବ୍ରତ ମହାନ୍ତି, (୩) ଶ୍ରୀ ସୁବ୍ରତ କୁମାର ମହାନ୍ତି, ସମସ୍ତଙ୍କ ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର-୭୫୫୦୦୧ | (କ) ଶ୍ରୀ କଲ୍ୟାଣବ୍ରତ ମହାନ୍ତି, (ଖ) ଶ୍ରୀମତୀ ମିହିର କୁମାରୀ ମହାନ୍ତି, (ଗ) ଶ୍ରୀ ଦେବବ୍ରତ ମହାନ୍ତି ଏବଂ (ଘ) ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୨୨ ଏବଂ ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର ୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଜାନକୀ ବଲ୍ଲଭ ମହାନ୍ତି, ପୂର୍ବ: ସୁବ୍ରତ ମହାନ୍ତି, ପଶ୍ଚିମ: ରାସ୍ତା (ପ୍ଲଟ୍ ନଂ.: ୧୦୧୧) | ୦୧.୦୧.୨୦୧୬ ୧୦.୦୫.୨୦୧୬ / ତା.୩୧.୧୦.୨୦୧୫ ସୁଦ୍ଧା ଟ.୧୩,୩୨,୬୬୩/- ଯୁକ୍ତ ୦୧.୧୧.୨୦୧୫ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ ଋଣ ଅସୁଲି ଯଦି କିଛି ଥାଏ | ୧୨.୦୪.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଭୌତିକ | ୧୧.୦୪.୨୦୨୩ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୨୧,୪୭,୪୦୦/- / ଟ.୨,୧୫,୦୦୦/- / ଟ.୧୦,୦୦୦/- |

ନିୟମ ଏବଂ ସର୍ତ୍ତାବଳୀ : ଆଗ୍ରହୀ ନିଲାମଧାରୀମାନେ www.mstcecommerce.com ରେ ଲଗଇନ୍ କରି EMD (ଅମାନତ ରାଶି) ତା.୧୧.୦୪.୨୦୨୩ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ।
ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍ https://www.bankofbaroda.com/e-auction.htm, www.mstcecommerce.com, and https://ibapi.in ରେ ଦେଖନ୍ତୁ।
କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: (୦୬୭୪) ୨୩୮୭୧୦୦, ମୋ: ୭୩୨୮୮୩୪୧୪୨ରେ ଯୋଗାଯୋଗ କରିପାରିବେ।
ଅଧିକ ବିବରଣୀ ନିମନ୍ତେ ଏହି କୋଡ୍‌କୁ ସ୍କାନ କରନ୍ତୁ ।
ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫),୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫ ଦିନିଆ ନୋଟିସ୍।
ସ୍ଥାନ : ଭୁବନେଶ୍ୱର
ତାରିଖ : ୨୫.୦୩.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏସ୍‌ବିଆଇ ୱେଲ୍‌ଫେୟାର ଆସୋସିଏଶନର ୧୧ତମ ବାର୍ଷିକ ସମାବେଶ, ଏସ୍‌ବିଆଇ କାର୍ଯ୍ୟାଳୟ, ଅଶୋକ ନଗର, ୟୁନିଟ୍-୧, ସକାଳ ୯ଟା।
- ବୟନିକା ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୩ଟା।
- ଜ୍ୱିଗାଟୋରେ ଅଭିନୟ କରିଥିବା ଅଭିନେତ୍ରୀ ଯୁଵିକା ବ୍ରହ୍ମାଙ୍କୁ ସମ୍ବର୍ଦ୍ଧନା, ୟୁଟୋପିଆ ହଲ୍ ସାଣ୍ଡିସ୍ ଟାୱାର, ଅପରାହ୍ନ ୪ଟା।
- ରେନ୍‌ବୋ ଉତ୍ସବ, ଭାରତ ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ସର ରାଜ୍ୟ ମୁଖ୍ୟାଳୟ, ସନ୍ଧ୍ୟା ୫ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ଅଧିବେଶନ, ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା।
- ଅଭିନେତ୍ରୀ ତଥା ପ୍ରଯୋଜିକା ବାଣୀ ତ୍ରିପାଠୀଙ୍କ ସହ ଆଲୋଚନା, ହୋଟେଲ ମେ'ଫେୟାର, ସନ୍ଧ୍ୟା ୬ଟା।
- ଶ୍ୱେତ ସଙ୍କେତର ମାସିକ ସାହିତ୍ୟ ଆସର, ରାଜଧାନୀ କଳା ସଂସଦ, ସନ୍ଧ୍ୟା ୬ଟା।
- ଓଁ ସରସ୍ୱତୀ ଶିଶୁମନ୍ଦିରର ଦ୍ୱାବିଂଶତମ ବାର୍ଷିକ ଉତ୍ସବ, ମେଳଣ ପଡ଼ିଆ, ଲକ୍ଷ୍ମୀସାଗର, ସନ୍ଧ୍ୟା ୬ଟା।
- ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ନାଟକ 'ଶୁଣ ସୁଜନେ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ମୋକ୍ଷ ପକ୍ଷରୁ ୧୨ତମ ଯୁଗଳବନ୍ଦୀ ଓଡ଼ିଶୀ ନୃତ୍ୟ କୋରିଓଗ୍ରାଫି, ଏକାମ୍ର ହାଟ, ସନ୍ଧ୍ୟା ୬ଟା ୩୦।

**କଟକ**

- ହାସ୍ୟ ବ୍ୟଙ୍ଗ ପତ୍ରିକା ରସଗୁଲାର ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଟାଉନ ହଲ୍ ରୋଡ୍, ଅପରାହ୍ନ ୪ଟା।
- କଳା ବିକାଶ କେନ୍ଦ୍ର ପକ୍ଷରୁ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବର ଉଦ୍‌ଯାପନୀ, କେନ୍ଦ୍ର ପ୍ରେକ୍ଷାଳୟ, ବକ୍ସିବଜାର, ସନ୍ଧ୍ୟା ୬ଟା।
- ରୋଟାରୀ କ୍ଲବ ଅଫ୍ କଟକର ଜିଲା ଗଭର୍ନରଙ୍କ ପରିଦର୍ଶନ, କଟକ କ୍ଲବ ଆନେକ୍ସ-୧, କିଲାଫର୍ଟ, ସନ୍ଧ୍ୟା ୬ଟା ୩୦।

**ଢେଙ୍କାନାଳ**

- ନିଜିଗଡ଼ସ୍ଥିତ ଗାନ୍ଧୀ ପୀଠରେ ସେବା ସମବାୟ ସମୂହ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା, ଗାନ୍ଧୀ ପଡ଼ିଆ, ପୂର୍ବାହ୍ନ ୧୧ଟା।

# ଘରୋଇକରଣ ହେବ ୬ ଯାତ୍ରୀନିବାସ

**କୋଣାର୍କ,୨୫।୩(ଡି.ଏନ୍.ଏ.)**



ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ରାଜ୍ୟ ତଥା ଦେଶ ବିଦେଶରୁ ପର୍ଯ୍ୟଟକ ପରିଦର୍ଶନରେ ଆସିଥାନ୍ତି। ପର୍ଯ୍ୟଟକଙ୍କ ରାତ୍ରିଯାପନ ସହିତ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇଦେବା ଲକ୍ଷ୍ୟ ନେଇ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକ କୋଣାର୍କରେ ଏକ ଯାତ୍ରୀନିବାସ କରିଥିଲେ। ଦୀର୍ଘବର୍ଷ ଧରି ପର୍ଯ୍ୟଟକଙ୍କୁ ଆତିଥ୍ୟତ ପ୍ରଦାନ କରି ସୁନାମ ଅର୍ଜନ କରିଥିଲା ଏହି ଯାତ୍ରୀନିବାସ। କିନ୍ତୁ ଏବେ କେତେଜଣ କର୍ତ୍ତୃପକ୍ଷଙ୍କ ଘରୋଇକରଣ ଲାଳସା ପାଇଁ ଏହି ଯାତ୍ରୀନିବାସ ଘରୋଇକରଣ ହେବାକୁଯାଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଅନେକେ ସଂଗଠନ ପକ୍ଷରୁ ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧ କରାଯାଉଛି। ତେବେ କେବଳ କୋଣାର୍କର ଯାତ୍ରୀନିବାସ ନୁହେଁ, ଏହା ସହ ଓଡ଼ିଶାର ମୋଟ ୬ଟି ଯାତ୍ରୀନିବାସ ଘରୋଇକରଣ ହେବା ନେଇ ଲକ୍ଷ୍ୟ ରଖାଯାଇଛି।

ଗତ ୨୧ ତାରିଖରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଓଟିଡିସିର କୋଣାର୍କ ଯାତ୍ରୀନିବସ, ପୁରୀ ସାତପଡ଼ା ପାନ୍ଥନିବାସ, ଗଞ୍ଜାମର ଗୋପାଳପୁର ପାନ୍ଥନିବାସ, ପାରାଦୀପ ପାନ୍ଥନିବାସ, ପାରଳାଖେମୁଣ୍ଡି ପାନ୍ଥନିବାସ ଏବଂ କେନ୍ଦୁଝର ପାନ୍ଥନିବାସ ମୋଟ ୬ଟି ଅନୁଷ୍ଠାନକୁ ୩୦ବର୍ଷୀୟା ଲିଜ ସୂତ୍ରରେ ଘରୋଇକରଣ କରାଯିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। କୋଣାର୍କ ଯାତ୍ରୀନିବସ କୋଣାର୍କରେ ପର୍ଯ୍ୟଟକଙ୍କ ସହିତ ସରକାରୀ ଓ ବେସରକାରୀ ସଂସ୍ଥାଙ୍କୁ ନିଜର ସେବା ଯୋଗାଇବାରେ ସାରା ରାଜ୍ୟରେ ସୁନାମ ଅର୍ଜନ କରିଥିବା ଜଣାଯାଏ। ବିଶେଷ ଭାବେ ପ୍ରତ୍ୟେକ ବର୍ଷ ଡିସେମ୍ବରରେ ପର୍ଯ୍ୟଟନ ବିଭଗ ପକ୍ଷରୁ ଆୟୋଜିତ ହେଉଥିବା ନୃତ୍ୟ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ଫେଷ୍ଟିଭାଲକୁ ଦେଖିବାକୁ ଆସୁଥିବା ଦେଶ ବିଦେଶର ଶହଶହ ପର୍ଯ୍ୟଟକ ସୁଲଭ ମୂଲ୍ୟରେ ଏହି ଯାତ୍ରୀନିବାସରେ ରହିଥାନ୍ତି। ତେଣୁ ଅଧିକାଂଶ ପର୍ଯ୍ୟଟକ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସି ଚନ୍ଦ୍ରଭାଗା, ମେରାଇନ ଡ୍ରାଇଭ ବୁଲିବା ସହ କୋଣାର୍କ ଯାତ୍ରୀନିବସରେ ରାତ୍ରିଯାପନ କରିବାକୁ ପସନ୍ଦ କରିଥାନ୍ତି। ମାତ୍ର ପର୍ଯ୍ୟଟନ ବିଭାଗର ବୈମାତୃକ ମନୋଭାବ ମୁନାଫ କମାଇବା ଲାଳସା ନେଇ ଏହାକୁ ଘରୋଇକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହାକୁ ନେଇ କୋଣାର୍କ ଅଞ୍ଚଳବାସୀ ଓ ଯାତ୍ରୀନିବାସରେ କାର୍ଯ୍ୟରତ କର୍ମଚାରୀମାନେ ବିରୋଧ କରିବା ସହ ଏହି ନିଷ୍ପତ୍ତିକୁ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି। ଦୀର୍ଘ ବର୍ଷ ଧରି

### ବିଜ୍ଞପ୍ତି ପ୍ରକାଶ ପରେ ବିଭିନ୍ନ ସଂଘ ପକ୍ଷରୁ ଆନ୍ଦୋଳନ ଚେତାବନୀ

କାର୍ଯ୍ୟ କରିଆସୁଥିବା ଏହି ଅନୁଷ୍ଠାନର କର୍ମଚାରୀମାନେ ସେମାନଙ୍କର ଭବିଷ୍ୟତ ଜୀବିକାକୁ ନେଇ ଆଶା ଆଶଙ୍କା ଗତି କରୁଛନ୍ତି। ଭଲ ଆତିଥେୟତ ଯୋଗୁ ଦେଶ ବିଦେଶରେ ଆସୁଥବା ପର୍ଯ୍ୟଟକ ଏହି ଯାତ୍ରୀନିବାସକୁ ପ୍ରଶଂସା କରୁଥିବାବେଳେ ଘରୋଇକରଣ ଯୋଗୁ ଏହାର ସତ୍ତା ହରାଇବ ବୋଲି ବିଭିନ୍ନ ସଂଗଠନ ମତପ୍ରକାଶ କରିଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ କୋଣାର୍କ ଯାତ୍ରୀନିବାସର ଘରୋଇକରଣ ନିଷ୍ପତ୍ତି ତୁରନ୍ତ ଓହରିଯିବା ସହ କର୍ମଚାରୀମାନଙ୍କର ସ୍ୱାର୍ଥ ରକ୍ଷା ନିମନ୍ତେ ରାଜ୍ୟ ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ସଭାପତି ବେଣୁଧର ପାତ୍ର ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ସାରା ଓଡ଼ିଶାରେ ଥିବା ପର୍ଯ୍ୟଟନ ଶିଳ୍ପାନୁଷ୍ଠାନ ଆଗରେ ଘରୋଇକରଣକୁ ବିରୋଧ କରାଯାଇ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି କୋଣାର୍କ ଖବରଦାତାଙ୍କ ସହ କୋଣାର୍କର ବିଭିନ୍ନ ଅନୁଷ୍ଠାନ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

### 'ଆର୍ଥ ଆୱାର'



'ଆର୍ଥ ଆୱାର' ଅବସରରେ ଶନିବାର ରାତି ସାଢ଼େ ୮ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କମିଶନରେଟ ପୋଲିସ ମୁଖ୍ୟାଳୟରେ ବିଦ୍ୟୁତ୍ ଆଲୋକ ବନ୍ଦ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରଜତ୍



@ ରଶ୍ମିରଞ୍ଜନ



@ ଲିପୁନ୍



@ ସୁକାନ୍ତ



@ କାଶୀନାଥ

# ଅଦଳବଦଳରେ ନନ୍ଦନକାନନକୁ ଆସିବେ ନୂଆ ଅତିଥି

### ବାଘ ବଦଳରେ ଗିବନ୍, ହିମାଳୟ କଳାଭାଲୁ, ଘୁଷୁରି ଲାଞ୍ଜ ମାକେକ୍ ଆସିବେ

ବାରଙ୍ଗ,୨୫।୩(ଡି.ଏନ୍.ଏ.)- ଦୀର୍ଘଦିନର ବ୍ୟବଧାନ ପରେ ମିଜୋରାମର ଆଇଜଲ ଚିଡ଼ିଆଖାନା ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ମଧ୍ୟରେ ଜୀବଜନ୍ତୁଙ୍କ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହେବ। ଏହି ପ୍ରକ୍ରିୟାକୁ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ମଞ୍ଜୁରୀ ମିଳିଛି। ଆଇଜଲ ଚିଡ଼ିଆଖାନାରୁ ହଳେ ହିଲକ୍ ଗିବନ୍, ହଳେ ଘୁଷୁରି ଲାଞ୍ଜ ମାକେକ୍ ଓ ଗୋଟିଏ ମାଈ ହିମାଳୟ କଳାଭାଲୁ ନନ୍ଦନକାନନ ଆସିବେ। ପ୍ରତିବଦଳରେ ନନ୍ଦନକାନନରୁ ହଳେ ସାଧାରଣ(ନାଲି)ବାଘ ଯିବାର ନିଷ୍ପତ୍ତି ହୋଇଛି। ଏନେଇ ଆଇଜଲ ଚିଡ଼ିଆଖାନାରୁ ୮ ଜଣିଆ ଦଳ ଶୁକ୍ରବାର ରାତିରେ ବାଘ ନେବା ପାଇଁ ନନ୍ଦନକାନନରେ ପହଞ୍ଚିଛନ୍ତି। ସେହିପରି ଅରୁଣାଚଳ ପ୍ରଦେଶର ଇଟାନଗର ଚିଡିଆଖାନା ସହ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ମଧ୍ୟରେ ପ୍ରାଣୀ ଅଦଳବଦଳ ପ୍ରକ୍ରିୟା ହେବ। ଏନେଇ ଉଭୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ କଥାବାର୍ତ୍ତା ସରିଛି ବୋଲି ସୂଚନା ମିଳିଛି।

# 'ଏକବିଂଶ ଶତାବ୍ଦୀ ମହିଳାଙ୍କ ଶତାବ୍ଦୀ ହେବ'

### ଶୈଳବାଳା ନୂତନ ଲେଡିଜ୍ ହଷ୍ଟେଲ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**କଟକ ଅଫିସ,୨୫।୩**

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ୪୦୦ ସିଟ୍ ବିଶିଷ୍ଟ ଲେଡିଜ୍ ହଷ୍ଟେଲ୍‌କୁ ଅନ୍‌ଲାଇନ୍‌ରେ ଶନିବାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଶୈଳବାଳା ଦାସଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ କହିଥିଲେ ଯେ, ଏକଦା ଯେତେବେଳେ ମହିଳାମାନେ ଗଭୀର ସୀମାବଦ୍ଧ ଅବସ୍ଥାରେ ଥିଲେ, ସେତେବେଳେ ମହିଳା ସାମାଜିକ-ସାଂସ୍କୃତିକ ତଥା ଶିକ୍ଷାଗତ ଯୋଗ୍ୟତା ତଥା ସଶକ୍ତୀକରଣ ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଅ ଶୈଳବାଳା ଆଗକୁ ବାହାରିଥିଲେ। ମହିଳାମାନେ ବର୍ତ୍ତମାନ ଆମର ସାମାଜିକ ଅର୍ଥନୈତିକ ଦିଗ କ୍ଷେତ୍ରକୁ ଆଗେଇ ନେଉଛନ୍ତି। ଶିକ୍ଷାଠାରୁ ଆରମ୍ଭ କରି ଅନୁସନ୍ଧାନ, କ୍ରୀଡ଼ାଠାରୁ କଳା ଏବଂ ସଂସ୍କୃତି, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାଠାରୁ ବାଣିଜ୍ୟ, ବାଣିଜ୍ୟ ଏବଂ ଶିଳ୍ପ ପର୍ଯ୍ୟନ୍ତ ମହିଳାମାନେ ନିଜ ପାଇଁ ଏକ ନୂତନ ଯୁଗର ଅଗ୍ରଗତି କରୁଛନ୍ତି। ତେଣୁ ଏକବିଂଶ ଶତାବ୍ଦୀ ମହିଳାମାନଙ୍କ ଶତାବ୍ଦୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।





ଶୈଳବାଳା ନୂତନ ଲେଡିଜ୍ ହଷ୍ଟେଲର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ସେହିପରି ଛାତ୍ରୀମାନେ ସ୍ୱପ୍ନ ଦେଖିବା ଜରୁରୀ। ନିଜ ଜୀବନ ପରିବର୍ତ୍ତନ ପାଇଁ ସମସ୍ତଙ୍କ ସାମର୍ଥ୍ୟ ଅଛି, ଆମ ଜାତିର ଭବିଷ୍ୟତକୁ ଛାତ୍ରୀମାନେ ହିଁ ପରିବର୍ତ୍ତନ କରିପାରିବେ ବୋଲି ନବୀନ କହିଥିଲେ। ଏହି ଅନୁଷ୍ଠାନର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଏହି ଅବସରରେ ୧୦କୋଟି ଟଙ୍କା ବ୍ୟୟରେ ୪୦୦ ସିଟ୍ ବିଶିଷ୍ଟ ହଷ୍ଟେଲ ଉଦ୍‌ଘାଟନ କରାଯାଇଛି। ଏଥିସହ ପ୍ରଶାସନିକ ତଥା ଏକାଡେମିକ ବ୍ଲକ ପାଇଁ ୩୫ କୋଟି ଟଙ୍କା ମୂଲ୍ୟର ବହୁ ମହଲା ବିଶିଷ୍ଟ କୋଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଐତିହାସିକ ଅନୁଷ୍ଠାନକୁ ଦେଶର ସବୁଠାରୁ ଗୌରବମୟ ଅନୁଷ୍ଠାନରେ ପରିଣତ କରିବା ପାଇଁ ଯାହା ଆବଶ୍ୟକ ତାହା ଆମେ ପୂରଣ କରିବୁ ବୋଲି ନବୀନ କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ନୂତନ ଏକାଡେମିକ ବ୍ଲକର ମୁଖ୍ୟମନ୍ତ୍ରୀ ଶୁଭ ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ, ଜିଲାପାଳ ଭବାନୀ ଶଙ୍କର ଚୟନି, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ମହାବିଦ୍ୟାଳୟ ଅଧ୍ୟକ୍ଷ ଗାୟତ୍ରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଲାଞ୍ଚ: ସିବିଆଇ ହାତରେ ଧରାପଡ଼ିଲେ ରେଳ କର୍ମଚାରୀ

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

କମର୍ସିଆଲ ପାର୍ସଲ ପାଇଁ ୫ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ହାତରେ ଜଣେ ରେଳ କର୍ମଚାରୀ ଧରାପଡ଼ିଛନ୍ତି। ସେ ହେଲେ ଝାରସୁଗୁଡ଼ା ଷ୍ଟେଶନରେ ରେଳ କମର୍ସିଆଲ କ୍ଲର୍କ ଭାବେ କାର୍ଯ୍ୟ କରୁଥିବା ବିହାରର ଗୁଞ୍ଜନ କୁମାର। ତାଙ୍କୁ ଝାରସୁଗୁଡାରୁ ଶୁକ୍ରବାର ଆଣି ଭୁବନେଶ୍ୱର ପଚରାଉଚରା ପରେ ପିସି ଆକ୍ଟରେ ଶନିବାର କୋର୍ଟଚାଲାଣ କରାଯାଇଛି।

ସୂଚନାନୁସାରେ, ଝାରସୁଗୁଡ଼ା ଷ୍ଟେଶନର କମର୍ସିଆଲ କ୍ଲର୍କ ଭାବେ ଗୁଞ୍ଜନ କୁମାର କାର୍ଯ୍ୟ କରନ୍ତି । ରେଳ ଯୋଗେ ଟ୍ରାନ୍ସପୋର୍ଟ ହେଉଥିବା କମର୍ସିଆଲ ଜିନିଷ ତାଙ୍କ ବିଭାଗ ଅଧୀନରେ ଆସେ। ଅନେକ ବ୍ୟବସାୟୀ ସେମାନଙ୍କ ପାର୍ସଲ ଟ୍ରେନ ଯୋଗେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଠାଇଥାନ୍ତି, ଯାହାର ଦାୟିତ୍ୱ କମର୍ସିଆଲ କ୍ଲର୍କଙ୍କ ପାଖରେ ଥାଏ। ଅଭିଯୋଗ ଅନୁସାରେ ପାର୍ସଲ ଟ୍ରାନ୍ସପୋର୍ଟ ପାଇଁ ଜଣେ ବ୍ୟବସାୟୀଙ୍କଠାରୁ ଗୁଞ୍ଜନ ଲାଞ୍ଚ ଦାବି କରିଥିଲେ। ଝାରସୁଗୁଡ଼ା ଷ୍ଟେଶନରେ ଅନ୍‌ଲୋଡ ଓ ଲୋଡିଂ ହେବା ସମୟରେ ଓଜନ ଓ ପାର୍କିଂ ଠିକ୍ ଭାବେ ମାଲ୍ ଯୋଗାଣ ପାଇଁ କିଛି ଟଙ୍କା ଦେବାକୁ ପଡ଼ିବ ବୋଲି ସେ କହିଥିଲେ । ଏନେଇ ବ୍ୟବସାୟୀ ଜଣକ ସିବିଆଇକୁ ଜଣାଇଥିଲେ। ଅଭିଯୋଗକୁ ଆଧାର କରି ଭୁବନେଶ୍ୱର ସିବିଆଇ ଜୋନାଲ୍ ଟିମ୍ ରେଳ କର୍ମଚାରୀ ଗୁଞ୍ଜନଙ୍କୁ ଟ୍ରାପ ପାଇଁ ଜାଲ ବିଛାଇଥିଲା। ବ୍ୟବସାୟୀଙ୍କୁ ୫ହଜାର ଟଙ୍କା ଦେଇ ସିବିଆଇ ପଠାଇଥିଲା। ଆଉ ରେଳ କର୍ମଚାରୀ ଗୁଞ୍ଜନ ୫ହଜାର ଟଙ୍କା ନେଇ ପକେଟରେ ରଖିବାବେଳେ ସିବିଆଇ ଟିମ ତାଙ୍କୁ କାବୁ କରିଥିଲା।





ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଶନିବାର ଗଳ୍ପ ପୁସ୍ତକ ଲୋକାର୍ପଣ ଓ ଲେଖା ପାଠୋତ୍ସବରେ ଉପସ୍ଥିତ ଅତିଥିମାନେ।



ବିଶ୍ୱ ନାଟ୍ୟ ଦିବସରେ ଶନିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ଜଣେ ରାଜା ଥିଲେ'ର ଏକ ଦୃଶ୍ୟ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶନିବାର ଅନୁଷ୍ଠିତ ରସୁଲଗଡ଼ ପାଣ୍ଡରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଅପ୍‌ଡେଟ୍ ହେଉନି ଅଫିସିଆଲ ୱେବ୍‌ସାଇଟ୍

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ସ୍ମାର୍ଟ କରିବା ପାଇଁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ଯୋଜନା ପରେ ଯୋଜନା ହେଉଛି। ବିଶେଷକରି ଟେକ୍ନୋଲୋଜି ମାଧ୍ୟମରେ ସହରବାସୀଙ୍କୁ ବିଭିନ୍ନ ସୁବିଧା ହାତ ପାଆନ୍ତାରେ ପହଞ୍ଚାଇବା ପାଇଁ 'ଭୁବନେଶ୍ୱର ଓଚ୍ ମି' ଭଳି ଏକାଧିକ ପୋର୍ଟାଲକୁ କାର୍ଯ୍ୟକ୍ଷମ କରାଯାଇଛି। ହେଲେ ଖୋଦ୍ ବିଏସ୍‌ସିଏଲର ଅଫିସିଆଲ ୱେବ୍ ସାଇଟ୍‌ରେ ଅନେକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଉନ୍ନତ ଟେକ୍ନୋଲୋଜି ମାଧ୍ୟମରେ ସହରବାସୀଙ୍କ ଜୀବନଶୈଳୀକୁ ସରଳ ପାଇଁ ପ୍ରୟାସ କରାଯାଉଥିବା ବିଏସ୍‌ସିଏଲ୍ କହୁଥିବାବେଳେ ନିଜର ମୁଖ୍ୟ ୱେବ୍‌ସାଇଟକୁ ଅପ୍‌ଡେଟ୍ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଭିନ୍ନ ସେବା ସମ୍ପର୍କରେ ଜାଣିବା ସହ ତଥ୍ୟ ପାଇବା ଲାଗି ସହରବାସୀ ବିଏସ୍‌ସିଏଲ୍ ଅଫିସିଆଲ୍ ୱେବ୍‌ସାଇଟ୍‌କୁ ଖୋଲିବା ପରେ ଏକାଧିକ ଭୁଲ୍ ତଥ୍ୟ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ବିଏସ୍‌ସିଏଲରେ ଅନେକ ଅଧିକାରୀଙ୍କ ବଦଳି ହୋଇଥିଲେ ମଧ୍ୟ ସେମାନଙ୍କ ନାମ ୱେବସାଇଟ୍‌ରୁ ହଟାଯାଉନାହିଁ। ସୂଚନାଧିକାର ଆଇନ୍ (ଆର୍‌ଟିଆଇ) ପେଜରେ ପବ୍ଲିକ୍ ଇନଫରମେଶନ ଅଫିସର ଏବଂ ଆବେଦନ କର୍ତ୍ତୃପକ୍ଷ ଅଧୀନରେ ଦିଆଯାଇଥିବା ତଥ୍ୟ ମଧ୍ୟ ପୁରୁଣା। ଫଳରେ ସୂଚନାଧିକାର ଆଇନ ବଳରେ କୌଣସି ତଥ୍ୟ ହାସଲ କରିବାକୁ ଚାହୁଁଥିବା ବ୍ୟକ୍ତି ଏହିଠାରୁ ବାଟବଣା ହେଉଛନ୍ତି। ସେହିପରି ବିଭିନ୍ନ ପେଜ୍‌ରେ ଅଧିକ ସୂଚନା ପାଇଁ ଉପଲବ୍ଧ ଲିଙ୍କ୍ ମଧ୍ୟ ଖୋଲୁନାହିଁ। ବିଏସ୍‌ସିଏଲ୍ ପକ୍ଷରୁ ସ୍ମାର୍ଟ ସିଟି ମିଶନ ଅଧୀନରେ ନିଆଯାଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସୂଚନା ରହୁନାହିଁ। ପୁରୁଣା ପ୍ରକଳ୍ପର ତଥ୍ୟ ରହିଥିବାବେଳେ ଉକ୍ତ ପ୍ରକଳ୍ପଗୁଡ଼ିକ କେତେ କାର୍ଯ୍ୟକ୍ଷମ ହୋଇଛି ସେନେଇ ମଧ୍ୟ କୌଣସି ତଥ୍ୟ ନାହିଁ। ୨୦୨୧ ପରଠାରୁ ଏହି ୱେବ୍‌ସାଇଟ୍ ମାଧ୍ୟମରେ କୌଣସି ବିଜ୍ଞପ୍ତିକୁ ସାର୍ବଜନୀନ ମଧ୍ୟ କରାଯାଇନାହିଁ। ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ବିଭିନ୍ନ ଏଜେନ୍ସି ବିଏସ୍‌ସିଏଲ୍ ସମ୍ପର୍କିତ ସୂଚନା ପାଇପାରୁନାହାନ୍ତି। ବିଏସ୍‌ସିଏଲର କାର୍ଯ୍ୟାଳୟ ଠିକଣା ବଦଳିଥିଲେ ମଧ୍ୟ ୱେବସାଇଟ୍‌ରେ ଠିକଣା ଅପରିବର୍ତ୍ତିତ ରହିଛି। ପୂର୍ବରୁ ଏହାର କାର୍ଯ୍ୟାଳୟ ଶହୀଦନଗରସ୍ଥିତ ଭବାନୀମଲରେ ଥିବାବେଳେ ପ୍ରାୟ ୨ ମାସ ହେଲା ଏହା ସତ୍ୟନଗରସ୍ଥିତ ଆଇସିଓଏମ୍‌ସି ବିଲ୍ଡିଂକୁ ସ୍ଥାନାନ୍ତରିତ ହୋଇଛି। କିନ୍ତୁ ବର୍ତ୍ତମାନ ମଧ୍ୟ ୱେବ୍‌ସାଇଟରେ ଭବାନୀ ମଲ୍ ଠିକଣା ରହିଛି। ବିଏସ୍‌ସିଏଲ ପକ୍ଷରୁ ୨୮ରୁ ଅଧିକ ପ୍ରକଳ୍ପ କାର୍ଯ୍ୟ କରାଯାଉଥିଲେ ମଧ୍ୟ ଏଥିରେ ମାତ୍ର ୧୦ଟି ପ୍ରକଳ୍ପର ତାଲିକା ରହିଛି। ସେଥି ମଧ୍ୟରୁ ବିଭିନ୍ନ ପ୍ରକଳ୍ପର କେବଳ ପ୍ରାରମ୍ଭିକ ସୂଚନା ଦିଆଯାଇଛି। ପରବର୍ତ୍ତୀ ସମୟରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମାପ୍ତ ହୋଇଛି କି ନାହିଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହୋଇଛି କି ନାହିଁ ସେ ସମ୍ପର୍କିତ ସୂଚନା ମଧ୍ୟ ଉପଲବ୍ଧ ହେଉନାହିଁ।

ଡିଜିଟାଇଜେନ ଦ୍ୱାରା ସହରବାସୀ କିପରି ଘରେ ବସି ବିଏସ୍‌ସିଏଲ୍ ସମ୍ପର୍କରେ ସୂଚନା ଓ ସୁବିଧା ପାଇପାରିବେ ସେଥିପାଇଁ ଯଥେଷ୍ଟ ମାନବସମ୍ବଳ ବିନିଯୋଗ ସହ କୋଟି କୋଟି ଟଙ୍କା ବ୍ୟୟରେ ଉପକରଣ କ୍ରୟ କରାଯାଉଛି। ଏହାସତ୍ତ୍ୱେ ୱେବସାଇଟ୍‌ରେ ତଥ୍ୟ ନ ରହିବା କର୍ତ୍ତୃପକ୍ଷଙ୍କ ଦୋଷ ଦୁର୍ବଳତାକୁ ପଦାରେ ପକାଇଛି।

## ଏମିତି ସ୍ମାର୍ଟ ସେବା ଦେଉଛି ବିଏସ୍‌ସିଏଲ୍

- ସହରବାସୀଙ୍କୁ ବାଟବଣା କରୁଛି ପୁରୁଣା ତଥ୍ୟ
- ବଦଳି ସତ୍ତ୍ୱେ ଅଧିକାରୀଙ୍କ ନାଁ ଗଡୁଛି

ମୋ କାର୍ଯ୍ୟକାଳକୁ ଖୁବ୍ କମ୍ ସମୟ ହୋଇଛି। ସେଥି ମଧ୍ୟରେ ବିଏସ୍‌ସିଏଲ୍‌ର ସମସ୍ତ ଯୋଜନା, କାର୍ଯ୍ୟକାରିତା ଓ ଅନ୍ୟାନ୍ୟ ଦିଗ ସମ୍ପର୍କରେ ମୁଁ ନିଜେ ଅବଗତ ହେବା ସହ କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ସେ ଦିଗରେ ପ୍ରୟାସ କରୁଛି। ନିୟମିତ ବ୍ୟବଧାନରେ ୱେବସାଇଟ୍ ଅପ୍‌ଡେଟ୍ କରାଯାଉଛି। ୱେବ୍‌ସାଇଟରେ ଯଦି କିଛି ସେପରି ତ୍ରୁଟି ଥାଏ ତାହାକୁ ସଂଶୋଧନ କରାଯିବ। ବିଏସ୍‌ସିଏଲର ସମସ୍ତ ତଥ୍ୟ ୱେବ୍‌ସାଇଟରେ ଉପଲବ୍ଧ ହେବା ସମ୍ଭବ ନୁହେଁ। ତେଣୁ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିର୍ଭୁଲ୍ ତଥ୍ୟ ଦିଆଯିବ।
– ସୁବ୍ରତ କୁମାର ବେହେରା, ଜେନେରାଲ ମ୍ୟାନେଜର (ଆଡମିନିଷ୍ଟ୍ରେଶନ ଆଣ୍ଡ ଟେକ୍ନୋଲୋଜି), ବିଏସ୍‌ସିଏଲ୍

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଛାତ୍ରୀ ଆହତ

ବାରଙ୍ଗ,୨୫।୩(ଡି.ଏନ୍.ଏ.): ଗୋଡିସାହି ବଜାର ଉପରେ ଏକ ଟ୍ରକ୍ ଧକ୍କାରେ ଶନିବାର ସକାଳେ ଜଣେ ୮ମ ଶ୍ରେଣୀ ଛାତ୍ରୀ ଆହତ ହୋଇଛନ୍ତି। ଗୋଡିସାହି ନେଡାଲ ସ୍କୁଲର ଛାତ୍ରୀ ମଧୁସ୍ମିତା ବେହେରା ସ୍କୁଲରୁ ସାଇକେଲ ଯୋଗେ ଫେରୁଥିଲେ। ଗୋଡିସାହି ବଜାରରେ ପଛପଟୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ମଧୁସ୍ମିତା ସାଇକେଲରୁ ପଡ଼ି ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଡ୍ରାଇଭର ଗାଡ଼ି ନେଇ ପଳାଇଥିଲେ। ସ୍ଥାନୀୟ ଲୋକେ ପିଛା କରି ଗୋଡିସାହି ଫାଣ୍ଡି ନିକଟ ହନୁମାନ ଛକରେ ଗାଡିକୁ ଧରି ଫାଣ୍ଡିକୁ ହସ୍ତାନ୍ତର କରିଥିଲେ। ପରେ ପୋଲିସ ମଧୁସ୍ମିତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସାଳୟକୁ ପଠାଇଥିଲା।

### ରାଜସ୍ୱ କାର୍ଯ୍ୟାଳୟ ପାଇଁ ଭୂମିପୂଜା

ବାରଙ୍ଗ,୨୫।୩(ଡି.ଏନ୍.ଏ.): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାରୁଠେଙ୍ଗରେ ନୂତନ ରାଜସ୍ୱ କାର୍ଯ୍ୟାଳୟ ପାଇଁ ଶନିବାର ଶୁଭ ଦିଆଯାଇଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ନଡ଼ିଆ ବାଡେଇ ଭୂମିପୂଜା କରିଥିଲେ। ପଣ୍ଡିତ ସୁମନ୍ତ ରଥ ମନ୍ତ୍ରପାଠ କରିଥିଲେ। ଏହି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଲେ ଦାରୁଠେଙ୍ଗ ଗ୍ରାମପଞ୍ଚାୟତର ଜୁଝଗଡ, ଭୁଆସୁଣୀ, ଭାଲୁଙ୍କା, ଶ୍ୟାମସୁନ୍ଦର, ଦାରୁଠେଙ୍ଗ, ତୁଳସାଦେଇପୁର ଆଦି ମୌଜାର ଲୋକେ ବିଶେଷ ଭାବେ ଉପକୃତ ହୋଇପାରିବେ।

### 'ଶୃଙ୍ଖଳିତ ବିଦ୍ୟାର୍ଥୀ ରାଷ୍ଟ୍ରର ସମ୍ପତ୍ତି'

ବାଲିପାଟଣା,୨୫।୩(ଡି.ଏନ୍.ଏ.): ଜଣେ ଶୃଙ୍ଖଳିତ ବିଦ୍ୟାର୍ଥୀ ପରିବର୍ତ୍ତିତ ରାଷ୍ଟ୍ରର ସମ୍ପତ୍ତି। ବିଦ୍ୟାଳୟରେ ପାଠପଢ଼ା ସହିତ ବିଦ୍ୟାର୍ଥୀଙ୍କୁ ଶୃଙ୍ଖଳିତ ଭାବେ ଗଢ଼ି ସାମଗ୍ରିକ ବିକାଶ ପ୍ରତି ଧ୍ୟାନଦେଲେ ସେମାନେ ଭବିଷ୍ୟତରେ ରାଷ୍ଟ୍ରର ସଂରକ୍ଷିତ ସମ୍ପତ୍ତିର ତାଲିକାଭୁକ୍ତ ହେବେ। ତାଙ୍କୁ ପାଥେୟ କରି ରାଷ୍ଟ୍ରର ସାମଗ୍ରିକ ବିକାଶ ହେବ ବୋଲି ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଏହା କହିଛନ୍ତି। ସଂଳାପ ଲେଖକ ତଥା ଶିଶୁ ସାହିତ୍ୟିକ ଡ. ରଜନୀ ରଞ୍ଜନ ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, ପିଲାମାନଙ୍କୁ ସଂସ୍କାରଧର୍ମୀ ଶିକ୍ଷା ପ୍ରଦାନର ସମୟ ଆସିଛି। ସଂସ୍କାରି ପିଲାମାନେ ସୁସ୍ଥ ସମାଜ ଗଠନର ବାର୍ତ୍ତାବହ ବୋଲି ସେ କହିଥିଲେ। ବିଦ୍ୟାମନ୍ଦିର ସମ୍ପାଦକ ଅଭିମନ୍ୟୁ ନାୟକ ସ୍ୱାଗତ ଭାଷଣ, ଅଧକ୍ଷା ପବିତ୍ରା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ଓଝା ପୌରୋହିତ୍ୟ କରିଥିବା ବେଳେ ନିର୍ଦ୍ଦେଶକ ଗଙ୍ଗାଧର ଓଝା ଧନ୍ୟବାଦ ଦେଇଥିଲେ। ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବକୁ ବରିଷ୍ଠ ଶିକ୍ଷୟିତ୍ରୀ ଲିପିକା ପ୍ରଧାନ ଓ ସବିତା ମୁଖୀ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଉର୍ମିଳା ସେନାପତିଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୁବକଙ୍କୁ କଟୁରିରେ ହାଣି ହତ୍ୟା ଉଦ୍ୟମ

ବାଲିପାଟଣା,୨୫।୩(ଡି.ଏନ୍.ଏ.):

ବାଲିପାଟଣା ଥାନା ଅଧୀନ ସୁମୁଦି ଗ୍ରାମ ନିକଟ ବଜାରରେ ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ କଟୁରିରେ ହାଣି ହତ୍ୟା ଉଦ୍ୟମ କରାଯାଇଛି। ସେ ହେଲେ ଏହି ଗ୍ରାମର ରାଜୀବ ଲୋଚନ ସ୍ୱାଇଁ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ରାଜୀବ ଶନିବାର ସକାଳେ ଗ୍ରାମ ନିକଟ ବଜାରରେ ଚା' ପିଉଥିବା ବେଳେ ହଠାତ୍ ଉକ୍ତ ଗ୍ରାମର ଦୁଇଜଣ ଯୁବକ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଭୟଭୀତ ହୋଇ ସେ ନିକଟ କ୍ୟାବିନ୍ ଭିତରେ ପଶିଯିବାରୁ ବାମ ହାତ ଓ ନାକରେ ଚୋଟ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।



ଘାଟିକିଆ ଉଚ୍ଚବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରୁଛନ୍ତି।

## କଳିଙ୍ଗବିହାରରେ ଖୋଲିଲା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର

ଭୁବନେଶ୍ୱର, ୨୫।୩ (ବ୍ୟୁରୋ)

ବିଏମ୍‌ସିର ୱାର୍ଡ ନଂ.୨୩ ଅନ୍ତର୍ଗତ କଳିଙ୍ଗବିହାର-୫ରେ ନୂତନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଖୋଲିଛି। ଶନିବାର ମନ୍ତ୍ରୀ ଅଶୋକ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ପୃକ୍ତ ଅଞ୍ଚଳରେ ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ର ନ ଥିବାରୁ ଲୋକଙ୍କୁ ଚିକିତ୍ସା ପାଇଁ ଦୂରକୁ ଯିବାକୁ ପଡୁଥିଲା। ମାତ୍ର ଏବେ ସେହି ସମସ୍ୟା ଦେଖାଦେବନାହିଁ। ପ୍ରତି ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଜଣେ ମେଡିକାଲ ଅଫିସର, ଜଣେ ଷ୍ଟାଫ୍ ନର୍ସ, ଜଣେ ଲାବ ଟେକ୍ନିସିଆନ, ଫିଜିଓଥେରାପିଷ୍ଟ, ହାଉସ୍ କିପିଂ ଓ ଜଣେ ସିକ୍ୟୁରିଟି ଗାର୍ଡ ରହିବେ। ଏହିପରି ସବୁ ଜୋନ୍‌ରେ ୨ରୁ ୩ ଲେଖାଏ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରିବାକୁ ବିଏମ୍‌ସି ଲକ୍ଷ୍ୟ ରଖିଥିବାବେଳେ ପର୍ଯ୍ୟାୟକ୍ରମେ ଏଗୁଡ଼ିକ କାର୍ଯ୍ୟକ୍ଷମ କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର କିରଣବାଳା ମାଝି ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଘାଟିକିଆ ଉଚ୍ଚବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ

ସେହିପରି ସମ୍ପୃକ୍ତ ୱାର୍ଡସ୍ଥିତ ଘାଟିକିଆ ଉଚ୍ଚବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ଏବେ ସ୍କୁଲରେ ପ୍ରାୟ ୫ଶହ ଛାତ୍ରୀଛାତ୍ର ପଢୁଛନ୍ତି। ଶ୍ରେଣୀଗୃହ ଅଭାବରୁ ସେମାନଙ୍କୁ ତପୋବନ ଉଚ୍ଚବିଦ୍ୟାଳୟ ଓ ଆଖପାଖରେ ଥିବା ଅନ୍ୟ ବିଦ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଥିଲା। ତେବେ ନୂତନ ଶ୍ରେଣୀଗୃହ ଖୋଲିବା ପରେ ପିଲାମାନେ ସୁବିଧାରେ ପାଠ ପଢି ପାରିବେ। ବିଦ୍ୟାଳୟ ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ୩୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

## ଟୀକାକରଣ ସ୍ୱାସ୍ଥ୍ୟ ସେବାର ପ୍ରମୁଖ ଅଂଶ

ଭୁବନେଶ୍ୱର, ୨୫।୩ (ବ୍ୟୁରୋ):

ଟୀକାକରଣକୁ ନେଇ ସାଧାରଣତଃ ବସ୍ତି ଅଞ୍ଚଳର ଲୋକଙ୍କ ମନରେ ଭୟ ଏବଂ ଭ୍ରାନ୍ତ ଧାରଣା ରହୁଛି। ସେହି କାରଣରୁ ସେମାନେ ବିଭିନ୍ନ ପ୍ରକାର ଟୀକାକରଣଠାରୁ ଦୂରେଇ ରହୁଛନ୍ତି। ତେଣୁ ଏନେଇ ଲୋକଙ୍କୁ ସଚେତନ କରିବା ପାଇଁ ଆକ୍ସନଏଡ୍ ଏବଂ ସିସିଡବ୍ଲ୍ୟୁଡିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀୟନ ଶ୍ରମିକ ବସ୍ତି ଓ ଅରବିନ୍ଦ ନଗରଠାରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଥିଲା। ଏହି ଅବସରରେ ବସ୍ତି ଅଞ୍ଚଳର ଲୋକଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନା ସମ୍ପର୍କରେ ବୁଝାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ କିଭଳି ସହାୟକ ହେଉଛି ଓ ଉକ୍ତ କାର୍ଡର ସଦୁପଯୋଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଟୀକାକରଣ ସ୍ୱାସ୍ଥ୍ୟ ସେବାର ପ୍ରମୁଖ ଅଂଶ ବୋଲି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତ ପ୍ରକାଶ କରିଥିଲେ। ସେହିପରି ସ୍ୱାସ୍ଥ୍ୟସେବା ଉପରେ ସମସ୍ତେ ସଚେତନ ହେବା ଓ ଟୀକାକରଣରେ ସାମିଲ ହୋଇ ଆଗାମୀ ବଂଶଧରକୁ ସୁରକ୍ଷିତ ରଖିବା ଜରୁରୀ ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମରେ କର୍ପୋରେଟର ଇତିଶ୍ରୀ ଦାସ, ଅଙ୍ଗନୱାଡିକର୍ମୀ ପ୍ରତିମା ଖଟୁଆ, ପ୍ରମିଳାପତି, ଆଶାକର୍ମୀ ପ୍ରମିଳା ସାହୁ, ନଳିନୀ ମହାରଣା, ଏନ୍.ଏମ୍. ପୁଷ୍ପାଞ୍ଜଳୀ ସାହୁ, ଆକ୍ସନ୍‌ଏଡ୍‌ର ଶୁଭେନ୍ଦୁ କୁମାର ରାୟ, ସି.ସି.ଡବ୍ଲ୍ୟୁ.ଡି ସମ୍ପାଦକ ସଦାଶିବ ସ୍ୱାଇଁ, ବସ୍ତି ବାସିନ୍ଦା, ଭୁବନେଶ୍ୱର ୟଙ୍ଗ ଅର୍ବାନ ଓମେନ୍ ଫୋରମ୍, ଅଣ ସଂଗଠିତ ଶ୍ରମିକ ମଞ୍ଚର ପ୍ରତିନିଧିମାନେ ସାମିଲ ହୋଇଥିଲେ।

## କଂଗ୍ରେସର ରେଳରୋକୋ, ୪ କର୍ମୀ ଗିରଫ



ଭୁବନେଶ୍ୱର ରେଳଷ୍ଟେଶନରେ ଏକ ଟ୍ରେନ୍‌କୁ ଅଟକାଇ କଂଗ୍ରେସ କର୍ମୀ ପ୍ରତିବାଦ କରୁଛନ୍ତି।

ଭୁବନେଶ୍ୱର,୨୫।୩(ବ୍ୟୁରୋ)

### ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦର ପ୍ରତିବାଦ

ଅଖିଳ ଭାରତୀୟ କଂଗ୍ରେସ କମିଟିର ପୂର୍ବତନ ଅଧ୍ୟକ୍ଷ ତଥା ଏମ୍‌ପି ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦ ଓ ଗୌତମ ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁସମ୍ପର୍କ ପ୍ରତିବାଦରେ ଶନିବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେଶନରେ ରେଳରୋକୋ କରାଯାଇଥିଲା। ଏହି ଘଟଣାରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ୪ଜଣ କଂଗ୍ରେସ କର୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ୨ଜଣ ଉପସଭାପତି ନିରଞ୍ଜନ ନାୟକ ଓ କୃଷ୍ଣଚନ୍ଦ୍ର ମହାନ୍ତି ଏବଂ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ଜେନା। ଆର୍‌ପିଏଫ୍‌ର ସୂଚନାନୁସାରେ, ଯୁବ କଂଗ୍ରେସର ସଦସ୍ୟମାନେ କୌଣସି ପୂର୍ବ ସୂଚନା ନ ଦେଇ ବେଆଇନ ଭାବେ ବିରୋଧ ପ୍ରଦର୍ଶନ କରିବା ସହ ରେଳରୋକୋ କରିଥିଲେ। ସେମାନଙ୍କୁ ବାରଣ କରିବା ସତ୍ତ୍ୱେ ବିରୋଧ ବନ୍ଦ ନ କରିବାରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ରେଳ ଅଧିନିୟମ ଧାରା ୧୭୪ (କ), ୧୫୩, ୧୪୬, ୧୪୫ (ଖ) ଏବଂ ୧୪୭ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ସୂଚନାନୁସାରେ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ ଯୁବ କଂଗ୍ରେସ କର୍ମୀ ଦିନ ୧୨ଟାରେ ମାଷ୍ଟରକ୍ୟାଣ୍ଟିନ ରେଳ ଷ୍ଟେଶନରେ ପହଞ୍ଚି ପ୍ରତିବାଦ କରିଥିଲେ। ଫଳରେ ଷ୍ଟେଶନ ଦେଇ କିଛି ଘଣ୍ଟା ପାଇଁ ରେଳ ଚଳାଚଳ ବନ୍ଦ ହୋଇଯାଇଥିଲା।

## ୩ରୁ ଅନ୍ତର୍ଜାତୀୟ ଚନ୍ଦ୍ରାଲୋକ ଦୁଃସାହସିକ ଅଭିଯାନ

ପୁରୀ ଅଫିସ, ୨୫।୩:

'ପ୍ରୋଜେକ୍ଟ ପଏଣ୍ଟ' ଏବଂ 'ପ୍ରେରଣା'ର ମିଳିତ ଆନୁକୁଲ୍ୟରେ ଏପ୍ରିଲ ୩ରୁ ୬ତାରିଖ ପର୍ଯ୍ୟନ୍ତ ପୁରୀରୁ କୋଣାର୍କ ଅନ୍ତର୍ଜାତୀୟ ଚନ୍ଦ୍ରାଲୋକ ଯୁବ ଦୁଃସାହସିକ ଅଭିଯାନ ଅନୁଷ୍ଠିତ ହେବ ବୋଲି ପ୍ରେରଣା ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ ଓ ପ୍ରୋଜେକ୍ଟ ପଏଣ୍ଟ ଅଧ୍ୟକ୍ଷ ସଂଗ୍ରାମ କେଶରୀ ସାମନ୍ତରାୟ ସୂଚନା ଦେଇଛନ୍ତି। ବେଳାଭୂମି ସଫେଇ, ଚାରାରୋପଣ, ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପ୍ରଭୃତି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ୨୦ଟି ରାଜ୍ୟ ଓ ୧୦ଟି ଦେଶର ୧୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇ ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ଯାତ୍ରା କରିବେ।

## କୋଭିଡ୍ ପରେ ଯକ୍ଷ୍ମା ରୋଗୀ ସଂଖ୍ୟା ବଢ଼ିଛି

### ଏମ୍ସରେ ମାସକୁ ୬୦ ନୂଆ ଚିହ୍ନଟ ହେଉଛନ୍ତି

ଭୁବନେଶ୍ୱର, ୨୫।୩(ବ୍ୟୁରୋ)




କୋଭିଡ୍ ପରବର୍ତ୍ତୀ ଅବସ୍ଥାରେ ଯକ୍ଷ୍ମା (ଟିବି) ରୋଗୀଙ୍କ ସଂଖ୍ୟା ବଢ଼ିଛି। ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହୋଇଥିଲେ ମଧ୍ୟ ଯକ୍ଷ୍ମା ନିୟନ୍ତ୍ରଣ ହୋଇପାରି ନାହିଁ। ଏମ୍ସ ଭୁବନେଶ୍ୱରରେ ୨୦୨୧ରେ ୫୨୧ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିଲେ। କିନ୍ତୁ ୨୦୨୨ରେ ଏହାଠାରୁ ୧୫୩ ଅଧିକ ଅର୍ଥାତ୍ ୬୭୪ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ଏବେ ମାସିକ ପ୍ରାୟ ୬୦ ନୂଆ ଟିବି ରୋଗୀ ଚିହ୍ନଟ ହେଉଛନ୍ତି ବୋଲି ଏମ୍ସ ଭୁବନେଶ୍ୱରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଯୋଗଦେଇ ଶୀଘ୍ର ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା ଯକ୍ଷ୍ମାର ମାରାତ୍ମକତାକୁ ହ୍ରାସ କରିପାରିବ ବୋଲି କହିଥିଲେ। ପଲ୍‌ମୋନାରି ମେଡିସିନ ବିଭାଗ ମୁଖ୍ୟ ତଥା ଡିନ୍ ଡା. ପି. ଆର୍. ମହାପାତ୍ର ଯୋଗଦେଇ କହିଲେ, ସମଗ୍ର ବିଶ୍ୱରେ ଯକ୍ଷ୍ମା ସର୍ବୋଚ୍ଚ ସଂକ୍ରାମକ ରୋଗ ଭାବେ ଅପଖ୍ୟାତି ଅର୍ଜନ କରିଛି। ଏହି ମାରାତ୍ମକ ରୋଗରେ ବର୍ଷକୁ ପ୍ରାୟ ୧.୬ ନିୟୁତ ଲୋକଙ୍କ ମୃତ୍ୟୁ ହେଉଛି। ମାଇକ୍ରୋ ବାୟୋଲୋଜି ବିଭାଗ ମୁଖ୍ୟ ଡା. ବୈଜୟନ୍ତୀମାଳା ମିଶ୍ର ଏମ୍ସରେ ଟିବି ଚିହ୍ନଟ ପାଇଁ ମାଗଣାରେ ସିବିନାଟ ଏବଂ ଟ୍ରୁନାଟ ପରୀକ୍ଷା କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। କୁଳସଚିବ ବି. ବି. ମିଶ୍ର, ବରିଷ୍ଠ ଅଧ୍ୟାପକ ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏମ୍ସ ଡଟ୍ସ କେନ୍ଦ୍ର ମେଡିକାଲ ଅଫିସର ଡା. ସାରଦା ପ୍ରସନ୍ନ ମିଶ୍ର, ଅର୍ପଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଏମ୍ସ ଭୁବନେଶ୍ୱର କମ୍ୟୁନିଟି ମେଡିସିନ ଏବଂ ଫ୍ୟାମିଲି ମେଡିସିନ ବିଭାଗ ପକ୍ଷରୁ ଯକ୍ଷ୍ମା ଦୂରୀକରଣ ପାଇଁ ନୟାପଲ୍ଲୀ ବେହେରାସାହି ବସ୍ତି (ୱାର୍ଡ ନଂ-୨୫)ରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଡା. ବିନୋଦ କୁମାର ବେହେରା ଏବଂ ଡା. ପ୍ରଜ୍ଞା ପାରମିତା ଗିରି ଯକ୍ଷ୍ମା ରୋଗର ଲକ୍ଷଣ, ଚିକିତ୍ସା ଏବଂ ନିରାକରଣ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସ୍ଥାନୀୟ କର୍ପୋରେଟର ମାନସୀରାଣୀ ସୁନ୍ଦରାୟ ଓ ଆଶାକର୍ମୀ ରଶ୍ମିତା ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା।

## 'ଜୀବନ ସଙ୍ଗୀତ' ରେଡିଓ ଡକ୍ୟୁ-ଡ୍ରାମା

- କୁଇଜ୍‌ରେ ଓଡ଼ିଶାର ୨୪ ବିଜେତା ସମ୍ମାନିତ
- ଜୁଲାଇ ସୁଦ୍ଧା ଜୀବନ ସଙ୍ଗୀତ ୨.୦

ଭୁବନେଶ୍ୱର,୨୫।୩(ବ୍ୟୁରୋ)




ୟୁନିସେଫ୍ ପକ୍ଷରୁ ଆୟୋଜିତ 'ଜୀବନ ସଙ୍ଗୀତ' ରେଡିଓ ଡକ୍ୟୁ-ଡ୍ରାମା କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିବୃନ୍ଦ।

ୟୁନିସେଫ, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ(ଏସ୍‌ଆଇଏଚ୍ ଆଣ୍ଡ୍ ଏଫ୍‌ଡବ୍ଲ୍ୟୁ) ଓ ଅଲ୍ ଇଣ୍ଡିଆ ରେଡିଓର ମିଳିତ ସହଯୋଗରେ ଶନିବାର 'ଜୀବନ ସଙ୍ଗୀତ' ରେଡିଓ ଡକ୍ୟୁ-ଡ୍ରାମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା କୁଇଜ୍ ପ୍ରତିଯୋଗିତାରେ ଓଡ଼ିଶାର ୨୪ଜଣ ବିଜେତାଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ୧୦ଟି ଡକ୍ୟୁଡ୍ରାମାର ଏକ ସିରିଜ ରେଡିଓରେ ସପ୍ତାହରେ ୩ଥର ପ୍ରସାରିତ ହେଉଥିଲା। ପ୍ରସାରଣ ପରେ ଶ୍ରୋତାମାନଙ୍କ ପାଇଁ ପ୍ରତ୍ୟେକ ବିଷୟ ଉପରେ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମ ଓଡ଼ିଶାର ଏକ ମିଲିୟନରୁ ଅଧିକ ରେଡିଓ ଶ୍ରୋତାଙ୍କ ନିକଟରେ ପହଞ୍ଚିଥିବାବେଳେ ୨୦ହଜାର କୁଇଜ ଏଣ୍ଟ୍ରି ହୋଇଥିଲା। ସେଥିମଧ୍ୟରୁ ୨୪ଜଣ ଶ୍ରୋତାଙ୍କୁ ଭାଗ୍ୟଶାଳୀ ଡ୍ର' ବ୍ୟବସ୍ଥାରେ ସମ୍ମାନିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଏସ୍‌ଆଇଏଚ୍ ଆଣ୍ଡ୍ ଏଫ୍‌ଡବ୍ଲ୍ୟୁ ନିର୍ଦ୍ଦେଶକ ଡ. ଅମରେନ୍ଦ୍ରନାଥ ମହାନ୍ତି ଯୋଗଦେଇ ୟୁନିସେଫର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଲୋକଙ୍କ ପାଖରେ ସୂଚନା ପହଞ୍ଚାଇବା ଓ ଯୋଗାଯୋଗରେ ରେଡିଓ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଲୋକଙ୍କୁ ସୂଚନା, ଶିକ୍ଷା ଦେବା ସହ ମନୋରଞ୍ଜନଧର୍ମୀ କାର୍ଯ୍ୟ ଅଧିକରୁ ଅଧିକ କରିବାକୁ ପ୍ରୟାସ କରିବୁ ବୋଲି ଡ. ମହାନ୍ତି କହିଥିଲେ। ୟୁନିସେଫ ଭୁବନେଶ୍ୱର ଫିଲ୍ଡ ଅଫିସ ମୁଖ୍ୟ ଡ. ସୁଗାତ ରାୟ ଏହାର ପ୍ରଥମ ସଂସ୍କରଣର ସଫଳତା ପରେ ଚଳିତ ବର୍ଷ 'ଜୀବନ ସଙ୍ଗୀତ ୨.୦' ଲଞ୍ଚ କରିବାକୁ ଘୋଷଣା କରିଥିଲେ। ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ। ଏହା ଲୋକଙ୍କ ଆଚରଣଗତ ପରିବର୍ତ୍ତନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ତେଣୁ ଅଧିକ ବିଷୟବସ୍ତୁ ସହିତ ଜୁନ କିମ୍ବା ଜୁଲାଇ ସୁଦ୍ଧା 'ଜୀବନ ସଙ୍ଗୀତ' ୨.୦ ଆରମ୍ଭ କରାଯିବ ବୋଲି ଡ. ରାୟ ସୂଚନା ଦେଇଥିଲେ। ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡ. ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଇପିଆଇଓ ଡ. ତାପସ କୁମାର ପାତ୍ର, ଅଲ୍‌ଇଣ୍ଡିଆ ରେଡିଓର ବାଣିଜ୍ୟିକ ପ୍ରସାରଣ ସେବା ଷ୍ଟେଶନ ହେଡ୍ ଚିରଞ୍ଜୀବୀ ରାଉତରାୟ, ଏସ୍‌ଆଇଏଚ୍ ଆଣ୍ଡ ଏଫ୍‌ଡବ୍ଲ୍ୟୁ ଯୁଗ୍ମ ନିର୍ଦ୍ଦେଶକ ପୁଷ୍ପାଞ୍ଜଳି ମିଶ୍ର ଏବଂ ଡିଏଫ୍‌ଡବ୍ଲ୍ୟୁ ଯୁଗ୍ମ ନିର୍ଦ୍ଦେଶକ ଡା. ସ୍ମୃତିଜିତ ପଟ୍ଟନାୟକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୁଧୀର ସିଂହ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ

ମାହାଙ୍ଗା, ୨୫ା୩ (ସ୍ୱ.ପ୍ର.) : ମାହାଙ୍ଗା ବ୍ଲକ ହଳଦିଆ ଗାଁର ବିଜେଡି ସଙ୍ଗଠକ ସୁଧୀର ସିଂହଙ୍କୁ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଭାବେ ଶନିବାର ନିଯୁକ୍ତି ଦିଆଯାଇଛି। ଏ ନେଇ ସିଂହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ପ୍ରତାପ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କୁ ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଯୁବନେତା ଜ୍ଞାନେନ୍ଦ୍ର ସାହୁ, ସରପଞ୍ଚ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ସ୍ୱାଗତ ଜଣାଇଛନ୍ତି।

### କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା

ମାହାଙ୍ଗା, ୨୫ା୩ (ସ୍ୱ.ପ୍ର.) : ମାହାଙ୍ଗା ବ୍ଲକ ମୂଳବସନ୍ତ ଗାଁରେ କାଳବୈଶାଖୀ ପ୍ରଭାବରେ ବହୁ ଘରର ଆଜବେଷ୍ଟସ ଓ ଚାଳ ଛପର ନଷ୍ଟ ହୋଇଯାଇଛି। ଏହି ଖବର ଜାଣିବାପରେ ଶୁକ୍ରବାର ସାମାଜିକ କର୍ମୀ ଉମାକାନ୍ତ ବଳବନ୍ତରାୟ ଉକ୍ତ ଗାଁର ୪ଟି ୱାର୍ଡ ବୁଲି କ୍ଷତିଗ୍ରସ୍ତ ପରିବାରଙ୍କୁ ପାଲ ପ୍ରଦାନ କରିଥିଲେ। ଏଥିରେ ୱାର୍ଡମେମ୍ବର ଅଶୋକ ମହାନ୍ତି, ସଞ୍ଜୀବ ପଣ୍ଡା, ଅଜିତ୍ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୫ା୩(ବ୍ୟୁରୋ) ମୋବାଇଲ ଚୋରି ପରେ ଫୋନ ପେ ଜରିଆରେ ୮ ହଜାର ଟଙ୍କା ନେଇଯିବା ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମାସେ ପରେ ଧଉଳି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଟଣୀ ଅଞ୍ଚଳର ଚନ୍ଦନ ପାଟଶାଣୀ। ସୂଚନାଯୋଗ୍ୟ, ଫେବୃୟାରୀ ୭ରେ ଅଭିଯୋଗକାରୀ ରାଜେନ୍ଦ୍ରଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ ଅଭିଯୁକ୍ତ ମୁନା ଏବଂ ଚନ୍ଦନ ଲୁଟ୍ କରିନେଇଥିଲେ। ଏହା ପରେ ଅଭିଯୁକ୍ତଦ୍ୱୟ ଲୁଟ ମୋବାଇଲ ଫୋନରୁ ନିଜ ଅକାଉଣ୍ଟକୁ ଫୋନ-ପେ ଜରିଆରେ ୮,୨୦୦ଟଙ୍କା ଟ୍ରାନ୍ସଫର କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ପରଦିନ ଅଭିଯୁକ୍ତ ମୁନାଙ୍କୁ ଧରିଥିବା ବେଳେ ଚନ୍ଦନ ଫେରାର ହୋଇଯାଇଥିଲା। ତେବେ ଶୁକ୍ରବାର ଚନ୍ଦନ ଗ୍ରାମକୁ ଫେରିଥବା ବିଶେଷ ସୂତ୍ରରୁ ପୋଲିସ ଜାଣିବା ପରେ ସେଠାରେ ଚଢ଼ାଉ କରି ଗିରଫ କରିଥିଲା।

### ନାବାଳିକାଙ୍କୁ ଧମକ ଦେଇ ଯୁବକ ଗିରଫ

ଭୁବନେଶ୍ୱର, ୨୫ା୩(ବ୍ୟୁରୋ): ଜଣେ ନାବାଳିକାଙ୍କୁ ରାସ୍ତାରେ ପିଛା କରି ହଇରାଣ କରିବା ସହ ଅଟକାଇ ଧମକ ଦେବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା ନିଆଳି ଥାନା ଅଞ୍ଚଳର ଝଟୁ ରାଉତ। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ଶୁକ୍ରବାର ନାବାଳିକା କ୍ଲାସ ସାରି ଆସୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ଖରାପ ଉଦ୍ଦେଶ୍ୟ ନେଇ ରାସ୍ତାରେ ଅଟକାଇଥିଲେ। ଏହାକୁ ବିରୋଧ କରିବାରୁ ନାବାଳିକାଙ୍କୁ ଧମକ ଦେଇଥିଲେ।

# ସରପଞ୍ଚ- ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଛକାପଞ୍ଝା

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବକେୟାକୁ ନେଇ ବିବାଦ**

- ନେମାଳ ଥାନାରେ ସରପଞ୍ଚଙ୍କ ଅଭିଯୋଗ
- ହିତାଧିକାରୀ ଅସୁବିଧାର ସମ୍ମୁଖୀନ

ନିଶ୍ଚିନ୍ତକୋଇଲି, ୨୫ା୩ (ସ୍ୱ.ପ୍ର.)

ଏମ୍‌ଜିଏନ୍‌ଆରଇଜିଏସ୍(ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିନ୍ତ କର୍ମନିଯୁକ୍ତି)ର ବକେୟାକୁ ନେଇ ନିଶ୍ଚିନ୍ତକୋଇଲି ବ୍ଲକ ଜମରା ପଞ୍ଚାୟତ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ବିବାଦର ଦେଖାଦେଇଛି। ଏନେଇ ପରସ୍ପର ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଫଳରେ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ଶନିବାର ସରପଞ୍ଚ ନେମାଳ ଥାନାରେ ସମ୍ପୃକ୍ତ ଅଧିକାରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତରେ ଏମଜିଏନ୍‌ଆରଇଜିଏସ୍‌ରେ ହୋଇଥିବା କାର୍ଯ୍ୟର ପ୍ରାପ୍ୟ ଏପର୍ଯ୍ୟନ୍ତ ହିତାଧିକାରୀମାନଙ୍କୁ ମିଳିନାହିଁ। ଏହି ବକେୟା ଅର୍ଥକୁ କେନ୍ଦ୍ରକରି ସରପଞ୍ଚ ବନ୍ଦନାମୟୀ ତ୍ରିପାଠୀ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କେଦାରେଶ୍ୱର ବେହେରାଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଛି। ଗତ ୨୦ ତାରିଖରୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବେହେରା ସରପଞ୍ଚଙ୍କ ହସ୍ତାକ୍ଷର ଥିବା ଡଙ୍ଗଲ ଡିଭାଇସକୁ ନେଇ ପଳାଇଯାଇଥିବା ଅଭିଯୋଗ ହୋଇଛି। ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଫଳରେ ୱାର୍ଡ ସଭ୍ୟାସଭ୍ୟଙ୍କ ନିଷ୍ପତ୍ତି ଅନୁଯାୟୀ ସ୍ଥିରୀକୃତ ହୋଇଥିବା ପ୍ରାପ୍ୟ ଠିକାଦାରଙ୍କୁ ଦିଆଯାଇପାରୁନାହିଁ। ଏଥିଯୋଗୁ ଠିକାଦାରଙ୍କ ଅଧୀନରେ କାର୍ଯ୍ୟ କରିଥିବା ହିତାଧିକାରୀମାନେ ସେମାନଙ୍କ ପ୍ରାପ୍ୟ ପାରୁନାହାନ୍ତି। ସେହିପରି ବହୁ ହିତାଧିକାରୀ ଭତ୍ତା ମଧ୍ୟ ପାଇପାରୁ ନାହାନ୍ତି ବୋଲି ସରପଞ୍ଚ ତ୍ରିପାଠୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ସେ ବିଡିଓ, ଗ୍ରାମ ସମ୍ପ୍ରସାରଣ ଅଧିକାରୀ, ଏମ୍‌ଜିଏନ୍‌ଆରଇଜିଏସ୍‌ର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ସେଥିରେ ଦର୍ଶାଇଛନ୍ତି। ଏ ନେଇ ଗ୍ରାମାଞ୍ଚଳ ଏସ୍‌ପି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ତ୍ରିପାଠୀ ଦାବି କରିଛନ୍ତି। ଏ ପ୍ରସଙ୍ଗରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବେହେରା କୁହନ୍ତି, ସେ ମେଡିକାଲ ଲିଭରେ ଅଛନ୍ତି। ଏ ସମ୍ପର୍କରେ ସେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଏବିଷୟରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ କୁହନ୍ତି, ସେ ଅଭିଯୋଗ ପାଇଛନ୍ତି। ଖୁବଶୀଘ୍ର ଏହି ବିବାଦର ସମାଧାନ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି। ଥାନା ଅଧିକାରୀ ଗୌରାଙ୍ଗ ବିଶ୍ୱାଳ କୁହନ୍ତି ଅଭିଯୋଗ ପାଇଛି। ଏନେଇ ତଦନ୍ତ ଜାରି ରହିଛି।

# ୪୮୦ଙ୍କୁ ଭତ୍ତା, ୬୦ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଋଣ



ବିଧାୟକ ପ୍ରତାପ ଜେନା ମହିଳାଙ୍କୁ ଭତ୍ତା ଓ ଋଣ ପ୍ରଦାନ କରୁଛନ୍ତି।

ମାହାଙ୍ଗା:୨୫ା୩(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଓ ଋଣ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ୪୮୦ ଜଣଙ୍କୁ ଭତ୍ତା ଓ ୨ ପଞ୍ଚାୟତର ୬୦ ଏସ୍‌ଏଚ୍‌ଜି ଗ୍ରୁପକୁ ୧୫ ଲକ୍ଷ ଟଙ୍କା ଲେଖାଏ ଋଣ ପ୍ରଦାନ କରିଛନ୍ତି। ବିଡିଓ ଜ୍ଞାନରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି, ସିଡିପିଓ ପ୍ରମୋଦିନି ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଶରତ ନାୟକ, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଜଳେଶ୍ୱରପୁର ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା, କୃଷ୍ଣପୁର ସରପଞ୍ଚ ରାଜକିଶୋର ବଳ, ପୂର୍ବତନ ସରପଞ୍ଚ ନିରଞ୍ଜନ ବିଶ୍ୱାଳ ଉପସ୍ଥିତଥିଲେ। ବିଏସ୍‌ଏସ୍‌ଓ ଜ୍ୟୋସ୍ନାରାଣୀ ମଲିକ, ଲଲାଟ କିଶୋର ସେଠୀ,ଏପିଓ ରାମାନୁଜ ମହାରଣା, ମମତା ବେହେରା, ପ୍ରୀତମ୍ କାନୁନ୍‌ଗୋଙ୍କ ସମେତ ବହୁ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ,ଏସ୍‌ଏଚ୍‌ଜି ଗ୍ରୁପ ମହିଳା ଓ ବ୍ଲକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗାୟତ୍ରୀ ଯଜ୍ଞ ସଦ୍‌ଭାବନା, ସାର୍ବଭୌମିକ ବାତାବରଣ ସୃଷ୍ଟି କରେ



ଗାୟତ୍ରୀ ମହାଯଜ୍ଞର ତୃତୀୟ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

ସାଲେପୁର, ୨୫ା୩(ଡି.ଏନ୍.ଏ.)

ସାମୂହିକ ଯଜ୍ଞ ଈଶ୍ୱରଙ୍କ ସହ ଏକାକାର ହେବାର ସୌଭାଗ୍ୟ ପ୍ରାପ୍ତି କରାଇଥାଏ। ଯଜ୍ଞ ମନୁଷ୍ୟକୁ ଦେବତ୍ୱ ପ୍ରାପ୍ତି ମାର୍ଗରେ ଅଗ୍ରସର କରାଏ। ସାମୂହିକ ଗାୟତ୍ରୀ ଯଜ୍ଞ ଦ୍ୱାରା ସଦ୍‌ଭାବନା ଓ ସାର୍ବଭୌମିକ ବାତାବରଣ ସୃଷ୍ଟି ହେବା ସହ ଭାରତୀୟ ସଂସ୍କୃତି ପ୍ରତି ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୋଇପାରୁଛି। ଏକ ସମୃଦ୍ଧ ରାଷ୍ଟ୍ର ଗଠନ ସହ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଯଜ୍ଞ ନିତ୍ୟନ୍ତ ଆବଶ୍ୟକ। ସାଲେପୁର ବ୍ଲକ ପୂର୍ବ କଚ୍ଛ ପଞ୍ଚାୟତ ନୃସିଂହ ଗାଁର ଲକ୍ଷ୍ମୀ ନୃସିଂହ ମନ୍ଦିରପୀଠରେ ଶନିବାର ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ତୃତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଶାନ୍ତି କୁଞ୍ଜ ହରିଦ୍ୱାର ପ୍ରତିନିଧି ରାଜ କୁମାର ଭୃଗୁ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇଥିଲେ। ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ପ୍ରତ୍ୟେକ ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି ସେ କହିଥିଲେ। ଅନ୍ୟତମ ଅତିଥିଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଓଡ଼ିଶା ଗାୟତ୍ରୀ ପରିବାର ସହ ପ୍ରମୁଖ ବଳରାମ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗାୟତ୍ରୀ ପରିବାର ସାଲେପୁର ସଭାପତି ଉପେନ୍ଦ୍ର ପାତ୍ର, ସମ୍ପାଦକ ବଳରାମ ଦାଶ, ଉପସଭାପତି ସଂଗ୍ରାମ ଦାସ, ସହ ସମ୍ପାଦକ ଧ୍ରୁବ ଚରଣ ବେହେରା, ସର୍ବ ବ୍ୟବସ୍ଥା ପ୍ରମୁଖ ମନୋଜ କୁମାର ପଣ୍ଡା, ପୁରୀ ମୁଖ୍ୟ ବ୍ରହ୍ମା ନନ୍ଦ ସରସ୍ୱତୀ, ଭୁବନେଶ୍ୱର ମୁଖ୍ୟ ବଳରାମ ଦାସ ସମେତ ୧୦୮ କୁଣ୍ଡୀୟ ମହାଯଜ୍ଞ ସଞ୍ଚାଳନ କମିଟି ସାଲେପୁର, ଲକ୍ଷ୍ମୀ ନୃସିଂହ ଉନ୍ନୟନ ପରିଷଦ, ଟ୍ରଷ୍ଟ ବୋର୍ଡ ପରିଚାଳନାରେ ସହଯୋଗ କରିଥିଲେ।

# ନିଶା ସେବନ ପାଇଁ ଚୋରି, ଜଣେ ଗିରଫ

ଭୁବନେଶ୍ୱର, ୨୫ା୩ (ବ୍ୟୁରୋ)

କିଛିଦିନର ବ୍ୟବଧାନ ପରେ କାର୍ କାଚ ଭାଙ୍ଗି ଲୁଟପାଟ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ୟୁନିଟ-୩ରେ ରହୁଥିବା ଯାଜପୁରରେ ଜଗନ୍ନାଥପ୍ରସାଦ ଦାସ। ତାଙ୍କଠାରୁ ଗୋଟିଏ ଲାପ୍‌ଟପ୍ ଜବତ କରିଛି ପୋଲିସ। ପଚରାଉଚରା ବେଳେ ଅଭିଯୁକ୍ତ ନିଶା ସେବନ ପାଇଁ ଟଙ୍କା ଆବଶ୍ୟକ ଥିବାରୁ ଚୋରି କରିଥିବା ସ୍ୱୀକାର କରିଥିବା ବେଳେ ଚୋରି ଟଙ୍କାକୁ ଆତ୍ମସାତ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ପୋଲିସ ସୂଚନାନୁସାରେ ଅଭିଯୋଗକାରୀ ମାର୍ଶାଲ ମାର୍ଦି ଗତ ୨୩ ତାରିଖରେ ତାଙ୍କର କାର୍‌କୁ ଜୟକୃଷ୍ଣ ମାର୍କେଟ ପାଖରେ ପାର୍କ କରି ଘରକୁ ଯାଇଥିଲେ। ପରଦିନ ସକାଳେ ତାଙ୍କ କାର୍‌ର ପଛ କାଚ ଭଙ୍ଗାଯାଇଥିବା ଓ ସେଥିରୁ ୪୦ ହଜାର ଟଙ୍କା ଏବଂ ଗୋଟିଏ ଲାପଟପ ଚୋରି ହୋଇଥିବାର ଦେଖିବାକୁ ପାଇଥିଲେ। ଏନେଇ ମାର୍ଶାଲ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ।

# 'ଆଦର୍ଶ ମଣିଷ ହୁଅନ୍ତୁ ଛାତ୍ରୀଛାତ୍ର'



ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଅତିଥିମାନେ।

ସାଲେପୁର, ୨୫ା୩ (ଡି.ଏନ୍.ଏ.)

ସାଲେପୁର ଶିଶୁଆସ୍ଥିତ ସାବିତ୍ରୀ ଦେବୀ ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଯୁକ୍ତ ୩ ଦ୍ୱିତୀୟ ଓ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଉମାକାନ୍ତ ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ଆଦର୍ଶ ମଣିଷ ଭାବେ ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ସଞ୍ଜୟ କୁମାର ଖୁଣ୍ଟିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୁକ୍ତ ୨ ବିଭାଗ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ପତି, ଅଧ୍ୟାପକ ସିଦ୍ଧାର୍ଥ ଆଚାର୍ଯ୍ୟ, ଗିରିଜା ପ୍ରସାଦ ମିଶ୍ର, ଅମିୟ ରଞ୍ଜନ ଦାସ, ପ୍ରକାଶ ଚନ୍ଦ୍ର ସାହୁ, ସାଇରାଜ ମହାନ୍ତ, ଜ୍ୟୋତିର୍ମୟୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

# କୋଭିଡ୍ ପରେ ଯକ୍ଷ୍ମା ରୋଗୀ ସଂଖ୍ୟା ବଢ଼ିଛି

**ଏମ୍ସରେ ମାସକୁ ୬୦ ନୂଆ ଚିହ୍ନଟ ହେଉଛନ୍ତି**

ଭୁବନେଶ୍ୱର, ୨୫ା୩(ବ୍ୟୁରୋ)

କୋଭିଡ୍ ପରବର୍ତ୍ତୀ ଅବସ୍ଥାରେ ଯକ୍ଷ୍ମା (ଟିବି) ରୋଗୀଙ୍କ ସଂଖ୍ୟା ବଢ଼ିଛି। ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହୋଇଥିଲେ ମଧ୍ୟ ଯକ୍ଷ୍ମା ନିୟନ୍ତ୍ରଣ ହୋଇପାରି ନାହିଁ। ଏମ୍ସ ଭୁବନେଶ୍ୱରରେ ୨୦୨୧ରେ ୫୨୧ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିଲେ। କିନ୍ତୁ ୨୦୨୨ରେ ଏହାଠାରୁ ୧୫୩ ଅଧିକ ଅର୍ଥାତ୍ ୬୭୪ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ଏବେ ମାସିକ ପ୍ରାୟ ୬୦ ନୂଆ ଟିବି ରୋଗୀ ଚିହ୍ନଟ ହେଉଛନ୍ତି ବୋଲି ଏମ୍ସ ଭୁବନେଶ୍ୱରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଯୋଗଦେଇ ଶୀଘ୍ର ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା ଯକ୍ଷ୍ମାର ମାରାତ୍ମକତାକୁ ହ୍ରାସ କରିପାରିବ ବୋଲି କହିଥିଲେ। ପଲ୍‌ମୋନାରି ମେଡିସିନ ବିଭାଗ ମୁଖ୍ୟ ତଥା ଡିନ୍ ଡା. ପି. ଆର୍. ମହାପାତ୍ର ଯୋଗଦେଇ କହିଲେ, ସମଗ୍ର ବିଶ୍ୱରେ ଯକ୍ଷ୍ମା ସର୍ବୋଚ୍ଚ ସଂକ୍ରାମକ ରୋଗ ଭାବେ ଅପଖ୍ୟାତି ଅର୍ଜନ କରିଛି। ଏହି ମାରାତ୍ମକ ରୋଗରେ ବର୍ଷକୁ ପ୍ରାୟ ୧.୬ ନିୟୁତ ଲୋକଙ୍କ ମୃତ୍ୟୁ ହେଉଛି। ମାଇକ୍ରୋ ବାୟୋଲୋଜି ବିଭାଗ ମୁଖ୍ୟ ଡା. ବୈଜୟନ୍ତୀମାଳା ମିଶ୍ର ଏମ୍ସରେ ଟିବି ଚିହ୍ନଟ ପାଇଁ ମାଗଣାରେ ସିବିନାଟ ଏବଂ ଟ୍ରୁନାଟ ପରୀକ୍ଷା କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। କୁଳସଚିବ ବି. ବି. ମିଶ୍ର, ବରିଷ୍ଠ ଅଧ୍ୟାପକ ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏମ୍ସ ତତ୍ତ୍ୱ କେନ୍ଦ୍ର ମେଡିକାଲ ଅଫିସର ଡା. ସାରଦା ପ୍ରସନ୍ନ ମିଶ୍ର, ଅର୍ପଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଏମ୍ସ ଭୁବନେଶ୍ୱର କମ୍ୟୁନିଟି ମେଡିସିନ ଏବଂ ଫ୍ୟାମିଲି ମେଡିସିନ ବିଭାଗ ପକ୍ଷରୁ ଯକ୍ଷ୍ମା ଦୂରୀକରଣ ପାଇଁ ନୟାପଲ୍ଲୀ ବେହେରାସାହି ବସ୍ତି (ୱାର୍ଡ ନଂ-୨୫)ରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଡା. ବିନୋଦ କୁମାର ବେହେରା ଏବଂ ଡା. ପ୍ରଜ୍ଞା ପାରମିତା ଗିରି ଯକ୍ଷ୍ମା ରୋଗର ଲକ୍ଷଣ, ଚିକିତ୍ସା ଏବଂ ନିରାକରଣ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସ୍ଥାନୀୟ କର୍ପୋରେଟର ମାନସୀରାଣୀ ସୁନ୍ଦରାୟ ଓ ଆଶାକର୍ମୀ ରଶ୍ମିତା ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା।

# ୨୫ କେଜି ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୨ ଗିରଫ

ଭୁବନେଶ୍ୱର, ୨୫ା୩ (ବ୍ୟୁରୋ)

ଅବକାରୀ ଟିମ୍ ମଞ୍ଚେଶ୍ୱର ଓ ପାହାଳ ଥାନା ଅଞ୍ଚଳରେ ଶନିବାର ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୨ଜଣ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଅଞ୍ଚଳର ଶାନ୍ତି ଲତା ସାହୁ ଓ କନ୍ଧମାଳର ସୁରଞ୍ଜନ ମଲ୍ଲିକ। ଉଭୟ ଅଭିଯୁକ୍ତଙ୍କଠାରୁ ମୋଟ ୨୫କେଜି ଗଞ୍ଜେଇ ଜବତ କରିଛି ଅବକାରୀ ଟିମ୍। ସୂଚନାନୁସାରେ ଅଭିଯୁକ୍ତା ଶାନ୍ତିଲତା ରୟାଲ କଲେଜ ଛକ ନିକଟରେ ଏକ ପାନ ଦୋକାନ ଦେଇଥିବା ବେଳେ ସେଠାରେ ପୁଡିଆ କରି ଗଞ୍ଜେଇ ବେପାର କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ୍ ସେଠାରେ ଚଢାଉ କରି ୧୫ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଶାନ୍ତିଲତାଙ୍କୁ ଗିରଫ କରିଥିଲେ। ସେହିପରି ଅନ୍ୟ ଅଭିଯୁକ୍ତ ସୁରଞ୍ଜନ ବସ୍ ଯୋଗେ ଆସି ହଂସପାଳରେ ଛିଡା ହୋଇଥିବା ବେଳେ ଟିମ ଚଢ଼ାଉ କରି ୧୦ କେଜି ଗଞ୍ଜେଇ ସହ କାବୁ କରିଥିଲା ।

# ସିଭିଲ୍‌ରେ ପ୍ରଶାନ୍ତ, କ୍ରିମିନାଲ ବାର୍‌ରେ ଧ୍ରୁବଚରଣ ସଭାପତି

କଟକ ଅଫିସ/ ତିଗିରିଆ/ଆଠଗଡ଼/ସାଲେପୁର ୨୫ା୩ (ଡି.ଏନ୍.ଏ./ସ୍ୱ.ପ୍ର.)



ଚୌଧୁରୀ ପ୍ରଶାନ୍ତ କୁମାର ମିଶ୍ର।



ଧ୍ରୁବ ଚରଣ ରାଉତ

ସିଭିଲ୍ ବାର୍ ଆସୋସିଏଶନ୍ ପରିସରରେ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଚୌଧୁରୀ ପ୍ରଶାନ୍ତ କୁମାର ମିଶ୍ର, ଉପସଭାପତି ଭାବେ ନିରଞ୍ଜନ ପ୍ରସାଦ ପାତ୍ର ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ଦିଲୀପ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ନଳିନୀ କୁମାର ସେନାପତି, ସହକାରୀ ସମ୍ପାଦକ ଇମ୍ରାନ ଖାନ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ଲେଙ୍କା, ପାଠାଗାର ସମ୍ପାଦକ ଦେବାଶିଷ ମହାନ୍ତି ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଲଗ୍ନମୟୀ ସ୍ୱାଇଁ, ଅମୀୟ କୁମାର ଶତପଥୀ, ସ୍ୱର୍ଣ୍ଣଲତା ମହାରଣା, ପୂର୍ଣ୍ଣିମା ଭଗତ, ନିତ୍ୟାନନ୍ଦ ପଣ୍ଡା ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ନିତ୍ୟାନନ୍ଦ ବେହୁରିଆ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ।

ସେହିପରି କ୍ରିମିନାଲ କୋର୍ଟ୍ସ ବାର୍ ଆସୋସିଏଶନ୍ ସଭାପତି ଭାବେ ଧ୍ରୁବଚରଣ ରାଉତ ଓ ସମ୍ପାଦକ ଭାବେ ସ୍ମୃତିରଞ୍ଜନ ରାଉତ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ତପନ କୁମାର ବେହେରା, ଯୁଗ୍ମ ସମ୍ପାଦକ ହରିପ୍ରସାଦ ଓଝା, ପାଠାଗାର ସମ୍ପାଦକ ମମତା ମହାନ୍ତି ନିର୍ବାଚିତ ହୋଇଛନ୍ତି। ଏଥିସହ କୋଷାଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁଙ୍କ ସମେତ ୯ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଅମୀୟ ରଞ୍ଜନ ପଟ୍ଟନାୟକ, ଦେବଶ୍ରୀ ପରିଡ଼ା, ଜ୍ୟୋତିରଞ୍ଜନ ପରିଜା, ମହେନ୍ଦ୍ର ସୁବୁଦ୍ଧି, ନୀଳାଦ୍ରି ବିହାରୀ ମହାରଣା, ନିରଞ୍ଜନ ବେହେରା, ରାଜେନ୍ଦ୍ର କୁମାର ଦାସ, ସଂଗ୍ରାମ କେଶରୀ ଦାସ, ଶିଶିର କୁମାର ସୋମଦର ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ସେହିପରି ତିଗିରିଆରେ ହୋଇଥିବା ଓକିଲ ସଂଘ ନିର୍ବାଚନରେ ସଭାପତି ଭାବେ ମଙ୍ଗଳକୃଷ୍ଣ ଦାସ ଏବଂ ସମ୍ପାଦକ ଭାବେ ଶରତ ଚନ୍ଦ୍ର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ସଭାପତି ପ୍ରାର୍ଥୀ ଦାସଙ୍କୁ ୨୦ ଖଣ୍ଡ ଭୋଟ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମହାନ୍ତିଙ୍କୁ ୯ ଖଣ୍ଡ ଭୋଟ ମିଳିଥିଲା। ସେହିପରି ସମ୍ପାଦକ ପଦବୀ ପାଇଁ ମହାପାତ୍ରଙ୍କୁ ୧୩ ଏବଂ ପ୍ରତିଦ୍ୱନ୍ଦ୍ୱୀପ୍ରାର୍ଥୀ ମହାପାତ୍ରଙ୍କୁ ୧୫ ଖଣ୍ଡ ଭୋଟ ମିଳିଥିଲା। ଆଠଗଡ଼ ଓକିଲ ସଂଘ ନିର୍ବାଚନରେ ଜଗଦାନନ୍ଦ ତ୍ରିପାଠୀ ସଭାପତି ଓ ବନବିହାରୀ ସାହୁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସାଲେପୁର ବାର୍ ଆସୋସିଏଶନରେ ସଭାପତି ଭାବେ ବିକ୍ରମ କେଶରୀ ବଳ ଓ ସମ୍ପାଦକ ଭାବେ ସୁଶାନ୍ତ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ଏଠାରେ ଉପସଭାପତି ଭାବେ ସୁନାକର ମଲ୍ଲିକ, ସହ ସମ୍ପାଦକ ହର ପ୍ରସନ୍ନ ମିଶ୍ର, ସାଂସ୍କୃତିକ ସମ୍ପାଦକ ପଦ୍ମଲୋଚନ ସିଂହ, ଲାଇବ୍ରେରି ସମ୍ପାଦକ ଦୀପ୍ତିମୟୀ ସାହୁ, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଖୁଣ୍ଟିଆ ନିର୍ବାଚିତ ହୋଇଛନ୍ତି। ବିନା ପ୍ରତିଦ୍ୱନ୍ଦ୍ୱିତାରେ କ୍ରୀଡ଼ା ସମ୍ପାଦକ ରାମକୃଷ୍ଣ ସାହୁ ନିର୍ବାଚିତ ହୋଇଛନ୍ତି।

# ନବନିର୍ମିତ ଢଳେଇ ରାସ୍ତାରେ ଫାଟ

**ତିଳକଣା ପଞ୍ଚାୟତ**

- ନିମ୍ନମାନର କାମ ଅଭିଯୋଗ
- ୧୦ ଲକ୍ଷ ଟଙ୍କା ପାଣିରେ ପଡ଼ିବା ଆଶଙ୍କା

ନିଶ୍ଚିନ୍ତକୋଇଲି, ୨୫ା୩ (ସ୍ୱ.ପ୍ର.)




ବିଦ୍ୟାଳୟର ପାଚେରି କାନ୍ଥରେ ଲେଖାଯାଇଥିବା ସୂଚନା।



ନବ ନିର୍ମିତ ରାସ୍ତାରେ ଫାଟ ସୃଷ୍ଟି ହୋଇଛି।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ପ୍ରହସନରେ ପରିଣତ ହୋଇଛି। ନିର୍ମାଣ ହୋଇଥିବା ରାସ୍ତା ଅଳ୍ପ ଦିନରେ ନଷ୍ଟ ହୋଇଯାଉଛି। ନିମ୍ନମାନର କାମ ଯୋଗୁ ଏପରି ହେଉଥିବା ଅଭିଯୋଗ କରି ଭିଜିଲାନ୍ସ ତଦନ୍ତ ନିମନ୍ତେ ଗ୍ରାମବାସୀ ଦାବି କରୁଥିଲେ ମଧ୍ୟ ଫଳ ଶୂନ ହୋଇଛି। ଏହି ବ୍ଲକ ତିଳକଣା ପଞ୍ଚାୟତରେ ଦେମାଣ୍ଡୋ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟ ଠାରୁ କୁଆଁଶୋଳ ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ଉନ୍ନତୀକରଣ ହୋଇଥିଲା। ଏଥିନିମନ୍ତେ ପଞ୍ଚମ ଅର୍ଥ କମିଶନ ଦ୍ୱାରା ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ବିଭାଗ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ଏହି ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହୋଇଥିଲା ଓ କେବେ ଶେଷ ହୋଇଥିଲା ଏସମ୍ପର୍କରେ ସୂଚନା ଫଳକରେ କୌଣସି ତଥ୍ୟ ଦିଆ ନାହିଁ। ଏପରିକି ନିର୍ମାଣ କାର୍ଯ୍ୟ ନିମନ୍ତେ ସୂଚନା ଫଳକ ତିଆରି କରା ନ ଯାଇ ଦେମାଣ୍ଡୋ ଚନ୍ଦ୍ର ଶେଖର ଉଚ୍ଚ ବିଦ୍ୟାଳୟ ପାଚେରି କାନ୍ଥରେ ଅଳ୍ପ କିଛି ସୂଚନା ରଙ୍ଗରେ ଲେଖି ଦିଆଯାଇଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ରାସ୍ତା ଢ଼ଳେଇ କାର୍ଯ୍ୟ ନିମ୍ନମାନର ହୋଇଛି। ଏଥିରେ ବ୍ୟବହୃତ ସାମଗ୍ରୀ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣର ମାତ୍ର ଅଳ୍ପ ଦିନ ମଧ୍ୟରେ ରାସ୍ତାର ବହୁ ସ୍ଥାନରେ ଫାଟ ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏନ.ବି. ଦଳ ବେହେରାଙ୍କୁ ପଚାରିବାରୁ ଅଟକଳ ଅନୁଯାୟୀ ଏହି ରାସ୍ତା ନିର୍ମାଣ କରାଯାଇଛି। ତେବେ ରାସ୍ତାରେ କୌଣସି ସ୍ଥାନରେ ଫାଟ ସୃଷ୍ଟି ହୋଇନାହିଁ ବୋଲି ସେ ଦୃଢତାର ସହ କହିଛନ୍ତି। ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରୁ, ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ସତ୍ୟତା ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମତବ୍ୟକ୍ତ କରିଛନ୍ତି। ଏ ପ୍ରସଙ୍ଗରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବରୁ ଏହି ପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ବହୁ ମିଥ୍ୟା ବିଲ୍ କରାଯାଇଥିବା ନେଇ ରାଜ୍ୟର ପ୍ରମୁଖ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ଭିଜିଲାନ୍ସ ବିଭାଗ ତରଫରୁ ପଞ୍ଚାୟତ କାର୍ଯ୍ୟାଳୟ ଉପରେ ଚଢ଼ାଉ କରାଯାଇ ବହୁ ଆପତ୍ତିଜନକ ଫାଇଲ ଜବତ କରାଯାଇଥିଲା।

## ସଂକ୍ଷେପରେ

### ୨୫ କେଜି ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୨ ଗିରଫ

**ଭୁବନେଶ୍ୱର,୨୫।୩(ବ୍ୟୁରୋ):** ଅବକାରୀ ଟିମ୍ ମଞ୍ଚେଶ୍ୱର ଓ ପାହାଲ ଥାନା ଅଞ୍ଚଳରେ ଶନିବାର ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୨ଜଣ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଅଞ୍ଚଳର ଶାନ୍ତି ଲତା ସାହୁ ଓ କନ୍ଧମାଳର ସୁରଞ୍ଜନ ମଲ୍ଲିକ। ଉଭୟ ଅଭିଯୁକ୍ତଙ୍କଠାରୁ ମୋଟ ୨୫କେଜି ଗଞ୍ଜେଇ ଜବତ କରିଛି ଅବକାରୀ ଟିମ୍। ସୂଚନାନୁସାରେ ଅଭିଯୁକ୍ତା ଶାନ୍ତିଲତା ରୟାଲ କଲେଜ ଛକ ନିକଟରେ ଏକ ପାନ ଦୋକାନ ଦେଇଥିବା ବେଳେ ସେଠାରେ ପୁଡିଆ କରି ଗଞ୍ଜେଇ ବେପାର କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ୍ ସେଠାରେ ଚଢ଼ାଉ କରି ୧୫ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଶାନ୍ତିଲତାଙ୍କୁ ଗିରଫ କରିଥିଲେ। ସେହିପରି ଅନ୍ୟ ଅଭିଯୁକ୍ତ ସୁରଞ୍ଜନ ବସ୍ ଯୋଗେ ଆସି ହଂସପାଳରେ ଛିଡା ହୋଇଥିବା ବେଳେ ଟିମ ଚଢ଼ାଉ କରି ୧୦ କେଜି ଗଞ୍ଜେଇ ସହ କାବୁ କରିଥିଲା।

### ଫେରାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୫।୩(ବ୍ୟୁରୋ):** ମୋବାଇଲ ଚୋରି ପରେ ଫୋନ ପେ ଜରିଆରେ ୮ ହଜାର ଟଙ୍କା ନେଇଯିବା ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଧଉଳି ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଟଣୀ ଅଞ୍ଚଳର ଚନ୍ଦନ ପାଟଶାଣୀ। ସୂଚନାଯୋଗ୍ୟ, ଫେବୃୟାରୀ ୭ରେ ଅଭିଯୋଗକାରୀ ରାଜେନ୍ଦ୍ରଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ ଅଭିଯୁକ୍ତ ମୁନା ଏବଂ ଚନ୍ଦନ ଲୁଟ୍ କରିନେଇଥିଲେ। ଏହା ପରେ ଅଭିଯୁକ୍ତଦ୍ୱୟ ଲୁଟ ମୋବାଇଲ ଫୋନରୁ ନିଜ ଅକାଉଣ୍ଟକୁ ଫୋନ-ପେ ଜରିଆରେ ୮,୨୦୦ଟଙ୍କା ଟ୍ରାନ୍ସଫର କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ପରଦିନ ଅଭିଯୁକ୍ତ ମୁନାଙ୍କୁ ଧରିଥିବା ବେଳେ ଚନ୍ଦନ ଫେରାର ହୋଇଯାଇଥିଲା।

### ସ୍କନ୍ଦମାତା ବେଶରେ ଦର୍ଶନ ଦେଲେ ଜାଗୁଲାଇ

ଜଟଣୀ,୨୫।୩(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମର ଗ୍ରାମଦେବୀ ମା'ଜାଗୁଲାଇଙ୍କ ଶକ୍ତି ପୀଠରେ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଶନିବାର ପଞ୍ଚମ ଦିବସରେ ପହଞ୍ଚିଛି। ପଞ୍ଚମ ଦିବସରେ ଜାଗୁଲାଇ ସ୍କନ୍ଦମାତା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଚିତ୍ରକର ବିଜୟ କୁମାର ପଣ୍ଡା ଦ୍ୱାରା ମା'ଙ୍କୁ ବେଶ କରାଯାଇଥିଲା। ଷୋଡ଼ଶ ଉପଚାର ପୂଜା ପରେ ସପ୍ତସତୀ ଚଣ୍ଡୀପାଠ ଓ ଯଜ୍ଞ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ରବିବାର ମା'କାତାୟନୀ ବେଶରେ ଦର୍ଶନ ଦେବେ ବୋଲି ନିତ୍ୟ ସେବକ ମନୋରଞ୍ଜନ ପଣ୍ଡା କହିଛନ୍ତି। ସଭାପତି ରାଧାମୋହନ ପଟ୍ଟନାୟକ, ସମ୍ପାଦକ ଏଲ୍.ଡି.ମହାନ୍ତି, ଅଶୋକ ଦାସ, ସୁନିଲ ମହାନ୍ତି, ବାଉରିବନ୍ଧୁ ସାହାଣୀ, ସରୋଜ ପଣ୍ଡା ପରିଚାଳନା କରିଥିଲେ।

### ନାବାଳିକାଙ୍କୁ ଧମକ ଦେଇ ଯୁବକ ଗିରଫ

**ଭୁବନେଶ୍ୱର,୨୫।୩(ବ୍ୟୁରୋ):** ଜଣେ ନାବାଳିକାଙ୍କୁ ରାସ୍ତାରେ ପିଛା କରି ହଇରାଣ କରିବା ସହ ଅଟକାଇ ଧମକ ଦେବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା ନିଆଳି ଥାନା ଅଞ୍ଚଳର ଝଟୁ ରାଉତ। ଏ ନେଇ ଥାନାରେ ଏକ ମାମଲା (ନଂ.୧୩୨/୨୩) ରୁଜୁ ହୋଇଛି। ସୂଚନାନୁସାରେ ଶୁକ୍ରବାର ନାବାଳିକା କ୍ଲାସ ସାରି ଆସୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ଖରାପ ଉଦ୍ଦେଶ୍ୟ ନେଇ ରାସ୍ତାରେ ଅଟକାଇଥିଲେ। ଏହାକୁ ବିରୋଧ କରିବାରୁ ନାବାଳିକାଙ୍କୁ ଧମକ ଦେଇଥିଲେ। ଏ ନେଇ ନାବାଳିକାଜଣଙ୍କ ଘରେ ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ।

### ନିଶା ସେବନ ପାଇଁ ଚୋରି, ଜଣେ ଗିରଫ

**ଭୁବନେଶ୍ୱର,୨୫।୩(ବ୍ୟୁରୋ) :** କାର୍ କାଚ ଭାଙ୍ଗି ଲୁଟ୍ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଖାରବେଳନଗର ପୋଲିସ ଗିରଫ କରିଛି। ସେ ହେଲେ ୟୁନିଟ-୩ରେ ରହୁଥିବା ଯାଜପୁରରେ ଜଗନ୍ନାଥପ୍ରସାଦ ଦାସ। ତାଙ୍କଠାରୁ ଗୋଟିଏ ଲାପ୍‌ଟପ୍ ଜବତ ହୋଇଛି। ପଚରାଉଚରା ବେଳେ ଅଭିଯୁକ୍ତ ନିଶା ସେବନ ପାଇଁ ଟଙ୍କା ଆବଶ୍ୟକ ଥିବାରୁ ଚୋରି କରିଥିବା ସ୍ୱୀକାର କରିଥିବା ବେଳେ ଚୋରି ଟଙ୍କାକୁ ଆତ୍ମସାତ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଅଭିଯୋଗକାରୀ ମାର୍ଶାଲ ମାର୍ଦି କାର୍‌କୁ ଜୟକୃଷ୍ଣ ମାର୍କେଟ ପାଖରେ ପାର୍କ କରି ଘରକୁ ଯାଇଥିବା ବେଳେ ଚୋରି ହୋଇଥିଲା।

# ଥଇଥାନ ହୋଇପାରୁନାହାନ୍ତି କ୍ୟାବିନ ବ୍ୟବସାୟୀ

**ଖୋର୍ଦ୍ଧା ଅଫିସ,୨୫।୩**





- ପ୍ରଶାସନିକସ୍ତରରେ ନିଷ୍ପତ୍ତି ସତ୍ତ୍ୱେ କାର୍ଯ୍ୟକାରୀ ହେଉନି
- ନେତା ଓ ପ୍ରଶାସନ ନୀରବଦ୍ରଷ୍ଟା, ଶ୍ରେୟ ପାଇ ଛକାପଞ୍ଝା

ଖୋର୍ଦ୍ଧା ସହରରେ ଜନସଂଖ୍ୟା ବୃଦ୍ଧି ସହ ଅଣାୟତ ହେଲାଣି ଟ୍ରାଫିକ୍ ପରିଚାଳନା। କ୍ୟାବିନ, ରାସ୍ତାକଡ଼ ଉଠାଦୋକାନୀ ଏବଂ ଅବରୋଧ ଡ୍ରେନେଜ୍ ପାଇଁ ସମସ୍ୟାରେ ସହରବାସୀ। ଅବସ୍ଥା ଏପରି ହେଲାଣି ଯେ ଚାଲିକି ଯିବା ମଧ୍ୟ ଅସମ୍ଭବ ହୋଇପଡ଼ିଲାଣି। ତେବେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପ୍ରଶାସନିକସ୍ତରରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ନେଇ ଚାଲିଛି ରାଜନୀତି। ବ୍ୟବସାୟୀଙ୍କୁ ଥଇଥାନ ନେଇ ଶାସକ ଦଳର ଦୁଇ ପ୍ରମୁଖ ନେତାଙ୍କ ଆନ୍ତରିକତା ନ ଥିବା ଚର୍ଚ୍ଚା ହେଉଥିବା ବେଳେ ଏହାର ଶ୍ରେୟ ନେବାଲାଗି ଆଗେଇ ଆସିଛନ୍ତି କେତେକ ସାମାଜିକ ଅନୁଷ୍ଠାନ।

ପ୍ରକାଶ ଯେ, ମାରୱାଡ଼ି ପଟି, ପୁରୁଣା ବସ୍‌ଷ୍ଟାଣ୍ଡ, ସମବାୟ ଛକଠାରୁ ଏସ୍‌ବିଆଇ ଛକ ପର୍ଯ୍ୟନ୍ତ ପ୍ରାୟ ୫୪୦ କ୍ୟାବିନ ରହିଛି। ଖୋର୍ଦ୍ଧା ସମେତ ଆଖପାଖ ଗାଁର ଲୋକେ ୨୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବ୍ୟବସାୟ କରିଆସୁଛନ୍ତି। ତେବେ ସହର ସୌନ୍ଦର୍ଯ୍ୟକରଣରେ କ୍ୟାବିନ, ରାସ୍ତା ଓ ଡ୍ରେନ୍ ଅବରୋଧ ବାଧକ ସାଜିଛି ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଅଧିକାଂଶ କ୍ୟାବିନ ଡ୍ରେନ୍ ଉପରେ ରହିଛି। ଡ୍ରେନ୍‌କୁ ଅବରୋଧମୁକ୍ତ କରିବାକୁ ହେଲେ କ୍ୟାବିନଗୁଡ଼ିକୁ ଉଚ୍ଛେଦ କରିବାକୁ ପଡ଼ିବ। ଅନ୍ୟପଟେ ରାସ୍ତା ଉପରେ ଦୋକାନ ବଜାର ଗଢ଼ି ଉଠିଥିବାରୁ ଦୈନିକ ସାମଗ୍ରୀ କିଣିବା ଲାଗି ଆସୁଥିବା ଲୋକେ ଗାଡ଼ି ରାସ୍ତା ଉପରେ ପାର୍କ କରୁଛନ୍ତି। ଫଳରେ ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ଗୋଡ଼ିପୋଖରୀ ଛକ ଏବଂ ଟ୍ରାଫିକ୍ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ହାବେଳି ପଡ଼ିଆରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ବୋଲି ୨୦୦୩ ମସିହାରେ ପ୍ରଶାସନ ସ୍ତରରେ ନିଷ୍ପତ୍ତି ହୋଇଥିଲା। ଏଥିଲାଗି ପ୍ରତି ବ୍ୟବସାୟୀଙ୍କଠାରୁ ମୁଣ୍ଡ ପିଛା ୩ ହଜାର ଟଙ୍କା ସଂଗ୍ରହ କରାଯାଇଥିଲା। ପ୍ରାୟ ୧୫ଲକ୍ଷ ଟଙ୍କା ପୌର ପ୍ରଶାସନ ପକ୍ଷରୁ ସଂଗ୍ରହ ହୋଇଥିଲା। ଆଦାୟ ଅର୍ଥରେ ଚାରିପଟ ପାଚେରି ଏବଂ ପଡ଼ିଆକୁ ସମତୁଲ କରିବା ଲାଗି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପୌର ପ୍ରଶାସନ ପକ୍ଷରୁ ୩୪ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହାକୁ ବନ୍ଦ କରିଦିଆଗଲା। ସେବେଠାରୁ ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ନେଇ ଚାଲିଥିବା ସମସ୍ୟାର ଅନ୍ତ ଘଟୁ ନ ଥିବା ବେଳେ ଏବେ ପରିବା ବ୍ୟବସାୟୀଙ୍କୁ ଥଇଥାନ ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏହି ପରିବା ବ୍ୟବସାୟୀଙ୍କ ମଧ୍ୟରେ ବହୁ କ୍ୟାବିନ ବ୍ୟବସାୟୀ ରହିଛନ୍ତି। ଅନ୍ୟପଟେ ସହରରେ କୌଣସି ବଡ଼ ମହୋତ୍ସବ ଆୟୋଜନ ଲାଗି ସେଭଳି କୌଣସି ପଡ଼ିଆ ନ ଥିବାରୁ ହାବେଳି ପଡ଼ିଆରେ ଜିଲା ପ୍ରଶାସନ ସମେତ ସାମାଜିକ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସମୟରେ ବହୁ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ତେବେ କ୍ୟାବିନ ବ୍ୟବସାୟୀଙ୍କ ଥଇଥାନ ବାବଦରେ ପ୍ରଶାସନିକ ଅଧିକାରୀମାନେ ମୁଣ୍ଡ ପୂରାଇବାକୁ ଚାହୁଁ ନ ଥିବା ବେଳେ ଶାସକ ଦଳର ଦୁଇ ନେତା ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଏ ସମ୍ପର୍କରେ ବ୍ୟବସାୟୀ ମହାସଂଘ ସମ୍ପାଦକ ଜୟନ୍ତ ରାୟ କୁହନ୍ତି, କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ନେଇ ହାଇକୋର୍ଟରେ କେସ୍ ଚାଲିଛି। ଏମାନଙ୍କୁ ଉପଯୁକ୍ତ ଥଇଥାନ ପରେ ଉଚ୍ଛେଦ କରାଯାଉ ବୋଲି ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଅନ୍ୟପକ୍ଷରେ ପୌର ନିର୍ବାହୀ ଅଧିକାରୀ ରିଜୱାନା କିଅକପ କୁହନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରାଥମିକ ପର୍ଯ୍ୟାୟରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ଯୋଜନା ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ବ୍ୟବସାୟୀଙ୍କୁ ମଧ୍ୟ ଚିହ୍ନଟ ସ୍ଥାନକୁ ସ୍ଥାନାନ୍ତର କରାଯିବା ନେଇ ସ୍ଥିର ହୋଇଛି।

### ବୈଠକ ହେଉଛି, ପଦକ୍ଷେପ ନିଆଯାଉନି

ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କ ଟ୍ରାଫିକ୍ ସମସ୍ୟାକୁ ବଢ଼ାଉଛି। ତେବେ ଟ୍ରାଫିକ ସମସ୍ୟା ସୁଧାରିବା ଲାଗି ରାସ୍ତାକୁ ଅବରୋଧ କରିଥିବା ଦୋକାନ ଗୃହ ଉଚ୍ଛେଦ ଲାଗି ପୌର ପ୍ରଶାସନ ପକ୍ଷରୁ ଡାକବାଜି ମାଧ୍ୟମରେ ପ୍ରଚାର କରାଯାଇଥିଲା। କିଛି ମାସ ପୂର୍ବେ ଦୋକାନ ଗୃହ ଭାଙ୍ଗିବା ଲାଗି ମାରୱାଡି ପଟି ଏବଂ ଡାକ୍ତର୍ସ ଲେନ୍‌ରେ ମାପଚୁପ କରାଯିବା ସହ ଡ୍ରେନ୍‌ଗୁଡ଼ିକୁ ଅବରୋଧମୁକ୍ତ ଲାଗି ନୋଟିସ କରାଗଲା। ତେବେ ପ୍ରତିବାଦ ପରେ ପ୍ରଶାସନ ପକ୍ଷରୁ ଆଉ ପଦକ୍ଷେପ ନିଆଗଲାନାହିଁ। ଅନ୍ୟପଟେ ବିଧାନସଭାରେ ଦୁଇ ବିଧାୟକ ରାଜେନ୍ଦ୍ର ସାହୁ ଓ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଖୋର୍ଦ୍ଧା ସହରର କ୍ୟାବିନ ସମସ୍ୟା ନେଇ ପ୍ରଶ୍ନ କରିଥିଲେ। ସହରବାସୀ ଆଶା କରିଥିଲେ, ଏଥର କ୍ୟାବିନ ସମସ୍ୟା ତୁଟିବ। କିନ୍ତୁ କୌଣସି ପଦକ୍ଷେପ ନିଆଗଲାନାହିଁ। ନିକଟରେ ପୌର ପ୍ରଶାସନ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଦୁଇ ବିଧାୟକ, ବ୍ୟବସାୟୀ ସଂଘଗୁଡ଼ିକୁ ନେଇ ବୈଠକ ହୋଇଥିଲା। ତେବେ ବୈଠକରେ କ୍ୟାବିନ ବ୍ୟବସାୟୀ ଏବଂ ଉଠାଦୋକାନୀଙ୍କ ଥଇଥାନ ନେଇ କ'ଣ ନିଷ୍ପତ୍ତି ହେଲା, ତାହା ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଐତିହାସିକ ସହର ଖୋର୍ଦ୍ଧାର ବିକାଶ ଏକପ୍ରକାର ଠପ୍ ହୋଇଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

### 'ଶୃଙ୍ଖଳିତ ବିଦ୍ୟାର୍ଥୀ ରାଷ୍ଟ୍ରର ସମ୍ପତ୍ତି'

**ବାଲିପାଟଣା,୨୫।୩(ଡି.ଏନ୍.ଏ.)**

ଜଣେ ଶୃଙ୍ଖଳିତ ବିଦ୍ୟାର୍ଥୀ ପରିବର୍ତ୍ତିତ ରାଷ୍ଟ୍ରର ସମ୍ପତ୍ତି। ବିଦ୍ୟାଳୟରେ ପାଠପଢ଼ା ସହିତ ବିଦ୍ୟାର୍ଥୀଙ୍କୁ ଶୃଙ୍ଖଳିତ ଭାବେ ଗଢ଼ି ସାମଗ୍ରିକ ବିକାଶ ପ୍ରତି ଧ୍ୟାନଦେଲେ ସେମାନେ ଭବିଷ୍ୟତରେ ରାଷ୍ଟ୍ରର ସଂରକ୍ଷିତ ସମ୍ପତ୍ତିର ତାଲିକାଭୁକ୍ତ ହେବେ। ତାଙ୍କୁ ପାଥେୟ କରି ରାଷ୍ଟ୍ରର ସାମଗ୍ରିକ ବିକାଶ ହେବ ବୋଲି ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଏହା କହିଛନ୍ତି। ସଂଳାପ ଲେଖକ ତଥା ଶିଶୁ ସାହିତ୍ୟିକ ଡ. ରଜନୀ ରଞ୍ଜନ ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, ପିଲାମାନଙ୍କୁ ସଂସ୍କାରଧର୍ମୀ ଶିକ୍ଷା ପ୍ରଦାନର ସମୟ ଆସିଛି। ସଂସ୍କାରି ପିଲାମାନେ ସୁସ୍ଥ ସମାଜ ଗଠନର ବାର୍ତ୍ତାବହ ବୋଲି ସେ କହିଥିଲେ। ବିଦ୍ୟାମନ୍ଦିର ସମ୍ପାଦକ ଅଭିମନ୍ୟୁ ନାୟକ ସ୍ୱାଗତ ଭାଷଣ, ଅଧ୍ୟକ୍ଷା ପବିତ୍ରା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ଓଝା ପୌରୋହିତ୍ୟ କରିଥିବା ବେଳେ ନିର୍ଦ୍ଦେଶକ ଗଙ୍ଗାଧର ଓଝା ଧନ୍ୟବାଦ ଦେଇଥିଲେ। ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବକୁ ବରିଷ୍ଠ ଶିକ୍ଷୟିତ୍ରୀ ଲିପିକା ପ୍ରଧାନ ଓ ସବିତା ମୁଖୀ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଉର୍ମିଳା ସେନାପତିଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ଜଟଣୀ କୁଦିଆରୀସ୍ଥିତ ମା' ଜାଗୁଲାଇଙ୍କ ସ୍କନ୍ଦମାତା ଓ ନିରାକାରପୁର ରାମେଶ୍ୱର ପଞ୍ଚାୟତସ୍ଥିତ ବନଦୁର୍ଗାଙ୍କ କୁଷ୍ମାଣ୍ଡା ବେଶ।

### କୁଷ୍ମାଣ୍ଡା ବେଶରେ ବନଦୁର୍ଗା

**ନିରାକାରପୁର,୨୫।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା ବନଦୁର୍ଗାଙ୍କ ପୀଠରେ ନବ ଦିନାତ୍ମକ ବାସନ୍ତିକ ଦୁର୍ଗାପୂଜାର ଚତୁର୍ଥ ଦିବସରେ ମା'କୁଷ୍ମାଣ୍ଡା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଉପଲକ୍ଷେ ସକାଳେ ମଙ୍ଗଳ ଆଳତି, ବାଳ ଭୋଗ, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ଶପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟାରେ ବାଳଭୋଗ, ଅଧରପଣା ଓ ମହାପ୍ରସାଦ ଅର୍ପଣ ପୂର୍ବକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ମା'କୁଷ୍ମାଣ୍ଡାଙ୍କୁ ଆରାଧନା କଲେ ସକଳ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ବୋଲି ପୂଜକ କୃପାସିନ୍ଧୁ ପଣ୍ଡା ଓ ତପନ ମହାପାତ୍ର କହିଛନ୍ତି।

### ଶୃଙ୍ଖଳିତ ଦିନଚର୍ଯ୍ୟା, ଶାରୀରିକ ବ୍ୟାୟମକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ, ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୨୫।୩**

**କିଶୋରୀ ଓ କିଶୋର ସ୍ୱାସ୍ଥ୍ୟ ଦିବସ**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଉଇଲକିଶନ ନଗର ସ୍ୱାସ୍ଥ୍ୟ ଉପକେନ୍ଦ୍ର ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କିଶୋରୀ ଓ କିଶୋର ସ୍ୱାସ୍ଥ୍ୟ ଦିବସ ଶନିବାର ପାଳିତ ହୋଇଯାଇଛି। ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ନାୟକ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଶୁଭକାନ୍ତ ସାହୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ପ୍ରସଙ୍ଗ ଉପରେ ପିଲାଙ୍କୁ ବୁଝାଇଥିଲେ। ୧୦ରୁ ୧୯ ବର୍ଷ ବୟସର କିଶୋର ଓ କିଶୋରୀଙ୍କ ସ୍ୱାସ୍ଥ୍ୟ, କିଶୋର ଅବସ୍ଥାରେ ସ୍ୱାସ୍ଥ୍ୟଗତ ସମସ୍ୟା, ମାନସିକ ସ୍ଥିତି, ଶାରୀରିକ ଅଭିବୃଦ୍ଧି, ଋତୁସ୍ରାବଜନିତ ସ୍ୱାସ୍ଥ୍ୟଗତ ସମସ୍ୟା, ରକ୍ତହୀନତା ସମ୍ପର୍କରେ ଆଲୋକପାତ ସହ ଏହାର ନିରାକରଣ ସମ୍ପର୍କରେ କହିଥିଲେ। ସେହିପରି ଶୃଙ୍ଖଳିତ ଦିନଚର୍ଯ୍ୟା, ସୁଷମ ଖାଦ୍ୟ, ଶାରୀରିକ ବ୍ୟାୟାମର ଆବଶ୍ୟକତା ଉପରେ କହିଥିଲେ। ବିଦ୍ୟାଳୟରେ ମିଳୁଥିବା ଆଇରନ ବଟିକା ଓ କୃମିନାଶକ ବଟିକା ନିୟମିତ ଖାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱପ୍ରିତା ସାମନ୍ତରାୟ, ଶିକ୍ଷୟିତ୍ରୀ ପ୍ରତିମା ବେହେରା, ସ୍ୱପ୍ନାରାଣୀ ପାଣିଗ୍ରାହୀ, ମଣିମାଳା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ୫ମ ଶ୍ରେଣୀରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଆଶାକର୍ମୀ ପାର୍ବତୀ ସାହୁ ଧନ୍ୟବାଦ ଦେଇଥିଲେ।

# ବାଡ଼ିନୃସିଂହଙ୍କ ଚାରିଆଶ୍ରମ ବିଜେ

**ପୁରୀ ଅଫିସ, ୨୫।୩**

ଚୈତ୍ର ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥି ଅବସରରେ ଶନିବାର ଶ୍ରୀମନ୍ଦିରରେ ବାଡ଼ିନୃସିଂହଙ୍କ ଚାରି ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଭିନ୍ନ ନୀତି ଅନୁଷ୍ଠିତ ହେଉଥିବାବେଳେ ମହାମାରୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତିହତ କରିବା ପାଇଁ ବାଡ଼ି ନୃସିଂହ ବିଜେ ନୀତି ପାଳନ କରାଯାଇଥାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଦକ୍ଷିଣୀଘରୁ ନୃସିଂହ ଦେବଙ୍କୁ ରତ୍ନସିଂହାସନ ନିକଟକୁ ବିଜେ କରାଯାଇଥିଲା। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନୃସିଂହ ଦେବଙ୍କୁ ପ୍ରଦାନ କରିଥିଲେ। ପରେ ନୃସିଂହ ଦେବ ଝୁଲଣମଣ୍ଡପ ନିକଟ ସୁସଜ୍ଜିତ ପାଲିଙ୍କିକୁ ବିଜେ ହୋଇଥିଲେ। ରୁନ୍ଧା କାର୍ଯ୍ୟ ସରିବା ପରେ ଘଣ୍ଟଛତା ଓ ସେବାୟତଙ୍କ ଗହଣରେ ସିଂହଦ୍ୱାର ଦେଇ ବିମାନରେ ଚାରି ଆଶ୍ରମକୁ ବିଜେ କରିଥିଲେ। ମାର୍କଣ୍ଡେୟ, ଅଙ୍ଗିରା, କଣ୍ଡୁ, ଭୃଗୁ ଆଶ୍ରମ ବିଜେ ବେଳେ ଶୀତଳ ଭୋଗ ମଣୋହି କରାଯାଇଥିଲା। ନଗର ପରିକ୍ରମା ସମୟରେ ବିଭିନ୍ନ ମଠ, ମନ୍ଦିର, ଆଖଡ଼ା ପ୍ରଭୃତି ୪୨ଟି ସ୍ଥାନରେ ନୃସିଂହ ଦେବଙ୍କୁ ପନ୍ତିଭୋଗ କରାଯାଇଥିଲା। ପରେ ନୃସିଂହ ଦେବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

କିମ୍ବଦନ୍ତୀ ଅନୁଯାୟୀ, ୧୯୦୩ରୁ ୧୯୦୫ ମସିହା ମଧ୍ୟରେ ପୁରୀରେ ହଇଜା ବ୍ୟାପିଥିଲା। ଏହି ସମୟରେ ଶ୍ରୀମନ୍ଦିର କମାଣ୍ଡର ଏହାର ନିରାକରଣ ପାଇଁ ମୁକ୍ତିମଣ୍ଡପ ସହିତ ଆଲୋଚନା କରିଥିଲେ। ବର୍ଷକରେ ଦୁଇଥର ବାଡ଼ି ନୃସିଂହ ଶ୍ରୀମନ୍ଦିରରୁ ବାହାରି ଚାରି ଆଶ୍ରମ ବିଜେ ସହ ନଗର ପରିକ୍ରମା କରିଥାନ୍ତି।

# 'ନିରନ୍ତର ପ୍ରୟାସ ହିଁ ସଫଳତା ଆଣେ'

**ସ୍ୱପ୍ନାରାଣୀ 'ସୁନା ଝିଅ' ଏବଂ ଓମ୍‌ପ୍ରକାଶଙ୍କୁ 'ସୁନ ପୁଅ' ସମ୍ମାନ**




**ଖୋର୍ଦ୍ଧା ଅଫିସ,୨୫।୩**

ଖୋର୍ଦ୍ଧା ବ୍ଲକ ନାଳିପଡ଼ା ଅର୍ଜୁନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଜୀବନ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷିକା ଭାବେ ସ୍ୱର୍ଣ୍ଣପ୍ରଭା ବେହେରା ବିଭିନ୍ନ ଜୀବନ କୌଶଳ ସମ୍ପର୍କରେ ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିରାମ ବେହେରା ଦୃଢ଼ ଆତ୍ମବିଶ୍ୱାସ, କଠିନ ପରିଶ୍ରମ, ଧୈର୍ଯ୍ୟ, ନିଷ୍ଠା ସଫଳତାର ମାପକାଠି ବୋଲି କହିଥିଲେ। ପ୍ରତ୍ୟେକ ବିଫଳତା ପଛରେ ସଫଳତା ରହିଛି। ତେଣୁ କୌଣସି କାର୍ଯ୍ୟରେ ଅକୃତକାର୍ଯ୍ୟ ହେଲେ ଅଧୈର୍ଯ୍ୟ ହୁଅନାହିଁ। ନିରନ୍ତର ପ୍ରୟାସ ହିଁ ସଫଳତା ଆଣିଥାଏ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ସ୍ୱପ୍ନାରାଣୀ ଜେନାଙ୍କୁ 'ସୁନା ଝିଅ' ଓ ଛାତ୍ର ଓମ୍‌ପ୍ରକାଶ ଜେନାଙ୍କୁ 'ସୁନା ପୁଅ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଉଲ୍ଲାସ ଚନ୍ଦ୍ର ବେହେରା, ନରସିଂହ ନାୟକ, ଶିକ୍ଷୟିତ୍ରୀ ରିତାଞ୍ଜଳି ପରିଡ଼ା, ଶୋଭାବତୀ ପାଲ୍‌ଟାସିଂଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ରୁକୁଣା ରଥଯାତ୍ରା: ମୁତୟନ ହେବେ ୧୨ ପ୍ଲାଟୁନ ପୋଲିସ ଫୋର୍ସ

**କମିଶନରେଟ ପୋଲିସର ସମନ୍ୱୟ ବୈଠକ**

- ରଥଦାଣ୍ଡର ସ୍ୱତନ୍ତ୍ର ଷ୍ଟେଜ୍‌ରେ ହେବ ଓଡ଼ିଶୀ ନୃତ୍ୟ
- ରଥରେ ଚଢ଼ିପାରିବେନି ଅଣସେବାୟତ

**ପୁରୁଣା ଭୁବନେଶ୍ୱର,୨୫।୩(ଡି.ଏନ୍.ଏ.)**



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଏବଂ ଅନ୍ୟମାନେ।

ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ଶନିବାର କମିଶନରେଟ ପୋଲିସ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କେଦାରଗୌରୀ ମନ୍ଦିର ନିକଟ ଏକ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ସିଂ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁମାନେ କିପରି ଶାନ୍ତିଶୃଙ୍ଖଳାରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଟଥଟଣା ଦର୍ଶନ କରିବେ ଏବଂ ଏହି ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ତେବେ ଶାନ୍ତିଶୃଙ୍ଖଳା ପାଇଁ ୧୨ ପ୍ଲାଟୁନ ଫୋଲିସ ଫୋର୍ସ ମୁତୟନ କରାଯିବ। ଶ୍ରଦ୍ଧାଳୁ ଏବଂ ଅନ୍ୟ ଲୋକମାନଙ୍କର ଯେପରି ଯାତାୟାତରେ ସମସ୍ୟା ନ ଉପୁଜିବ ସେଥିପ୍ରତି ଟ୍ରାଫିକ ଡିସିପି ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟପଟେ ଚଳିତବର୍ଷ ରଥଦାଣ୍ଡରେ ୩ରୁ ୪ଟି ସ୍ୱତନ୍ତ୍ର ଷ୍ଟେଜ୍ ତଥା ମଣ୍ଡପ ତିଆରି କରାଯିବ। ଏହି ମଣ୍ଡପରେ ସଂସ୍କୃତି ବିଭାଗ ପକ୍ଷରୁ ପୃଥିକ୍ ଭାବେ ଗ୍ରୁପ୍ ଦ୍ୱାରା ଓଡ଼ିଶୀ ନୃତ୍ୟ ରଥଯାତ୍ରା ସମୟରେ ପରିବେଷଣ କରାଯିବ ବୋଲି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି। ସେହିପରି ସିଂହଦ୍ୱାର ଫୁଲରେ ସଜାଯିବା ସହ ଆଲୋକୀକରଣ କରାଯିବ। ରଥଦାଣ୍ଡରେ ଥିବା ଖାଲଖମାକୁ ଢଳେଇ କରାଯିବା ସହ ରାସ୍ତାର ଉଭୟପାର୍ଶ୍ୱରେ ପଡ଼ିଥିବା କେବୁଲ ତାରକୁ ଉଠାଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରତିବର୍ଷ ବହୁ ଅଣସେବାୟତ ରଥରେ ଚଢୁଥିବାରୁ ରଥ ଟାଣିବାରେ ସମସ୍ୟା ଦେଖାଦେଇଥାଏ। ଚଳିତବର୍ଷ ଉକ୍ତ ଅଣସେବାୟତମାନଙ୍କୁ ଚିହ୍ନଟ କରାଯାଇ ରଥରେ ନ ଚଢ଼ାଇବା ପାଇଁ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ସେବାୟତଙ୍କ ପାଇଁ ପାସ୍ ବ୍ୟବସ୍ଥା ନେଇ ସ୍ଥିର ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂଜାପଣ୍ଡା ନିଯୋଗର ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗର ମଣ୍ଟୁ ପୂଜାପଣ୍ଡା, ବିରଞ୍ଚି ନାରାୟଣ ପତି, ଶିବ ପ୍ରସାଦ ମହାପାତ୍ର, ବଡ଼ୁ ନିଯୋଗର ଅଞ୍ଚଳ ବଡ଼ୁ, କମଳାକାନ୍ତ ବଡ଼ୁ, ସମର୍ଥା ଓ ଖରଡ଼ା ସେବାୟତ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ତୃତୀୟ ଭୂଇଁ ଉଠିଲା

**ପୁରୁଣା ଭୁବନେଶ୍ୱର,୨୫।୩(ଡି.ଏନ୍.ଏ.):** ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ରଥଖଳାରେ ରଥକାର୍ଯ୍ୟ ଆଗେଇ ଚାଲିଛି। ଶନିବାର ତୃତୀୟ ଭୂଇଁ ଉଠିଥିବା ବେଳେ ରଥରେ ପୋଟଳ ଲାଗିବା କାର୍ଯ୍ୟ ସମ୍ପନ୍ନ ହୋଇଛି। ରଥର ପ୍ରତି କୋଣରେ ମୋଟ୍ ୧୬ଟି କଣସିଂହ ପ୍ରତିମୂର୍ତ୍ତି ଲଗାଯାଇଛି। ଭାଡ଼ିଗୁଜ, ପଟାଗୁଜ କାମ ଶେଷହୋଇଛି। ଚଳିତବର୍ଷ ନେତ୍ରଉତ୍ସବ ଦିନ ୮ଟା ସୁଦ୍ଧା ରଥକାର୍ଯ୍ୟ ସମ୍ପନ୍ନ କରାଯାଇ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଦୃଷ୍ଟିରେ ରଖି ନିର୍ମାଣ କାର୍ଯ୍ୟ ଜୋର୍‌ଦାର ଚାଲିଥିବା ସୋମନାଥ ମହାରଣା କହିଛନ୍ତି। ସର୍ଦ୍ଦାରୀ ମହାରଣା ଓ ବଟକୃଷ୍ଣ ମହାରଣାଙ୍କ ନେତୃତ୍ୱରେ ୬୮ ମହାରଣା ସେବାୟତ ଏହି ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି।

## ସଂକ୍ଷେପରେ

### ବଟି ମାଗି ୨ ଗିରଫ: ମାରଣାସ୍ତ୍ର, ଟଙ୍କା ଜବତ

ପୁରୀ ଅଫିସ, ୨୫।୩: ବଟି ଆଦାୟ ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଧୋବାଖାଲର ଆଶୁତୋଷ ବେହେରା(୨୭)। ପୋଲିସ ତାଙ୍କ ନିକଟରୁ ଗୋଟିଏ ଛୁରି ଓ ୨୦୦ ଟଙ୍କା ଜବତ କରିଛି। ଏନେଇ ଏକ ମାମଲା (ନଂ. ୬୩/ ୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ୨୨ ତାରିଖରେ ଟାଉନ ଥାନା ଅନ୍ତର୍ଗତ ମାଟିମଣ୍ଡପ ସାହିର ରାକେଶ କୁମାର ବାରିକ କୌଣସି କାର୍ଯ୍ୟ ସାରି ଫେରୁଥିବାବେଳେ ଆଶୁତୋଷଙ୍କ ସମେତ ପ୍ରତୀକ ରଞ୍ଜନ ଦାଶ ଦଉତୋଟାଠାରେ ତାଙ୍କୁ ଅଟକାଇ ଛୁରି ଦେଖାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ତାଙ୍କ ନିକଟରୁ ୧ ହଜାର ଟଙ୍କା ବଟି ଆଦାୟ କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ କରି ଆଶୁତୋଷଙ୍କୁ ଗିରଫ କରିଥିଲା। ସେହିପରି ବଟି ମାଗି ଟାଉନ ଥାନା ପୋଲିସ ହାତରେ ପ୍ରଦୀପ ବେହେରା (୩୨) ଧରାପଡ଼ିଛନ୍ତି। ତାଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କଠାରୁ ଗୋଟିଏ ଲୁହାରଡ୍ ଏବଂ ୪୫୦ ଟଙ୍କା ଜବତ କରାଯାଇଛି। ଏନେଇ ଏକ କେସ୍ (ନଂ. ୧୧୫/୨୩) ରୁଜୁ ହୋଇଛି। ପ୍ରଦୀପ ଶୁକ୍ରବାର ସନ୍ଧ୍ୟାରେ ଜଗନ୍ନାଥ ପାର୍କିଂ ନିକଟରେ ବିଭିନ୍ନ ଗାଡ଼ି ଅଟକାଇ ଡ୍ରାଇଭରମାନଙ୍କୁ ବଟି ମାଗୁଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରି ପ୍ରଦୀପଙ୍କୁ ଗିରଫ କରିଥିଲା।

### ଗୀତିକାର ତପନ ପଟ୍ଟନାୟକଙ୍କ ସ୍ମୃତିଚାରଣ

ପୁରୀ ଅଫିସ, ୨୫।୩: କବି, ଗୀତିକାର ତଥା ଔପନ୍ୟାସିକ ତପନ ପଟ୍ଟନାୟକଙ୍କ ଏକାଦଶାହ ଅବସରରେ ଶନିବାର ସର୍ବୋଦୟ ସାହିତ୍ୟ ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସାହିତ୍ୟ ସଂସଦର ସଭାପତି ଆର୍ତ୍ତତ୍ରାଣ ମାନସିଂହ ଅଧକ୍ଷତା କରିଥିଲେ। ସାହିତ୍ୟକ ଓ ସଙ୍ଗୀତପ୍ରେମୀମାନେ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ତପନ ବାବୁ ଲୋକପ୍ରିୟ ଭଜନ 'ମୁଁ ଆସିଛି ଦେଖି ତୋ କଳା ବଦନ'ର ସ୍ରଷ୍ଟା ଥିଲେ ଏବଂ ସେ ବହୁ ଭଜନ ଓ ସଙ୍ଗୀତ ରଚନା କରିଥିଲେ, ଯାହା ତାଙ୍କୁ ଅମର କରି ରଖିବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ବଳରାମ ଦାସ, ଡ. ଲକ୍ଷ୍ମୀଧର ଦାଶ, ସତ୍ୟ ନାରାୟଣ ମିଶ୍ର, ରଶ୍ମିରେଖା ପଟ୍ଟନାୟକ, ସନ୍ନ୍ୟାସୀ ନାୟକ, ଚାରୁଲତା ମିଶ୍ର, ବିଚିତ୍ରା ଦାଶ, ଆଲୋକ କୁମାର ପ୍ରଧାନ, ଜିତେନ୍ଦ୍ରିୟ ବେହେରା, ଗୋପାଳ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ମୀନକେତନ ମିଶ୍ର ଦିବଙ୍ଗତ କବିଙ୍କ ଜୀବନୀ ଓ ଗୁଣାବଳୀକୁ ନେଇ ଏକ ନିବନ୍ଧ ପାଠ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ରଚିତ କିଛି କବିତା ପାଠ ପରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ୟାମ ପ୍ରକାଶ ସେନାପତି ସଂଯୋଜନା କରିଥିଲେ।

# ମା' ମଙ୍ଗଳା ମହୋତ୍ସବ ଉଦ୍‌ଘାଟିତ

କାକଟପୁର,୨୫।୩(ଡି.ଏନ୍.ଏ.)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ, ଚତୁର୍ଦ୍ଧାମୂର୍ତ୍ତିଙ୍କ ନବକଳେବରର ଆଜ୍ଞାଦାତ୍ରୀ ମା' ମଙ୍ଗଳାଙ୍କ ନାମରେ ନାମିତ ତ୍ରୟୋଦଶ ମଙ୍ଗଳା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଆରମ୍ଭ ହୋଇଯାଇଛି। ପ୍ରଥମେ ମା'ଙ୍କ ସନ୍ଧ୍ୟା ଆଳତି ସମୟରେ ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ କୁମାର ନାୟକ ମା'ଙ୍କ ଠାରୁ ଆଜ୍ଞାମାଳ ଓ ମଶାଲ ଧରି ଉତ୍ସବ ଅନୁଷ୍ଠିତ ମଞ୍ଚକୁ ଆସିବାପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ରାଜ୍ୟ ପର୍ଯ୍ୟଟନ, ସଂସ୍କୃତି, ଅବକାରୀ ଓ ଓଡ଼ିଶା ଭାଷା ସାହିତ୍ୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଗୃହ ଓ ନିର୍ମାଣ ଶ୍ରମିକ ପରିଷଦ ଅଧକ୍ଷା ଶ୍ରୀମୟୀ ମିଶ୍ର ଏବଂ ମହୋତ୍ସବର ସଭାପତି ତଥା ରାଜ୍ୟ ଗୃହ ବିଭାଗ ରାଷ୍ଟ୍ର



ମହୋତ୍ସବରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥିମାନେ ।

ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଉତ୍ସବକୁ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏ ଅଞ୍ଚଳର ପ୍ରାଚୀ ନଦୀ ଅବବାହିକାରେ ଲୁପ୍ତପ୍ରାୟ ପୌରାଣିକ ପୀଠ, ଲୋକକଳାଗୁଡ଼ିକୁ ଉଜ୍ଜୀବିତ କରି ବେକାରି ସମସ୍ୟାର ସମାଧାନ ସହ ଏକ ସୁସ୍ଥ ସମାଜ ଗଠନ କରିବା ମଙ୍ଗଳା ମହୋତ୍ସବର ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାଶ ନାୟକ, କ୍ରୀଡ଼ା ମନ୍ତ୍ରୀ ବେହେରା ପ୍ରମୁଖ ଯୋଗଦେଇ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ମହୋତ୍ସବ ଦ୍ୱାରା ଗ୍ରାମ୍ୟ ଲୋକ କଳାର ପ୍ରଚାର ପ୍ରସାର ହେବା ସହ ବହୁ ପ୍ରତିଭାଙ୍କ ପରିଚୟ ସୃଷ୍ଟି ହୋଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ତେବେ ମହୋତ୍ସବରେ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ, ସ୍ୱୟଂ ପାଢ଼ୀ ପ୍ରମୁଖ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିବା ବେଳେ କମେଡିଆନ ଶଙ୍କର ପ୍ରଜ୍ଞା ମଧ୍ୟ ନିଜ କମେଡି ଅନ୍ଦାଜରେ ଦର୍ଶକଙ୍କୁ ବେଶ୍ ହସାଇଥିଲେ। ସେହିଭଳି ସୋନପୁରର ସମ୍ବଲପୁର ନୃତ୍ୟ ସହ ସ୍ଥାନୀୟ କଳାକାରଙ୍କ ବିଭିନ୍ନ ଆକର୍ଷଣୀୟ ନୃତ୍ୟ ଦର୍ଶକଙ୍କୁ ମନମୋହିତ କରିଥିଲା। ମା' ମଙ୍ଗଳା ମହୋତ୍ସବ ଆୟୋଜକର ସମସ୍ତ ସଭ୍ୟ, ଶୁଭେଚ୍ଛୁ ଓ କାକଟପୁର ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରି ଉତ୍ସବ ପରିଚାଳନା କରିଥିଲେ।



ଜାଗୃତି ମହୋତ୍ସବ ଉଦ୍‌ଯାପନୀ ଦିବସରେ ଯୋଗ ଦେଇଥିବା ଅତିଥି ଏବଂ ଅନ୍ୟମାନେ ।

# ମନମୋହିଲା ଓଡ଼ିଶୀ, ବିହୁ, କେଳାକେଳୁଣୀ ନୃତ୍ୟ

- ଜାଗୃତି ମହୋତ୍ସବ ଉଦ୍‌ଯାପିତ
- ଦୀପ୍ତିମୟୀଙ୍କ ଗୀତରେ ଝୁମିଲେ ଦର୍ଶକ

ପିପିଲି,୨୫।୩ (ସ୍ୱ.ପ୍ର.)

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ଉପଲକ୍ଷେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ପିପିଲି ବଜାର ମେଳଣ ପଡ଼ିଆରେ ୩ ଦିନ ଧରି ଆୟୋଜିତ ହେଉଥିବା ଚତୁର୍ଦ୍ଦଶ ତମ ଜାଗୃତି ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ସୃଷ୍ଟିର ଆରମ୍ଭ କାଳଗଣନା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ପିପିଲି କଲେଜ ଅଧକ୍ଷ ଶିବ ପ୍ରସାଦ ମିଶ୍ର, ଭିଗାର୍ଡ ଏରିଆ ମ୍ୟାନେଜର ଶୁଭ୍ରଜିତ୍ ମହାନ୍ତି, ଭୁବନେଶ୍ୱର ଗଣେଶ ଇନ୍‌ଷ୍ଟିଚ୍ୟୁଟ୍ ଅଧ୍ୟାପକ ସୁବ୍ରତ ସାର, 'ତାରିଣୀ ଆଖିର ତାରା' ସିରିଏଲ୍ ଅଭିନେତ୍ରୀ ପ୍ରୀତି ପ୍ରିୟଙ୍କା, ବିଶିଷ୍ଟ କଣ୍ଠଶିଳ୍ପୀ ଦୀପ୍ତିମୟୀ ମିଶ୍ର ପ୍ରମୁଖ ଯୋଗଦେଇ ଭାରତୀୟ ନବବର୍ଷର ସଂସ୍କୃତି ପରମ୍ପରାର ଏହି ଉତ୍ସବକୁ ବହୁ ପ୍ରଶଂସା କରିଥିଲେ। ସଂଗଠନ ସଭାପତି ପ୍ରଭାତ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ।



କଣ୍ଠଶିଳ୍ପୀ ଦୀପ୍ତିମୟୀ ମିଶ୍ର ସଙ୍ଗୀତ ପରିବେଷଣ କରୁଥିବା ବେଳେ କଳାକାରଙ୍କ ନୃତ୍ୟ ପରିବେଷଣ ।

ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଡ. ସଚ୍ଚିକାନ୍ତ ନାୟକ, ଉପଦେଷ୍ଟା ମଣ୍ଡଳୀ ଇଂ. ରମେଶ ଶତପଥୀ, ବାମଦେବ ମିଶ୍ର, ରଘୁନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ଦୀପ୍ତିମୟୀ ମିଶ୍ରଙ୍କ ଗୀତରେ ଦର୍ଶକ ଝୁମିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରାଚୀ ସଙ୍ଗୀତ ବିଦ୍ୟାଳୟର କଳାକାରଙ୍କ ବିହୁ, ଓଡ଼ିଶୀ ନୃତ୍ୟ ଓ ପୁରୀ କଳାକାରଙ୍କ କେଳାକେଳୁଣୀ ନୃତ୍ୟ ଓ ପଲ୍ଲୀନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କ ମନମୁଗ୍ଧ କରିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ମହାପାତ୍ରଙ୍କ ରଚିତ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମିଡିଆ ଆବାହକ ତଥା ଖବରଦାତା ମନୋରଞ୍ଜନ ମହାପାତ୍ରଙ୍କ ଦ୍ୱାରା ମହୋତ୍ସବ ୩ଦିନ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଭୂତି ସାମନ୍ତରାୟ, ମନୋଜ ପ୍ରଧାନ, ବିକାଶ ଅଗ୍ରୱାଲ, ମାନସ ମହାପାତ୍ର, ଅଭିମନ୍ୟୁ ମହାପାତ୍ର, ପ୍ରଫୁଲ୍ଲ ସାହୁ, ବାପୁ ବେହେରା, ସମ୍ପଦ ମହାପାତ୍ର, ଚନ୍ଦନ ସ୍ୱାଇଁ, ଗଜେନ୍ଦ୍ର ବେହେରା, ସର୍ବେଶ୍ୱର ବୈଠାରୁ, ଚନ୍ଦନ ମହାନ୍ତିଙ୍କ ସହ ଜାଗୃତି ସଂଗଠନର ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକଙ୍କୁ ହତ୍ୟା ଉଦ୍ୟମ

ବାଲିପାଟଣା,୨୫।୩(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଧୀନ ସୁରୁଦି ଗ୍ରାମ ନିକଟ ବଜାରରେ ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ କଟୁରିରେ ହାଣି ହତ୍ୟା ଉଦ୍ୟମ କରାଯାଇଛି। ସେ ହେଲେ ଏହି ଗ୍ରାମର ରାଜୀବ ଲୋଚନ ସ୍ୱାଇଁ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ରାଜୀବ ଶନିବାର ସକାଳେ ଗ୍ରାମ ନିକଟ ବଜାରରେ ଚା' ପିଉଥିବା ବେଳେ ହଠାତ୍ ଦୁଇଜଣ ଯୁବକ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଭୟଭୀତ ହୋଇ ସେ ନିକଟ କ୍ୟାବିନ୍ ଭିତରେ ପଶିଯିବାରୁ ବାମ ହାତ ଓ ନାକରେ ଚୋଟ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

## ରୁକୁଣା ରଥଯାତ୍ରା: ତୃତୀୟ ଭୂଇଁ ଉଠିଲା

ପୁରୁଣା ଭୁବନେଶ୍ୱର,୨୫।୩(ଡି.ଏନ୍.ଏ.):

ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ରଥଖଳାରେ ରଥକାର୍ଯ୍ୟ ଆଗେଇ ଚାଲିଛି। ଶନିବାର ତୃତୀୟ ଭୂଇଁ ଉଠିଥିବା ବେଳେ ରଥରେ ପୋଟଳ ଲାଗିବା କାର୍ଯ୍ୟ ସମ୍ପନ୍ନ ହୋଇଛି। ରଥର ପ୍ରତି କୋଣରେ ମୋଟ୍ ୧୬ଟି କଣସିଂହ ପ୍ରତିମୂର୍ତ୍ତି ଲଗାଯାଇଛି। ଭାଡ଼ିଗୁଜ, ପଟାଗୁଜ କାମ ଶେଷହୋଇଛି। ଚଳିତବର୍ଷ ନେତ୍ରୋତ୍ସବ ଦିନ ୮ଟା ସୁଦ୍ଧା ରଥକାର୍ଯ୍ୟ ସମ୍ପନ୍ନ କରାଯାଇ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଦୃଷ୍ଟିରେ ରଖି ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଥିବା ସୋମନାଥ ମହାରଣା କହିଛନ୍ତି।

# କୋଣାର୍କରେ ୧୦ଦିନିଆ ହସ୍ତଶିଳ୍ପ ପ୍ରଦର୍ଶନୀ



କୋଣାର୍କ,୨୫।୩(ଡି.ଏନ୍.ଏ.)

କୋଣାର୍କସ୍ଥିତ ଅର୍ବାନ ହାଟ ପରିସରରେ ଓ ସରକାରଙ୍କ ହସ୍ତତନ୍ତ ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ଉତ୍କଳିକା ଆନୁକୂଲ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ୧୦ ଦିନିଆ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ଆୟୋଜନ କରାଯାଇଛି। ଏହା ଗତ ୨୩ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୪ ତାରିଖ ଯାଏଁ ଚାଲିବ। ଏହି ଶିବିରର ଉଦ୍‌ଘାଟନୀ ଉତ୍ସବରେ ବିଭାଗୀୟ ଯୁଗ୍ମ ଶାସନ ସଚିବ ତଥା ଉତ୍କଳିକାର ପରିଚାଳକା କଲ୍ୟାଣୀ ପଟ୍ଟନାୟକ, ଉତ୍କଳିକାର ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ବରିଷ୍ଠ ସହନିର୍ଦ୍ଦେଶକ ଅଶୋକ କୁମାର ହୋତା ଓ ସହକାରୀ ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ଏହି ୧୦ଦିନିଆ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାରେ ଓଡ଼ିଶାର ୮ଟି ଜିଲା ଖୋର୍ଦ୍ଧା, କେନ୍ଦୁଝର, ପୁରୀ, ଜଗତ୍‌ସିଂହପୁର, କଟକ, ବାଲେଶ୍ୱର, ସମ୍ବଲପୁର ଓ ଯାଜପୁରର ୫୦ଜଣ ହସ୍ତଶିଳ୍ପ କାରିଗରମାନେ ଅଂଶଗ୍ରହଣ କରିଛନ୍ତି। ଏହି ହସ୍ତଶିଳ୍ପ ପ୍ରଦର୍ଶନୀରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୩୦ଲକ୍ଷ ଟଙ୍କାର ସାମଗ୍ରୀ ବିକ୍ରି ହେବାର ଆକଳନ କରାଯାଇଛି। ଏହି ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ ହେବା ଦ୍ୱାରା ଓଡ଼ିଶାର ହସ୍ତତନ୍ତ ବୟନ ଶିଳ୍ପ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ କାରିଗରମାନଙ୍କ ଆର୍ଥିକ ଅଭିବୃଦ୍ଧି ଦିଗରେ ବିଶେଷ ସହାୟକ ହେବ ବୋଲି ବିଭାଗୀୟ ଯୁଗ୍ମ ଶାସନ ସଚିବ କଲ୍ୟାଣୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଗାଦିଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ



କୃଷ୍ଣପ୍ରସାଦ,୨୫।୩(ଡି.ଏନ୍.ଏ.):

କୃଷ୍ଣପ୍ରସାଦ ବ୍ଲକର ଆରାଧ୍ୟ ଶ୍ରୀ ଗାଦିଶ୍ୱର ଦେବଙ୍କ ପୀଠରେ ଶୁକ୍ରବାରଠାରୁ ମା' ଦଣ୍ଡକାଳୀଙ୍କ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ନିଶାର୍ଦ୍ଧରେ ଠାକୁରଙ୍କୁ କୋଠି ଭଗତାମାନଙ୍କ ଦ୍ୱାରା ଆବାହନ କରାଯାଇଥିଲା। ମାନସିକଧାରୀ ଏବଂ ତେର ଭଗତା ନିଷ୍ଠା ଓ କାଷ୍ଟାର ସହ ବ୍ରତ ରଖି ଏହି ପର୍ବରେ ସାମିଲ ହୋଇଛନ୍ତି। ରାଜରାଜୁଡ଼ା ଅମଳରୁ ୨୧ ଦିନ ଧରି ପାଳିତ ହୋଇଆସୁଥିବା ଏହି ପର୍ବରେ ସାମିଲ ହୋଇଥିବା ଦଣ୍ଡୁଆମାନେ ପାଣିତୋଳା କାର୍ଯ୍ୟ ଶେଷ କରିବା ପରେ ଦଣ୍ଡ ଠାକୁରଙ୍କୁ ନେଇ ଗ୍ରାମ ପରିକ୍ରମା କରିଥାନ୍ତି। ପ୍ରଚଳିତ ପ୍ରଥା ଅନୁଯାୟୀ, ପାରିକୁଦ ରାଜବାଟୀ ପରିସରରେ ଦଣ୍ଡ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓ ଓ ସପରିବାର ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଦ୍ୱିତୀୟ ଦିବସରେ ମାର୍ଫତ୍‌ଦାର ଡ. ଅଶୋକ କୁମାର ରାୟଙ୍କ ଦୁଆରେ ଭୋଗ ଲାଗିହେବା ପରେ ବାହ୍ୟ

### ବାହ୍ୟ ଭ୍ରମଣରେ ବାହାରିବେ ଠାକୁର

ଭ୍ରମଣରେ ବାହାରନ୍ତି ଠାକୁର। ଆଦିମ ସଭ୍ୟତାର ସଂସ୍କୃତି କେଳା କେଳୁଣୀ, ହାଡ଼ି ହାଡ଼ିଆଣୀ, ଶବର ଶବରୁଣୀ, ଶିବପାର୍ବତୀ ଆଦି ୨୧ ହଳ ପଟେ ବେଶ ହୋଇ ଅଭିନୟ ଅନୁଷ୍ଠିତ ହେବ। ଗାଦିଶ୍ୱର ଦେବଙ୍କ ପୂଜକ ବିରଞ୍ଚି ନାରାୟଣ କେଶରୀ ନୀତିକାନ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି। ଏହି ଯାତ୍ରା ଦେଖିବା ପାଇଁ ଜନସାଧାରଣଙ୍କ ସମାଗମ ହୋଇଥାଏ। ଗାଦିଶ୍ୱର ଦେବଙ୍କ ମାର୍ଫତ୍‌ଦାର ଡ. ଅଶୋକ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏପ୍ରିଲ ୧୩ରେ ଠାକୁର ମନ୍ଦିର ପ୍ରବେଶ କରିବା ପରେ ମେରୁପର୍ବ ଅନୁଷ୍ଠିତ ହୋଇ ଠାକୁରଙ୍କୁ ପୁଣି ସେହି ନିଶାର୍ଦ୍ଧରେ ହିଁ ଗୋପ୍ୟ କରାଯିବ। ସେହିପରି ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଦଣ୍ଡପର୍ବ ଯୋଗୁ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

# ଫାଷ୍ଟଫୁଡ୍ ଦୋକାନରେ ମଦ ବିକ୍ରି: ମାଲିକ ଗିରଫ

ବଳଙ୍ଗା,୨୫।୩(ଡି.ଏନ୍.ଏ.)

### ୨୩ ବୋତଲ ମଦ ଜବତ

ବଳଙ୍ଗା ଥାନା ଅନ୍ତର୍ଗତ ଭୀମଜାରରେ ଥିବା ଏକ ଫାଷ୍ଟଫୁଡ ଦୋକାନରେ ଶୁକ୍ରବାର ରାତିରେ ପୋଲିସ ଚଢ଼ାଉ କରି ଚୋରା ମଦ ଜବତ କରିଛି। ଏଥିସହ ଦୋକାନ ମାଲିକ ନାଳିହଣା ଗ୍ରାମର ବିକ୍ରମ କେଶରୀ ପଣ୍ଡାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୪୯/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ୧୦ଟା ଘଟିକା ସମୟରେ ବଳଙ୍ଗା ଥାନା ଏସ୍‌ଆଇ କେଦାର ଦୋରାଙ୍କ ନେତୃତ୍ୱରେ ରୂପଦେଇପୁର, ନାଳିହଣା, ଭୀମଜାର ଛକରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଭୀମଜାରରେ ଥିବା ଉକ୍ତ ଫାଷ୍ଟଫୁଡ ଦୋକାନରେ ଚୋରାରେ ମଦ କାରବାର ହେଉଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଫଳରେ ପୋଲିସ ଟିମ୍ ଉକ୍ତ ଦୋକାନରେ ଚଢ଼ାଉ କରି ୨୩ ବୋତଲ ଚୋରା ବିଦେଶୀ ମଦ ଜବତ କରିବା ସହ ଦୋକାନ ମାଲିକ ବିକ୍ରମଙ୍କୁ ଗିରଫ କରିଥିଲା।

# ଉତ୍କଳ ଗୋପାଳ ସମାଜର କର୍ମକର୍ତ୍ତା ନିର୍ବାଚିତ

ଅସ୍ତରଙ୍ଗ,୨୫।୩(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପାଟି ପଞ୍ଚାୟତ ବାଘମୁଣ୍ଡା ଗ୍ରାମର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ପୁରୀ ଜିଲା ଉତ୍କଳ ଗୋପାଳ ସମାଜ ସମ୍ମିଳନୀ ପକ୍ଷରୁ ଶନିବାର ଗୋପାଳ ଭାଇମାନଙ୍କୁ ନେଇ ଏକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ସର୍ବସମ୍ମତିକ୍ରମେ ଯୁବ ସଭାପତି ରୂପେ ନିଶିକାନ୍ତ ବେହେରାଙ୍କୁ ମନୋନୀତ କରାଯାଇଥିଲା। ପୁରୀ ଜିଲା ଯୁବ ସଭାପତି ନକୁଳ ବେହେରା, ସମ୍ପାଦକ ବିଷ୍ଣୁଚରଣ ବେହେରା ଯୋଗଦେଇଥିବାବେଳେ କେନ୍ଦ୍ରାପାଟି, ବିଜିପୁର, ଅମରାଳୁ, ନାଗପୁର, ବାଘମୁଣ୍ଡା, ବନ୍ତିଲୋ, ସରିପୁର, କେରେଣ୍ଡିଆପାଳ, ବାଙ୍ଗୁରୀ ଗାଁର ଶତାଧିକ ଗୋପାଳ ଭାଇମାନେ ଯୋଗ ଦେଇଥିଲେ। ଗୋପାଳ ଭାଇମାନଙ୍କର ବିଭିନ୍ନ ସମସ୍ୟା ଦିଗରେ ସାହାଯ୍ୟ ସହଯୋଗ କରିବାକୁ ନୂତନ ସଭାପତି ବେହେରା ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି।



ଉତ୍କଳ ଗୋପାଳ ସମାଜର ନବ ନିର୍ବାଚିତ କର୍ମକର୍ତ୍ତା ଏବଂ ଅନ୍ୟମାନେ ।

# ଜାତୀୟ ନାଟକ ମହୋତ୍ସବ ସରିଲା

### ଶେଷ ନାଟକ ଡିଗ୍‌ନିଟି ଅଫ୍ ଲେବର୍ସ ମନ ଛୁଇଁଲା

ପୁରୀ ଅଫିସ,୨୫।୩

ନାଟ୍ୟ ଅନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ସ୍ଥାନୀୟ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଆୟୋଜିତ ହୋଇଥବା ୪ଦିନିଆ ଜାତୀୟ ନାଟକ ମହୋତ୍ସବ ୨୦୨୩ ଶନିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ହରିହର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବୀରେନ୍ଦ୍ର ନାରାୟଣ ଗୋଚ୍ଛିକାର, ସତ୍ୟ ନାରାୟଣ ଗୁରୁ, ଗଣେଶ ଚନ୍ଦ୍ର ପଟ୍ଟନାୟକ, ବିଦେଶା ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଗିରୀଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାକାର୍ଯ୍ୟ ପ୍ରାରମ୍ଭରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ବିଶ୍ୱନାଥ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଶ୍ୱନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଆସାମର କଳାକାରମାନଙ୍କ ପକ୍ଷରୁ ନାଟକ ଡିଗ୍‌ନିଟି ଅଫ୍ ଲେବର୍ସ ମଞ୍ଚସ୍ଥ ହୋଇଥିଲା। ଆଦିମ ଯୁଗରୁ ଭାରତ କଳା ଓ ସଂସ୍କୃତି ପାଇଁ ପୃଥିବୀରେ ତା'ର ଉତ୍କର୍ଷତା ପ୍ରତିପାଦନ କରିଛି। କଣ୍ଢେଇ ନାଚ ଆମ



ଆସାମର 'ଜେନେରାଇ ଅବ୍ସମ୍' ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ନାଟକ 'ଡିଗ୍‌ନିଟି ଅଫ୍ ଲେବର୍ସ'ର ଏକ ଦୃଶ୍ୟ।

ସମାଜରେ ଏକ ପ୍ରଚଳିତ ଲୋକକଳା। କେଉଁ ଆଦିମ ଯୁଗରୁ ଏହା ଚଳିଆସୁଅଛି। ଏହା ଲୋକମାନଙ୍କର ଚିତ୍ତବିନୋଦନର ଏକ ମାଧ୍ୟମ ହୋଇଆସିଛି। ଉସ୍ତାଦ୍ ଲେଖରୁ ଏବଂ ଦାଇବାକି ଦୁଇଜଣ ବିବାହିତ ଏବଂ ସେମାନେ କଣ୍ଢେଇ ନାଚକରି ଲୋକଙ୍କୁ ଆମୋଦିତ କରିବା ସହ ଜୀବିକା ନିର୍ବାହ କରନ୍ତି। କିନ୍ତୁ ପ୍ରକୃତିର କରାଳ ରୂପ ବେଳେବେଳ ସମାଜରେ ପ୍ରତିକୂଳ ପ୍ରଭାବ ପକାଇଥାଏ ଏବଂ ମନୁଷ୍ୟ ସମାଜ ଏହାର ଫଳ ଭୋଗିବାକୁ ବାଧ୍ୟ ହୋଇଥାଏ । କରୋନାର ଲକଡାଉନ୍ ସମୟରେ ମନୁଷ୍ୟ ସମାଜକୁ ଗଭୀର ଆଘାତ ଦେଲା। ଲୋକମାନଙ୍କର ପ୍ରଚଳିତ ଚଳଣି ବାଧାପ୍ରାପ୍ତ ହୋଇଥିଲା। ଲେଖରୁ, ଦାଇବାକି ଏବଂ ତାଙ୍କର କଣ୍ଢେଇ ନାଚ ଏଥିରୁ ବାଦ୍ ଯାଇ ନଥିଲା। ତାଙ୍କର କଣ୍ଢେଇ ନାଚ କେହି ଦେଖିଲେ ନାହିଁ କି କୌଣସି ଆୟୋଜକ ସଂସ୍ଥା ସେ କଳାକୁ ବଞ୍ଚାଇବାକୁ ଆଗେଇଆସିଲେ ନାହିଁ। କିନ୍ତୁ ଲକ୍‌ଡାଉନ୍ ପରେ ଲେଖରୁ ଏବଂ ଦାଇବାକି ଉତ୍ସାହିତ ହୋଇ ପୁଣି କଣ୍ଢେଇ ନାଚର ପ୍ରଦର୍ଶନ ଆରମ୍ଭ କଲେ। କିନ୍ତୁ ଆଗଭଳି କଣ୍ଢେଇ ନାଚର ଦର୍ଶକ ଆଦୃତି କମିବାରେ ଲାଗିଲା କେହି କଣ୍ଢେଇ ନାଚ ଦେଖିବା ପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ। ଲେଖରୁ ଏବଂ ଦାଇବାକି ହତୋତ୍ସାହ ହୋଇଗଲେ। ତାଙ୍କର ଜୀବିକା ନିର୍ବାହ ଦୁର୍ବିସହ ହେଲା। କ୍ରମଶଃ କଣ୍ଢେଇ ନାଚର ପ୍ରଦର୍ଶନ ବେଳେ ପ୍ରଦର୍ଶନ ପୂର୍ବରୁ ଦର୍ଶକମାନେ ପ୍ରେକ୍ଷାଳୟ ଛାଡ଼ି ପଳାଇଲେ ଏବଂ ସେମାନଙ୍କୁ କଡ଼ା ଭାଷାରେ ସମାଲୋଚନା କଲେ। ଲେଖରୁ ଏବଂ ଦାଇବାକି ଦୁଃଖରେ ଭାଙ୍ଗି ପଡ଼ିଲେ। ତଥାପି ସେମାନେ କଠୋର ନିଷ୍ପତ୍ତି ନେଇ କେହି ଦର୍ଶକ ଦେଖନ୍ତୁ ବା ନ ଦେଖନ୍ତୁ, ମତାମତ ଦିଅନ୍ତୁ ବା ନ ଦିଅନ୍ତୁ କଣ୍ଢେଇ ନାଚ ପ୍ରଦର୍ଶନ ଜାରି ରଖୁଛନ୍ତି। ଏହିପରି ଏକ ବିଷୟବସ୍ତୁକୁ ନେଇ ନାଟକ ଡିଗ୍‌ନିଟି ଅଫ୍ ଲେବର ମଞ୍ଚସ୍ଥ ହୋଇଥିଲା। ଆସାମ କଳାକାରଙ୍କ ଏହି ଜୀବନ୍ତ ଦୃଶ୍ୟ ଦର୍ଶକଙ୍କୁ ମନକୁ ଛୁଇଁଯାଇଥିଲା। ବିଶ୍ୱଜିତ୍ ଡେକା ନାଟକର ନିର୍ଦ୍ଦେଶନା ଦେଇଥିଲେ।

**୮୨,୦୦୦ ଟଙ୍କା ଆଦାୟ କରିବ ଟୁଇଟର**

ନୂଆଦିଲ୍ଲୀ: ବହୁରାଷ୍ଟ୍ରୀୟ ସାମାଜିକ ଗଣମାଧମ ସଂସ୍ଥା ଟୁଇଟର ପକ୍ଷରୁ ଏକ ବିବିଧ କାର୍ଯ୍ୟକ୍ରମ 'ଭେରିଫାଏଡ୍ ଅର୍ଗାନାଇଜେଶନ ପ୍ରୋଗ୍ରାମ' ଆରମ୍ଭ କରାଯାଇଛି। ବିଶେଷକରି କମ୍ପାନୀ ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ଟୁଇଟର 'ଗୋଲ୍ଡେନ ଭେରିଫାଏଡ୍ ଚେକ୍ ମାର୍କ' ପାଇଁ ମାସିକ ଏକହଜାର ଡଲାର ବା ପ୍ରାୟ ୮୨, ୦୦୦ ଟଙ୍କା ବ୍ୟବହାରକାରୀଙ୍କୁ ଦେବାକୁ ପଡ଼ିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏଥିସହ ପ୍ରତ୍ୟେକ ଏଫିଲେଟେଡ୍ ଆକାଉଣ୍ଟ ଲାଗି ମାସିକ ଅତିରିକ୍ତ ୫୦ ଡଲାର (ପାଖାପାଖି ୪୧୦୦ ଟଙ୍କା) ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି।



# ସତର୍କତା ଅବଲମ୍ବନ ପାଇଁ ପରାମର୍ଶ : ନିର୍ମଳା

ନୂଆଦିଲ୍ଲୀ,୨୫।୩


ନିର୍ମଳା ସୀତାରମଣ

ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ମାନ୍ଦାବସ୍ଥା କେନ୍ଦ୍ର ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ବିଶେଷକରି ବର୍ତ୍ତମାନ ସମୟରେ ଆମେରିକା ଓ ୟୁରୋପରେ ଦେଖାଦେଇଥିବା ବ୍ୟାଙ୍କ ସଙ୍କଟ ସରକାରଙ୍କ ପାଇଁ ଆଉ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଏପରିକି ବିଶ୍ୱ ବଜାର ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଦେଇଥିବାରୁ ଭାରତ ସରକାର ଚିନ୍ତାରେ ପଡ଼ିଯାଇଛନ୍ତି। ଏ ନେଇ ଉଭୟ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଓ ରିଜର୍ଭ ବ୍ୟାଙ୍କ ମଧ୍ୟ ସତର୍କ ହୋଇଛନ୍ତି। ଅପରପକ୍ଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଦେଶର ସମସ୍ତ ପବ୍ଲିକ ସେକ୍ଟର ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଜରୁରୀ ବୈଠକ କରିଛନ୍ତି। ଉକ୍ତ ବୈଠକରେ ଦେଶର ଅର୍ଥନୀତିକୁ ଠିକ୍ କରିବା ସହ ବିଭିନ୍ନ ଆର୍ଥିକ ମାପଦଣ୍ଡର ସ୍ଥିତିକୁ ଆକଳନ କରିବାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ସେ ପରାମର୍ଶ ଦେଇଛନ୍ତି। ଉକ୍ତ ବୈଠକ ପରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ ଦେଶର ଅର୍ଥନୀତିରେ ସୁଧାର ଓ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଠିକ୍ କରିବା ସହ ବ୍ୟାଙ୍କଗୁଡ଼ିକୁ ବିପଦ ସମ୍ପର୍କିତ ବିଭିନ୍ନ କାରଣ ଚିହ୍ନଟ କରିବାକୁ କୁହାଯାଇଛି। ସେହିପରି ଉକ୍ତ ଜରୁରୀ ବୈଠକ ପୂର୍ବରୁ ସରକାର ବିଭିନ୍ନ ବ୍ୟାଙ୍କକୁ ସେମାନଙ୍କର ବଣ୍ଡ୍ ପୋର୍ଟଫୋଲିଓର ବିବରଣୀ ମାଗିଥିଲେ। ଏପରିକି ଯେକୌଣସି ସମ୍ଭାବ୍ୟ ଆର୍ଥିକ ଝଟକାରୁ ବ୍ୟାଙ୍କଗୁଡ଼ିକ ନିଜକୁ ରକ୍ଷା କରିବା ଉଚିତ ବୋଲି ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ କହିଛନ୍ତି। ଅପରପକ୍ଷରେ ରିଜର୍ଭ ବ୍ୟାଙ୍କ କେନ୍ଦ୍ରୀୟ ବୋର୍ଡର ୬୦୧ତମ ବୈଠକ ଶୁକ୍ରବାର ହାଇଦ୍ରାବାଦଠାରେ ଅନୁଷ୍ଠିତ ହୋଇଯାଇଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉକ୍ତ ବୈଠକରେ ବିଶ୍ୱ ସହିତ ଦେଶରେ ଦେଖାଦେଇଥିବା ଆର୍ଥିକ ସ୍ଥିତି ଏବଂ ତତ୍‌ସଂକ୍ରାନ୍ତ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା ଏବଂ ସମୀକ୍ଷା ହୋଇଥିଲା। ଏଥିସହିତ ୨୦୨୨-୨୩ ଆର୍ଥିକବର୍ଷରେ ରିଜର୍ଭ ବ୍ୟାଙ୍କର କାର୍ଯ୍ୟକ୍ରମ ଉପରେ ବୋର୍ଡ ଆଲୋଚନା କରିବା ସହ ୨୦୨୩-୨୪ ଆକାଉଣ୍ଟିଂ ବର୍ଷ ପାଇଁ ବଜେଟକୁ ଅନୁମୋଦନ କରିଛି। ଆମେରିକା ଏବଂ ୟୁରୋପରେ ବଡ଼ ବଡ଼ ବ୍ୟାଙ୍କ ଭୁଶୁଡ଼ି ପଡ଼ିବା ସହିତ ଫେଡେରାଲ ରିଜର୍ଭ ଓ ବ୍ୟାଙ୍କ ଅଫ୍ ଇଂଲଣ୍ଡ ଏବଂ ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ ଆଦି ନିକଟରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ସୁଧ ହାର ବୃଦ୍ଧି କରିଛନ୍ତି। ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କର କେନ୍ଦ୍ରୀୟ ବୋର୍ଡ ବୈଠକକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ଆଜିର ବୈଠକରେ ବୋର୍ଡର ସଦସ୍ୟ ସତୀଶ କେ. ମରାଠେ, ସଚିନ ଚତୁର୍ବେଦୀ, ପଙ୍କଜ ରମଣଭାଇ ପଟେଲ ଏବଂ ରବୀନ୍ଦ୍ର ଏଚ୍. ଢୋଲକିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଏୟାରଟେଲ ୫ଜି 'ଅନ୍‌ଲିମିଟେଡ୍ ଡାଟା ଅଫର୍'

ନୂଆଦିଲ୍ଲୀ,୨୫।୩

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ୍ (ଏୟାରଟେଲ୍) ପକ୍ଷରୁ ଏୟାରଟେଲ ୫ଜି ଗ୍ରାହକଙ୍କ ପାଇଁ ଅନ୍‌ଲିମିଟେଡ୍ ୫ଜି ଡାଟାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏୟାରଟେଲ ଉପଭୋକ୍ତାଙ୍କୁ ଏୟାରଟେଲ୍ ୫ଜି ପ୍ଲସ୍ ନେଟ୍‌ୱର୍କ ଶକ୍ତିର ଅନୁଭୂତି ପାଇବା ପାଇଁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ସହ ଏହାର ଶୁଭାରମ୍ଭ ହୋଇଛି। ଏପରିକି ଗ୍ରାହକମାନେ ବର୍ତ୍ତମାନ ଡାଟା ସରିଯିବାର ଚିନ୍ତା ବିନା ଅଲ୍‌ଟ୍ରାଫାଷ୍ଟ, ନିର୍ଭରଯୋଗ୍ୟ ଓ ସୁରକ୍ଷିତ ୫ଜି ପ୍ଲସ୍ ସେବାଗୁଡିକର ଅନୁଭୂତି ପାଇବାକୁ ସକ୍ଷମ ହେବେ। କାରଣ କମ୍ପାନୀ ସମସ୍ତ ବିଦ୍ୟମାନ ପ୍ଲାନ୍‌ଗୁଡିକରେ ଡାଟା ବ୍ୟବହାର ଉପରେ କ୍ୟାପିଙ୍ଗ୍‌କୁ ପ୍ରତ୍ୟାହାର କରିଛି। ବିଶେଷ କରି କମ୍ପାନୀ ତା'ର ସମସ୍ତ ପୋଷ୍ଟପେଡ୍ ଗ୍ରାହକ ଏବଂ ୨୩୯ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ଏକ ଡାଟା ପ୍ଲାନ୍ ଥିବା ପ୍ରିପେଡ୍ ଗ୍ରାହକମାନେ ଏହି ଅଫର୍ ପାଇପାରିବେ।

## 'ଦୁଗ୍ଧଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱାରୋପ'



**ଓମ୍‌ଫେଡ୍‌ର ୧୦୭ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ**

ଭୁବନେଶ୍ୱର,୨୫।୩

ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦନ ମହାସଂଘ ଲିମିଟେଡ୍ ବା ଓମ୍‌ଫେଡ୍‌ର ୧୦୭ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଶୁକ୍ରବାର ଓମ୍‌ଫେଡ୍‌ର ଶହୀଦନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓମ୍‌ଫେଡ୍‌ର ନବ ନିର୍ବାଚିତ ସମସ୍ତ ୨୧ ସଦସ୍ୟଙ୍କୁ ଏହାର ପରିଚାଳନା ନିର୍ଦ୍ଦେଶକ ଆଶିଷ ଚନ୍ଦ୍ର ସିହ୍ନା ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସ୍ୱରୂପ ସ୍ୱାଗତ କରିଥିଲେ। ଉକ୍ତ ବୈଠକରେ ନବ ନିର୍ବାଚିତ ସଭାପତି କିଶୋର ଚନ୍ଦ୍ର ପ୍ରଧାନ ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଶେଷକରି ସମସ୍ତ ନିର୍ବାଚିତ ସଦସ୍ୟ ତାଙ୍କୁ ଓମ୍‌ଫେଡ୍‌ର ସଭାପତି ଭାବେ ନିର୍ବାଚିତ କରାଇଥିବାରୁ ସେ ସେମାନଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଓଡ଼ିଶାର ସମସ୍ତ ଦୁଗ୍ଧଚାଷୀ କିଭଳି ଓମ୍‌ଫେଡ୍ ଦ୍ୱାରା ଲାଭବାନ୍ ହୋଇପାରିବେ ସେ ବିଷୟରେ କିଶୋର ବିସ୍ତୃତ ଆଲୋକପାତ କରିଥିଲେ। ଅପରପକ୍ଷରେ ସିହ୍ନା ନିର୍ଦ୍ଦେଶକ ମଣ୍ଡଳୀକୁ ଓମ୍‌ଫେଡ୍‌ର ବାର୍ଷିକ ବିବରଣୀ ସମ୍ପର୍କରେ ଅବଗତ କରାଇବା ସହ ମହାସଂଘର ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ମଧ୍ୟ ବିସ୍ତୃତ ଆଲୋଚନା କରିଥିଲେ। ପରିଶେଷରେ ମହାସଂଘର ସମ୍ପାଦକ ଉପସ୍ଥିତ ସଭାପତି ଏବଂ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ୧୦୭ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଶେଷ ପରେ ନବନିର୍ବାଚିତ ସଦସ୍ୟମାନେ ସ୍ଥାନୀୟ ଅରିଲୋସ୍ଥିତ ଓମ୍‌ଫେଡ୍‌ର ମେଗା ଡେଏରୀ ପ୍ଲାଣ୍ଟ ପରିଦର୍ଶନ କରିଥିଲେ।

## ଏଚ୍‌ଡିଏଫ୍‌ସି ଲାଇଫ୍‌ର ସ୍ମାର୍ଟ ପେନ୍‌ସନ ପ୍ଲସ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୫।୩

ଦେଶର ପ୍ରମୁଖ ଜୀବନବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଲାଇଫ୍ ପକ୍ଷରୁ ଏଚ୍‌ଡିଏଫ୍‌ସି ଲାଇଫ୍ ସ୍ମାର୍ଟ ପେନ୍‌ସନ ପ୍ଲସ୍‌ର ଶୁଭାରମ୍ଭ କରାଯାଇଛି। ଉକ୍ତ ପ୍ଲାନ୍ ଗ୍ରାହକଙ୍କୁ ଅବସର ପରେ ବେତନ ଭଳି ସମାନ, ଏକ ନିୟମିତ ଓ ଆୟର ନିଶ୍ଚିତ ସ୍ରୋତ ରୂପରେ ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ସକ୍ଷମ କରିବ। ଏଚ୍‌ଡିଏଫ୍‌ସି ଲାଇଫ୍ ପେନ୍‌ସନ ପ୍ଲସ୍‌କୁ ଅବସର ପରେ ମଧ୍ୟ ନିଜର ବର୍ତ୍ତମାନର ଜୀବନଶୈଳୀକୁ ବଜାୟ ରଖିବା ପାଇଁ ସକ୍ଷମ ହେବା ଲାଗି ନିଜ ପାଇଁ ସଞ୍ଚୟ କରିବା ଓ ଏକ ଆର୍ଥିକ ସୁରକ୍ଷା ସ୍ଥିତ ସୃଷ୍ଟି କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ଆବଶ୍ୟକତା ପୂରଣ କରିବା ଲାଗି ଡିଜାଇନ କରାଯାଇଛି। ଏହି ଆନ୍ୟୁଟି ପ୍ରଡକ୍ଟ ଗ୍ରାହକଙ୍କୁ ଅବସର ପରେ ନିଜର ଅଭିଳାଷିତ ଜୀବନ ବଞ୍ଚିବା ପାଇଁ ସକ୍ଷମ କରିପାରିବ। ଏହି ଉତ୍ପାଦ ଜଣେ ବ୍ୟକ୍ତିଙ୍କ ସହ ତାଙ୍କ ଜୀବନସାଥୀଙ୍କୁ ମଧ୍ୟ କଭର କରିବ। ଗ୍ରାହକଙ୍କ ବିକଶିତ ଆବଶ୍ୟକତା ପୂରଣ କରିବା ପାଇଁ ଏଚ୍‌ଡିଏଫ୍‌ସି ଲାଇଫ୍ ସ୍ମାର୍ଟ ପେନ୍‌ସନ ପ୍ଲସ୍‌କୁ ଏକାଧିକ ଭାରିଆଣ୍ଟରେ ଉପଲବ୍ଧ କରାଯାଉଛି। ଗ୍ରାହକମାନେ ନିଜ ଆବଶ୍ୟକ ମୁତାବକ ବିକଳ୍ପ ଚୟନକରି ପ୍ଲାନ୍ କଷ୍ଟମାଇଜ୍ କରିପାରିବେ। ଗ୍ରାହକମାନେ କୌଣସି ମେଡିକାଲ ଓ ଅଣ୍ଡରରାଇଟିଂ ଆବଶ୍ୟକତା ବିନା ୨୪ ଘଣ୍ଟା ମଧ୍ୟରେ ନିଜର ପଲିସି ହାସଲ କରିପାରିବେ। ଏହି ପ୍ଲାନ୍ କେବଳ ଗୋଟିଏ ଥର ପ୍ରିମିୟମ ପଇଠକରି (ସିଙ୍ଗଲ ପ୍ରିମିୟମ) କିମ୍ବା ଏକ ସୀମିତ ଅବଧି ପାଇଁ ପଇଠକରି ଜୀବନକାଳ ପାଇଁ ନିଶ୍ଚିତ ଆୟ ହାସଲ କରିବା ସୁବିଧା ପ୍ରଦାନ କରୁଛି।


ଫକ୍ସୱେଗେନ ପାସେଞ୍ଜର କାର ଇଣ୍ଡିଆ ଏବଂ ପଞ୍ଜାବ ଭେଲୋସିଟି ପିଭି ସହ ସହଭାଗୀତାର ଏକ ଦଶନ୍ଧି ପାଳନ କରିଛି। ଏହି ପରିପ୍ରେକ୍ଷୀରେ ହରିୟାଣାର ଯମୁନାନଗର ଠାରେ ଥିବା ଫକ୍ସୱେଗେନର ଟଚ୍ ପଏଣ୍ଟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଜିଓ କଷ୍ଟମର ଆସୋସିଏଟ୍ ପ୍ରୋଗ୍ରାମର ଶୁଭାରମ୍ଭ

ନୂଆଦିଲ୍ଲୀ,୨୫।୩

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଜିଓ ପକ୍ଷରୁ ନିକଟରେ ଏକ ଅଭିନବ କାର୍ଯ୍ୟକ୍ରମ ଜିଓ କଷ୍ଟମର ଆସୋସିଏଟ୍(ଜେସିଏ) ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି। ବିଶେଷକରି ଭାରତୀୟ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଲାଗି ଜିଓ ପକ୍ଷରୁ ଏଭଳି ଏକ ଅଭିନବ ପଦକ୍ଷେପ ହାତକୁ ନିଆଯାଇଛି। ଏପରିକି ମହିଳାମାନଙ୍କୁ ସଶକ୍ତ କରାଇବା ସହିତ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବା ପାଇଁ ଓଡ଼ିଶା ସମେତ ସାରା ଦେଶରେ ଅତ୍ୟନ୍ତ ଉତ୍ସାହର ସହ କମ୍ପାନୀ ଉକ୍ତ ନୂଆ କାର୍ଯ୍ୟକ୍ରମ ଚଳାଇଛି। ସେହିଭଳି ଘରେ ରହି କାର୍ଯ୍ୟ କରିବାର ସୁବିଧା ଏବଂ ଅର୍ଥ ଉପାର୍ଜନର ବଳିଷ୍ଠ ସୁଯୋଗ ବର୍ତ୍ତମାନ ସବୁ ବର୍ଗର ମହିଳାମାନଙ୍କୁ ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ୨୫୦୦ରୁ ଅଧିକ ମହିଳା ଜେସିଏ ଭାବେ ଓଡ଼ିଶାରେ କାର୍ଯ୍ୟ କରୁଛନ୍ତି। ବିଶେଷକରି ଛାତ୍ରୀ, ଆତ୍ମନିଯୁକ୍ତ ଯୁବତୀ, ଗୃହିଣୀ, କ୍ଷୁଦ୍ର ବ୍ୟବସାୟଙ୍କ ସମେତ ଭିନ୍ନ ଭିନ୍ନ ପୃଷ୍ଠଭୂମିର ମହିଳାମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଡ଼ିହୋଇ ଜିଓ ଗ୍ରାହକମାନଙ୍କୁ ସହାୟତା କରୁଛନ୍ତି। ସେହିପରି ନିରନ୍ତର ତାଲିମ, ଦକ୍ଷତା ବିକାଶ ଏବଂ ଡିଜିଟାଲ ଉପକରଣ ଜରିଆରେ ଜେସିଏମାନେ ଗ୍ରାହକମାନଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି। ଏପରିକି ଫୋନ୍ ରିଚାର୍ଜ କରିବା, ଅନ୍‌ଲାଇନ ଦେୟ ପ୍ରଦାନ ସହିତ ଗ୍ରାହକଙ୍କୁ ଅଭ୍ୟସ୍ତ କରାଇବା, ସମ୍ଭାବ୍ୟ ଗ୍ରାହକଙ୍କୁ କ୍ରୟ ନିଷ୍ପତ୍ତି ନେବା ଆଦିର ସହଯୋଗ କରିବା କ୍ଷେତ୍ରରେ ଜେସିଏମାନେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି।

## ଆଇଏଚ୍‌ଏମ୍ ଭୁବନେଶ୍ୱରର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୫।୩

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚ୍‌ଏମ୍)ର ୪୯ତମ ବାର୍ଷିକ ଉତ୍ସବ ନିକଟରେ ଅନୁଷ୍ଠାନର ଅଡିଟୋରିୟମ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ବରିଷ୍ଠ ପ୍ରଶାସକ (ଅବସରପ୍ରାପ୍ତ) ଧୀରେନ୍ଦ୍ର ନାଥ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାଜ୍ୟ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏପରିକି ବିଶ୍ୱ ଦକ୍ଷତା କେନ୍ଦ୍ର ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଳକା ଆରୋରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

ଉଲ୍ଲେଖଯୋଗ୍ୟ, ଆଇଏଚ୍‌ଏମ୍ ଭୁବନେଶ୍ୱର ଦେଶର ଅନ୍ୟତମ ଅଗ୍ରଣୀ ଆତିଥ୍ୟ ଶିକ୍ଷା ପ୍ରତିଷ୍ଠାନ ରୂପେ ୧୯୭୩ ସେପ୍ଟେମ୍ବରରେ 'ଫୁଡ୍ କ୍ରାଫ୍ଟ ଇନ୍‌ଷ୍ଟିଚ୍ୟୁଟ୍' ଭାବେ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ସମୟରେ ୩ଟି ଫୁଡ୍ କ୍ରାଫ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଆରମ୍ଭ ହୋଇଥିବା ସଂସ୍ଥାନଗୁଡ଼ିକ ସହ କ୍ରମଶଃ ଅନ୍ୟ ଉଦ୍ୟୋଗଗୁଡିକ ଯୁକ୍ତ ହୋଇ ଆତିଥ୍ୟ ତଥା ହୋଟେଲ ଉଦ୍ୟୋଗରେ ପରିଣତ ହୋଇଥିଲା। ଏପରିକି ୧୯୮୪ରେ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ୍ ପୁଷ୍ଟିକର' ଭାବେ ନାମିତ କରାଯାଇଥିଲା। ସେହିପରି ୧୯୮୪ ଜାନୁୟାରୀରୁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ପୂର୍ଣ୍ଣ ସ୍ୱୀକୃତିପ୍ରାପ୍ତ ସ୍ୱୟଂଶାସିତ ସଂସ୍ଥାନ ରୂପେ ଏହା ପରିଚିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଭୁବନେଶ୍ୱର ଏବଂ ଆଇଏଚ୍‌ଏମ୍ ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ବିଶେଷକରି ରାଜ୍ୟ ତଥା ଦେଶରେ ବିଶ୍ୱ ସ୍ତରର ଆତିଥ୍ୟ ସେବା ପାଇଁ ଉକ୍ତ ବୁଝାମଣା ସ୍ୱାକ୍ଷର ହୋଇଥିବା ଉଭୟ ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମର ଶେଷ ଭାଗରେ ଆଇଏଚ୍‌ଏମ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଭାରତର ପ୍ରଥମ ବକ୍ସାଇଟ ସିଆର୍‌ଏମ୍ ଲୋକାର୍ପିତ

ଭୁବନେଶ୍ୱର,୨୫।୩



ଭାବା ଆଟମିକ ରିସର୍ଚ୍ଚ ସେଣ୍ଟର (ବିଏଆର୍‌ସି) ଏବଂ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ)ର ମିଳିତ ସହଯୋଗରେ ଭାରତର ପ୍ରଥମ ବକ୍ସାଇଟ ସିଆର୍‌ଏମ୍ (ସାର୍ଟିଫାଏଡ୍ ରେଫରେନ୍ସ ମ୍ୟାଟେରିଆଲ) 'ବିଏଆର୍‌ସି ବି୧୨୦୧'ର ପ୍ରସ୍ତୁତ କରାଯାଇଛି। ଏପରିକି ଏହା ବିଶ୍ୱର ୫ମ ଏବଂ ଭାରତରେ ବିକଶିତ ପ୍ରଥମ ସିଆର୍‌ଏମ୍ ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଉଭୟ ସଂସ୍ଥା ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ନାଲ୍‌କୋର ଭୁବନେଶ୍ୱରସ୍ଥିତ ନାଲ୍‌କୋ ଅନୁସନ୍ଧାନ ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରଠାରେ ଭାରତର ପ୍ରଥମ ବକ୍ସାଇଟ ସିଆର୍‌ଏମ୍ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋର ପ୍ରକଳ୍ପ ଓ ବୈଷୟିକ ନିର୍ଦ୍ଦେଶକ ମନସା ପ୍ରସାଦ ମିଶ୍ର ଏବଂ ବିଏଆର୍‌ସି ଅନ୍ତର୍ଗତ ରାଷ୍ଟ୍ରୀୟ ପଦାର୍ଥ ସଂରଚନା ଅଭିଲକ୍ଷଣ କେନ୍ଦ୍ରର ମୁଖ୍ୟ ଡ. ଏ.ସି. ସହାୟମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ଅନୁଷ୍ଠାନର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ନାଲ୍‌କୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର କହିଥିଲେ, ଭାବା ପରମାଣୁ ଅନୁସନ୍ଧାନ କେନ୍ଦ୍ରର ମିଳିତ ସହଯୋଗରେ ଏଭଳି ଏକ ନୂତନ ଉତ୍ପାଦର ବିକାଶ କରାଯାଇପାରିଛି। ବିଶେଷକରି ଆମର ଗବେଷଣାରତ ଲାବ୍‌ଗୁଡ଼ିକ ପାଇଁ ଆବଶ୍ୟକ ହେଉଥିବା ଏଭଳି ଅଭିନବ ଉତ୍ପାଦଟି ପ୍ରସ୍ତୁତ କରାଯାଇପାରିଛି। ସେହିଭଳି ଉକ୍ତ ସଫଳତା ଗବେଷକମାନଙ୍କୁ ଆଗାମୀ ଦିନରେ ପ୍ରେରଣା ଯୋଗାଇବା ସହ ଆତ୍ମନିର୍ଭର ଭାରତର ସ୍ୱପ୍ନ ଓ ମେକ୍ ଇନ୍ ଇଣ୍ଡିଆକୁ ସଫଳ କରାଇବା ଦିଗରେ ବେଶ୍ ସହାୟକ ହେବ। ଉଲ୍ଲେଖଯୋଗ୍ୟ, ଏହି ନୂତନ ଉତ୍ପାଦଟିକୁ ବିଭିନ୍ନ ଉଦ୍ୟୋଗ,ରିସର୍ଚ୍ଚ ଲାବ୍ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ନିଜର ପ୍ରୟୋଗାତ୍ମକ ଓ ବିଶ୍ଳେଷଣାତ୍ମକ କାର୍ଯ୍ୟ, ଉପକରଣଗୁଡ଼ିକ୍‌ର କାର୍ଯ୍ୟଦକ୍ଷତା ସହ ବକ୍ସାଇଟ୍‌ର ନିୟମିତ ବିଶ୍ଳେଷଣଜନିତ ତଥ୍ୟର ମାନ ନିୟନ୍ତ୍ରଣ ନିମନ୍ତେ ବ୍ୟବହାର କରିପାରିବେ।

## ବେଦାନ୍ତର ଜଳ ସଚେତନତା ଅଭିଯାନ

ଭୁବନେଶ୍ୱର,୨୫।୩

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ାଠାରେ ଜଳ ସଂରକ୍ଷଣ ଓ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। କମ୍ପାନୀର କର୍ମଚାରୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ପେସାଦାର ବିଶେଷଜ୍ଞମାନଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣରେ ଝାରସୁଗୁଡ଼ାର ବଘିଆମାଳ ପୋଖରୀର ପୁନରୁଦ୍ଧାର ଓ ସଫେଇ କାର୍ଯ୍ୟ କମ୍ପାନୀ ପକ୍ଷରୁ କରାଯାଇଛି। ଅପରପକ୍ଷରେ କମ୍ପାନୀର କାର୍ଯ୍ୟକ୍ଷେତ୍ରରେ ଏକ ନୂଆ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି)ର ଶିଳାନ୍ୟାସ ହୋଇଯାଇଛି। ବିଶେଷକରି ଦୈନିକ ୪୪୦ କିଲୋ ଲିଟର (କେଏଲ୍‌ଡି) ପ୍ରକ୍ରିୟାକରଣର କ୍ଷମତା ରଖିଛି। ଫଳରେ ଉକ୍ତ ଏସ୍‌ଟିପି କାରଖାନାରେ ଶୁଦ୍ଧଜଳ ବ୍ୟବହାର ସହ ବର୍ଷ ପିଛା ପ୍ରାୟ ୧୫ କୋଟି ଲିଟର ହ୍ରାସ କରିବ। ଏପରିକି ପାରଦର୍ଶୀ ଜଳ ଉପଯୋଗିତା ପାଇଁ ଉନ୍ନତ ପ୍ରଯୁକ୍ତିକୁ ବ୍ୟବହାରକରି ନେଟ୍ ୱାଟର ପଜିଟିଭ୍ ହେବା ଦିଗରେ କମ୍ପାନୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ଗ୍ରହଣ କରିଛି। ସେହିଭଳି କମ୍ପାନୀ ନିଜସ୍ୱ ଉଦ୍ୟମରେ ଜଳ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ଲାଗି ଗୋଷ୍ଠୀ ସଦସ୍ୟମାନଙ୍କୁ ଉତ୍ସାହିତ କରାଉଛି। ଏପରିକି କମ୍ପାନୀ ପକ୍ଷରୁ ସ୍ଥାନୀୟ ଶିକ୍ଷାନୁଷ୍ଠାନ ଓ ମା ସମଲେଶ୍ୱରୀ ନଗରଠାରେ ଏକ ପଥପ୍ରାନ୍ତ ନାଟକର ଆୟୋଜନ କରାଯାଇଥିଲା। ପୁନଶ୍ଚ ଶୁଦ୍ଧଜଳର ଗୁରୁତ୍ୱ ଓ ଜୈବ ବିବିଧତାର ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି କମ୍ପାନୀ ପକ୍ଷରୁ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ଲାଗି ଝାରସୁଗୁଡ଼ାର ଆର୍ଦ୍ରଭୂମି ସିଂଘବାଗାରେ ବାର୍ଡ ୱାଚିଂ (ବିହଙ୍ଗ ଦର୍ଶନ) ଓ ପ୍ରକୃତି ଚିତ୍ର ଉତ୍ତୋଳନ (ନେଚର ଫଟୋଗ୍ରାଫି)ର ଅଧିବେଶନ ଆୟୋଜନ କରାଯାଇଥିଲା।

## ସମ୍‌ରେ ଖୋଲିବ ମଲ୍ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଟିବି ସେଣ୍ଟର

**ଉପଯୁକ୍ତ ଚିକିତ୍ସାକୁ ଗୁରୁତ୍ୱାରୋପ**

ଭୁବନେଶ୍ୱର,୨୫।୩



ଶିକ୍ଷା ଓ ଅନୁସନ୍ଧାନ(ସୋଆ) ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ ହସ୍ପିଟାଲର ପଲ୍‌ମୋନାରି ମେଡିସିନ ବିଭାଗ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ଠାଣେସ୍ଥିତ ଜୁପିଟର ହସ୍ପିଟାଲର ପଲ୍‌ମୋନାରି ମେଡିସିନ ବିଭାଗର ମୁଖ୍ୟ ତଥା ମୁମ୍ବାଇର ଜିଟିବି ହସ୍ପିଟାଲ ଡିଆର୍ ଟିବି ସେଣ୍ଟରର ନୋଡାଲ ଚେୟାରମ୍ୟାନ୍ ଡା. ଆଲ୍‌ପା ଦଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମାରୋଗର କାରଣ, ଚିକିତ୍ସା ଓ ନିରାକରଣ ଆଦି ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ଅପରପକ୍ଷରେ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର କହିଥିଲେ, ଯକ୍ଷ୍ମାରୋଗରେ ପୀଡ଼ିତ ଥିବା ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟରେ ଖୁବ୍‌ଶୀଘ୍ର ସମ୍ ହସ୍ପିଟାଲରେ ଏକ ଅତ୍ୟାଧୁନିକ ମଲ୍ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଟିବି ସେଣ୍ଟର ଖୋଲିବାକୁ ଯାଉଛି। ଅନ୍ୟମାନଙ୍କ ମଧ୍ୟରେ ସମ୍ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର କହିଥିଲେ, କୋଭିଡ୍ ସମୟରେ ହସ୍ପିଟାଲର କ୍ରିଟିକାଲ କେୟାର, ପଲ୍‌ମୋନାରି ମେଡିସିନ ଓ ଇମ୍ୟୁନୋଲୋଜି ବିଭାଗର ଡାକ୍ତର, ନର୍ସ ଓ ପାରାମେଡିକ୍ସମାନଙ୍କ କାର୍ଯ୍ୟ ଓ ଉଚ୍ଚକୋଟୀର ସ୍ୱାସ୍ଥ୍ୟସେବା ମନୋଭାବକୁ ସେ ଖୁବ୍ ପ୍ରଶଂସା କରିଥିଲେ। ସେହିପରି ସମ୍ ହସ୍ପିଟାଲର ପଲ୍‌ମୋନାରି ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ବନାନୀ ଜେନା କହିଥିଲେ, ବର୍ତ୍ତମାନ ସାରା ବିଶ୍ୱ ଯକ୍ଷ୍ମାରୋଗକୁ ନେଇ ଯଥେଷ୍ଟ ସଚେତନ ଅଛି। ଏପରିକି ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଏ ବୋଲି ସେ କହିଥିଲେ। ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ ଏବଂ ଚିକିତ୍ସା ଦ୍ୱାରା ଉକ୍ତ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ମିଳିପାରେ ବୋଲି ଜେନା ମତପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୧୭ ପରଠାରୁ କେନ୍ଦ୍ର ସରକାର ନ୍ୟାଶନାଲ ଟ୍ୟୁବରକ୍ୟୁଲୋସିସ୍ ଇରାଡିକେଶନ ପ୍ରୋଗ୍ରାମ୍ ଆରମ୍ଭ କରିଥିବା ବେଳେ ୨୦୨୫ ସୁଦ୍ଧା ଟିବିର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

## 'ରୁଚି ଫେଷ୍ଟିଭାଲ ବୋନାଞ୍ଜା ଅଫର-୨୦୨୩'

ଭୁବନେଶ୍ୱର,୨୫।୩




ରାଜ୍ୟର ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ରୁଚି ଫୁଡ୍‌ଲାଇନ ପକ୍ଷରୁ ଶନିବାର ସ୍ଥାନୀୟ ସ୍ୱସ୍ତି ପ୍ରିମିୟମଠାରେ 'ରୁଚି ଫେଷ୍ଟିଭାଲ ବୋନାଞ୍ଜା ଅଫର-୨୦୨୩' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ବାଦର ସମ୍ପାଦକ ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ସମାଜର ସମ୍ପାଦକ ନିରଞ୍ଜନ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ରୁଚି ମସଲା ପକ୍ଷରୁ ୨ଜଣ ଗ୍ରାହକ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବଜାରର ବିଜୟ ଦାସ ଓ ଯାଜପୁର ଜିଲା ବଡ଼ଚଣା ବ୍ଲକ ବାଉଁଶପୁଟ ଗ୍ରାମର ମନୋଜ ସାହୁଙ୍କୁ ଉକ୍ତ ଅଫରର ପ୍ରଥମ ବିଜେତା ଭାବେ ୨ଟି ମାରୁତି ବାଲେନୋ କାର୍ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏପରିକି ବିଶିଷ୍ଟ ଚଳଚ୍ଚିତ୍ର ତାରକା ସିଦ୍ଧାନ୍ତ ମହାପାତ୍ର ଉଭୟ ବିଜେତାଙ୍କୁ ଉପହାର ସ୍ୱରୂପ ଗାଡ଼ିର ଚାବି ପ୍ରଦାନ କରିଥିଲେ। ସେହିଭଳି ଉକ୍ତ ଅଫରର ୨ୟ ପୁରସ୍କାର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ବିକାଶ କୁମାର ଦାଶ ଓ ପୁରୀ ଜିଲା କାକଟପୁରର ଅଜୟ କୁମାର ସୁବୁଦ୍ଧିଙ୍କୁ ହୋଣ୍ଡା ଆକ୍ଟିଭା ଗାଡ଼ି ଏବଂ ୩ୟ ପୁରସ୍କାର କଟକ ଶିଖରପୁରର ଅଶୋକ କୁମାର ବିଶ୍ୱାଳ, ଖୋର୍ଦ୍ଧା ବିଡିଓ କଲୋନିର ମୀରାରାଣୀ ରାଉତରାୟ, ଭୁବନେଶ୍ୱରର ପ୍ରତାପ ଚନ୍ଦ୍ର ରାଉଳ, ଖୋର୍ଦ୍ଧା ଗଙ୍ଗାଧରପୁରର ଜ୍ଞାନରଞ୍ଜନ ବେହେରା ଓ ଭଦ୍ରକ ଜିଲା ଚରମ୍ପାର ନୌନିତି ଲଖାନିଙ୍କୁ ଏଲ୍‌ଇଡି ଟିଭି ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୋଟ ୨୯ ଜଣ ଗ୍ରାହକଙ୍କୁ ବିଭିନ୍ନ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା।

ଏ ସମ୍ପର୍କରେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ କହିଥିଲେ, ଓଡ଼ିଶାର ୧ ନମ୍ବର ମସଲା ବ୍ରାଣ୍ଡ୍ ଭାବେ ରୁଚି ଅଶେଷ ଲୋକପ୍ରିୟତା ଅର୍ଜନ କରିଛି। ଏପରିକି ରୁଚି ଉଦ୍ୟୋଗ ୪୭ବର୍ଷର ଯାତ୍ରା ମଧ୍ୟରେ କୋଟି କୋଟି ଗ୍ରାହକଙ୍କର ବିଶ୍ୱସନୀୟତାକୁ ପାଥେୟକରି ଅନେକ ସଫଳତା ପାଇଛି ବୋଲି ସାହୁ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଆସନ୍ତା ବର୍ଷ ସର୍ବଭାରତୀୟ ସ୍ତରରେ ଉକ୍ତ ଯୋଜନା ଜରିଆରେ ଗ୍ରାହକମାନଙ୍କୁ ଅନେକ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ମତପ୍ରକାଶ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ 'ରୁଚି'ର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ସଲିନା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରୁଚିର ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକ ବିଭିନ୍ନ ଗ୍ରାହକ ଅଭିମୁଖୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ରୁଚିର ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ମହାପ୍ରବନ୍ଧକ ସୁବ୍ରମଣ୍ୟମ୍ ପ୍ରସାଦ, ସେଲ୍‌ସ ହେଡ୍ ଦିଲୀପ ସାହୁ, ମାନବ ସମ୍ବଳ ବିଭାଗ ସହକାରୀ ମହାପ୍ରବନ୍ଧକ ଅମ୍ବରୀଶ ପଟ୍ଟନାୟକ, ଲୋକ ସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, ରାମଚନ୍ଦ୍ର ବେହେରା, ହେରାଲଡ୍‌ର ମୁଖ୍ୟ ସୂର୍ଯ୍ୟ ରଥ, ରୁଚିର ଉପପ୍ରବନ୍ଧକ ନ୍ୟାୟବ୍ରତ ରାଉତ, ସାଗର ରଞ୍ଜନ ବାରିକ୍ ଓ ସୋନାଲି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଫଁଡ଼ିଘରେ ବିତୁଛି ଶୈଶବ

- ଶିଆଳିଲତା ଦେଉଛି ରୋଜଗାର
- ଗଛଡାଳ ତମ୍ବୁରେ ଶ୍ରମିକଙ୍କ ପରିବାର
- ସରକାରୀ ଦର ବୃଦ୍ଧି କରିବାକୁ ଦାବି

ସମ୍ବଲପୁର,୨୫।୩(ବ୍ୟୁରୋ)

ରୋଜଗାର ପାଇଁ ପୂରା ପରିବାର ଅନ୍ୟତ୍ର କାମ କରିବାକୁ ଯାଉଛନ୍ତି। ଫଳରେ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଉଛି। ମଉଳିଯାଉଛି କୁନି ପିଲାଙ୍କ ଆଶା। ଫଁଡିଘରେ ବିତୁଛି ଶୈଶବ। ପାଠ ପଢାରେ ଲାଗୁଛି ଡୋରି। ଏଭଳି ଚିତ୍ର ଦେଖିବାକୁ ମିଳିଛି ସମ୍ବଲପୁର ସହରଠାରୁ ପ୍ରାୟ ୫୫କି.ମି. ଦୂର ଯୁଯୁମୁରା କେନ୍ଦୁପତ୍ର ବିଭାଗ ଅଧୀନରେ ଥିବା ଜରାଙ୍ଗ ଗ୍ରାମର ଫଁଡିଘରେ କାର୍ଯ୍ୟରତ ଶ୍ରମିକଙ୍କ କ୍ଷେତ୍ରରେ। ପ୍ରତିବର୍ଷ ପ୍ରାୟ ୩ମାସ ଶ୍ରମିକମାନେ ପରିବାର ସହ ଆସି ଶିଆଳିଲତା ସଂଗ୍ରହ କରିଥାନ୍ତି। ଏହି ସମୟରେ ସେମାନଙ୍କ ପିଲାମାନେ ମଧ୍ୟ ଏହି ଫଁଡିଘରେ ସମୟ ବିତାଇଥାନ୍ତି। ଯୁଯୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତ ବାବୁପାଲି ଜଙ୍ଗଲ ନିକଟରେ ବସବାସ କରୁଥିବା ଏହି ପରିବାର ସଦସ୍ୟଙ୍କୁ ଭେଟିବା ପରେ ସେମାନେ କହିଥିଲେ, ପ୍ରତିବର୍ଷ ସପରିବାର ପ୍ରାୟ ୪୦କି.ମି. ଦୂର ଏହି ଫଁଡିଘରକୁ କାମ କରିବାକୁ ଆସିଥାଉ। ଘରେ କେହି ରହୁ ନ ଥିବାରୁ ପିଲାମାନଙ୍କୁ ସାଙ୍ଗରେ ନେଇଆସୁ। ଫଁଡିଘର ନିକଟରେ ଗଛଡାଳ ପଡିଥିବା ତମ୍ବୁରେ ରହି ପ୍ରତିଦିନ ଶିଆଳିଲତା ସଂଗ୍ରହ କରିବାକୁ ଜଙ୍ଗଲକୁ ଯିବାକୁ ପଡେ। ପିଲାମାନଙ୍କୁ ମଧ୍ୟ ସାଙ୍ଗରେ ନେଇଥାଉ। ନଚେତ୍ ତମ୍ବୁରେ ଜଣେ ବୟସ୍କ ଲୋକ ସବୁ ପିଲାଙ୍କୁ ରଖିଥାନ୍ତି। ଖାଇବାପିଇବା ସାଙ୍ଗରେ ନେଇ ପ୍ରତ୍ୟୁଷରୁ ଜଙ୍ଗଲକୁ ବାହାରି ଯାଉ। ଦିନକୁ ପ୍ରାୟ ୩୦ରୁ ୪୦କି.ମି. ଜଙ୍ଗଲରେ ଚାଲିବାକୁ ପଡିଥାଏ। କେତେବେଳେ ଗଛକୁ ଚଢି ତ କେତେବେଳେ ପଥର ଉପରକୁ ଚଢି ଜୀବନକୁ ବାଜି ଲଗାଇ ଶିଆଳିଲତା ସଂଗ୍ରହ କରିବାକୁ ପଡେ। ସନ୍ଧ୍ୟା ହେଲେ ତମ୍ବୁକୁ ଆସି ଶିଆଳିଲତାକୁ ବନ ବିଭାଗ ନିର୍ଦ୍ଦେଶ ଅନୁସାରେ ଛୋଟ ଛୋଟ କରିଥାଉ। ପରେ ଏହାକୁ କେରି କରି ଖରାରେ ଶୁଖାଇଥାଉ। ବନ ବିଭାଗର ଯେତିକି ଆବଶ୍ୟକ ଥାଏ ସେତିକି ପରିମାଣ ସଂଗ୍ରହ କରିବା ପରେ ବନ୍ଦ କରି ଦେଇଥାଉ। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବେଶ୍ ଭଲ ରୋଜଗାର ହୋଇଥାଏ। କେରି ପିଛା ଆମକୁ ପ୍ରାୟ ୩୦ଟଙ୍କା ଦିଆଯାଏ। ଏହି ହିସାବରେ ଦେଖିଲେ ଗୋଟିଏ ପରିବାର ଅର୍ଥାତ୍ ଦମ୍ପତି ଦିନକରେ ୨ଶହରୁ ୨୫୦ଟଙ୍କା ରୋଜଗାର କରିଥାଉ। ପରିଶ୍ରମ ଅନୁସାରେ ପାଉଣା ମିଳୁନାହିଁ। କେରି ପିଛା ଥିବା ସରକାରୀ ଦର ବୃଦ୍ଧି କରାଗଲେ ଆମେ ଉପକୃତ ହୋଇପାରିବୁ। ଏଠାରେ ଅଢେଇରୁ ତିନିମାସ ସଂଗ୍ରହ କରିବା ପରେ ଘରକୁ ଫେରି ଶ୍ରମିକ ଭାବେ କାମ କରିଥାଉ। ପିଲାଙ୍କ ପାଠପଢା, ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ରହିଛି। ହେଲେ ରୋଜଗାର ନ କଲେ ପରିବାର ପ୍ରତିପୋଷଣ ହୋଇପାରିବ ନାହିଁ। ସମସ୍ତଙ୍କର ରାଶନକାର୍ଡ ଥିବାରୁ ଝାଙ୍କରପାଲି ପଞ୍ଚାୟତରୁ ସମସ୍ତ ସରକାରୀ ସୁବିଧା ମିଳୁଛି। ହେଲେ କାମରେ ଉଚିତ ପାରଶ୍ରମିକ ମିଳୁନାହିଁ ବୋଲି ସେମାନେ କହିଥିଲେ। ଏ ସମ୍ପର୍କରେ ରାଜ୍ୟ କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି କହିଛନ୍ତି, କେନ୍ଦୁପତ୍ର ବନ୍ଧାଳି, ତୋଳାଳିଙ୍କଠାରୁ ସିଜନାଲ ଶ୍ରମିକମାନଙ୍କ ପାଇଁ ସରକାର ବହୁତ ଯୋଜନା କରିଛନ୍ତି। ଯୋଜନାରେ ପୂରା ପରିବାର ଉପକୃତ ହେଉଛନ୍ତି। ରାଜ୍ୟରେ ପ୍ରାୟ ୧୮ ହଜାର ବନ୍ଧାଳି ଶ୍ରମିକ ଅଛନ୍ତି। ଉକ୍ତ ଶ୍ରମିକ ପଞ୍ଜୀକୃତ ହୋଇଥିଲେ ନିଶ୍ଚିତ ଭାବେ ସରକାରୀ ସୁବିଧା ପାଇପାରିବେ ବୋଲି ସେ କହିଥିଲେ। ଅନ୍ୟପଟେ ଯୁଯୁମୁରା କେନ୍ଦୁପତ୍ର ବିଭାଗ ରେଞ୍ଜ ଅଫିସର କିଶୋର ଚନ୍ଦ୍ର ସ୍ୱାଇଁ କହିଛନ୍ତି, ସେମାନଙ୍କୁ କେରି ଆକାରରେ ଠିକାରେ ଟଙ୍କା ଦିଆଯାଉଛି। ଫଁଡିଘରେ ରହିବା, ଖାଇବା ବ୍ୟବସ୍ଥା ସହ ପିଲା ଓ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଆଯାଉଛି। ମାତ୍ର ୨ରୁ ୩ ମାସ କାମ କରନ୍ତି। ତେଣୁ ପିଲାଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯାଇ ନାହିଁ। ସରକାରୀ ଦର ଅନୁସାରେ ସେମାନଙ୍କୁ ଟଙ୍କା ଦିଆଯାଉଛି। ଏବେ ଶିଆଳି ଲତା ସଂଗ୍ରହ କରିବାର ଉଚିତ ସମୟ। ନ ହେଲେ କେନ୍ଦୁପତ୍ର ସଂଗ୍ରହ ସମୟରେ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ସେ କହିଥିଲେ।


ଶିଆଳିଲତା କେରି କରୁଥିବା ଜଣେ ମହିଳା।

# ଧରଣୀଧର ସଭାପତି, ଚିତ୍ତରଞ୍ଜନ ସମ୍ପାଦକ

## ହାଇକୋର୍ଟ ବାର୍ ଆସୋସିଏଶନ ନିର୍ବାଚନ

କଟକ ଅଫିସ,୨୫।୩


ଧରଣୀଧର ନାୟକ


ଚିତ୍ତରଞ୍ଜନ ସ୍ୱାଇଁ

ହାଇକୋର୍ଟ ବାର୍ ଆସୋସିଏଶନ୍‌ର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନ୍ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଓ ସମ୍ପାଦକ ଭାବେ ଚିତ୍ତରଞ୍ଜନ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ବିଦ୍ୟାଧର ପ୍ରଧାନ, ଯୁଗ୍ମ ସମ୍ପାଦକ ଦେବାଶିଷ ନନ୍ଦ, ସହକାରୀ ସମ୍ପାଦକ ଦେବାଶିଷ ସ୍ୱାଇଁ ଏବଂ ପାଠାଗାର ସମ୍ପାଦକ ଭାବେ ଜାନକୀକାନ୍ତ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନ ନିର୍ବାଚନ ନିମନ୍ତେ ଶନିବାର ସକାଳ ୮ଟାରୁ ଅପରାହ୍ନ ୩ଟା ଯାଏ ଭୋଟ ଗ୍ରହଣ କରାଯାଇଥିଲା। ଏଥିପାଇଁ ହାଇକୋର୍ଟ ବାର୍ ଆସୋସିଏଶନ ହଲ୍‌ରେ ୩୭ଟି ବୁଥ୍ କରାଯାଇଥିଲା। ମୋଟ ୪,୨୯୭ ଜଣ ଭୋଟରଙ୍କ ମଧ୍ୟରୁ ୩୦୫୫ ଜଣ ମତଦାନ କରିଥିଲେ। ଭୋଟ ଗ୍ରହଣ ଶେଷ ହେବାର ପ୍ରାୟ ୧ ଘଣ୍ଟା ପରେ ଗଣତି ଆରମ୍ଭ ହୋଇଥିଲା। ରବିବାର କାର୍ଯ୍ୟକାରୀ କମିଟି ସଦସ୍ୟ ପଦଗୁଡିକ ପାଇଁ ଭୋଟ ଗଣତି କରାଯିବାକୁ ଧାର୍ଯ୍ୟ ହୋଇଛି। ପ୍ରଥମଥର ପାଇଁ ବୟସାଧିକ୍ୟ କାରଣରୁ ଭୋଟ ଦେବାକୁ ଆସିପାରୁ ନ ଥିବା ୯୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ନିଜ ଘରେ ଭୋଟ ଦେବା ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ୱାନ୍ ବାର୍ ୱାନ୍ ଭୋଟ ନିୟମ ଅନୁଯାୟୀ ରାଜ୍ୟର ୧୫୩ଟି ବାର୍ ଆସୋସିଏଶନରେ ଶନିବାର ଭୋଟ ଗ୍ରହଣ କରାଯାଇଥିଲା। ସେହିପରି ରାଜ୍ୟର ସମସ୍ତ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ମଧ୍ୟ ହୋଇଛି।

# ପରଲୋକରେ ଯାତ୍ରା ଜଗତର ଜେଜେ

ଧାମନଗର, ୨୫।୩(ସ୍ୱ.ପ୍ର.)


ନିତ୍ୟାନନ୍ଦ ପାଢ଼ୀ

ଯାତ୍ରା ଜଗତରେ ଜେଜେ ଭୂମିକାରେ ଅଭିନୟ କରି ସାରା ଓଡ଼ିଶାରେ ପରିଚିତ ବରିଷ୍ଠ କଳାକାର ନିତ୍ୟାନନ୍ଦ ପାଢ଼ୀ (୮୨)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ଗତ କିଛିଦିନ ଧରି ସେ ହୃଦ୍‌ଘାତଜନିତ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ରାଜ୍ୟର କଳାକାର ମହଲରେ ଶୋକର ଛାୟା ଖେଳିଯାଇଛି।

ଧାମନଗର ବ୍ଲକର ଆନନ୍ଦବଜାର ନିକଟସ୍ଥ ଶାସନରେ ଜନ୍ମିତ ନିତ୍ୟାନନ୍ଦ ଉଚ୍ଚଶିକ୍ଷା ଗ୍ରହଣ କରିବା ପରେ ବାଣତିଆ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଚାକିରି ଛାଡ଼ି ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ନୀଳଚକ୍ର ଅପେରାରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ସୁଦାମବତି ଅପେରା ଉତ୍ତରକୂଳ, ପାର୍ବତୀ, ବାଘାଯତୀନ, ଧଉଳି ଗଣନାଟ୍ୟ ଆଦି ବିଭିନ୍ନ ଅପେରା ପାର୍ଟିରେ ଯୋଗ ଦେଇଥିଲେ। ପାର୍ବତୀ ଗଣନାଟ୍ୟର ଚର୍ଚ୍ଚିତ ନାଟକ 'ଜେଜେ ତୁମେ ମିଛ କହିଲ'ରେ ଜେଜେ ସତ୍ୟବାଦୀ ମିଶ୍ର ଭୂମିକାରେ ଅଭିନୟ କରି ଶ୍ରେଷ୍ଠ ଅଭିନେତା ଭାବେ ଯାତ୍ରା ଜଗତରେ ପରିଚୟ ଲାଭ କରିଥିଲେ। ଏହାବ୍ୟତୀତ ପ୍ରଭାସ ଯଜ୍ଞରେ କୃଷ୍ଣ, 'ଦେଢ଼ ଦିନର ସ୍ୱାମୀ'ରେ ମହେନ୍ଦ୍ର ପ୍ରତାପ ଚରିତ୍ରରେ ବଳିଷ୍ଠ ଅଭିନୟ କରି ଲୋକପ୍ରିୟତା ହାସଲ କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସ୍ମୃତି ସଂସଦର ସଭାପତି ବାଇଧର ବିଶ୍ୱାଳ, ସମ୍ପାଦକ ବାଦଲ ସିକଦାର, ବରିଷ୍ଠ ଯାତ୍ରା କଳାକାର ଦୈତାରୀ ପଣ୍ଡା, ସ୍ୱାଗତିକା ପଣ୍ଡା, ସରପଞ୍ଚ ପଦ୍ମାବତୀ ପୃଷ୍ଟି, ସମିତିସଭ୍ୟ ବଟକୃଷ୍ଣ ଜେନା, ବରିଷ୍ଠ କଳାକାର ଯୋଗେନ୍ଦ୍ର ପରିଡ଼ାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ କଳାତୀର୍ଥ ଆନନ୍ଦ ବଜାର ଅଞ୍ଚଳ ପରିକ୍ରମା କରାଯାଇ ଜନ୍ମମାଟି ପୋଡପୋଡ଼ାଠାରେ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ଜିତେନ୍ଦ୍ର ମୁଖାଗ୍ନି ଦେଇଥିଲେ।

# ରାହୁଲ କ୍ଷମା ନ ମାଗିଲେ ସାରା ରାଜ୍ୟରେ ଆନ୍ଦୋଳନ: ଭାଜପା

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ଦେଶର ସମ୍ବିଧାନ ଓ ଆଇନର ଉର୍ଦ୍ଧ୍ୱରେ କେହି ନୁହନ୍ତି। କିନ୍ତୁ ଗାନ୍ଧୀ ପରିବାର ନିଜକୁ ଦେଶର ଆଇନର ଉର୍ଦ୍ଧ୍ୱରେ ବୋଲି ମନେକରିବା ଦୁର୍ଭାଗ୍ୟଜନକ। ଏକ ଜାତୀୟ ରାଜନୈତିକ ଦଳ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପଛୁଆ ବର୍ଗଙ୍କୁ ଅପମାନିତ କଲା ଭଳି ଟିପ୍ପଣୀ ଅକ୍ଷମଣୀୟ। ତୁରନ୍ତ ସେ କ୍ଷମାପ୍ରାର୍ଥନା କରିବା ଉଚିତ ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ନିର୍ଦ୍ଦିଷ୍ଟ ଭାବେ ପଛୁଆ ବର୍ଗ ପ୍ରତି ଅଶାଳୀନ ମନ୍ତବ୍ୟ ରାହୁଲଙ୍କ ଦାୟିତ୍ୱହୀନତାକୁ ପ୍ରମାଣିତ କରିଛି, ଯାହା ଦେଶ ପାଇଁ ଏକ ଚିନ୍ତାର କାରଣ ପାଲଟିଛି। ଏହି କାରଣରୁ କୋର୍ଟ ତାଙ୍କୁ ଦୋଷୀ ଭାବେ ଦଣ୍ଡ ପ୍ରଦାନ ମଧ୍ୟ କରିଛନ୍ତି। ଏହା ସତ୍ତ୍ୱେ ମଧ୍ୟ ଗାନ୍ଧୀ ନିଜ ଭୁଲକୁ ସ୍ୱୀକାର କରି ଦେଶବାସୀଙ୍କୁ ନିଃସର୍ତ୍ତ କ୍ଷମା ମାଗିବା ପରିବର୍ତ୍ତେ ନିଜ ସାମନ୍ତବାଦୀ ମାନସିକତାକୁ ପ୍ରତିଫଳିତ କରୁଛନ୍ତି ବୋଲି ସେ କହିଛନ୍ତି।

ଅତୀତରେ ଜନଜାତି ଓ ଦଳିତ ବର୍ଗଙ୍କୁ ଉପେକ୍ଷିତ କରି ସେମାନଙ୍କୁ ବିକାଶ ଧାରାରୁ ବଞ୍ଚିତ ରଖି ଆସିଥିବା କଂଗ୍ରେସ ଦଳ ଆଜି ପଛୁଆ ବର୍ଗ ବିରୋଧୀ ବୋଲି ପ୍ରମାଣିତ ହୋଇଛି। ରାହୁଲ ଗାନ୍ଧୀ କେବଳ ଭାରତୀୟ ଜନତା ପାର୍ଟିକୁ ନୁହେଁ ବରଂ ବିଦେଶ ମାଟିରେ ମଧ୍ୟ ଦେଶକୁ ଅପମାନିତ କରିବାକୁ ପଛାଉନାହାନ୍ତି। ବର୍ତ୍ତମାନ ବିରୋଧୀ ଦଳର ମାନ୍ୟତା ହରାଇଥିବା କଂଗ୍ରେସ ଦଳର ଅନ୍ୟ ନେତୃବୃନ୍ଦମାନେ ଗାନ୍ଧୀଙ୍କ ବକ୍ତବ୍ୟକୁ ସମ୍ମାନ ଜଣାଇବା ସହିତ ସମର୍ଥନ କରିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ସୁରଥ କହିଛନ୍ତି।

ରାହୁଲ ଗାନ୍ଧୀଙ୍କ ସମାଲୋଚନା କରିବାର ଅଧିକାର ରହିଛି। କିନ୍ତୁ ସମାଲୋଚନା ଆଳରେ ପଦ ମର୍ଯ୍ୟାଦାର ସମ୍ମାନକୁ ହତ୍ୟା କରି ଖରାପ ଆଚରଣ ଓ ଉଚ୍ଚାରଣ ପ୍ରଦର୍ଶନ କରିବା ରାହୁଲଙ୍କ ଭଳି ଜଣେ ରାଷ୍ଟ୍ରୀୟ ନେତାଙ୍କଠାରୁ ଆଶା କରାଯାଏ ନାହିଁ। କର୍ଣ୍ଣାଟକ ନିର୍ବାଚନ ସାମ୍ନା କରିବା ପୂର୍ବରୁ କଂଗ୍ରେସ ଦଳ ରାହୁଲଙ୍କୁ ମୋହରା କରି ନିର୍ବାଚନ ବୈତରଣୀ ପାରିହେବା ପାଇଁ ଅପଚେଷ୍ଟା କରୁନାହିଁ ତ ବୋଲି ସୁରଥ ପ୍ରଶ୍ନ କରିଛନ୍ତି।

କୋର୍ଟ ନିଷ୍ପତ୍ତିକୁ ରାଜନୈତିକ ରଙ୍ଗ ଦେଇ ଭାଜପା ଉପରେ ଦୋଷ ଲଦିବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ଓବିସି ବିରୋଧୀ ବକ୍ତବ୍ୟ ପାଇଁ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ କ୍ଷମା ନ ମାଗିଲେ ଭାଜପା ତରଫରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ସୁରଥ କହିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ।

# ପ୍ରତିଯୋଗିତାରେ ଗୁରୁତର ପରୀକ୍ଷାର୍ଥୀଙ୍କ ମୃତ୍ୟୁ

## ପୋଲିସ କନଷ୍ଟେବଲ ନିଯୁକ୍ତି

ରାୟଗଡ଼ା(ସ୍ୱ.ପ୍ର.)/ମୁନିଗୁଡା/ଅମ୍ବାଦଳା(ଡି.ଏନ୍.ଏ.),୨୫।୩


ହରିଶ୍ଚନ୍ଦ୍ର କୁଶୁଲିଆ

ପୋଲିସ କନଷ୍ଟେବଲ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ଦେବାକୁ ଆସି ଗୁରୁତର ହୋଇଥିବା ଜଣେ ପରୀକ୍ଷାର୍ଥୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ମୁନିଗୁଡା ବ୍ଲକ ଜଗଦଲପୁର ଗ୍ରାମର ହରିଶ୍ଚନ୍ଦ୍ର କୁଶୁଲିଆ (୨୬)। କନଷ୍ଟେବଲ ନିଯୁକ୍ତି ନିମନ୍ତେ ରାୟଗଡ଼ା ବ୍ଲକ ଚାନ୍ଦିଲି ଥାନା ଅନ୍ତର୍ଗତ ପୋଲିସ ରିଜର୍ଭ ପଡିଆଠାରେ ଶୁକ୍ରବାର ଚାଲିଥିବା ଶାରୀରିକ ପରୀକ୍ଷାରେ ହରିଶ୍ଚନ୍ଦ୍ର ଭାଗ ନେଇଥିଲେ। ଦୌଡ଼, ହାଇଜମ୍ପ ଆଦି ପ୍ରତିଯୋଗିତାରେ ସେ ଭାଗ ନେବା ପରେ ହଠାତ୍ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ହରିଶ୍ଚନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ରବିବାର ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ଅନ୍ୟ ଜାତିରେ ଝିଅ ବିବାହ: ବାପାଙ୍କ ମୃତଦେହକୁ କାନ୍ଧ ଦେଲେନି ଜାତିଭାଇ

## ସ୍ୱେଚ୍ଛାସେବୀ କଲେ ସତ୍କାର

ଜଗନ୍ନାଥପ୍ରସାଦ,୨୫।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଅଞ୍ଚଳର ଜିରାବାଡ଼ି ଗ୍ରାମରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଝିଅର ଅନ୍ୟ ଜାତିରେ ବିବାହ ହେଲା ବୋଲି ଶନିବାର ବାପାଙ୍କ ମୃତଦେହକୁ କାନ୍ଧ ଦେଲେନି ଜାତିଭାଇ। ମୃତକ ହେଲେ ଜିରାବାଡ଼ି ଗ୍ରାମର ସୂର୍ଯ୍ୟ ମୁଳି(୬୪)।

ସୂର୍ଯ୍ୟଙ୍କ ନିଜ ଗ୍ରାମ ଗେରେଡ଼ା ହୋଇଥିବା ବେଳେ ସେ ଜିରାବାଡ଼ି ଗ୍ରାମରେ ରହୁଥିଲେ। ୭ ବର୍ଷ ପୂର୍ବେ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧୀନ ଜଙ୍ଗଲରେ ଶୁଖିଲା କାଠ ସଂଗ୍ରହ କରୁଥିବା ସମୟରେ ହାତୀ ଆକ୍ରମଣରେ ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିଲା। ସୂର୍ଯ୍ୟ ଝିଅ ସହ ଏକୁଟିଆ ରହୁଥିଲେ। କିନ୍ତୁ ଝିଅଟି ଅନ୍ୟ ଜାତିରେ ପ୍ରେମବିବାହ କରି ଚାଲିଯାଇଥିବାରୁ ବନ୍ଧୁପରିଜନ ସୂର୍ଯ୍ୟଙ୍କଠାରୁ ଦୂରେଇ ଯାଇଥିଲେ। ବୁଧବାର ସୂର୍ଯ୍ୟଙ୍କର ଦେହ ଅସୁସ୍ଥ ଥିବାରୁ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଦୀର୍ଘସମୟ ଧରି ମେଡିକାଲରେ ପଡ଼ିରହିଥିଲା ବେଳେ ବନ୍ଧୁ ପରିଜନଙ୍କ ଦେଖା ମିଳି ନ ଥିଲା। ପରେ ସ୍ଥାନୀୟ ଗୋପବନ୍ଧୁ ଚାରିଟେବଲ ଟ୍ରଷ୍ଟର ସ୍ୱେଚ୍ଛାସେବୀ ସଞ୍ଜୟ ପ୍ରଧାନ ଓ ସ୍ଥାନୀୟ ସରପଞ୍ଚ ସରୋଜ କୁମାର ନାୟକଙ୍କ ସହ ଟ୍ରଷ୍ଟର ଅନ୍ୟ ସଦସ୍ୟମାନେ ପହଞ୍ଚି ମୃତଦେହକୁ ମେଡିକାଲରୁ ଏକ ଅଟୋରିକ୍ସା ଯୋଗେ ଜିରାବାଡ଼ି ଶ୍ମଶାନକୁ ନେଇ ସତ୍କାର କରାଇଥିଲେ।

# କରୋନା ଚିନ୍ତା, ବସିବ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୨୫।୩(ବ୍ୟୁରୋ)

କରୋନା ସଂକ୍ରମଣ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଶେଷ ୨୪ ଘଣ୍ଟାରେ ଦେଶରେ ୧,୫୯୦ ମାମଲା ସାମ୍ନାକୁ ଆସିଥିବାବେଳେ ଗତ ୧୪୬ ଦିନ ଭିତରେ ଏହା ସର୍ବାଧିକ। କରୋନାକୁ ନେଇ ପୁଣି ଚିନ୍ତା ବଢ଼ିଥିବାରୁ ଏନେଇ ନୂଆ ଗାଇଡ୍‌ଲାଇନ ଆସିବା ସମ୍ଭାବନା ରହିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ କରିଛି। ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ନ ୪ଟାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିବ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ଉପସ୍ଥିତ ରହି ବିଭିନ୍ନ ରାଜ୍ୟରେ କରୋନାର ସ୍ଥିତି ଓ ମୁକାବିଲା ପ୍ଲାନ୍‌କୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ ବୋଲି ଜଣାପଡିଛି। ଏପଟେ ଓଡ଼ିଶାରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ସର୍ଭେଲାନ୍ସ, ଟ୍ରାକିଂ ଓ ଟେଷ୍ଟିଂକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। କରୋନା ମୁକାବିଲା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ପ୍ରସ୍ତୁତ ରହିଛି। ଲୋକମାନେ ଭୟଭୀତ ନ ହୋଇ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

# ହଷ୍ଟେଲ୍‌ରେ ପଶି ଛାତ୍ରୀଙ୍କୁ ଅସଦାଚରଣ

## ବିଦ୍ୟାଳୟ ପରିସରରେ ଉତ୍ତେଜନା

ପାଟଣା,୨୫।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଅଧୀନରେ ଥିବା ଏକ ବିଦ୍ୟାଳୟ ହଷ୍ଟେଲରେ ଜଣେ ଯୁବକ ପଶି ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣଙ୍କ ରୋଷେୟାଙ୍କ ପୁଅ ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ଶନିବାର ବିଦ୍ୟାଳୟ ପରିସରରେ ଉତ୍ତେଜନା ଲାଗି ରହିଥିଲା। ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ବିଦ୍ୟାଳୟ ପରିସରରେ ଚାଲିଥିବା ୪୦ ଶଯ୍ୟା ବିଶିଷ୍ଟ ହଷ୍ଟେଲରେ ଶୁକ୍ରବାର ରାତିରେ ଜଣେ ଯୁବକ ପଶି ୫ମ ଶ୍ରେଣୀ ଛାତ୍ରୀଙ୍କୁ ଟଣାଓଟରା କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ସ୍କୁଲ ଗେଟ୍‌ରେ ତାଲା ପକାଇଥିଲେ। ଶନିବାର ସକାଳୁ ଛାତ୍ରୀଛାତ୍ରଙ୍କ ବାର୍ଷିକ ପରୀକ୍ଷା ଥିବାରୁ ଗେଟ୍ ଖୋଲିଥିଲେ। ମାତ୍ର ଶତାଧିକ ଲୋକ ଏହାର ପ୍ରତିବାଦ କରି ଅଭିଯୁକ୍ତଙ୍କ ନାମରେ ଏତଲା ଦେବା ସହ ରୋଷେଇ ଦାୟିତ୍ୱରେ ଥିବା ଯୁବକଙ୍କ ମା'ଙ୍କୁ ବହିଷ୍କାର ଦାବି କରିଥିଲେ। ଏଥିସହ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଏନେଇ ବଡ଼ପାଟଣା ସରପଞ୍ଚ ବିନତି ବାନରାଙ୍କ ଆବାହକତ୍ୱରେ ଏକ ବୈଠକ ବସିଥିଲା। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସେଠୀ, ପୂର୍ବତନ ସରପଞ୍ଚ ସୋମବାରୀ ମୁଣ୍ଡା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଶୋବନ୍ତ ମହାନ୍ତ, ଚନ୍ଦ୍ରଶେଖର ନାଏକଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ। ଦିନତମାମ ବୈଠକ ଚାଲିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ରାତିରେ ହଷ୍ଟେଲ ଦାୟିତ୍ୱ ଜଣେ ମହିଳା ରୋଷେୟାଙ୍କୁ ଦିଆଯାଇଥିବାରୁ ଏଭଳି ବିଭ୍ରାଟ ହୋଇଛି ବୋଲି ଅଭିଭାବକମାନେ ଅଭିଯୋଗ କରିଥିଲେ। ଏନେଇ ଏବିଇଓ ସଚ୍ଚିଦାନନ୍ଦ ସେଠୀ କହିଛନ୍ତି, ସୋମବାର ସ୍କୁଲ ପରିଚାଳନା କମିଟି ବୈଠକ ଡକାଯାଇଛି। ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ବ୍ଲକ ମଙ୍ଗଳ ଅଧିକାରୀ ଶୁଭେନ୍ଦୁ ବଳଙ୍କୁ ପଚାରିବାରୁ, ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ। ଅସ୍ଥାୟୀ ରୋଷେୟା ଓ ହେଲ୍‌ପରଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇ ନୂତନ ନିଯୁକ୍ତି କରାଯିବ। ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଏତଲା ଦେବାକୁ ପ୍ରଧାନ ଶିକ୍ଷକଙ୍କୁ କୁହାଯିବ ବୋଲି କହିଥିଲେ। ମିଳିଥିବା ସୂଚନା ଅନୁସାରେ, ଏଭଳି ଘଟଣା ପରେ କେତେଜଣ ଅଭିଭାବକ ସେମାନଙ୍କ ପିଲାଙ୍କୁ ଘରକୁ ନେଇଯାଇଛନ୍ତି।

# ଜିରାଳରୁ ଆରମ୍ଭ ହେଲା ଲଉଡ଼ି ଲୋକନୃତ୍ୟର ପ୍ରୋତ୍ସାହନ

## ଅଣ୍ଟା ଭିଡ଼ିଲା ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ

ଭୁବନେଶ୍ୱର,(ବ୍ୟୁରୋ)/ଭୁବନ,୨୫।୩ (ଡି.ଏନ୍.ଏ.)



ଲଉଡି ଲୋକନୃତ୍ୟ ଓ ରାମତାଳିକୁ ପ୍ରୋତ୍ସାହିତ କରିବାକୁ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ନିକଟରେ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଲଉଡିର ପ୍ରଚାର ପ୍ରସାର ସହ ଏହାକୁ ସମସ୍ତଙ୍କ ମଧ୍ୟରେ ଆଦୃତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାର ପ୍ରାଥମିକ ପଦକ୍ଷେପ ସ୍ୱରୂପ ଶୁକ୍ରବାର ଓଡିଶା ସଙ୍ଗୀତ ନାଟକ ଏକାଡ଼େମୀ ଆନୁକୂଲ୍ୟରେ ଢେଙ୍କାନାଳ ଜିଲାର କାମାକ୍ଷାନଗର ଉପଖଣ୍ଡ ଭୁବନ ବ୍ଲକର ଜିରାଳ ଗୋଠପଡ଼ିଆରେ ଏକ ଲଉଡି ଶୋଭାଯାତ୍ରା ଓ ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶକ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଏକାଡେମୀ ଉପସଭାପତି ମନ୍ମଥ କୁମାର ଶତପଥୀ ଉପସ୍ଥିତ ଥିବାବେଳେ ଅବନୀ ମିଶ୍ର, ଅଶୋକ କୁମାର ସାମଲ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ଢେଙ୍କାନାଳ, କଟକ, ଖୋର୍ଦ୍ଧା ଅଞ୍ଚଳର ୧୨ଟି ଲଉଡିଦଳ ସହ ବହୁ ଲଉଡି କଳାକାର, ସଂସ୍କୃତିପ୍ରେମୀ, ଗୋପାଳ ପରିବାର, ପଞ୍ଚାୟତ ପ୍ରତିନିଧି, ଜନସାଧାରଣ ଯୋଗଦେଇ ମଧ୍ୟରାତି ପର୍ଯ୍ୟନ୍ତ ଲଉଡି ଖେଳକୁ ଉପଭୋଗ କରିଥିଲେ। ଗୋପାଳମାନେ ଦୋଳବିମାନରେ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ନେଇ ବାହୁଙ୍ଗିରେ କଳସ ନେଇ ଅପୂର୍ବ ନୃତ୍ୟର ଶୋଭାଯାତ୍ରା ଜିରାଳରେ ଅଦିନିଆ ଦୋଳଯାତ୍ରାର ଭ୍ରମ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ବିଡିଓ ବିକାଶ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିରାଳ ସରପଞ୍ଚ ଉଦୟ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଦାସ କହିଛନ୍ତି, ଲଉଡି ଆମର ମୌଳିକ ଲୋକକଳା ହୋଇଥିବାରୁ ସମସ୍ତେ ଏହି ଲୋକନୃତ୍ୟ ଶିକ୍ଷା କରି ତାହାକୁ ବିକାଶ କରିବାକୁ ଆଜିଠାରୁ ଉଦ୍ୟମ କରିବା ଆବଶ୍ୟକ। ଆଗାମୀ ଦିନରେ ରାଜ୍ୟ, ଜିଲା, ଉପଖଣ୍ଡ, ବ୍ଲକ ଓ ପଞ୍ଚାୟତ ସ୍ତରରେ ଏହି ଲୋକକଳା ମହୋତ୍ସବ ଆୟୋଜନ କରାଗଲେ ପ୍ରଚଳିତ ବିଧିବ୍ୟବସ୍ଥା ଆଧାରରେ ସରକାର ସମସ୍ତ ସହଯୋଗ କରିବେ ବୋଲି ସେ କହିଥିଲେ।

## ପଞ୍ଜାବରେ ଝଡ଼: ୩୦ ଘର ନଷ୍ଟ

ପଞ୍ଜାବର ବାକେନୱାଲା ଗ୍ରାମରେ ଝଡ଼ ହେବା ଯୋଗୁ ୧୨ ଜଣ ଆହତ ହୋଇଥିବାବେଳେ ପାଖାପାଖି ୩୦ ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ଝଡ଼ ପ୍ରଭାବରେ ଅନେକ ଫସଲ ନଷ୍ଟ ହୋଇଥିବା ମଧ ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନ ୪ଟାବେଳେ ହଠାତ୍ ଝଡ଼ ଆସିବା ଯୋଗୁ ୨ରୁ ୨.୫ କି.ମି ଅଞ୍ଚଳ କ୍ଷତିଗ୍ରସ୍ତ ହୋଇପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଯେଉଁମାନଙ୍କ ଘର ଝଡ଼ ଯୋଗୁ ଭାଙ୍ଗି ଯାଇଛି ସେମାନଙ୍କୁ ସ୍ଥାନାନ୍ତର କରାଯାଇଥିବା ପଞ୍ଜାବ ଡି.ସି. ସେନୁ ଦୁଗ୍ଗଲ କହିଛନ୍ତି।

## ସଂକ୍ଷେପରେ

### ମୋଦିଙ୍କ ରୋଡ୍ ଶୋ' ବେଳେ ସୁରକ୍ଷାରେ ତ୍ରୁଟି

ବେଙ୍ଗାଲୁରୁ, ୨୫।୩: ଆଗାମୀ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପାଇଁ ଡାଭାନଗରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ' ଚାଲିଥିବା ବେଳେ ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହୋଇଛି। ଜଣେ ବ୍ୟକ୍ତି ବ୍ୟାରିକେଡ୍ ଡେଇଁ ମୋଦିଙ୍କ କାର୍ ଆଡକୁ ଧାଇଁଯାଇଥିଲେ। ସୁରକ୍ଷାକର୍ମୀ ତାଙ୍କୁ କାବୁ କରି ନେଇଥିଲେ। ପୋଲିସ ତାଙ୍କୁ ଜେରା କରୁଛି। କର୍ଣ୍ଣାଟକରେ ମୋଦିଙ୍କ ସୁରକ୍ଷାରେ ତ୍ରୁଟି ନେଇ ଏହା ଦ୍ୱିତୀୟ ଘଟଣା। ପୂର୍ବରୁ ହୁବଲିରେ ଜଣେ ବ୍ୟକ୍ତି ବ୍ୟାରିକେଡ୍ ହଟାଇ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଯିବାକୁ ଚେଷ୍ଟା କରିଥିଲେ।

### ଯୁଦ୍ଧରେ ସାମିଲ ହେବେ ୪ ଲକ୍ଷ ରୁଷୀୟ ସୈନ୍ୟ

ମସ୍କୋ, ୨୫।୩: ରୁଷିଆ- ୟୁକ୍ରେନ୍ ଯୁଦ୍ଧରେ ୪ ଲକ୍ଷ ରୁଷୀୟ ସୈନ୍ୟ ଯୋଗ ଦେବାକୁ ଯାଉଛନ୍ତି। ଗତବର୍ଷ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦେଶର ସୈନ୍ୟ ବଳକୁ ୧.୫ ନିୟୁତକୁ ବୃଦ୍ଧି କରିବା ନେଇ ନିଷ୍ପତ୍ତି ନେଇଥିଲେ। ଯୁଦ୍ଧକୁ ଗୋଟିଏ ବର୍ଷରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିବାବେଳେ ଦୁଇ ଦେଶ ମଧ୍ୟରେ କଡ଼ା ମୁକାବିଲା ଜାରି ରହିଛି। ୟୁକ୍ରେନ୍‌କୁ ଅଧିକାର କରିବା ପାଇଁ ରୁଷିଆର ଆଶା ବର୍ତ୍ତମାନ ସୁଦ୍ଧା ପୂରଣ ହୋଇ ନ ଥିବାବେଳେ ସେ ନିଜର ସୈନ୍ୟ ବଳକୁ ବଢ଼ାଇବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେବେ ଏ ନେଇ ରୁଷିଆ କୌଣସି ମନ୍ତବ୍ୟ ଦେଇ ନାହିଁ।

### ଆମେରିକା ରାଷ୍ଟ୍ରଦୂତ ଏରିକ୍ ଶପଥ ନେଲେ



ୱାଶିଂଟନ, ୨୫।୩ : ଲସ୍ ଏଞ୍ଜେଲସ୍‌ର ପୂର୍ବତନ ମେୟର ଏରିକ୍ ଗାର୍‌ସେଟ୍ଟୀ ଭାରତ ପାଇଁ ଆମେରିକା ରାଷ୍ଟ୍ରଦୂତ ଭାବେ ଶପଥ ଗ୍ରହଣ କରିଛନ୍ତି। ଉପରାଷ୍ଟ୍ରପତି କମଲା ହାରିସ୍ ତାଙ୍କୁ ଶପଥ ପାଠ କରାଇଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ ଭାରତ ପାଇଁ ରାଷ୍ଟ୍ରଦୂତ ଭାବେ ଏରିକ୍‌ଙ୍କୁ ମନୋନୀତ କରିବା ପରେ ସିନେଟ ଏହାକୁ ଅନୁମୋଦନ କରିଥିଲା। ଦୁଇବର୍ଷ ରାଷ୍ଟ୍ରଦୂତ ପଦ ଖାଲି ପଡ଼ିବା ପରେ ଏହା ପୂରଣ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ଏରିକ୍‌ଙ୍କ ସ୍ତ୍ରୀ, ଝିଅ ଓ ଅନ୍ୟ ଘନିଷ୍ଠ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

### ମିସିସିପିରେ ବାତ୍ୟା: ୨୩ ମୃତ

ୱାଶିଂଟନ୍, ୨୫।୩: ଆମେରିକାର ମିସିସିପିରେ ଶୁକ୍ରବାର ରାତିରେ ଝଡ଼, ତୋଫାନ ଫଳରେ ୨୩ ଜଣଙ୍କ ମୃତ୍ୟୁ ଘଟିଛି। ୧୨ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବାବେଳେ ୧୦୦ ମାଇଲ ଅଞ୍ଚଳ ଏହା ଦ୍ୱାରା ପ୍ରଭାବିତ ହୋଇଥିବା ଷ୍ଟେଟ୍ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମିସିସିପିର ପଶ୍ଚିମାଞ୍ଚଳରେ ଥିବା ସିଲ୍‌ଭର ସହର ଅଧିକ ପ୍ରଭାବିତ ହୋଇଛି। ସ୍ଥାନୀୟ ଅଞ୍ଚଳରୁ ୪ ଜଣ ନିଖୋଜ ଥିବାବେଳେ ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ସର୍ଚ୍ଚ ଅପରେଶନ୍ ଜାରି ରହିଛି। ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉଥିବାବେଳେ ମୃତକଙ୍କ ସଂଖ୍ୟା ବଢ଼ିବା ନେଇ ପ୍ରଶାସନ ଆଶଙ୍କା ବ୍ୟକ୍ତ କରିଛି।



ଆମେରିକାର ସାନ୍ ଫ୍ରାନ୍ସିସ୍କୋରେ ଥିବା ଭାରତୀୟ ବାଣିଜ୍ୟିକ ଦୂତାବାସରେ ଖଲିସ୍ତାନୀ ସମର୍ଥକଙ୍କ ଭଙ୍ଗାରୁଜା ପ୍ରତିବାଦରେ ଭାରତୀୟ-ଆମେରିକୀୟମାନେ ଉକ୍ତ କାର୍ଯ୍ୟାଳୟ ବାହାରେ ଶନିବାର ବିକ୍ଷୋଭ କରୁଛନ୍ତି।

## ଏଲ୍‌ଭିଏମ୍୩ ରକେଟ ଲଞ୍ଚ୍ ଲାଗି କାଉଣ୍ଟଡାଉନ୍ ଆରମ୍ଭ

ଚେନ୍ନାଇ, ୨୫।୩



ଏଲ୍‌ଭିଏମ୍୩ ରକେଟ ଉତ୍କ୍ଷେପଣ ଲାଗି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶନିବାର ସକାଳ ୮ଟା ୩୦ରୁ ଅବଗଣନା ଆରମ୍ଭ କରିଛି। ଏହି ରକେଟ ରବିବାର ବ୍ରିଟେନର ନେଟ୍‌ୱର୍କ ଆକ୍ସେସ୍ ଆସୋସିଏଟେଡ୍ ଲିଃ (ୱାନ୍‌ୱେବ୍)ର ୩୬ଟି ସାଟେଲାଇଟକୁ ବହନ କରି କକ୍ଷପଥରେ ଅବସ୍ଥାପିତ କରିବ। କାଉଣ୍ଟଡାଉନ ସମୟରେ ରକେଟ ଏବଂ ସାଟେଲାଇଟ୍ ସିଷ୍ଟମକୁ ଯାଞ୍ଚ କରାଯିବା ସହ ରକେଟରେ ଇନ୍ଧନ ଭର୍ତ୍ତି କରାଯାଇଛି। ୪୩.୫ ମିଟର ଉଚ୍ଚ ଏବଂ ୬୪୩ ଟନ୍ ଓଜନ ବିଶିଷ୍ଟ ଏଲ୍‌ଭିଏମ୍୩ ରକେଟ ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ରକେଟ ପୋର୍ଟର ଦ୍ୱିତୀୟ ଲଞ୍ଚ ପ୍ୟାଡ୍‌ରୁ ରବିବାର ସକାଳ ୯ଟାରେ ଉତ୍କ୍ଷେପଣ କରାଯିବ। ଏହା ୫,୮୦୫ କିଲୋଗ୍ରାମ ଓଜନର ୩୬ଟି ଜେନ୍୧ ସାଟେଲାଇଟ୍‌କୁ ନେଇ ପୃଥିବୀର ନିମ୍ନ କକ୍ଷପଥରେ ସ୍ଥାପନ କରିବ।

# ଦ୍ରୁତ ବଢୁଛି କୋଭିଡ୍ ସଂକ୍ରମଣ

- ଦିନକରେ ୧,୫୯୦ ଆକ୍ରାନ୍ତ, ୬ ମୃତ
- ହସ୍ପିଟାଲ ପ୍ରସ୍ତୁତି ଯାଞ୍ଚ ଲାଗି ହେବ ମକ୍ ଡ୍ରିଲ୍
- ଟେଷ୍ଟ ବଢ଼ାଇବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୫।୩

ଭାରତରେ କୋଭିଡ୍ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିବାରୁ ଏହା ସରକାରଙ୍କୁ ଚିନ୍ତାରେ ପକାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୨୪ ଘଣ୍ଟା ମଧ୍ୟରେ ୧,୫୯୦ ନୂଆ ମାମଲା ଚିହ୍ନଟ ହେବା ସହ ୬ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଦେଶରେ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୩୦,୮୨୪ରେ ପହଞ୍ଚିଛି। ୬ ମୃତକଙ୍କ ମଧ୍ୟରୁ ୩ ଜଣ ମହାରାଷ୍ଟ୍ରର ହୋଇଥିବାବେଳେ କର୍ଣ୍ଣାଟକ, ରାଜସ୍ଥାନ ଓ ଉତ୍ତରାଖଣ୍ଡରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ନୂଆ ସଂକ୍ରମିତଙ୍କ ସହ ଭାରତର ମୋଟ ସକ୍ରିୟ ମାମଲା ସଂଖ୍ୟା ୮,୬୦୧କୁ ବୃଦ୍ଧି ପାଇଛି।

କୋଭିଡ୍ ସହ ଋତୁକାଳୀନ ଇନ୍‌ଫ୍ଲୁଏଞ୍ଜା ସଂକ୍ରମଣ ବଢୁଥିବାରୁ ହସ୍ପିଟାଲଗୁଡ଼ିକର ପ୍ରସ୍ତୁତି ଯାଞ୍ଚ ଲାଗି ଏପ୍ରିଲ ୧୦ ଓ ୧୧ରେ ଦେଶବ୍ୟାପୀ ମକ୍ ଡ୍ରିଲ୍ କରିବାକୁ ସରକାର ଯୋଜନା କରିଛନ୍ତି। ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ପକ୍ଷରୁ ଗୁରୁବାର ମିଳିତ ଆଡଭାଇଜରି ଜାରି କରାଯାଇଛି। ସମସ୍ତ ଜିଲାର ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲଗୁଡ଼ିକ ମକ୍ ଡ୍ରିଲ୍‌ରେ ସାମିଲ ହେବା ଲାଗି କୁହାଯାଇଛି। ଏହି ସମୟରେ ହସ୍ପିଟାଲରେ ଗଚ୍ଛିତ ଔଷଧ ପରିମାଣ, ବେଡ୍, ଡାକ୍ତରୀ ଉପକରଣ ଓ ଅକ୍ସିଜେନ୍ ଉପଲବ୍ଧତାର ଯାଞ୍ଚ କରାଯିବ। ମାର୍ଚ୍ଚ ୨୭ରେ ରାଜ୍ୟଗୁଡ଼ିକ ସହ ହେବାକୁ ଥିବା ଭର୍ଚୁଆଲ ବୈଠକରେ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ଜଣାଇଦିଆଯିବ ବୋଲି ଆଡଭାଇଜରିରେ କୁହାଯାଇଛି।



ଗତ କିଛି ସପ୍ତାହ ହେଲା ବିଭିନ୍ନ ରାଜ୍ୟରେ କୋଭିଡ୍ ପରୀକ୍ଷା ଯଥେଷ୍ଟ ହ୍ରାସ ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଧାର୍ଯ୍ୟ କରିଥିବା ମାନକ ଅନୁଯାୟୀ ବର୍ତ୍ତମାନ ପରୀକ୍ଷା ପର୍ଯ୍ୟାପ୍ତ ନୁହେଁ। କେତେକ ରାଜ୍ୟରେ ଜିଲା ଓ ବ୍ଲକ୍ ସ୍ତରରେ ପରୀକ୍ଷା ସ୍ତରରେ ପାର୍ଥକ୍ୟ ରହୁଛି। ଅଧିକାଂଶ ହସ୍ପିଟାଲରେ ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା କରାଯାଉଛି। ତୁରନ୍ତ କୋଭିଡ୍-୧୯ ପରୀକ୍ଷା ବଢ଼ାଇବା ସହ ସଂକ୍ରମଣ ହଟ୍‌ସ୍ପଟ ଚିହ୍ନଟ କରିବା ଜରୁରୀ ବୋଲି ଆଡଭାଇଜରିରେ କୁହାଯାଇଛି। ଫେବୃୟାରୀ ମଧ୍ୟଭାଗରୁ ଦେଶରେ କୋଭିଡ୍ ସଂକ୍ରମଣ ବଢ଼ିବା ଆରମ୍ଭ ହୋଇଛି। ସର୍ବାଧିକ ୨୬.୪ ପ୍ରତିଶତ ସଂକ୍ରମିତ କେରଳରେ ଚିହ୍ନଟ ହୋଇଥିବାବେଳେ ମହାରାଷ୍ଟ୍ରରେ ୨୧.୭%, ଗୁଜରାଟରେ ୧୩.୯%, କର୍ଣ୍ଣାଟକରେ ୮.୬% ଏବଂ ତାମିଲନାଡୁରେ ୬.୩ ପ୍ରତିଶତ ସଂକ୍ରମିତ ହୋଇଛନ୍ତି। ତେବେ ଟିକାକରଣ ଯୋଗୁ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେବା ଏବଂ ମୃତ୍ୟୁ ହାର ଯଥେଷ୍ଟ କମ୍ ରହିଛି। ସଂକ୍ରମଣର ଦ୍ରୁତ ବୃଦ୍ଧି ଯୋଗୁ ହସ୍ପିଟାଲରେ ଭର୍ତ୍ତି ହେବା ସଂଖ୍ୟା ମଧ ବଢ଼ିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଏଏଫ୍‌ଏସ୍‌ପିଏ ଅନ୍ତର୍ଗତ ବିଶୃଙ୍ଖଳିତ ଅଞ୍ଚଳ କମିବ: ଶାହା

ନୂଆଦିଲ୍ଲୀ, ୨୫।୩

ଆସାମ, ନାଗାଲାଣ୍ଡ ଓ ମଣିପୁରରେ ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍‌ଏସ୍‌ପିଏ)ରେ ଘୋଷିତ ହୋଇଥିବା ବିଶୃଙ୍ଖଳିତ ଅଞ୍ଚଳ ପରିସର ହ୍ରାସ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶନିବାର କହିଛନ୍ତି। ଉତ୍ତରପୂର୍ବାଞ୍ଚଳର ଉପରୋକ୍ତ ରାଜ୍ୟଗୁଡ଼ିକରେ ସୁରକ୍ଷା ସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଘଟିଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସେ ଟ୍ୱିଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସୁରକ୍ଷା, ଶାନ୍ତି ଓ ବିକାଶକୁ ପ୍ରାଥମିକତା ଦେଉଛନ୍ତି। ଫଳରେ ଉକ୍ତ ଅଞ୍ଚଳ ଶାନ୍ତି ଓ ବିକାଶ ପଥରେ ଦ୍ରୁତ ଆଗେଇ ଚାଲିଥିବା ଶାହା କହିଛନ୍ତି। ସୁରକ୍ଷାଗତ କାରଣରୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟର ବିଶୃଙ୍ଖଳିତ ସୀମାନ୍ତ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ସଶସ୍ତ୍ର ସୁରକ୍ଷା ବଳକୁ ତଲାସି, ଗିରଫ ଓ ଆବଶ୍ୟକ ସ୍ଥଳେ ଗୁଳି ଚଳାଇବା ପାଇଁ ଏଏଫ୍‌ଏସ୍‌ପିଏରେ ସ୍ୱତନ୍ତ୍ର କ୍ଷମତା ମିଳିଛି।




ରାହୁଲ ଗାନ୍ଧୀଙ୍କ ସଭ୍ୟ ପଦ ରଦ୍ଦ ପ୍ରତିବାଦରେ ଯୁବ କଂଗ୍ରେସ କର୍ମୀ ନୂଆଦିଲ୍ଲୀର ଏଆଇସିସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି।

## ରାହୁଲଙ୍କ ସଭ୍ୟପଦ ରଦ୍ଦ ବିରୋଧରେ ଦେଶବ୍ୟାପୀ ବିକ୍ଷୋଭ

ନୂଆଦିଲ୍ଲୀ, ୨୫।୩

**ମୋଦିଙ୍କ କୁଶପୁତ୍ତଳିକା ଦାହ**
**ରେଲରୋକୋ କଲେ କଂଗ୍ରେସ କର୍ମୀ**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦ ହେବାର ଦିନକ ପରେ ଦଳୀୟ କର୍ମୀମାନେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶନିବାର ବିଭିନ୍ନ ରାଜ୍ୟରେ କଂଗ୍ରେସ କର୍ମୀ ରାସ୍ତାକୁ ଓହ୍ଲାଇବା ସହ କେତେକ ସ୍ଥାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। କେରଳର ୱାୟନାଡ୍‌ରେ ଶନିବାରକୁ କଳାଦିବସ ଭାବେ ପାଳନ କରାଯାଇଛି। ଦଳୀୟ କର୍ମୀମାନେ ବିଶାଳ ବିକ୍ଷୋଭ କରିବା ସହ ପୋଲିସ ବ୍ୟାରିକେଡ୍‌ଗୁଡ଼ିକୁ ନଷ୍ଟ କରିଦେଇଥିଲେ। ପୋଲିସ ଅନେକ କର୍ମୀଙ୍କୁ ଅଟକ ରଖିଛି। ସେହିପରି ଦିଲ୍ଲୀରେ ଯୁବ କଂଗ୍ରେସ କର୍ମୀମାନେ ରାହୁଲ ଗାନ୍ଧୀ ମୁଖା ପିନ୍ଧି ଏଆଇସିସି ମୁଖ୍ୟାଳୟ ନିକଟରେ ବିକ୍ଷୋଭ କରିଥିଲେ। ସେମାନେ ହାତରେ 'ଡର ନାହିଁ, ସତ୍ୟ ପାଇଁ ଜଣେ ସଚ୍ଚା ଗାନ୍ଧୀ ଲଢ଼େଇ ଜାରି ରଖିବେ' ପ୍ଲାକାର୍ଡ ଧରିଥିବା ଦେଖାଯାଇଥିଲା।

## କର୍ଣ୍ଣାଟକ ବିଧାନସଭା ନିର୍ବାଚନ
## ୧୨୪ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା କଂଗ୍ରେସ

ନୂଆଦିଲ୍ଲୀ, ୨୫।୩ (ପି.ଟି.)

ଆଗାମୀ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ଶନିବାର ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ଦଳ ୧୨୪ ଜଣଙ୍କ ନାଁ ଘୋଷଣା କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ତାଙ୍କ ପୁଅଙ୍କ ଆସନ ମହୀଶୂରର ବରୁଣା ଆସନରୁ ଲଢ଼ିବେ। ସେହିପରି ପ୍ରଦେଶ କଂଗ୍ରେସ ସଭାପତି ଡି.କେ. ଶିବକୁମାରଙ୍କୁ ତାଙ୍କର କନକପୁରା ଆସନରୁ ପ୍ରାର୍ଥୀ କରାଯାଇଛି। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର କୋରାଟାଗେରେ(ଏସ୍‌ସି) ଆସନରୁ ଏବଂ ପୂର୍ବତନ ମନ୍ତ୍ରୀ କେ.ଏଚ୍.ମୁନିଆପା ଓ ପ୍ରିୟଙ୍କ ଖାର୍ଗେଙ୍କୁ ଯଥାକ୍ରମେ ଦେବନହାଲି ଏବଂ ଚିତାପୁର(ଏସ୍‌ସି)ରୁ ପ୍ରାର୍ଥୀ କରାଯାଇଛି। ପ୍ରିୟଙ୍କ ହେଉଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପୁଅ। ଗତ ୧୭ ତାରିଖରେ ଖାର୍ଗେଙ୍କ ଅଧ୍ୟକ୍ଷତାରେ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ବସି ପ୍ରାର୍ଥୀ ସ୍ଥିର କରାଯାଇଥିଲା।

## ୧୫୦୦ ଲୋକ ଘର ଛାଡ଼ିଲେଣି
### ସ୍ପେନ୍‌ରେ ବନାଗ୍ନି

ମାଡ୍ରିଡ୍, ୨୫।୩

ସ୍ପେନ୍‌ରେ ବନାଗ୍ନି ସ୍ଥାନୀୟ ଲୋକଙ୍କ ପାଇଁ ଏବେ ଚିନ୍ତାର ବିଷୟ ପାଲଟିଛି। ପାଖାପାଖି ୧୫୦୦ ଲୋକ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିବାବେଳେ ଅଗ୍ନିଶମ ବିଭାଗର ଶତାଧିକ କର୍ମଚାରୀଙ୍କୁ ଜଙ୍ଗଲ ନିଆଁ ଲିଭାଇବାରେ ନିୟୋଜିତ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ନିଆଁ ୩,୦୦୦ ହେକ୍ଟର ଅଞ୍ଚଳକୁ ବ୍ୟାପିଯାଇଛି। ଗୁରୁବାର ମଧ୍ୟାହ୍ନରେ ଉତ୍ତର ଭାଲେନ୍ସିଆର ୯୦ କି.ମି ଦୂର ଭିଲାନେଭା ଡେ ଭିଭିରରେ ନିଆଁ ଲାଗିଥିଲା। ଚଳିତ ବର୍ଷ ଗ୍ରୀଷ୍ମ ଋତୁପୂର୍ବରୁ ଭୀଷଣ ନିଆଁ ଲାଗିଥିବା ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍ କହିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ନିଆଁ ଲାଗିଛି। ମୋଟ ୪୫୦ ଫାୟାରଫାଇଟର୍ ଏବଂ ୨୨ ଏରିଅଲ୍ ୟୁନିଟି ଭାଲେନ୍ସିଆନ୍ ରିଜିଅନ୍‌ରେ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳରେ ଭୀଷଣ ପବନ ବହିବା ଯୋଗୁ ନିଆଁ ବ୍ୟାପିବାରେ ଲାଗିଥିବା ସେଠାରେ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି।





ବାତ୍ୟା ଯୋଗୁ ମିସିସିପିର ରୋଲିଙ୍ଗ ଫର୍କ ସହର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

## ସିବିଆଇରେ ହାଜର ହେଲେ ତେଜସ୍ୱୀ

ନୂଆଦିଲ୍ଲୀ, ୨୫।୩

**ନିଯୁକ୍ତି ପାଇଁ ଜମି ଦୁର୍ନୀତି**
**ମିସା ଭାରତୀଙ୍କୁ ଇଡି ଜେରା**

ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲାରେ ବିହାରର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଶନିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ହାଜର ହୋଇଛନ୍ତି। ଏଥିସହିତ ତାଙ୍କ ଭଉଣୀ ତଥା ଆର୍‌ଜେଡି ଏମ୍‌ପି ମିସା ଭାରତୀ ମଧ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତର ସମ୍ମୁଖୀନ ହୋଇଛନ୍ତି। ଆମେ ତଦନ୍ତକାରୀ ସଂସ୍ଥାକୁ ସବୁବେଳେ ସହଯୋଗ କରିଆସିଛି। ତେବେ ଦେଶର ସ୍ଥିତି ଯାହା ବର୍ତ୍ତମାନ ଲଢ଼େଇ କରିବା କଷ୍ଟକର ହୋଇପଡ଼ିଛି। ଆମେ ଲଢ଼ିବୁ ଏବଂ ନିଶ୍ଚୟ ଜିତିବୁ ବୋଲି ସିବିଆଇ ଅଫିସରୁ ବାହାରିବା ବେଳେ ତେଜସ୍ୱୀ କହିଛନ୍ତି। ପୂର୍ବାହ୍ନ ୧୧ଟାରେ ତେଜସ୍ୱୀ ସିବିଆଇ କାର୍ଯ୍ୟାଳୟରେ ପହଞ୍ଚି ୪ ଘଣ୍ଟା ଜେରାର ସମ୍ମୁଖୀନ ହେବା ପରେ ମଧ୍ୟାହ୍ନ ବିରତିରେ ବାହାରକୁ ଯାଇଥିଲେ। ଫେରିବା ପରେ ସେ ପୁଣି ଜେରାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ଚଳିତ ମାସରେ ଗିରଫ କରିବ ନାହିଁ ବୋଲି ସିବିଆଇ ଦିଲ୍ଲୀ ହାଇକୋର୍ଟଙ୍କୁ ଗତ ସପ୍ତାହରେ ପ୍ରତିଶ୍ରୁତି ଦେଇଥିଲା। ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବା ଇଡି ପୂର୍ବତନ ରେଳମନ୍ତ୍ରୀ ଲାଲୁ ଯାଦବଙ୍କ ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରି ୧ କୋଟି ଟଙ୍କା ନଗଦ ଅର୍ଥ, ୧,୯୦୦ ଡଲାର, ୫୪୦ ଗ୍ରାମ ସୁନା, ୧.୫ କିଲୋଗ୍ରାମ ସୁନା ଅଳଙ୍କାର ଏବଂ ଅନ୍ୟାନ୍ୟ ଆପରାଧିକ ଦସ୍ତାବିଜ ଜବତ କରିଥିଲା।



ତେଜସ୍ୱୀ ଯାଦବ



କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୩୬ତମ ଜାତୀୟ ସବ୍‌ଜୁନିୟର କ୍ୟୋରୁଗି ଓ ୧୧ତମ ଜାତୀୟ ସବ୍‌ଜୁନିୟର ପୁମ୍‌ସେର ଉଦ୍‌ଘାଟନୀ ଉସବରେ ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିଯୋଗୀ। (ଫଟୋ: ରାଜକିଶୋର)

# ୧୯୮ ରନ୍‌ରେ ଜିତିଲା ନ୍ୟୁଜିଲାଣ୍ଡ

**ପ୍ରଥମ ଦିନିକିଆ**

**ଅକଲାଣ୍ଡ, ୨୫।୩(ପି.ଟି.)**

ହେନରୀ ସିପଲିଙ୍କ ୫ ଉଇକେଟ ସଫଳତା ବଳରେ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍ ଜିତି ନେଇଛି ନ୍ୟୁଜିଲାଣ୍ଡ। ଅକଲାଣ୍ଡର ଇଡେନ୍ ପାର୍କରେ ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୪୯.୩ ଓଭରରେ ୨୭୪ ରନ୍ କରିଥିବା ବେଳେ ଶ୍ରୀଲଙ୍କା ୧୯.୫ ଓଭରରେ ମାତ୍ର ୭୬ ରନରେ ଅଲଆଉଟ ହୋଇଥିଲା। ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଓପନର ଫିନ୍ ଆଲେନ୍ ସର୍ବାଧିକ ୫୧ ରନ୍ କରିଥିଲେ। ୱିଲ ୟଙ୍ଗ ୨୬, ଡାରିଲ ମିଚେଲ ୪୭, ଗ୍ଲେନ୍ ଫିଲିପ୍ସ ୩୯ ଓ ରାଚିନ୍ ରବୀନ୍ଦ୍ରଙ୍କ ୪୯ ରନ୍ ବଳରେ ନ୍ୟୁଜିଲାଣ୍ଡ ୨୭୪ ରନର ସମ୍ମାନଜନକ ସ୍କୋର ହାସଲ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ଚାମିକା କରୁଣାରତ୍ନେ ୪, କସୁନ୍ ରଜିଥା ଓ ଲାହିରୁ କୁମାର ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୭୫ ରନ୍ ଜବାବରେ ଶ୍ରୀଲଙ୍କା ମାତ୍ର ୭୬ ରନରେ ଅଲଆଉଟ ହୋଇଥିଲା। ୧୩ ରନ୍‌ରେ ପ୍ରଥମ ଉଇକେଟ ହରାଇଥିବା ଶ୍ରୀଲଙ୍କା ୩୧ ରନରେ ପଞ୍ଚମ ଉଇକେଟ ହରାଇଥିଲା। ମ୍ୟାଚର ୧୪ ତମ ଓଭରରେ ଗାବ୍ରିଏଲ ଝଡରେ ନିହତଙ୍କ ଶ୍ରଦ୍ଧାଞ୍ଜଳି ପାଇଁ ଏକ ବ୍ରେକ୍ ନିଆଯାଇଥିବା ବେଳେ ଶ୍ରୀଲଙ୍କାର ସ୍କୋର ୪୯/୭ ରହିଥିଲା। ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ୍ ୧୮ ରନ୍ କରିଥିଲେ। ହେନ୍‌ରି ସିପ୍‌ଲି ୩୧ ରନ୍‌ରେ ୫ ଉଇକେଟ ନେଇଥିଲେ। ଡାରିଲ ମିଚେଲ ଓ ବ୍ଲେୟାର ଟିକ୍‌ନର ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ:** ୪୯.୩ ଓଭରରେ ୨୭୪/୧୦(ଫିନ୍ ଆଲେନ-୫୧, ଡାରିଲ ମିଚେଲ-୪୭, ରାଚିନ୍ ରବୀନ୍ଦ୍ର-୪୯, ଚାମିକା କରୁଣାରତ୍ନେ-୪/୪୩, କସୁନ ରଜିଥା-୨/୩୮, ଲାହିରୁ କୁମାରା-୨/୪୩)।

**ଶ୍ରୀଲଙ୍କା:** ୧୯.୫ ଓଭରରେ ୭୬/୧୦ (ଆଞ୍ଜେଲୋ ମାଥ୍ୟୁସ୍-୧୮, ଚାମିକା କରୁଣାରତ୍ନେ-୧୧, ଲାହିରୁ କୁମାରା-୧୦, ହେନ୍‌ରି ସିପ୍‌ଲୀ-୫/୩୧, ଡାରିଲ ମିଚେଲ-୨/୧୨, ବ୍ଲେୟାର ଟିକ୍‌ନର-୨/୨୦)।

# ପ୍ରଥମ ଦିନରେ ଓଡ଼ିଶାକୁ ୪ ପଦକ

**ଜାତୀୟ ହ୍ୱିଲଚେୟାର ଫେନ୍ସିଂ**

**ଭୁବନେଶ୍ୱର, ୨୫।୩(ସ୍ପୋର୍ଟ୍ସ ବ୍ୟୁରୋ)**

ଜାତୀୟ ହ୍ୱିଲଚେୟାର ଫେନ୍ସିଂ ଚାମ୍ପିୟନଶିପ ୨୦୨୩ର ପ୍ରଥମ ଦିନରେ ଓଡ଼ିଶାକୁ ୪ ପଦକ। ହରିୟାଣାର କର୍ନାଲରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଓଡିଶାରୁ ୧୩ ଖେଳାଳି ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। ଆସନ୍ତା ୨୭ ତାରିଖ ଯାଏ ହେବାକୁ ଥିବା ଟୁର୍ନାମେଣ୍ଟର ପ୍ରଥମ ଦିନରେ ଓଡିଶାକୁ ୪ ପଦକ ମିଳିଛି। ମହିଳା ସାବ୍ରେ କାଟେଗୋରୀ ଏର ଫାଇନାଲ ଓଡ଼ିଶାର ମାଳତୀ ପାନୁରେ ଓ ସିଲା ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିଲା। ମାଳତୀ ଏହି ମୁକାବିଲାକୁ ୧୦-୭ରେ ଜିତି ସ୍ୱର୍ଣ୍ଣ ଜିତିଥିଲେ। ମହିଳା ସାବ୍ରେ କାଟେଗୋରୀ ବିର ଫାଇନାଲ ଛତିଶଗଡର ରୋହିଣୀ ସାହୁଙ୍କୁ ନିକଟରୁ ୮-୧୦ରେ ପରାଜିତ ହୋଇ ଓଡ଼ିଶାର ପୂଜାସ୍ୱିନୀ ନାୟକ ରୌପ୍ୟ ପଦକ ହାସଲ କରିଛନ୍ତି। କ୍ୟାଟେଗୋରୀ ବିରେ ଓଡ଼ିଶାର ଅନ୍ୟତମ ଖେଳାଳି ଆଶା ସିଂ ବ୍ରୋଞ୍ଜ ପଦକ ହାସଲ କରିଥିଲେ।


ଜାତୀୟ ହ୍ୱିଲଚେୟାର ଫେନ୍ସିଂ ଚାମ୍ପିୟନଶିପରେ ଓଡ଼ିଶାର ପଦକ ବିଜେତା।

# ସାତ୍ତ୍ୱିକ-ଚିରାଗ ସେମିଫାଇନାଲରେ

**ସୁଇସ୍ ଓପନ ବ୍ୟାଡ୍‌ମିଣ୍ଟନ**

**ବାସେଲ୍, ୨୫।୩ (ପି.ଟି.)**

ଭାରତୀୟ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ସୁଇସ୍ ଓପନ ସୁପର ସିରିଜ ୩୦୦ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେମାନେ ଡେନମାର୍କର ଜେପି ବେ' ଓ ଲାସେ୍ ମଲ୍‌ହିଦେଙ୍କୁ ୧୫-୨୧, ୨୧-୧୧, ୨୧-୧୪ରେ ହରାଇ ଦେଇଛନ୍ତି। ସେମାନେ ବର୍ତ୍ତମାନ ମାଲେସିଆର ଓଙ୍ଗ୍ ୟେ ସିନ୍ ଓ ଟିଓ ଇ ୟିଙ୍କୁ ଭେଟିବେ। ଭାରତୀୟ ଖେଳାଳି ଭାବେ ସାତ୍ତ୍ୱିକ-ଚିରାଗ ଯୋଡ଼ି କେବଳ ଟୁର୍ନାମେଣ୍ଟରେ ତିଷ୍ଠି ରହିଛନ୍ତି। ପି.ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ୍‌ଙ୍କ ଭଳି ଖେଳାଳି ପୂର୍ବରୁ ବିଦାୟ ନେଇସାରିଛନ୍ତି। ନିକଟରେ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ପ୍ରାରମ୍ଭିକ ରାଉଣ୍ଡରୁ ନୈରାଶ୍ୟଜନକ ବିଦାୟ ନେଇଥିବା ଏହି ଯୋଡ଼ି ଏଠାରେ ଦୃଢ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ଆନ୍ଧ୍ରକୁ ୮-୦ରେ ହରାଇଲା ଓଡ଼ିଶା

**ମାଳତୀ ମୁଣ୍ଡାଙ୍କ ହ୍ୟାଟ୍ରିକ୍**

**ଜାତୀୟ ମହିଳା ଫୁଟ୍‌ବଲ**

**ଭୁବନେଶ୍ୱର, ୨୫।୩(ସ୍ପୋର୍ଟ୍ସ ବ୍ୟୁରୋ)**

ଫତୋର୍ଦାର ପିଜେଏନ୍ ଷ୍ଟାଡିୟମରେ ଅନୁଷ୍ଠିତ ୨୭ତମ ଜାତୀୟ ମହିଳା ଫୁଟବଲରେ ଓଡ଼ିଶା ଦଳର ବୃହତ୍ ବିଜୟ ହୋଇଛି। ଶନିବାର ଓଡ଼ିଶା ଆନ୍ଧ୍ରପ୍ରଦେଶକୁ ୮-୦ରେ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ମାଳତୀ ମୁଣ୍ଡା ହ୍ୟାଟ୍ରିକ୍ ଅର୍ଜନ କରିଥିବା ବେଳେ ଦୀପା ନାୟକ ୨ଟି ଗୋଲ ସ୍କୋର କରିଥିଲେ। ପ୍ରଥମ ହାଫ୍‌ରେ ଓଡ଼ିଶା ୬-୦ରେ ଅଗ୍ରଣୀ ହାସଲ କରିଥିବା ବେଳେ ଦ୍ୱିତୟ ହାଫ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲା। ଓଡ଼ିଶା ପକ୍ଷରୁ ମାଳତୀ ମୁଣ୍ଡା (୪୫, ୪୫+୨ ଓ ୫୦), ଦୀପା ନାୟକ(୧୭ ଓ ୨୮), ସୁମିତ୍ରା ହେମ୍ବ୍ରମ(୧୭), ଗ୍ରେସ୍ ଲାଲରାମପରୀ ହୈନାର(୪୩) ଓ ଯଶୋଦା ମୁଣ୍ଡ(୫୩) ଗୋଲ ଦେଇଥିବା ବେଳେ ଆନ୍ଧ୍ର ପ୍ରଦେଶ ଗୋଟିଏ ବି ଗୋଲ ସ୍କୋର କରିପାରି ନ ଥିଲା। ମ୍ୟାଚର ପ୍ରଥମ ୧୬ ମିନିଟ ଗୋଲଶୂନ୍ୟ ରହିଥିବା ବେଳେ ୧୭ ତମ ମିନିଟରେ ମିଡ୍ ଫିଲ୍ଡର ସୁମିତ୍ରା ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଏହାର କିଛି ସେକେଣ୍ଡ ମଧ୍ୟରେ ଦୀପାଙ୍କ ଗୋଲରେ ଓଡ଼ିଶା ୨-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାର ୧୧ ମିନିଟ ପରେ ଦୀପା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୪୩ ତମ ମିନିଟରେ ଅନ୍ୟତମ ମିଡ୍‌ଫିଲ୍ଡର ଗ୍ରେସ୍ ଲାଲରାମପରୀ ହୈନାରଙ୍କ ଗୋଲ୍ ସହିତ ଓଡ଼ିଶା ୪-୦ରେ ଆଗୁଆ ରହିଥିଲା। ମ୍ୟାଚ୍‌ର ୪୫ ତମ ମିନିଟରେ ମାଳତୀ ବ୍ୟକ୍ତିଗତ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାର ଦୁଇ ମିନିଟ ମଧ୍ୟରେ ତଥା ପ୍ରଥମାର୍ଦ୍ଧ ଖେଳ ଶେଷ ହେବାର ଠିକ୍ ପୂର୍ବରୁ ମାଳତୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।


ମାଳତୀ ମୁଣ୍ଡା


ଦୀପା ନାୟକ

ପ୍ରଥମାର୍ଦ୍ଧ ଖେଳ ଶେଷ ହେବା ସୁଦ୍ଧା ଓଡ଼ିଶା ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ ୬-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଆଉ ଦୁଇଟି ଗୋଲ ସ୍କୋର କରିଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୫୦ ତମ ମିନିଟରେ ମାଳତୀ ବ୍ୟକ୍ତିଗତ ତୃତୀୟ ତଥା ଓଡ଼ିଶା ପକ୍ଷରୁ ସପ୍ତମ ଗୋଲ ସ୍କୋର କରିଥିଲେ। ଏହା ସହିତ ଏହି ମ୍ୟାଚରେ ମାଳତୀ ନିଜର ହ୍ୟାଟ୍ରିକ୍ ପୂରଣ କରିଥିଲେ। ଏହାର ୩ ମିନିଟ ପରେ ଯଶୋଦା ମୁଣ୍ଡା ଓଡ଼ିଶା ପକ୍ଷରୁ ଅଷ୍ଟମ ଗୋଲ ସ୍କୋର କରିଥିଲେ। ୨୭ ତାରିଖରେ ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ହିମାଚଳ ପ୍ରଦେଶ ସହିତ ଖେଳିବ।

# ଜାତୀୟ ଜୁଜିଟ୍‌ସୁ ପାଇଁ ୧୧ ଜଣିଆ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୫।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ମଧ୍ୟପ୍ରଦେଶର ଦେୱାସଠାରେ ହେବାକୁଥିବା ଜାତୀୟ ଜୁଜିଟ୍‌ସୁ ପ୍ରତିଯୋଗିତାରେ ଓଡ଼ିଶାରୁ ୧୧ଜଣ ପ୍ରତିଯୋଗୀ ଭାଗନେବେ। ସେମାନେ ହେଲେ କ୍ରିନ୍‌ମୁକ୍ ବେହେରା, ଲିସିତ କୁମାର ବେହେରା, ତନ୍ମେଶ ପୁନିତ ଲେଙ୍କା, ଆଦିତ୍ୟ ଅମ୍ଲାନ ରାଉତ, ଡି. ଉଦୟ କିରନ, ସିଦ୍ଧାର୍ଥ ଶଙ୍କର ମହନ୍ତ, ଦେବାଶିଷ ସାମନ୍ତରାୟ, ସିଦ୍ଧାନ୍ତ ବେହେରା, ତାପସ ବେହେରା ଓ ସମୀର ଚୌଧୁରୀଙ୍କ ବ୍ୟତୀତ ଏସୀୟ ବିଜେତା ଅନୁପମା ସ୍ୱାଇଁ। ପ୍ରତିଯୋଗିତା ମାର୍ଚ୍ଚ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଦଳର ସମସ୍ତ ଖର୍ଚ୍ଚ ବହନ କରିଥିବାରୁ ଓଡ଼ିଶା ଜୁଜିଟ୍‌ସୁ ସଂଘ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛି। ଦଳର ସଫଳତା କାମନା କରି ରାଜ୍ୟ ଜୁଜିଟ୍‌ସୁ ସଂଘ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଗଣ ଶୁଭେଚ୍ଛା ଜଣାଇଛନ୍ତି।

# କିସ୍ ଛାତ୍ର ଜିତିଲେ ୮ ପଦକ

**ଓଡ଼ିଶା ରାଜ୍ୟସ୍ତରୀୟ ସ୍କୁଲ ବକ୍ସିଂ**

**ଭୁବନେଶ୍ୱର, ୨୫।୩ (ସ୍ପୋର୍ଟ୍ସ ବ୍ୟୁରୋ)**


ପଦକ ବିଜେତା କିସ୍ ବକ୍ସିଂ ଦଳ।

ଓଡ଼ିଶା ରାଜ୍ୟ ସ୍କୁଲ କ୍ରୀଡ଼ା ଆସୋସିଏଶନ ଓ ଗଞ୍ଜାମ ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ବ୍ରହ୍ମପୁରସ୍ଥିତ କୁଇନ୍ ମିଶନ ହାଇସ୍କୁଲଠାରେ ଓଡ଼ିଶା ରାଜ୍ୟସ୍ତରୀୟ ସ୍କୁଲ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ତରଫରୁ ପ୍ରତିନିଧିତ୍ୱ କରିଥିବା କିସ୍ ଛାତ୍ରମାନେ ୮ ପଦକ ଜିତିଛନ୍ତି। ପ୍ରବୀଣ ସିଂ ଏହି ଦଳର କୋଚ୍ ରହିଛନ୍ତି। ପଦକ ବିଜେତାମାନେ ହେଲେ ଗଣେଶ ଗୁରୁ (ସ୍ୱର୍ଣ୍ଣ), ଛବିଲାଲ୍ କୁମାର ଭୂୟାଁ (ରୌପ୍ୟ), ଗଣେଶ ହାଁସ୍‌ଦା (ରୌପ୍ୟ), ଭୋଳାନାଥ ପାତ୍ର (ରୌପ୍ୟ), ବିଦୁରାମ ବିରୁଆ (ରୌପ୍ୟ), ସୁଶିଲ ବିରୁଆ (ରୌପ୍ୟ), ବୁଦୁରାମ ମୁଣ୍ଡା (ରୌପ୍ୟ) ଓ ରୋଶନ ମୁଣ୍ଡା (ବ୍ରୋଞ୍ଜ)। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଶୁଭକାମନା କରିଛନ୍ତି।

# ସେମିରେ ମହାବୀର ସ୍ପୋର୍ଟିଂ

**ପ୍ରଭାକର ରଥ ମେମୋରିଆଲ ଟି୨୦**

**ଭୁବନେଶ୍ୱର, ୨୫।୩(ସ୍ପୋର୍ଟ୍ସ ବ୍ୟୁରୋ)**

ଏଭରଗ୍ରୀନ ଓ ବିହାରୀଲାଲ କ୍ରୀଡା ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ପ୍ରଭାକର ରଥ ମେମୋରିଆଲ ଟି୨୦ ଲେଦର ବଲ କ୍ରିକେଟରେ ସେମିଫାଇନାଲରେ ପୁରୀର ମହାବୀର କ୍ଲବ୍। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମହାବୀର ସ୍ପୋର୍ଟିଂ ୧୮ ଓଭରରେ ୩ ଉଇକେଟରେ ୧୬୫ ରନ୍ କରିଥିବାବେଳେ ମୁକ୍ତେଶ୍ୱର ୧୪୨ ରନ୍‌ରେ ସୀମିତ ରହିଥିଲା। ମହାବୀର ସ୍ପୋର୍ଟିଂ ପକ୍ଷରୁ ରଞ୍ଜିତ ରାଉତରାୟ ୬୫ ରନ୍ କରିଥଲେ। ମୁକ୍ତେଶ୍ୱର ପକ୍ଷରୁ ଦତ୍ତାତ୍ରେୟ ୩ଉଇକେଟ ନେଇଥିଲେ। ୧୬୬ ରନ୍‌ର ପିଛା କରୁଥିବା ମୁକ୍ତେଶ୍ୱର ନିର୍ଦ୍ଧାରତ ଓଭରରେ ୬ ଉଇକେଟ ହରାଇ ୧୪୨ ରନ୍ କରିଥିଲା। ମୁକ୍ତେଶ୍ୱର ପକ୍ଷରୁ ସୁନୀଲ ସାହୁ ୩୫ ରନ୍ କରିଥିଲେ। ସତ୍ୟସାଗର ଦାସ ଓ ପ୍ରଶାନ୍ତ ଶତପଥୀ ମ୍ୟାଚ ପରିଚାଳନା କରିଥିଲେ। ନଗେନ୍ଦ୍ର ମହାନ୍ତି, ଅକ୍ଷୟ ଜେନା, ରାଜକିଶୋର ସାହୁ, ଅକ୍ଷୟ କୁମାର ବେହେରା, ପ୍ରତାପ କୁମାର ରଥ, ସନ୍ତୋଷ ବେହେରା, ବାସୁଦେବ ଭଞ୍ଜ, ବାନାମ୍ବର ପତି, ଶିବଶଙ୍କର ଜେନା, ଶୁଭ ପ୍ରସାଦ ମିଶ୍ର ଓ କ୍ଲବର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ମନୁ ଭାକରଙ୍କୁ ବ୍ରୋଞ୍ଜ

**ଶୁଟିଂ ବିଶ୍ୱକପ୍**

**ଭୋପାଳ, ୨୫।୩(ପି.ଟି.)**

ଭୋପାଳରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ଭାରତର ମନୁ ଭାକରଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଅଲିମ୍ପିକ୍ସ ଶୁଟର୍ ତଥା ଏକାଧିକ ବିଶ୍ୱକପ୍ ପଦକ ବିଜୟିନୀ ମନୁଙ୍କ ପଦକ ସହିତ ଭାରତର ସମୁଦାୟ ପଦକ ସଂଖ୍ୟା ୭ରେ ପହଞ୍ଚିଛି। ଶନିବାର ଅନୁଷ୍ଠିତ ମୁକାବିଲାରେ ମନୁ ପ୍ରିସିସନ୍ ରାଉଣ୍ଡରେ ୨୯୦ ପଏଣ୍ଟ ସ୍କୋର କରିଥିଲେ। ରାପିଡ୍ ରାଉଣ୍ଡରେ ସେ ୯୮, ୯୯ ଓ ୯୭ର ସ୍କୋର ସହିତ ୨୯୪ ପଏଣ୍ଟ ଅର୍ଜନ କରି ତୃତୀୟ ସ୍ଥାନରେ ରହି ର୍‍ୟାଙ୍କିଙ୍ଗ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଅନ୍ୟତମ ଭାରତୀୟ ଇଶା ସିଂ ପ୍ରିସିସନ୍ ରାଉଣ୍ଡରେ ୨୯୨ ପଏଣ୍ଟ ଓ ରାପିଡ୍ ରାଉଣ୍ଡରେ ୨୮୯ ପଏଣ୍ଟ ଅର୍ଜନ କରି ଅଷ୍ଟମ ସ୍ଥାନରେ ରହି ର୍‍ୟାଙ୍କିଙ୍ଗ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ର୍‍ୟାଙ୍କିଙ୍ଗ ରାଉଣ୍ଡରୁ ଇଶା ବାଦ୍ ପଡ଼ିଥିବାବେଳେ ୧୪ ପଏଣ୍ଟ ସହିତ ପଦକ ମୁକାବିଲାରେ ପହଞ୍ଚିଥିଲେ ମନୁ। ପଦକ ମୁକାବିଲାରେ ଜର୍ମାନୀର ଡୋରିନ୍ ଭେନ୍ନକାମ୍ପ ୩୦ ପଏଣ୍ଟ ଅର୍ଜନ କରିଥିବାବେଳେ ଜିୟେ ଜୁ ୨୯ ପଏଣ୍ଟ ଅର୍ଜନ କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ ମନୁ ମାତ୍ର ୨୦ ପଏଣ୍ଟ ସହ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲେ। ମନୁଙ୍କ ପାଇଁ ଚଳିତ ବିଶ୍ୱକପ୍‌ରେ ଏହା ପ୍ରଥମ ପଦକ। ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବାବେଳେ ୫ଟି ବ୍ରୋଞ୍ଜ ପଦକ ହାସଲ କରି ପଦକ ତାଲିକାରେ ଚାଇନା ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି।


ପୋଡିୟମରେ ପଦକ ସହ ମନୁ ଭାକର(ଡାହାଣ)।

# ଫାଇନାଲରେ ହରମନ୍‌ପ୍ରୀତ-ଲାନିଙ୍ଗ ମୁକାବିଲା

**ଓମେନ୍ସ ପ୍ରିମିୟର ଲିଗ୍**

**ମୁମ୍ବାଇ, ୨୫।୩(ପି.ଟି.)**

ପ୍ରଥମ ସଂସ୍କରଣର ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍) ଫାଇନାଲରେ ପହଞ୍ଚିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ। ରବିବାର ଉଭୟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ମୁମ୍ବାଇର ବ୍ରାବୋର୍ନ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟରେ ଟେବଲ୍ ଟପ୍‌ରେ ରହି ମେଗ୍ ଲାନିଙ୍ଗଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ଫାଇନାଲରେ ପହଞ୍ଚିଥିଲା। ଅନ୍ୟ ପକ୍ଷରେ ଏଲିମିନେଟରରେ ୟୁପି ୱାରିୟର୍ଜଙ୍କୁ ଏକତରଫା ଭାବରେ ହରାଇ ଫାଇନାଲକୁ ଆସିଥିଲା ମୁମ୍ବାଇ। ଉଭୟ ଅଧିନାୟିକା ପ୍ରଥମ ସଂସ୍କରଣର ଟାଇଟଲ ନିଜ ନାମରେ କରିବା ପାଇଁ ପ୍ରୟାସ କରିବେ। ଲାନିଙ୍ଗ ସମ୍ମୁଖ ଭାଗରୁ ଦଳର ନେତୃତ୍ୱ ନେଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଟୁର୍ନାମେଣ୍ଟରେ ଟପ୍ ସ୍କୋରର ରହିଛନ୍ତି। ୩ ଅର୍ଦ୍ଧଶତକ ସହ ଟୁର୍ନାମେଣ୍ଟ ଆରମ୍ଭ କରିଥିବା ହରମନପ୍ରୀତଙ୍କ ବ୍ୟାଟିଂ ଫର୍ମ ମୁମ୍ବାଇ ପାଇଁ ଚିନ୍ତାର କାରଣ ପାଲଟିଛି। ବିଦେଶୀ ଖେଳାଳି ନାଟାଲି ସ୍କିଭର ବ୍ରଣ୍ଟ ଓ ହିଲି ମାଥ୍ୟୁସଙ୍କ ପ୍ରଦର୍ଶନ ଉପରେ ମୁମ୍ବାଇ ନିର୍ଭରଶୀଳ ରହିଛି। ଅନ୍ୟ ପକ୍ଷରେ ଦିଲ୍ଲୀର ପ୍ରଦର୍ଶନ ମାରିଜେନ୍ କାପ୍ ଓ ଲାନିଙ୍ଗଙ୍କ ଉପରେ ନିର୍ଭରଶୀଳ। ଉଭୟ ଦଳର ପ୍ରଦର୍ଶନ ପ୍ରାୟ ସମାନ ଥିବା ବେଳେ କୌଣସି ଗୋଟିଏ ଦଳକୁ ଫେଭରିଟ୍ କହିବା କଷ୍ଟକର ହେବ। ମୁମ୍ବାଇ ଆରମ୍ଭରୁ ଲଗାତର ୫ ବିଜୟ ହାସଲ କରିଥିବା ବେଳେ ଦିଲ୍ଲୀର ଆରମ୍ଭ ସାମାନ୍ୟ ଧିମା ରହିଥିଲା। ମାତ୍ର ଦିଲ୍ଲୀ ଫର୍ମକୁ ଫେରିବା ସହିତ ମୁମ୍ବାଇକୁ ପ୍ରଥମ ସ୍ଥାନରୁ ହଟାଇ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ମୁମ୍ବାଇ ଆହୁରି ଶକ୍ତିଶାଳୀ ମନେହେଉଛି। ବ୍ରାବୋର୍ନ ଷ୍ଟାଡିୟମରେ ମୁମ୍ବାଇ ୩ ମ୍ୟାଚ୍ ଖେଳି ୩ଟିରେ ବିଜୟ ହାସଲ କରିଥିବା ବେଳେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଦିଲ୍ଲୀ ୨ଟି ବିଜୟ ହାସଲ କରିଛି। ଅପରାଜେୟ ରହିଥିବା ମୁମ୍ବାଇ ପାଇଁ ଏହା ଏକ ମନସ୍ତାତ୍ତ୍ୱିକ ଫାଇଦା ରହିବ। ଉଭୟ ଦଳ ନିଜର ଟପ୍ ଅର୍ଡର ଉପରେ ଅଧିକ ନିର୍ଭରଶୀଳ। ହିଲି ମାଥ୍ୟୁସ୍, ୟାସ୍ତିକା ଭାଟିଆ ଓ ନାଟାଲି ସ୍କିଭର ବ୍ରଣ୍ଟଙ୍କ ବ୍ୟାଟିଂ ଉପରେ ମୁମ୍ବାଇ ଓ ମେଗ୍ ଲାନିଙ୍ଗ, ଶେଫାଳି ବର୍ମା, ଆଲିସ୍ କାପ୍‌ସି ଓ ମାରିଜେନ୍ କାପଙ୍କ ଉପରେ ଦିଲ୍ଲୀ ନିର୍ଭର କରିଥାଏ। ସ୍ପିନ୍ ବିଭାଗରେ ମୁମ୍ବାଇ ଅତ୍ୟନ୍ତ ଶକ୍ତିଶାଳୀ। ସାଇକା ଇସାକ୍ ୧୫ ଉଇକେଟ ନେଇଥିବା ବେଳେ ହିଲି ମାଥ୍ୟୁସ୍ ଓ ମେଲି କେର୍ ୧୩ଟି ଲେଖାଏ ଉଇକେଟ ନେଇଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀର ଶକ୍ତି ରହିଛି ମାରିଜେନ୍ କାପ୍ ଓ ଶିଖା ପାଣ୍ଡେଙ୍କ ଅଭିଜ୍ଞ ପେସ୍ ବୋଲିଂ ଲାଇନଅପ୍। ମୁମ୍ବାଇ ପକ୍ଷରୁ ନାଟାଲି ସ୍କିଭର ବ୍ରଣ୍ଟ ୯ ମ୍ୟାଚରୁ (୨୭୨ ରନ୍ ଓ ୧୦ ଉଇକେଟ) ଏବଂ ହିଲି ମାଥ୍ୟୁସ୍ (୨୫୮ ରନ୍ ଓ ୧୩ ଉଇକେଟ) ଚମତ୍କାର ପ୍ରଦର୍ଶନ କରିଛନ୍ତି।



ଫାଇନାଲ ପୂର୍ବରୁ ଟ୍ରଫି ସହ ମେଗ୍ ଲାନିଙ୍ଗ ଓ ହରମନପ୍ରୀତ କୌର।

**ମ୍ୟାଚ୍ ସ୍ଥାନ: ବ୍ରାବୋର୍ନ ଷ୍ଟାଡିୟମ, ମୁମ୍ବାଇ**
**ମ୍ୟାଚ ସମୟ: ରାତି ୭.୩୦**
**ପ୍ରସାରଣ: ଜିଓ ସିନେମା**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................



ଅଭନୀଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସ୍ୱାମୀଙ୍କ ପାଇଁ ସ୍ତ୍ରୀ ଆଣିଲେ ଗର୍ଲଫ୍ରେଣ୍ଡ

**ୱାଶିଂଟନ:** ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ପ୍ରେମ ଓ ଭରସାରେ ବନ୍ଧା ହୋଇଥାଏ। ଯଦି ସେମାନଙ୍କ ମଧ୍ୟରେ କୌଣସି ପ୍ରକାର ମତଭେଦ ହୁଏ, ସେଥିରେ ସମ୍ପର୍କ ଭାଙ୍ଗିବାର ସମ୍ଭାବନା ରହିଥାଏ। ଆମେରିକାର ଜଣେ ମହିଳାଙ୍କ ବିବାହ ମଧ୍ୟ ଏପରି କିଛି କାରଣ ଯୋଗୁ ଭାଙ୍ଗିବାକୁ ବସିଥିଲା। ଏହା ସମାଧାନ ପାଇଁ ମହିଳା ଏକ ଅଜବ ରାସ୍ତା ବାହାର କରିଥିବା ଜଣାପଡିଛି। ମହିଳାଙ୍କ ମୁହଁ ସହ ମିଶୁଥିବା ଅନ୍ୟ ଜଣଙ୍କୁ ଖୋଜି ଆଣି ସ୍ୱାମୀଙ୍କ ଗର୍ଲଫ୍ରେଣ୍ଡ କରିଛନ୍ତି। ରିପୋର୍ଟ ମୁତାବକ, ଏପରି ଘଟଣା ନ୍ୟୁୟର୍କର ଲଙ୍ଗ୍ ଦ୍ୱୀପରେ ଦେଖିବାକୁ ମିଳିଛି। ତେହେମିନା କ୍ୱିନ୍‌ଟାନା ଏବଂ ବ୍ରିୟନ୍ତ କ୍ୱିନ୍‌ଟାନା ସ୍ୱାମୀ-ସ୍ତ୍ରୀ ଅଟନ୍ତି। ହେଲେ ବ୍ରିୟନ୍ତଙ୍କୁ ଅନେକ ସମୟରେ ଅନ୍ୟ ଝିଅମାନେ ପସନ୍ଦ ଆସିଥାନ୍ତି। ବର୍ତ୍ତମାନ ଦୁହିଁଙ୍କ ବିବାହକୁ ୩ ବର୍ଷ ହୋଇଥିବାବେଳେ ବ୍ରିୟନ୍ତଙ୍କ ଅନ୍ୟ ଝିଅ ସହ ସମ୍ପର୍କ ଥିବା ତେହେମିନା ଜାଣିବାକୁ ପାଇଥିଲେ। ବ୍ରିୟନ୍ତଙ୍କୁ ତେହେମିନା ଅଧିକ ଭଲ ପାଉଥିବାବେଳେ ସେ ତାଙ୍କଠାରୁ ଅଲଗା ହେବାକୁ ଚାହୁଁ ନ ଥିଲେ। ସେଥିପାଇଁ ସେ ଚିନ୍ତା କଲେ କି ତାଙ୍କ ବିବାହକୁ ଓପନ ମ୍ୟାରେଜ୍ କରିବେ। ଯେଉଁଥିରେ ତାଙ୍କ ଦୁହିଁଙ୍କ ମଧ୍ୟରେ ତୃତୀୟ ବ୍ୟକ୍ତି ସାମିଲ ହୋଇପାରିବ।



ସେଥିପାଇଁ ତେହେମିନା ବ୍ରିୟନ୍ତଙ୍କ ପାଇଁ ସୋସିଆଲ ମିଡିଆରେ ନିଜ ମୁହଁ ସହ ମିଶୁଥିବା ଝିଅଙ୍କୁ ଖୋଜିବା ଆରମ୍ଭ କଲେ। କାରଣ ସେ ଚାହୁଁ ନ ଥିଲେ କି ବ୍ରିୟନ୍ତ ଅନ୍ୟ କୌଣସି ମହିଳାଙ୍କ ପାଖକୁ ଯାଆନ୍ତୁ। ସେତେବେଳେ ତାଙ୍କୁ ଅଷ୍ଟ୍ରେଲିଆର ଜଣେ ମଡେଲ କାଏରା ଜନସନ୍ ମିଳିଗଲେ। କାଏରା ମଧ୍ୟ ଏହି ଟ୍ରିପଲ୍ ମ୍ୟାରେଜ୍ ପାଇଁ ରାଜି ହୋଇ ଅଷ୍ଟ୍ରେଲିଆରୁ ଆମେରିକା ଚାଲିଆସିଲେ। ଏବେ ସେମାନେ ଏକାଠି ମିଳି ମିଶି ରହୁଛନ୍ତି। ଯେତେବେଳେ ଦୁଇ ମହିଳା ଏକାଠି ବାହାରକୁ ଯାଆନ୍ତି, ତାଙ୍କୁ ସମସ୍ତେ ଯାଆଁଳା ଭଉଣୀ ବୋଲି କୁହନ୍ତି।

# ୪ ସେକେଣ୍ଡରେ କ୍ୟୁବ୍ ସମାଧାନ କରି ରେକର୍ଡ

ବେଜିଂ



ପ୍ରତିଯୋଗିତାରେ ପ୍ରତିଟି ସେକେଣ୍ଡ ବହୁତ ମୂଲ୍ୟବାନ ହୋଇଥାଏ। ଯିଏ ଯେତେ କମ୍ ସମୟରେ ପ୍ରତିଯୋଗିତା ଶେଷ କରିଥାଏ, ସେ ହିଁ ଉତ୍ତୀର୍ଣ୍ଣ ହୁଏ। ଚାଇନାର ଜଣେ ୯ ବର୍ଷୀୟ ବାଳକ ୪ ସେକେଣ୍ଡରେ ରୁବିକ୍ସ କ୍ୟୁବ୍ ସମାଧାନ କରି ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି। ଏନେଇ ଏକ ଭିଡିଓ ଗିନିଜ୍ ୱାର୍ଲ୍ଡ ରେକର୍ଡ ତା' ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛି। ରୁବିକ୍ସ କ୍ୟୁବ୍ ସମାଧାନ କରିବା ଅନେକଙ୍କ ପକ୍ଷରେ ସହଜ ହୋଇ ନ ଥାଏ। ତାକୁ ବୁଝି ସମାଧାନ କରିବାକୁ ସମୟ ଲାଗିଥାଏ। ହେଲେ ୯ ବର୍ଷୀୟ ଇହେଙ୍ଗ ୱାଙ୍ଗଙ୍କ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭିନ୍ନ। ସେ ନିକଟରେ ମାଲେସିଆର କୁଆଲାଲମପୁରଠାରେ ୩.୯୦ ସେକେଣ୍ଡରେ ରୁବିକ୍ସ କ୍ୟୁବ୍ ସମାଧାନ କରି ଏକ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ସେ ଆମେରିକା ମାକ୍ସ ପର୍କ ଏବଂ ପୋଲାଣ୍ଡର ଟାଏମୋନ୍ କୋଲାସିସ୍କିଙ୍କ ରେକର୍ଡ ଭାଙ୍ଗିଛନ୍ତି। ତାଙ୍କୁ ଏହି କ୍ୟୁବ ସମାଧାନ ପାଇଁ ୫ ଥର ସୁଯୋଗ ମିଳିଥିଲା। ସେ ପ୍ରଥମେ ୪.୩୫, ୩.୯୦, ୪.୪୧, ୫.୩୧ ଏବଂ ୬.୧୬ ସେକେଣ୍ଡରେ କ୍ୟୁବ୍ ସମାଧାନ କରିଥିଲେ। ଏହା ମଧ୍ୟରୁ ସବୁଠାରୁ କମ୍ ସମୟରେ ସମାଧାନ ହୋଇଥିବା ପଜଲକୁ ତାଙ୍କ ରେକର୍ଡ ହିସାବରେ ନିଆଯାଇଥିଲା। ଏହି ଭିଡିଓରେ ଜଣେ ବ୍ୟକ୍ତି ଲେଖିଛନ୍ତି, ସେ ଜଣେ କ୍ୟୁବର, ହେଲେ ସେ ଏତେ କମ୍ ସମୟରେ କ୍ୟୁବ୍ ସମାଧାନ କରିପାରିବେନି। ଏହା ତାଙ୍କ ପାଇଁ ପ୍ରେରଣାଦାୟକ।

# ସ୍ତ୍ରୀଙ୍କୁ ଆୱାର୍ଡ ଡେଡିକେଟ୍



**ମୁମ୍ବାଇ:** ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଏବଂ ଅଭିନେତ୍ରୀ କିଆରା ଆଡ୍‌ଭାନୀ ନିକଟରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏହି ଦମ୍ପତି ଏବେ ଲାଇମଲାଇଟ୍‌ରେ ଅଛନ୍ତି। ସିଦ୍ଧାର୍ଥଙ୍କୁ ବେଷ୍ଟ ଷ୍ଟାଇଲ ପାଇଁ ଏକ ସମାରୋହରେ ଆୱାର୍ଡ ମିଳିଥିଲା। ସେ ସେହି ଆୱାର୍ଡକୁ ସ୍ତ୍ରୀ କିଆରାଙ୍କୁ ଡେଡିକେଟ୍ କରିଥିବା ଜଣାପଡିଛି। ବଲିଉଡ୍ ହଙ୍ଗାମା ଷ୍ଟାଇଲ ଆଇକନ ଆୱାର୍ଡ ସମାରୋହ ଶୁକ୍ରବାର ମୁମ୍ବାଇରେ ଆୟୋଜିତ ହୋଇଥିଲା। ସମାରୋହରେ ସିଦ୍ଧାର୍ଥଙ୍କୁ ବେଷ୍ଟ ଷ୍ଟାଇଲ ପାଇଁ ଆୱାର୍ଡ ମିଳିଥିଲା, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସେଥିରେ ସିଦ୍ଧାର୍ଥ କହିଛନ୍ତି, ତାଙ୍କୁ ବେଷ୍ଟ ଆକ୍ଟର ଭାବେ ପ୍ରଥମ ଆୱାର୍ଡ ମିଳିଥିବାବେଳେ ବିବାହ ପରେ ଏହା ତାଙ୍କ ଦ୍ୱିତୀୟ ଆୱାର୍ଡ। ଏଥିରେ କିଆରା ବେଶ୍ ଖୁସି ହେବେ। କିଆରା ଜଣେ ଭଲ ଅଭିନେତ୍ରୀ ଏବଂ ବହୁତ ଷ୍ଟାଇଲିସ୍। ଆଉ ସେହି ଷ୍ଟାଇଲିସ୍ ଡିଜାଇନର୍‌ଙ୍କ ପାଖକୁ ସେ କୁଲ୍ ଦେଖାଯିବାକୁ ଯାଇଥାନ୍ତି। ଏହା କହି ସେ ତାଙ୍କ ଆୱାର୍ଡକୁ କିଆରାଙ୍କୁ ଡେଡିକେଟ କରିଛନ୍ତି। ଏହି ଭିଡିଓକୁ କିଆରା ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରି ଲେଖିଛନ୍ତି, ଦିସ୍ ମ୍ୟାନ୍ ହାଜ୍ ମାଇଁ ହୋଲ୍ ହାର୍ଟ। ତେବେ ସିଦ୍ଧାର୍ଥଙ୍କୁ ଶେଷଥର ପାଇଁ ଫିଲ୍ମ 'ମିଶନ ମଜନୁ'ରେ ଦେଖିବାକୁ ମିଳିଥିବାବେଳେ ଆଗକୁ ତାଙ୍କ ସିନେମା 'ୟୋଦ୍ଧା' ଜୁଲାଇ ୭ରେ ରିଲିଜ୍ ଅପେକ୍ଷାରେ ରହିଛି।



# ସବୁଠୁ ଦାମୀ ଗିଟାର

ବେର୍ନ

ସାଧାରଣତଃ ଗିଟାର ପ୍ରତି ସମସ୍ତଙ୍କ ଧ୍ୟାନ ଯାଇଥାଏ। ଯଦି କେଉଁ ସ୍ଥାନରେ କେହି ଗିଟାର ବଜାଉଛି ତ ତାଙ୍କୁ ଦେଖିବାକୁ ଲୋକେ ସେଠାରେ ଭିଡ଼ ଜମାଇଥାଆନ୍ତି। ହେଲେ ଏପରି ଏକ ଗିଟାର ଅଛି, ଯାହା ନ ବାଜିଲେ ମଧ୍ୟ ଲୋକେ ତାକୁ କେବଳ ଦେଖିବାକୁ ବ୍ୟାକୁଳ ହୋଇଥାଆନ୍ତି। ସାଧାରଣତଃ ଗିଟାରର ମୂଲ୍ୟ ୪ରୁ ୧୦ ହଜାର ମଧ୍ୟରେ ବଜାରରେ ମିଳି ଯାଇଥାଏ। ଏହାଠାରୁ ମଧ୍ୟ ମହଙ୍ଗା ଗିଟାର ରହିଛି, ଯାହାର ମୂଲ୍ୟ ୧୬ କୋଟିରୁ ଊର୍ଦ୍ଧ୍ୱ। ଏହି ଗିଟାରର ନାମ 'ଇଡେନ୍ ଅଫ୍ କୋରୋନେଟ୍'। ଆରୋନ୍ ଶୁମ୍ ନାମକ ଜଣେ ବ୍ୟକ୍ତି ଏହି ଗଟାରକୁ ସ୍ୱିଜରଲାଣ୍ଡର ବସେଲରେ ୨୦୧୫ ମାର୍ଚ୍ଚ ୧୬ରେ ତିଆରି କରିଥିଲେ। ପରେ ଏହି ଗିଟାରକୁ ବିଶ୍ୱର ସବୁଠୁ ମହଙ୍ଗା ଗିଟାର ଭାବେ ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିରେ ୧୧,୪୪୧ଟି ହୀରା, ୧୮ କିଲୋର ଧଳା ସୁନା ଲାଗିଥିବାରୁ ଏହାର ମୂଲ୍ୟ ଏତେ ଅଧିକ। ରିପୋର୍ଟ ମୁତାବକ, ୬୮ ଜଣ କାରିଗର ଏହି ଗିଟାରକୁ ୭୦୦ ଦିନରେ ତିଆରି କରିଥିଲେ। ଏହି ଗିଟାର ବିଶ୍ୱର ଅଲଗା ଅଲଗା ସ୍ଥାନର ପ୍ରଦର୍ଶନୀରେ ସ୍ଥାନ ପାଇଛି।

# Classified Everyday

**0674-2580101, 2549949**



## MATRIMONIAL

### BRIDE WANTED

Bride for Karan groom 42 well settled Bhubaneswar. Contact-7683912628. D-74703

### GROOM WANTED

ଏକୁଟିଆ ରହୁଥିବା, Government ଚାକିରିଆ 31 ବୟସ୍କା ଖଣ୍ଡାୟତ divorcee ଝିଅଙ୍କୁ ଘରଜ୍ୱାଇଁ ଦରକାର। 7749076723. D-3048

59 ବୟସ୍କା Bengali, State Government ଚାକିରିଆ, ନିଃସନ୍ତାନ widowଙ୍କୁ ବିବାହିତ/ ଅବିବାହିତ ପୁଅ ଦରକାର। 6371586968. D-3050

31 ବୟସ୍କା Central Govt. ଚାକିରିଆ Sikkim ବାସିନ୍ଦା Unmarried ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 6371586968. D-3094

ASHRIBAD Weeding:- Any Caste, Any Age, Fresh, Widow, Divorcee candied. Call- 9178392294. D-3099

58 ବୟସ୍କା Employment Exchange Dept.ରେ କାର୍ଯ୍ୟରତ ବିଧବା ମହିଳାଙ୍କୁ Anycaste ବରପାତ୍ର ଆବଶ୍ୟକ। 8144532712. D-3093

55 ବୟସ୍କା ଏକାକୀ ରହୁଥିବା ପେନ୍‌ସନ୍ ପାଉଥିବା ନିଃସନ୍ତାନ ବିଧବା ବ୍ରାହ୍ମଣ ମହିଳାଙ୍କୁ ଯେକୌଣସି ଜାତିର ବର ଆବଶ୍ୟକ। 9437703488. D-3095



## AUTOMOBILE

### SALE

**College/School Bus for sale Two school buses of TATA Make 2007 Model-709, 32 seaters with valid registration, fitness, permit and insurance for sale. Please contact Mob. 9348196197 with the offer price.** D-3098



## REAL ESTATE

### SALE

NH side plot (Gharabari, boundarywall). Nakhara to Niali road Cuttack. 8249851363. D-74662

2 BHK, 3 BHK flats sale, Sai Suman Apartment, Bhubaneswar. Contact: 8249157161. D-73754

**Duplex At: Pokhariput near D.A.V. School. Land Area=2400 sqft., const. Area= 3700sqft. Contact. 9776996478.** D-3029

ଭୁବନେଶ୍ୱର **BDA** ଏରିଆ ପିପିଲି ଟୋଲ୍‌ଗେଟ୍ ପାଖରେ ଅତିଶୀଘ୍ର ଘର କରିବା ପାଇଁ **30** ଫୁଟ୍ ରାସ୍ତା ପାଖରେ **1200** ବର୍ଗଫୁଟ୍ ଜାଗା ପାଚେରି ରେଜିଷ୍ଟ୍ରେସନ, ଘରବାରି, ପଟ୍ଟା ସହିତ ମାତ୍ର **15** ଲକ୍ଷ। **For details: 9438220432, 8144658008.** D-3074

Residential / Gharabari plot near SBI on SH 65 at Badamba Garh is ready for sale. Ideal Location for Petrol Pump or Market Complex. Plot Size : 1.04 Acres Imp : Only persons interested to purchase the entire plot need to contact. Please contact through Whatsapp / SMS : 9937077222. D-3088

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

**2400 sqft. Gharabari Land 50' wide road facing near Pokhariput DAV School. Contact: 9090030067, 9090030068.** D-3026

House for sale at GGP Colony 3Storied building (10nos of individual quarters). Contact: 7978141625. D-3080

ଭୁବନେଶ୍ୱର ଏୟାରଫିଲ୍ଡ ଥାନାରୁ ୧୨ କି.ମି. ଦୂରରେ 1200sqft. ପ୍ଲଟ୍‌କୁ 6,84,000/-, 8,40,000/-ରେ କିଣି ଆଜି ଘର କରନ୍ତୁ। 9938016295. D-74833

Book 3BHK/ 4BHK Premium flat at Soubhagya Nagar, near City Woman's College, Unit-8, Bhubaneswar (Handover June - 2024) Contact : 9439716901. D-74529

**1 Acre 71 Decimal Gharabadi Commercial plot sale at Puri near Giral Chhak. 4 Crore per Acre. Negotiable. Only Buyer Contact: 9438109040/ 8144658008.** D-3051

ଭୁବନେଶ୍ୱର Retanga Railway Station ପାଖରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ 650/-, 9348767829. D-74834

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ : 9090778800. D-74528

**Residential gharabari plot at Brahmanjharilo, Cuttack with boundarywall, electripole inside Temple on Bank loan facilities near English Medium High School, 6 K.M. from Phulnakhara, 11 K.M. from Bhubaneswar. 7809525452.** D-74665

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998



## CONSTRUCTION

**Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74826

Construct your Dream Home/Building with compititive rate contact Besco Developers, Satyanagar, Bhubaneswar, 9778855101, 7735330028. D-2999



## FOR RENT

3BHK/ 2BHK/ 1BHK Independent house at Phase-1, Raghunath Nagar, Sisupalgada, Bhubaneswar. Contact: 9437356387, 9437496791. D-73756

2 Room house with attached kitchen, bathroom near Dharma Vihar, Khandagiri, Bhubaneswar. Contact- 9437051142. D-3090

**4300 Sqft. Covered area to be rented at Mancheswar Industrial Estate, Contact: 9437312440.** D-3091

Commercial space Office/ Godown 2000sqft., Bapuji Nagar, Bhubaneswar. Contact-7683912628. D-74702



## Healthcare

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Newly open health benefits SPA Special Offer@999Sahidnagar. 8118028440. D-73695

Newly open health benefits Spa special offer@999, Nayapalli, 7846814019. D-73694

All types body massage with hiprofile smart lady, room services available. 9937833100. D-71366

"Only Professional body massage, Steam-Bath & Body Scrubbing. 9861550765". D-2985

Asribada Panchakarma herbal SPA Kesharimall, Bhubaneswar. Contact : 8926173473. D-74664

## LOST

I, KUNCHITA MINZ aged about 26 years, D/o- SHANTI PRAKASH MINZ, Vill-Khukhundubahal have lost my 10th Board Pass Certificate bearing Roll No.-EK004236 while going to Kuarmunda Market on Dt. 20.06.2022. Inspite of several efforts I could not trace it out. D-3096

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରାମଚନ୍ଦ୍ର ରାଉତ**

ଏଲ୍.ବି. ୧୦୮, ଫେଜ୍-୨, ଲକ୍ଷ୍ମୀସାଗର, ଭୁବନେଶ୍ୱର

ଆବିର୍ଭାବ: ତା୧୫।୦୬।୧୯୪୭
ତିରୋଧାନ: ତା୧୬।୦୩।୨୦୨୩

ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହିତ:
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।

ଧ-୩୧୦୦

### ଜନ୍ମଦିନ ଶୁଭେଚ୍ଛା



**ଅଭନୀଶ ନନ୍ଦ**

S/O: ଗାୟତ୍ରୀ ଓ ସମିତ

ପାର୍କଉଡ୍‌ସ ଥାନେ, ମହାରାଷ୍ଟ୍ର

ଆଜିର "ଷଷ୍ଠ ସ୍ୱନକ୍ଷତ୍ର" ଅବସରରେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

ଶୁଭାଶୀର୍ବାଦ ସହ: ଜେଜେବାପା, ଜେଜେ ମା ଓ ପରିବାରବର୍ଗ।

୨୪୬, କଟକରୋଡ୍, ଭୁବନେଶ୍ୱର

ଧ-୬୭୪୨୭

### ଧରିତ୍ରୀ Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଏ ସପ୍ତାହର ପ୍ରଶ୍ନ

୧- ସ୍ନୋ ଫେଷ୍ଟିଭାଲ୍ (ୱିଣ୍ଟର କାର୍ନିଭାଲ୍)............... ଠାରେ ଆୟୋଜିତ ହୋଇଥିଲା ?
୨- ବୋଲା ତିନୁବୁ ନିକଟରେ............ଦେଶରେ ରାଷ୍ଟ୍ରପତି ଭାବେ ନିଯୁକ୍ତ ହୋଇଛନ୍ତି ?
୩- କୋପାକାବାନା ବିଚ୍ ................................ସହରରେ ଅବସ୍ଥିତ ?
୪- ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ପ୍ରତିଷ୍ଠାତା ............... ?
୫- ଗେମ୍ସ ଅଫ୍ ଥ୍ରୋନ୍ ଟିଭି ସିରିଜ୍ ଜର୍ଜ ଆର୍ ଆର୍ ମାର୍ଟିନଙ୍କ ............... ଉପନ୍ୟାସ ଉପରେ ଆଧାରିତ ?

## ଗତ ଥରର ଉତ୍ତର

୧ ପର୍ଯ୍ୟଟନ ମନ୍ତ୍ରଣାଳୟ
୨ କଲମ୍ବିଆ
୩ ହଷ୍ଟୁରାସ
୪ ସତ୍ୟରୂପ ସିଦ୍ଧାନ୍ତ
୫ ଆନ୍ନା ବୁର୍ନସ୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


କିଶୋର ପାଣି, ଭୁବନେଶ୍ୱର


କେ. ସୁନୀଲ କୁମାର ରାଓ

## ଟପ୍ ୧୦

### ପୃଥିବୀର ସୁନ୍ଦର ଜଳପ୍ରପାତ

୧- ଭିକ୍ଟୋରିଆ ୱାଟରଫଲ୍................................. ଜାମ୍ବିଆ, ଜିମ୍ବାୱେ
୨- ଇଗୁଆଜୁ ଫଲ୍ସ.................................. ଆର୍ଜେଣ୍ଟିନା ଏବଂ ବ୍ରାଜିଲ୍
୩- ଆଞ୍ଜେଲ୍ ଫଲ୍ସ.......................................... ଭେନେଜୁଏଲା
୪- ନାଇଗ୍ରା ଫଲ୍ସ.................................. ନ୍ୟୁୟର୍କ ଏବଂ ଅଣ୍ଟାରିଓ
୫- ୟୋସେମାଇଟ୍ ଫଲ୍ସ......................... କାଲିଫର୍ନିଆ ଏବଂ ଆମେରିକା
୬- ପ୍ଲିଭାଇସ୍ ଫଲ୍ସ ............................................ କ୍ରୋଏସିଆ
୭- କାଇଟ୍ୟୁର୍ ଫଲ୍ସ ............................................... ଗୁଆନା
୮- ଗଲ୍‌ଫସ୍ ଫଲ୍ସ .............................................. ଆଇଲାଣ୍ଡ
୯- ସୁଥରଲାଣ୍ଡ ଫଲ୍ସ........................................... ନ୍ୟୁଜିଲାଣ୍ଡ
୧୦- ଜଗ୍ ଫଲ୍ସ.................................................... ଭାରତ

ଜାଣନ୍ତୁ ଦୁନିଆ

## ଗ୍ରେଟ୍ ବ୍ଲୁ ହୋଲ୍

**ବ୍ଲୁ ହୋଲ୍ ହେଉଛି ସମୁଦ୍ର ମଝିରେ ବିଭିନ୍ନ ସ୍ଥାନରେ ଥିବା ଏକ ନୀଳ ରଙ୍ଗର ଗର୍ତ୍ତ, ଯାହାକି ଆଜିର ଅତ୍ୟାଧୁନିକ ଯୁଗରେ ଏବେବି ରହସ୍ୟପୂର୍ଣ୍ଣ। ତେବେ ବେଲିଜେ ବ୍ଲୁ ହୋଲ୍ ହେଉଛି ପୃଥିବୀର ସବୁଠୁ ବଡ଼ ସାମୁଦ୍ରିକ ଗର୍ତ୍ତ, ଯାହାକୁ ଦି ଗ୍ରେଟ୍ ବ୍ଲୁ ହୋଲ୍ ବୋଲି ମଧ୍ୟ କୁହାଯାଇଥାଏ। ଜାଣନ୍ତୁ ଏହି ଅଦ୍ଭୁତ ଏବଂ ଆଶ୍ଚର୍ଯ୍ୟଜନକ ସ୍ଥାନ ସମ୍ପର୍କରେ କିଛି ତଥ୍ୟ...**

➤ପୃଥିବୀରେ ଥିବା ସମସ୍ତ ବ୍ଲୁ ହୋଲ୍ ମଧ୍ୟରୁ ବେଲିଜେ ବ୍ଲୁ ହୋଲ୍ ସବୁଠାରୁ ବଡ଼, ଯାହାର ପରିଧି ପ୍ରାୟ ୩୦୦ ମିଟର ହୋଇଥିବା ବେଳେ ଗଭୀରତା ପ୍ରାୟ ୧୦୮ ମିଟର। ଏହା ବେଲିଜେ ସହରଠାରୁ ପ୍ରାୟ ୧୦୦କିମି. ଦୂର ସମୁଦ୍ରଠାରେ ଅବସ୍ଥିତ।



➤ବିଜ୍ଞାନ ମତରେ ସମୁଦ୍ର ମଝିରେ ଅନେକ ଛୋଟ ବଡ଼ କାର୍ବୋନେଟ୍ ଚଟାଣ ରହିଛି। ଯାହା ଦୀର୍ଘ ବର୍ଷଧରି ପାଣିରେ କଟି ବଡ଼ ଏବଂ ଗଭୀର ଖାଲ ସୃଷ୍ଟି କରିଥାଏ ଏବଂ ଏହା ମଧ୍ୟରେ ସମୁଦ୍ର ପାଣି ପଶିଯିବା କାରଣରୁ ଗଭୀର ନୀଳ ରଙ୍ଗ ଦେଖାଯାଇଥାଏ। ତା'ଛଡା ଏହା ଅଧିକ ଗଭୀର ହୋଇଥିବାରୁ ଏହା ମଧ୍ୟରେ ସୂର୍ଯ୍ୟକିରଣ ପଡ଼ିଲେ ଗାଢ଼ ନୀଳ ରଙ୍ଗ ଦେଖାଯାଏ। ଆଉ ଏଥିପାଇଁ ଏହାକୁ ବ୍ଲୁ ହୋଲ୍ ବୋଲି ନାମ ରଖାଯାଇଛି। ଆହୁରି ମଧ୍ୟ କୁହାଯାଏ ପ୍ରାୟ ୧୦,୦୦୦ ବର୍ଷ ପୂର୍ବେ ଅର୍ଥାତ୍ ଶେଷ ବରଫ ଯୁଗ ବେଳେ ପୃଥିବୀ ପୃଷ୍ଠରେ ଥିବା ବଡ଼ ବଡ଼ ଗୁମ୍ଫା ଉପରେ ପାଣି ମାଡ଼ିଯିବାରୁ ଏସବୁ ସୃଷ୍ଟି ହୋଇଛି।

➤ମେରାଇନ୍ ବାୟୋଲୋଜିଷ୍ଟ ଜାକ୍ୱେସ୍ କଷ୍ଟେଉ ୧୯୭୧ ମସିହାରେ ଗ୍ରେଟ୍ ବ୍ଲୁ ହୋଲ୍‌କୁ ଦେଖିବା ପରେ ଏହା ସମ୍ପର୍କରେ ଅନେକ ତଥ୍ୟ ଲୋକଲୋଚନକୁ ଆସିଲା ଏବଂ ଏହା ଅଧିକ ପ୍ରସିଦ୍ଧ ହୋଇଗଲା।

➤୧୯୮୮ ମସିହାରେ ବ୍ରିଟିଶ୍ ଡାଇଭର(ସମୁଦ୍ର ବୁଡାଳି) ନେଡ୍ ମିଡିଲ୍‌ଟନ୍ ତାଙ୍କ ପୁସ୍ତକ 'ଟେନ୍ ଇୟର୍ସ ଅଣ୍ଡରୱାଟର'ରେ ବେଲିଜେ ବ୍ଲୁ ହୋଲ୍‌କୁ 'ଗ୍ରେଟ୍ ବ୍ଲୁ ହୋଲ୍' ବୋଲି ଲେଖିଥିଲେ। ସେହିଠାରୁ ଏହି ନାଁ ପ୍ରଚଳିତ ହୋଇଆସୁଛି।

➤୨୦୧୨ ମସିହାରେ ଡିସ୍କଭରି ଚ୍ୟାନେଲ୍ ପକ୍ଷରୁ ଏହାକୁ ପୃଥିବୀର ସବୁଠୁ ବିସ୍ମୟକର ସ୍ଥାନର ମାନ୍ୟତା ମିଳିଥିଲା।



# ଡିଜିଟାଲ୍ ସେକ୍ଟରରେ କ୍ୟାରିଅର

## ବଢୁଛି ଯୁବପିଢ଼ିଙ୍କ ଡିମାଣ୍ଡ



**ଡିଜିଟାଲ୍ ମାର୍କେଟିଂରେ ବର୍ତ୍ତମାନ କ୍ୟାରିଅର ଗଢ଼ିବାକୁ ଯୁବପିଢ଼ିଙ୍କ ମଧ୍ୟରେ କ୍ରେଜ୍ ବଢୁଥିବା ଦେଖିବାକୁ ମିଳୁଛି। କାହିଁକି ବା ନ ବଢ଼ିବ; କାରଣ ମାର୍କେଟିଂ, ଶପିଂଠୁ ଆରମ୍ଭ କରି ବ୍ୟାଙ୍କିଙ୍ଗ୍ ଏବଂ ପଢ଼ା ପର୍ଯ୍ୟନ୍ତ ସବୁ ଏବେ ଡିଜିଟାଲ୍। ତେଣୁ ଏହାକୁ ନେଇ ଭଲ କ୍ୟାରିଅର ଗଢ଼ିବାର ଅପ୍ସନ ବି ଢେର...**

ଏକ ଗବେଷଣା ରିପୋର୍ଟ ମୁତାବକ ୨୦୧୪ ମସିହାରେ ଡିଜିଟାଲ୍ ସେକ୍ଟର ଅନ୍ୟ ସମସ୍ତ ସେକ୍ଟର ମଧ୍ୟରେ ଗ୍ରୋଥ୍ କରିବାରେ ଅଗ୍ରଣୀ ଥିଲା। ୨୦୨୦ ମସିହାରେ କରୋନା ମହାମାରୀ ସମୟରେ ସଂକ୍ରମଣ ଭୟରେ ଯେବେ ଅଧିକାଂଶ ଅଫ୍‌ଲାଇନ୍ ଦୋକାନ, ଅନୁଷ୍ଠାନ ଆଦି ବନ୍ଦ କରିଦିଆଗଲା, ସେତେବେଳେ ୱେବ୍‌ସାଇଟ୍, ସୋସିଆଲ୍ ମିଡିଆ ହେଉ ଅବା ଇ-ମେଲ୍ ଜରିଆରେ ଏହାଦ୍ୱାରା ଗ୍ରାହକଙ୍କ ସହ ଅନ୍‌ଲାଇନ୍‌ରେ ଯୋଗାଯୋଗ କରିବା ସହଜ ହୋଇପାରିଲା। ଫଳରେ ଡିଜିଟାଲ୍ ସେକ୍ଟରର ଡିମାଣ୍ଡ ବହୁପରିମାଣରେ ବୃଦ୍ଧି ପାଇବାକୁ ଲାଗିଲା। ତା'ଛଡ଼ା ବର୍ତ୍ତମାନ ସ୍ମାର୍ଟଫୋନ୍‌ରେ ଇଣ୍ଟରନେଟ୍ ବ୍ୟବହାର ପ୍ରାୟ ସମସ୍ତେ କରୁଥିବାରୁ ଅନେକ କମ୍ପାନୀ ଡିଜିଟାଲ୍ ମାର୍କେଟିଂ ଉପରେ ବେଶୀ ଗୁରୁତ୍ୱ ଦେଉଛନ୍ତି। ଫଳରେ ଡିଜିଟାଲ୍ ଫିଲ୍ଡରେ କୋର୍ସ କରିଥିବା ଯୁବପିଢ଼ିଙ୍କ ପାଇଁ ରୋଜଗାରର ଅନେକ ମାର୍ଗ ଖୋଲିଯାଇଛି।

**ମିଳୁଛି ଭଲ ସାଲାରି:** ଯେକୌଣସି ଜବ୍ କରିବା ପୂର୍ବରୁ ସମସ୍ତଙ୍କ ମନରେ ଏକ ପ୍ରଶ୍ନ ଆସେ ଏଠାରେ ସାଲାରି କେତେ। ବର୍ତ୍ତମାନ ଡିଜିଟାଲ ସେକ୍ଟରରେ କ୍ୟାରିଅର ଗଢ଼ିବା ଅଧିକାଂଶ ଯୁବପିଢ଼ିଙ୍କ ଲାଗି ବେଶ୍ ଲାଭଦାୟକ ହୋଇପାରୁଛି। କାରଣ ବର୍ତ୍ତମାନ ସମୟରେ ସର୍ବାଧିକ ସାଲାରି ଦେଉଥିବା ଜବ୍‌ଗୁଡ଼ିକ ମଧ୍ୟରେ ଡିଜିଟାଲ୍ ମାର୍କେଟିଂ ବେଶ୍ ଚର୍ଚ୍ଚାରେ ରହିଛି। କର୍ମଜୀବୀଙ୍କ ଏକ୍ସପେରିଏନ୍ସ ଏବଂ କାର୍ଯ୍ୟଦକ୍ଷତା ଆଧାରରେ କମ୍ପାନୀ ଦରମା ନିର୍ଦ୍ଧାରଣ କରିଥାଏ।

**କ୍ୟାରିଅର୍ ଅପ୍ସନ ଢେର୍:** ଡିଜିଟାଲ୍ ଏକ୍ସପର୍ଟଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ଅତ୍ୟାଧୁନିକ ଜ୍ଞାନକୌଶଳର ଯେଉଁଭଳି ଦ୍ରୁତ ପ୍ରଗତି ହେବାରେ ଲାଗିଛି, ତାହାକୁ ଦେଖି ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ଡିଜିଟାଲ୍ ସେକ୍ଟରରେ ଜବ୍ ମିଳିବାରେ ଅସୁବିଧା ହେବନାହିଁ ବୋଲି ଅନୁମାନ କରାଯାଉଛି। ଏହା ଲାଟେଷ୍ଟ ଏବଂ ଅପ୍‌ଡେଟ୍ ଫିଲ୍ଡ ହୋଇଥିବାରୁ ଦକ୍ଷ ଯୁବପିଢ଼ିଙ୍କର ଏହି କ୍ଷେତ୍ରରେ ଜବ୍ କରିବାକୁ ନେଇ ଅଧିକ କ୍ରେଜ୍ ରହିଛି। ସୋସିଆଲ୍ ମିଡିଆର ଦ୍ରୁତ ପ୍ରଗତି ସହ କଣ୍ଟେଣ୍ଟ ମାର୍କେଟିଂର ବୃଦ୍ଧିକୁ ଆଖିଆଗରେ ରଖି ବଡ଼ ବଡ଼ ବ୍ୟବସାୟୀ ସଂସ୍ଥା ଡିଜିଟାଲ୍ ମାର୍କେଟିଂକୁ ଅଧିକରୁ ଅଧିକ ବୃଦ୍ଧି କରାଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଡିଜିଟାଲ୍ ସେକ୍ଟରରେ ମିଳୁଥିବା ବିଭିନ୍ନ ଜବ୍ ଅପ୍ସନଗୁଡ଼ିକ ହେଲା-

- ଇମେଲ୍ ମାର୍କେଟିଂ,
- ସର୍ଚ୍ଚ ଇଞ୍ଜିନ୍ ଅପ୍ଟିମାଇଜେଶନ୍
- କପି ରାଇଟିଂ
- କଣ୍ଟେଣ୍ଟ ରାଇଟିଂ
- ସୋସିଆଲ୍ ମିଡିଆ ମାର୍କେଟିଂ
- ଆଡଭର୍ଟାଇଜିଂ
- ସର୍ଚ୍ଚ ଇଞ୍ଜିନ୍ ମାର୍କେଟିଂ

**ରହିଛି ପ୍ରଫେଶନାଲ୍ କୋର୍ସ:** ବର୍ତ୍ତମାନ ଡିଜିଟାଲ ମାର୍କେଟିଂ ହେଉ ଅବା ଡିଜିଟାଲ୍ ପ୍ଲାଟ୍‌ଫର୍ମରେ କାର୍ଯ୍ୟ କରିବା ଲାଗି ଉଭୟ ଅଫ୍‌ଲାଇନ୍ ଏବଂ ଅନ୍‌ଲାଇନ୍‌ରେ ଅନେକ କୋର୍ସ ଉପଲବ୍ଧ। ଯେଉଁ କୋର୍ସ କରିବା ଦ୍ୱାରା ଏଥିରେ ଭଲ କ୍ୟାରିଅର ଗଢ଼ିପାରିବେ। ବର୍ତ୍ତମାନ ଦେଶ ବିଦେଶର ଅନେକ ଏଡ୍‌ଟେକ୍ କମ୍ପାନୀ ପ୍ରଫେଶନାଲ୍ ଏବଂ ସ୍କିଲ୍ ଓରିଏଣ୍ଟେଡ୍ ଶର୍ଟ ଏବଂ ଲଙ୍ଗ୍‌ଟର୍ମ କୋର୍ସ ଆରମ୍ଭ କରିଛନ୍ତି। ଗ୍ରାଜୁଏସନ୍ ସମାପ୍ତ କରିଥିବା ଯେକୌଣସି ଯୁବତୀଯୁବକ ଘରେ ବସି ମଧ୍ୟ ଅନ୍‌ଲାଇନ୍‌ରେ ଏହି କୋର୍ସ କରିପାରିବେ। ଟେକ୍ନୋଲୋଜିରେ ଦିନକୁ ଦିନ ହେଉଥିବା ପରିବର୍ତ୍ତନ ଓ ବିଜ୍‌ନେସ୍ କ୍ଷେତ୍ରରେ ବୃଦ୍ଧି ପାଉଥିବା ଅନ୍‌ଲାଇନ୍‌ର ବ୍ୟବହାରକୁ ଆଖିଆଗରେ ରଖି ଏଭଳି ସେକ୍ଟରରେ ସ୍କିଲ୍ଡ ବା ତାଲିମ ନେଇଥିବା ଯୁବତୀଯୁବକଙ୍କୁ ହାୟର କରୁଛନ୍ତି।







### ଏମାନେ କ'ଣ କୁହନ୍ତି



**ଶୁଭାଶିଷ ପଣ୍ଡା** (ସିନିୟର ଡିଜିଟାଲ୍ ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍, ଭୁବନେଶ୍ୱର)- ଲାଟେଷ୍ଟ ଟେକ୍ନୋଲୋଜି ସହ ଅପ୍‌ଡେଟ୍ ରହିବାକୁ ନେଇ ମନରେ ସବୁବେଳେ କ୍ରେଜ୍ ରହିଛି। ତେଣୁ ଜବ୍ ମଧ୍ୟ ସେହିଭଳି ବାଛିଛି। ବର୍ତ୍ତମାନର ଡିଜିଟାଲ୍ ୱାର୍ଲ୍ଡରେ ଏହି ଫିଲ୍ଡ ହିଁ ସବୁଠୁ ବେଷ୍ଟ କ୍ୟାରିଅର ଅପ୍ସନ ବୋଲି ଏକ ଡିଜିଟାଲ୍ ମାର୍କେଟିଂ କମ୍ପାନୀରେ କାର୍ଯ୍ୟ କରୁଛି। ସର୍ଚ୍ଚ ଇଞ୍ଜିନ ଅପ୍ଟିମାଇଜେଶନ (ଏସ୍‌ଇଓ)ରେ କାର୍ଯ୍ୟ କରି ଭଲ ଲାଗୁଛି। ଏହାଦ୍ୱାରା ଜ୍ଞାନର ପରିସର ବୃଦ୍ଧି ମଧ୍ୟ ହେଉଛି।



**ପୂଜାରାଣୀ ଦାସ** (ଛାତ୍ରୀ, ଭାରତୀୟ ଜନ ସଞ୍ଚାର ସଂସ୍ଥାନ, ଢେଙ୍କାନାଳ)- ପାରମ୍ପରିକ ମିଡିଆର ବିକଳ୍ପ ଭାବେ ଡିଜିଟାଲ ମିଡିଆ ପ୍ରସାରିତ ହେଉଛି। ସାମ୍ପ୍ରତିକ ସ୍ଥିତିରେ ଯୁବପିଢ଼ି ସୋସିଆଲ ମିଡିଆରେ ଅଧିକ ସକ୍ରିୟ ରହୁଛନ୍ତି। ଏଥିପାଇଁ ସେମାନଙ୍କୁ ଦ୍ରୁତ ଗତିରେ କୌଣସି ବି ସୂଚନା ବା ଖବର ପହଞ୍ଚାଇବା ପାଇଁ ଡିଜିଟାଲ ମିଡିଆ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହି ମିଡିଆ ବିଜ୍ଞାପନ ଓ ଡିଜିଟାଲ ମାର୍କେଟିଂ ମଧ୍ୟ କରିପାରୁଛି। ଡିଜିଟାଲ ମିଡିଆର ଆବଶ୍ୟକତାକୁ ଦେଖି ବିଭିନ୍ନ ପାଠ୍ୟକ୍ରମ ମଧ୍ୟ ଆସିଲାଣି। ଡିଜିଟାଲ ମିଡିଆ ପାଠ୍ୟକ୍ରମରେ ଗଣଯୋଗାଯୋଗ, ବିଷୟବସ୍ତୁ ପରିଚାଳନା, ଡିଜାଇନିଂ ଏବଂ ଡିଜିଟାଲ ମାର୍କେଟିଂ ସହ ଜଡିତ ବିଭିନ୍ନ ବିଷୟବସ୍ତୁ ଜଡ଼ିତ ଅଛି। ଏହିସବୁ ପାଠ୍ୟକ୍ରମରେ କ୍ୟାରିଅର କରି ଯୁବପିଢ଼ି ଲାଭବାନ୍ ହୋଇପାରୁଛନ୍ତି। ମୁଁ ବି ପଢ଼ା ସରିବା ପରେ ଏହି କ୍ଷେତ୍ରରେ ସଫଳ କ୍ୟାରିଅର ଗଢ଼ିବାକୁ ଆଶାୟୀ ଅଛି।

ୟୁଥ ଆଲର୍ଟ

# ଭିଟାମିନ୍‌ସପ୍ଲିମେଣ୍ଟଖାଉଥିଲେ...



**ଶରୀର ପାଇଁ ଭିଟାମିନ୍, ମିନେରାଲ ଏବଂ ଅନ୍ୟ ପୋଷକତତ୍ତ୍ୱ ନିହାତି ଆବଶ୍ୟକ। ଏଗୁଡ଼ିକ ପୁଷ୍ଟିକର ଖାଦ୍ୟରୁ ମିଳିଥାଏ। ବେଳେବେଳେ ଖାଦ୍ୟରୁ ମିଳୁଥିବା ପୋଷକ ତତ୍ତ୍ୱ ଶରୀରକୁ ଠିକ୍ ଭାବରେ ନ ପହଞ୍ଚିଲେ ଭିଟାମିନ୍ ସପ୍ଲିମେଣ୍ଟ ନିଆଯାଏ। କିନ୍ତୁ ଦୀର୍ଘଦିନ ଧରି କିମ୍ବା ବିନା ଡାକ୍ତରଙ୍କ ପରାମର୍ଶରେ ଭିଟାମିନ୍ ସପ୍ଲିମେଣ୍ଟ ଖାଇବା ଶରୀର ପାଇଁ ହାନିକାରକ ହୋଇପାରେ...**

❖ୱାର୍ଲ୍ଡ ହେଲ୍‌ଦ ଅର୍ଗାନାଇଜେଶନ (ହୁ) ଅନୁଯାୟୀ ଅଧିକ ଭିଟାମିନ୍ ସପ୍ଲିମେଣ୍ଟ ଗ୍ରହଣ କରିବା ଦ୍ୱାରା ହୃଦ୍‌ରୋଗ, ହୃଦ୍‌ଘାତ ଏବଂ ପ୍ରି ମ୍ୟାଚୁର ଡେଥ୍ ପରି ସମସ୍ୟା ଦେଖାଯାଇଥାଏ।

❖ସପ୍ଲିମେଣ୍ଟ କେବେ ବି ପୁଷ୍ଟିକର ଖାଦ୍ୟରୁ ମିଳୁଥିବା ପୋଷକତତ୍ତ୍ୱ ସହ ସମାନ ନୁହେଁ। ଖାଦ୍ୟ ଯେତିକି ପରିମାଣରେ ପୋଷକତତ୍ତ୍ୱ ଯୋଗାଇଥାଏ, ଏହି ଟ୍ୟାବଲେଟ୍ ସେତିକି ଯୋଗାଇପାରେ ନାହିଁ। ଯାହା ଖାଇବା ଦ୍ୱାରା ଶରୀର ପାଇଁ ହାନିକାରକ ହୋଇଥାଏ।

❖ଏକ ଗବେଷଣା ରିପୋର୍ଟ ମୁତାବକ ଆମେରିକାର ସମୁଦାୟ ଅଧିବାସୀଙ୍କ ମଧ୍ୟରୁ ୫୨% ସପ୍ଲିମେଣ୍ଟ, ୩୧% ମଲ୍ଟି ଭିଟାମିନ୍, ୧୯% ଭିଟାମିନ୍ ଡି, ୧୪% କ୍ୟାଲ୍‌ସିୟମ ଓ ୧୨% ଭିଟାମିନ୍ ସି ଟ୍ୟାବଲେଟ୍ ନିଅନ୍ତି।

❖ଡାକ୍ତରଙ୍କ ପରାମର୍ଶ ଅନୁସାରେ କେଉଁ ସପ୍ଲିମେଣ୍ଟ ନିହାତି ଜରୁରୀ ତାହାକୁ ସେବନ କରନ୍ତୁ। କାହାକୁ ପଚାରି କିମ୍ବା କୌଣସି ବିଜ୍ଞାପନ ଦେଖି ଅଯଥା ଭିଟାମିନ୍ ସପ୍ଲିମେଣ୍ଟ ଗ୍ରହଣ କରିବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ।

❖ଅନ୍ୟ କୌଣସି ରୋଗ ପାଇଁ ଔଷଧ ସେବନ କରୁଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସପ୍ଲିମେଣ୍ଟ ଗ୍ରହଣ କରନ୍ତୁ। କାରଣ କେତେକ ଭିଟାମିନ୍ ସପ୍ଲିମେଣ୍ଟ ଅନ୍ୟ ଔଷଧ ସହ ମିଶି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିଥା'ନ୍ତି।



❖ଅନେକେ ମଲ୍ଟି ଭିଟାମିନ୍ ଔଷଧ ସେବନ କରି ନିଜ ଖାଦ୍ୟପେୟ ପ୍ରତି ଧ୍ୟାନ ଦେଇ ନ ଥାଆନ୍ତି। ହେଲେ ଏହାଦ୍ୱାରା ଶରୀରକୁ ଆବଶ୍ୟକ ମାତ୍ରାରେ ପୋଷକତତ୍ତ୍ୱ ମିଳି ପାରି ନ ଥାଏ। ଫଳସ୍ୱରୂପ ଭିଟାମିନ୍ ଡେଫିସିଏନ୍ସି ବା ଭିଟାମିନ୍ ଅଭାବ ଜନିତ ରୋଗ ଦେଖାଦେବାର ଆଶଙ୍କା ବଢ଼ିଯାଏ। ତେଣୁ ହେଲ୍‌ଦି ଫୁଡ୍ ଖାଇବା ସହ ଫିଟ୍ ରହିବା ପାଇଁ ହେଲ୍‌ଦି ଡାଏଟ୍ ପ୍ଲାନ ମଧ୍ୟ ଗ୍ରହଣ କରନ୍ତୁ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୬/୨୦୨୩ | Bhubaneswar, Sunday, March 26/ 2023

# ନୀତୁ, ସାଓ୍ୱିଟି ବିଶ୍ୱ ବକ୍ସିଂ ଚାମ୍ପିୟନ

**ନୂଆଦିଲ୍ଲୀ, ୨୫।୩ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ବକ୍ସିଂରେ ସ୍ୱର୍ଣ୍ଣ ବିଜେତା ନୀତୁ ଘଙ୍ଘାସ (୪୮କେଜି) ଏବଂ ସାଓ୍ୱିଟି ବୁରା ଲାଇଟ ହେଭିୱେଟ୍ (୮୧କେଜି) ଶ୍ରେଣୀରେ ଚାଇନାର ୱାଙ୍ଗ ଲିନାଙ୍କୁ ପରାସ୍ତ କରି ବିଶ୍ୱ ଚାମ୍ପିୟନ ହୋଇଛନ୍ତି।

ଏଠାରେ ଚାଲିଥିବା ମହିଳା ବକ୍ସିଂ ବିଶ୍ୱଚାମ୍ପିୟନଶିପ୍‌ର ଫାଇନାଲରେ ନୀତୁ ମଙ୍ଗୋଲିଆର ଲୁତ୍‌ସାଇଖାନ୍ ଅଲ୍‌ଟା ସେଟ୍‌ସେଗ୍‌ଙ୍କୁ ୫-୦ରେ ହରାଇ ଦେଇଛନ୍ତି। ସର୍ବନିମ୍ନ ଓଜନ ଶ୍ରେଣୀର ଏହି ମୁକାବିଲାରେ ନୀତୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ଭରପୁର ଦର୍ଶକଙ୍କ ଉପସ୍ଥିତିରେ ଏହି ମୁକାବିଲା ଅନୁଷ୍ଠିତ ହୋଇଥିଲା। ବେଜିଂ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ତଥା ନୀତୁଙ୍କ ଆଦର୍ଶ ବିଜେନ୍ଦର ସିଂ ମଧ୍ୟ ଉପସ୍ଥିତ ଥିଲେ। ପଞ୍ଚ, ଜାବ୍ ଓ ହୁକ୍ କମ୍ବିନେଶନର ସଠିକ ଉପଯୋଗ କରିଥିଲେ ନୀତୁ। ଟୁର୍ନାମେଣ୍ଟରେ ଜବରଦସ୍ତ ଫର୍ମରେ ରହିଥିଲେ ଭାରତୀୟ ବକ୍ସର। ପ୍ରଥମ ୩ଟି ବାଉଟ ସେ ଆର୍‌ଏସ୍‌ସି (ରେଫରି ଷ୍ଟପ୍ସ କଣ୍ଟେଷ୍ଟ)ରେ ଜିତିଥିଲେ। ଶନିବାର ବିଜୟ ଦ୍ୱାରା ୨୦୨୨ ଷ୍ଟ୍ରାଣ୍ଡ୍‌ଜା ମେମୋରିଆଲ ସ୍ୱର୍ଣ୍ଣ ବିଜେତା ନୀତୁ ୬ଷ୍ଠ ଏବଂ ସାଓ୍ୱିଟି ୭ମ ଭାରତୀୟ ଭାବେ ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। ବିଶ୍ୱ ଟାଇଟଲ ଜିତିଥିବା ଅନ୍ୟ ଭାରତୀୟ ବକ୍ସରମାନେ ହେଲେ ୬ଥର ଚାମ୍ପିୟନ ମେରୀ କମ୍ (୨୦୦୨, ୨୦୦୫, ୨୦୦୬, ୨୦୦୮, ୨୦୧୦ ଓ ୨୦୧୮), ସରିତା ଦେବୀ (୨୦୦୬), ଜେନି ଆର୍.ଏଲ୍.(୨୦୦୬), ଲେଖା କେ.ସି. (୨୦୦୬) ଓ ନିଖତ ଜରିନ (୨୦୨୨)।

ଭାରତ ପାଇଁ ଏଥର ଅଧିକ ସ୍ୱର୍ଣ୍ଣ ପଦକ ଜିତିବା ସୁଯୋଗ ସୃଷ୍ଟି ହୋଇଛି। ରବିବାର ଗତଥରର ଚାମ୍ପିୟନ ନିଖତ ଜରିନ ଓ ଅଲିମ୍ପିକ ପଦକ ବିଜେତା ଲଭଲିନା ବର୍ଗୋହେନ୍ ରବିବାର ସେମାନଙ୍କ ଫାଇନାଲ ଖେଳିବେ। ଦିଲ୍ଲୀରେ ଅନୁଷ୍ଠିତ ଇଭେଣ୍ଟର ୨୦୦୬ ସଂସ୍କରଣରେ ଭାରତ ୪ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଦଳ ମୋଟ ୮ଟି ପଦକ ଜିତିଥିଲା। ଏପର୍ଯ୍ୟନ୍ତ ସୁଦ୍ଧା ଭାରତର ଏହା ଶ୍ରେଷ୍ଠ ପ୍ରଦର୍ଶନ ବିବେଚନା କରାଯାଉଛି।


ବକ୍ସିଂ ବିଶ୍ୱଚାମ୍ପିୟନଶିପ୍ ପଦକ ସହ ନୀତୁ ଘଙ୍ଘାସ।

## ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ, ୨୫।୩ (ପି.ଟି.)**

ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ନୀତୁ ଘଙ୍ଘାସ ଓ ସାଓ୍ୱିଟି ବୁରା ସ୍ୱର୍ଣ୍ଣ ପଦକ ଜିତିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନୀତୁଙ୍କ ଉଲ୍ଲେଖନୀୟ ସଫଳତାରେ ଭାରତ ପ୍ରଫୁଲ୍ଲିତ ବୋଲି ଟୁଇଟ କରି କହିଛନ୍ତି। ଅନ୍ୟପକ୍ଷରେ ସାଓ୍ୱିଟଙ୍କ ସଫଳତା ଆଗାମୀ ଆଥଲେଟଙ୍କୁ ପ୍ରେରଣା ଦେବ ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପୋଷ୍ଟ କରି କହିଛନ୍ତି।




## ୧୭ ବର୍ଷରୁ କମ୍ ସାଫ୍ ମହିଳା ଚାମ୍ପିୟନଶିପ୍

## ଭୁଟାନକୁ ହରାଇଲା ଭାରତ

**ଢାକା, ୨୫।୩ (ପି.ଟି.)**

ଏଠାରେ ଚାଲିଥିବା ୧୭ ବର୍ଷରୁ କମ୍ ସାଫ୍ (ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ) ମହିଳା ଚାମ୍ପିୟନଶିପ୍‌ରେ ଶନିବାର ଭୁଟାନକୁ ୪-୧ ଗୋଲରେ ପରାସ୍ତ କରି ଭାରତ ବିଜୟ ପଥକୁ ଫେରିଛି। ପୂର୍ବ ମ୍ୟାଚରେ ଦଳ ବାଂଲାଦେଶଠାରୁ ଦୁର୍ଭାଗ୍ୟଜନକ ଭାବେ ପରାଜିତ ହୋଇଥିଲା। ଏହି ମ୍ୟାଚରେ ଦୁର୍ବଳ ଫିନିଶିଂ ଯୋଗୁ ଭାରତ ଅନେକ ସୁଯୋଗ ହାତଛଡ଼ା କରିଥିଲା। ଅଖିଳା ରାଜନଙ୍କ ଏକ ଆତ୍ମଘାତୀ ଗୋଲରେ ଦଳ ମ୍ୟାଚରେ ପରାଜିତ ହୋଇଥିଲା। ପୂର୍ବରୁ ଭାରତ ସୋମବାର ଏହାର ପ୍ରଥମ ମ୍ୟାଚରେ ନେପାଳକୁ ୪-୧ ଗୋଲ୍‌ରେ ପରାସ୍ତ କରିଥିଲା। ୫ଟି ଦଳକୁ ନେଇ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଭୁଟାନ ପୂର୍ବରୁ ୩ଟି ମ୍ୟାଚରେ ପରାଜୟ ବରଣ କରିସାରିଥିଲା। ଦଳ ବାଂଲାଦେଶଠାରୁ ୧-୮, ନେପାଳଠାରୁ ୦-୫ ଓ ରୁଷିଆଠାରୁ ୧-୯ରେ ପରାଜିତ ହୋଇଛି। ଦଳ ବର୍ତ୍ତମାନ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶକ୍ତିଶାଳୀ ରୁଷିଆ ବିପକ୍ଷରେ ଖେଳିବ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ